

ରାହୁଲ ଦ୍ରାବିଡ୍‌ଙ୍କୁ କରୋନା ।୧୧

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ପ୍ରେମିକାଙ୍କ ସହ ଜାହ୍ନଭୀଙ୍କ ଝଗଡ଼ା ।୧୨

RNI Regd. No.ORI ORI 2004/12956 Postal Regd. No. BN/294/21-23 Published Simultaneously from Bhubaneswar, Angul & Berhampur. www.odishabhaskar.com

ଊନବିଂଶ ବର୍ଷ ସଂଖ୍ୟା-୧୬୧ Vol. 19 No-161 24 AUGUST 2022 WEDNESDAY BHUBANESWAR ବୁଧବାର, ୨୪ ଅଗଷ୍ଟ ୨୦୨୨ ପୃଷ୍ଠା-୧୨ ମୂଲ୍ୟ:୭.୦୦


## ସଂକ୍ଷେପରେ...

### +୨ରେ ତ୍ରୈମାସିକ ପରୀକ୍ଷା

ଭୁବନେଶ୍ୱର, ୨୩।୮, (ଭାସ୍କର ନ୍ୟୁଜ୍) : ଏଣିକି +୨ରେ ତ୍ରୈମାସିକ ପରୀକ୍ଷା କରାଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜୁନ୍ ୧୮ରୁ ● ପୃଷ୍ଠା ୮ ଦେଖନ୍ତୁ

### ୧୦୦ ଏମ୍‌ବିବିଏସ୍ ସିଟ୍‌ରେ ନାମଲେଖା ଅନୁମତି

କେନ୍ଦୁଝର, ୨୩।୮, (ଭାସ୍କର ନ୍ୟୁଜ୍) : ୨୦୨୨-୨୩ ଶିକ୍ଷାବର୍ଷରୁ କେନ୍ଦୁଝର ମେଡିକାଲ କଲେଜରେ ୧୦୦ ଏମ୍‌ବିବିଏସ୍ ସିଟ୍‌ରେ ନାମ ଲେଖାଇବା ପାଇଁ ଏନ୍‌ଏମ୍‌ସି ● ପୃଷ୍ଠା ୮ ଦେଖନ୍ତୁ

ସେନ୍‌ସେକ୍ସ: ୫୯,୦୩୧.୩୦
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୩୧ ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ

### ୨୩।୮ ର ମତାମତ

ବନ୍ୟା ମୁକାବିଲା ପାଇଁ ସରକାରଙ୍କ ପ୍ରସ୍ତୁତି ପର୍ବ ଯଥେଷ୍ଟ କି ?




### ଆଜିର ପ୍ରସଙ୍ଗ

ରିଲିଫ୍ ବଣ୍ଟନରେ ଅନିୟମିତତା କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜରୁରୀ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

### ଅର୍ଚ୍ଚିତ ଅନିର୍ବାଣ



ବନ୍ୟାରେ ରାଇଜ ଉବୁଟୁବୁ ଏବେ
ଘାଇ ପରେ ଭାଙ୍ଗେ ଘାଇ,
ପୁରୀର ଅବସ୍ଥା କହିଲେ ନସରେ
ବାଲେଶ୍ୱର ଲଂଘେ ନଈ ।
ରିଲିଫିକୁ ଚାହିଁ ଚାହିଁ,
ବନ୍ୟା ପ୍ରପୀଡ଼ିତ ହୁଅନ୍ତି କାକୁସ୍ଥ
ପ୍ରଶାସନ ଧଇଁସଇଁ ।

## ବନ୍ୟା ବେଳେ ବର୍ଷା

# ଭୟ ବଢ଼ାଉଛି ଘୂର୍ଣ୍ଣିବଳୟ




- ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷିବ
- ୮ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି
- ପୁଣି ବନ୍ୟା ଆସିବା ସମ୍ଭାବନା
- ସତର୍କ ରହିବାକୁ ପରାମର୍ଶ

ଭୁବନେଶ୍ୱର, ୨୩।୮, (ଭାସ୍କର ନ୍ୟୁଜ୍) : ରାଜ୍ୟରେ ଲାଗି ରହିଥିବା ଲଘୁଚାପଜନିତ ଲଗାଣ ବର୍ଷା ଓ ତଦ୍‌ଜନିତ ବର୍ଷା ସ୍ଥିତିରେ ଏ ପର୍ଯ୍ୟନ୍ତ ବିଶେଷ ସୁଧାର ଆସିନାହିଁ। ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ବୈତରଣୀ ସମେତ ଅନ୍ୟାନ୍ୟ ନଦୀଗୁଡ଼ିକରେ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ଘଟିଛି। ବହୁ ଲୋକ ପାଣି ଘେରରେ ଏବେ ବି ରହି ଜଳବନ୍ଦୀ ଜୀବନ ବିତାଇବା ସହ ଯନ୍ତ୍ରଣା ଭୋଗ କରୁଛନ୍ତି। ଲୋକଙ୍କ ଜୀବନଯାତ୍ରା ବି ସ୍ୱାଭାବିକ ହୋଇପାରି ନାହିଁ। ତେବେ ବନ୍ୟା ପ୍ରଭାବିତଙ୍କ ଦୁଃଖ ଏ ପର୍ଯ୍ୟନ୍ତ ଘୁଞ୍ଚିନଥିବାବେଳେ ଉତ୍ତର-ପୂର୍ବ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ବୁଧବାର ଠାରୁ ଉତ୍ତର ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହା ସହ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ବୈତରଣୀର ଜଳସ୍ତର ପୁଣି ଥରେ ବୃଦ୍ଧି ପାଇବାର ଆଶଙ୍କା ଦେଖାଦେଇଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯିବା ପରେ ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି। ମିଳିଥିବା ସୂଚନାନୁଯାୟୀ, ବୁଧବାର ସକାଳ ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ୪ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ବର୍ଷା ହେବାର ସୂଚନା ଦିଆଯାଇଛି। ଏହି ୪ଟି ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଅନୁରୂପ ଭାବେ ସୁନ୍ଦରଗଡ଼, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ ଓ ଗଜପତି ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଏହି ୮ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏହିସବୁ ଜିଲ୍ଲାରେ ୭ରୁ ୧୧ ସେ.ମି. ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ବୁଧବାର ସକାଳ ସାଢ଼େ ୮ଟାରୁ ଗୁରୁବାର ସକାଳ ସାଢ଼େ ୮ଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏପରିକି ୧୨ରୁ ୨୦ ସେ.ମି. ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ଥିବାରୁ ଏହିସବୁ ● ପୃଷ୍ଠା ୮ ଦେଖନ୍ତୁ

## କେନ୍ଦ୍ରମନ୍ତ୍ରୀଙ୍କ ବୟାନ ପରେ ବିଜେଡ଼ିର ପ୍ରତିକ୍ରିୟା

# ସମର୍ଥନ ଅର୍ଥ ନୁହେଁ ଏନ୍‌ଡିଏର ଅଂଶୀଦାର



ଭୁବନେଶ୍ୱର, ୨୩।୮, (ଭାସ୍କର ନ୍ୟୁଜ୍) : ବିଜେଡ଼ି ହେଉଛି ଏକ ଆଞ୍ଚଳିକ ଦଳ। ଏହାର ନିଜର ସ୍ୱତନ୍ତ୍ରତା ରହିଛି। ଦଳର ନେତା ଭାବେ ସବୁ ନିଷ୍ପତ୍ତି ସୁପ୍ରିମୋ ନବୀନ ପଟ୍ଟନାୟକ ନେଇଥାଆନ୍ତି। ଦଳରେ ଯାହା କିଛି ବି କରାଯାଏ ତାଙ୍କ ନିର୍ଦ୍ଦେଶ ଅନୁଯାୟୀ କରାଯାଏ। ତେଣୁ କେନ୍ଦ୍ରରେ ଏନ୍‌ଡିଏ ସରକାରଙ୍କ ବିଭିନ୍ନ ବିଲ୍ ତଥା ପ୍ରସଙ୍ଗ ଉପରେ ସମର୍ଥନ କରିବାର ଅର୍ଥ ନୁହେଁ ଏନ୍‌ଡିଏର ବିଜେଡ଼ି ହେଉଛି ଅଂଶୀଦାର। ସୋମବାର କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱାଲେ ବିଜେଡ଼ି ଏନ୍‌ଡିଏରେ ସାମିଲ ହେବା ନେଇ ଯେଉଁ ମନ୍ତବ୍ୟ ଦେଇଥିଲେ ବିଜେଡ଼ି ପକ୍ଷରୁ ତାହାର ଜବାବରେ ଏହା କୁହାଯାଇଛି। ଦଳର ବରିଷ୍ଠ ନେତା ତଥା ବିଧାୟକ ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ, ଅଠାୱାଲେ ମଜାରେ ମଜାରେ ଅନେକ କଥା କହନ୍ତି। ତେଣୁ ସେ ଏପରି ମନ୍ତବ୍ୟ କହୁ କହୁ କହି ଦେଇଥିବେ। ଏଭଳି ମନ୍ତବ୍ୟ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଯେ ପ୍ରାଧିକୃତ କରିଥିବେ ସେ କଥା ବି ମୁଁ ଜାଣି ନାହିଁ। ଶ୍ରୀ ମିଶ୍ର କହିଥିଲେ, ସଂଘୀୟ ବ୍ୟବସ୍ଥାରେ ରାଜ୍ୟର ହକ୍ ପାଇଁ ଉଚିତ ବିଲ୍‌କୁ ସଂସଦରେ ବିଜେଡ଼ି ସମର୍ଥନ ଜଣାଇଛି। ଏହା ମାନେ ନୁହେଁ ବିଜେଡ଼ି ଏନ୍‌ଡିଏର ଅଂଶୀଦାର। ଅତୀତରେ ଆମେ କେନ୍ଦ୍ର ସରକାରରେ ସାମିଲ ହୋଇଥିଲୁ। କିନ୍ତୁ କେନ୍ଦ୍ରରେ ଏବେ ଏନ୍‌ଡିଏ ସରକାର ରହିଛି। ତେଣୁ ସଂଘୀୟ ବ୍ୟବସ୍ଥା ଅନୁଯାୟୀ, ଯେତିକି ସମ୍ପର୍କ ରଖିବା କଥା ତଥା ଯେଉଁଟା କରାଯିବା ଉଚିତ ସେନେଇ ବିଜେଡ଼ି ବିଚାର ବିମର୍ଶ କରି କରୁଛି। କେନ୍ଦ୍ରରେ କଂଗ୍ରେସ ସରକାର ଥିବାବେଳେ ଅନ୍ୟ ବିରୋଧୀମାନେ କହୁଥିଲେ ଆମ ମେଣ୍ଟର ବିକାଶ ପାଇଁ, ମେଣ୍ଟ ବିସର୍ଜନ ପାଇଁ ନୁହେଁ। ଅନ୍ୟପକ୍ଷରେ ଏକ ଆଞ୍ଚଳିକ ଦଳ ଭାବେ ବିଜେଡ଼ି ଜାତୀୟ ଦଳ ଠାରୁ ଦୂରତା ରକ୍ଷା କରି ଆସୁଛି। ବିରୋଧୀମାନେ ଅଭିଯୋଗ କରିବା କିଛି ନୂଆ କଥା ନୁହେଁ। ସତ କ'ଣ ତାହା ଓଡ଼ିଶାବାସୀ ଜାଣିଛନ୍ତି। ସୂଚନାଯୋଗ୍ୟ ଯେ, ସୋମବାର କେନ୍ଦ୍ରମନ୍ତ୍ରୀ ଶ୍ରୀ ଅଠାୱାଲେ ଦେଇଥିବା ମନ୍ତବ୍ୟକୁ ନେଇ ଏବେ ରାଜ୍ୟ ରାଜନୀତି ସରଗରମ ହୋଇଛି। ଶ୍ରୀ ଅଠାୱାଲେ କହିଥିଲେ ଯେ, ଏନ୍‌ଡିଏରେ ବିଜେଡ଼ି ସାମିଲ ହେବା ଉଚିତ। ଏପରିକି ଉଭୟ ରାଜ୍ୟସଭା ଓ ଲୋକସଭାରେ ବିଭିନ୍ନ ବିଲ୍ ପାରିତ ସମୟରେ ଏନ୍‌ଡିଏରେ ନଥାଇ ବିଜେଡ଼ି ସମର୍ଥନ କରିଆସୁଥିଲା। ତେଣୁ ଆଗକୁ ଏନ୍‌ଡିଏକୁ ଆସିଲେ ଓଡ଼ିଶା ଭଲ ଫାଇଦାରେ ରହିବ ବୋଲି ସେ ମତ ଦେଇଥିଲେ।

## ସ୍କୁଲ୍ ଫି' ପାଇଁ ଛାତ୍ରଛାତ୍ରୀଙ୍କୁ ବନ୍ଧକ

# ପ୍ରଶାସକ ଥାନାରେ ଅଟକ

ଭୁବନେଶ୍ୱର, ୨୩।୮, (ଭାସ୍କର ନ୍ୟୁଜ୍) : ଘରୋଇ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ମନମାନୀର ଏକ ନମୂନା ରାଜଧାନୀ ଭୁବନେଶ୍ୱରରେ ଦେଖିବାକୁ ମିଳିଛି। ଶିକ୍ଷା ବ୍ୟବସ୍ଥା କିପରି ବ୍ୟବସାୟରେ ପରିଣତ ହୋଇଛି ଓ ବିଦ୍ୟାମନ୍ଦିର ସବୁ କେମିତି ରିକଭରି ଏଜେଣ୍ଟଙ୍କ ଭଳି କାମ କରୁଛନ୍ତି ତାହା ଭୁବନେଶ୍ୱର ଉପକଣ୍ଠ ଘାଟିକିଆରେ ଥିବା ଏକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପରୁ ସ୍ପଷ୍ଟ ବାରି ହୋଇପଡୁଛି। ଘାଟିକିଆ ନାକା ଗେଟ୍ ନିକଟରେ ଥିବା ଆପିଜେ ନାମକ ଏକ ଘରୋଇ ସ୍କୁଲ୍‌ରେ ମଙ୍ଗଳବାର ଫି' ଆଦାୟକୁ ନେଇ ଯେଉଁଳି ଅଭାବନୀୟ କାଣ୍ଡ ଘଟିଗଲା ତାହା ଯେତିକି ସାଂଘାତିକ ସେତିକି ଲଜ୍ଜାଜନକ। ମିଳିଥିବା ସୂଚନାନୁଯାୟୀ, ବକେୟା ଫି' ଆଦାୟ ପାଇଁ ୩୫ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଏକ କୋଠରୀରେ ବନ୍ଦ କରି ପ୍ରାୟ ୫ ଘଣ୍ଟା ଅଟକ ରଖିଥିଲେ। ଏପରିକି ସେମାନଙ୍କୁ ପାଠ ମଧ୍ୟ ପଢ଼ାଇନଥିଲେ। ତେବେ ଏହି



ଘଟଣା ଜଣାପଡ଼ିବା ପରେ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ରୁଣ୍ଡ ହୋଇ ଧାରଣାରେ ବସିଥିଲେ। ଭରତପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାମଲାର ତଦନ୍ତ ଆରମ୍ଭ କରିଥିବାବେଳେ ବିଦ୍ୟାଳୟର ପ୍ରଶାସକଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା କରୁଛି। ଅଟକ ଛାତ୍ରଛାତ୍ରୀଙ୍କୁ ଫିସ୍ ଦେବା ପାଇଁ ବାଧ୍ୟ କରାଯାଇଥିଲା ବୋଲି ଅଭିଭାବକମାନେ ● ପୃଷ୍ଠା ୮ ଦେଖନ୍ତୁ

# କେତେ ଦକ୍ଷ କେନ୍ଦ୍ରମନ୍ତ୍ରୀ !

## ରିପୋର୍ଟ କାର୍ଡ ମାଗିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୩।୮ : ନିଜ ସହ କେନ୍ଦ୍ର ସରକାରଙ୍କ ଦକ୍ଷତା ବୃଦ୍ଧି ପାଇଁ ମନ୍ତ୍ରୀମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା ପରାମର୍ଶ କେତେଦୂର କାର୍ଯ୍ୟକାରୀ କରାଯାଇଛି ସେ ସମ୍ପର୍କରେ ଅବଗତ ହେବା ପାଇଁ ସମସ୍ତ କେନ୍ଦ୍ରମନ୍ତ୍ରୀଙ୍କୁ ରିପୋର୍ଟ କାର୍ଡ ମାଗିଛନ୍ତି ପ୍ରଧାନମନ୍ତ୍ରୀ। କିଛି ମାସ ତଳେ ପ୍ରଧାନମନ୍ତ୍ରୀ ନିଜ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କୁ ନିଜର ଦକ୍ଷତା ବୃଦ୍ଧି ସହ ଉତ୍ତମ ସରକାରୀ ନୀତିକୁ ଆପଣାଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଶେଷ କରି ବିଭିନ୍ନ କାର୍ଯ୍ୟକୁ ଟିଫିନ୍ ବୈଠକ ଦ୍ୱାରା କାର୍ଯ୍ୟକାରୀ କରିବାକୁ ସେ ପରାମର୍ଶ ମଧ୍ୟ ଦେଇଥିଲେ। ଏହି ପରାମର୍ଶକୁ ବିଭାଗୀୟ ମନ୍ତ୍ରୀ ଓ ସେମାନଙ୍କ ବିଭାଗ



କେତେଦୂର କାର୍ଯ୍ୟକାରୀ କରିଛନ୍ତି ସେ ନେଇ ପ୍ରଧାନମନ୍ତ୍ରୀ ଜାଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ମିଳିଥିବା ସୂଚନାନୁଯାୟୀ, ମନ୍ତ୍ରୀ ଓ ସେମାନଙ୍କ ବିଭାଗଗୁଡ଼ିକୁ ବିଭିନ୍ନ ପ୍ରସଙ୍ଗ ଉପରେ ରିପୋର୍ଟ ଦେବାକୁ ନୋଟିସ କରାଯାଇଛି। ସରକାରୀ ଇ-ମାର୍କେଟରୁ ସେମାନଙ୍କ କେଉଁ ସବୁ ସାମଗ୍ରୀ ଓ ସେବା କିଣିଛନ୍ତି, ଅଧିକାରୀମାନଙ୍କ ସହ ମନ୍ତ୍ରୀମାନେ କେତେ ବୈଠକ କରିଛନ୍ତି ଓ ସୋସିଆଲ ମିଡିଆରେ ସରକାରଙ୍କ କେଉଁସବୁ ନିଷ୍ପତ୍ତିକୁ ପ୍ରଚାର ପ୍ରସାର କରିଛନ୍ତି ସେ ନେଇ ତଥ୍ୟ ଦେବାକୁ ମଧ୍ୟ ସମସ୍ତ ମନ୍ତ୍ରୀମାନଙ୍କୁ କୁହାଯାଇଛି। ସୂଚାନଯୋଗ୍ୟ ଯେ, ନରେନ୍ଦ୍ର ମୋଦୀ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ଟିଫିନ ବୈଠକ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ। ଏହି ଯୋଜନା ଅନୁସାରେ ମନ୍ତ୍ରୀ ଓ ଅଧିକାରୀମାନେ ଖାଇବା ସମୟରେ ଏକାଠି ହୋଇ ଆଲୋଚନା କରିବେ। ସେମାନଙ୍କ ମଧ୍ୟରେ ଖାଦ୍ୟର ଅଦଳ ବଦଳ ହେବା ସହ ଉତ୍ତମ ଶାସନ ପାଇଁ କ'ଣ ସବୁ ନୂଆ ନୂଆ ଯୋଜନା ପ୍ରସ୍ତୁତ କରାଯାଇପାରିବ ସେ ସମ୍ପର୍କରେ ଗୋଟିଏ ଫୋରମ୍‌ରେ କଥା ହେବେ। ଏବେ ପ୍ରଧାନମନ୍ତ୍ରୀ ମୋଦୀ ଟିଫିନ ବୈଠକ କରିବା ପାଇଁ ମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହା ଫଳରେ ଅଧିକାରୀ ଓ ମନ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ସହ ଶାସନ କାର୍ଯ୍ୟକୁ ଅଧିକ ସହଜ କରାଯାଇପାରିବ ବୋଲି ମୋଦୀ ଲକ୍ଷ୍ୟ ରଖିଥିଲେ। ଅନ୍ୟପକ୍ଷରେ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ବିଭିନ୍ନ କାର୍ଯ୍ୟକ୍ରମ ଓ ପରାମର୍ଶର ରୂପାୟନ ସମ୍ପର୍କରେ ବୈଠକ କରି ତାଲିକା ପ୍ରସ୍ତୁତ କରାଯାଇଛି। ମନ୍ତ୍ରୀ ଓ ସେମାନଙ୍କ ବିଭାଗଗୁଡ଼ିକ ଅତ୍ୟାଧୁନିକ ଟେକ୍ନୋଲୋଜିର ବ୍ୟବହାର କରିବାକୁ ମଧ୍ୟ କୁହାଯାଇଛି। ଯେମିତି କୌଣସି ତଥ୍ୟ ପଦାକୁ ନ ଯାଏ ଓ ଦୁର୍ନୀତି ଯେପରି ନହୁଏ ସେନେଇ ଗୁରୁତ୍ୱ ଦେବାକୁ ମଧ୍ୟ କୁହାଯାଇଛି।

## ସର୍ଟରେଞ୍ଜ ମିସାଇଲ୍‌ର ପରୀକ୍ଷଣ ସଫଳ

ବାଲେଶ୍ୱର, ୨୩।୮, (ଭାସ୍କର ନ୍ୟୁଜ୍) : ଡିଆର୍‌ଡିଓ ଏବଂ ଭାରତୀୟ ନୌସେନା ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ସର୍ଟରେଞ୍ଜ ମିସାଇଲ୍‌ର ପରୀକ୍ଷଣ ସଫଳ ହୋଇଛି। ମଙ୍ଗଳବାର ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରୁ ସର୍ଟରେଞ୍ଜ ସର୍ଫେସ-ଟୁ-ଏୟାର ମିସାଇଲ୍‌ର

### ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପରୀକ୍ଷଣ କରାଯାଇଥିଲା। ଏହା ଭୂପୃଷ୍ଠରୁ ଆକାଶମାର୍ଗକୁ ଟାର୍ଗେଟ କରିବାର ସାମର୍ଥ୍ୟ ରଖିଛି। ମିସାଇଲ୍‌ରେ ବିନା କୌଣସି ଦ୍ୱିଧାରେ ସଫଳ ଲକ୍ଷ୍ୟଭେଦ କରିବାର କ୍ଷମତା ରହିଛି। ସମୁଦ୍ର ମଝିରେ ଭାରତୀୟ ନୌସେନାର ଜାହାଜରୁ ଏହି ମିସାଇଲ୍‌ର ସଫଳ ପରୀକ୍ଷଣ କରାଯାଇଛି। ଏହି ମିସାଇଲ୍‌ରେ ଇଣ୍ଡିଜିନିୟସ୍ ରେଡିଓ ଫ୍ରିକ୍ୱେନ୍ସି ଖୋଜିବା ସହ ଟାର୍ଗେଟ୍‌କୁ ଅଧିକ କ୍ଷମତାର ସହ ● ପୃଷ୍ଠା ୮ ଦେଖନ୍ତୁ


AM/NS INDIA
ArcelorMittal Nippon Steel India

ଓଡ଼ିଶା ଖୋ ଖୋ ଫ୍ରାଞ୍ଚାଇଜ୍‌ର ପ୍ରାୟୋଜକ ଭାବେ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଗର୍ବିତ

ଆର୍ସେଲର୍‌ମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ଦ୍ୱାରା ସମର୍ଥିତ ଘରୋଇ ଦଳ ଓଡ଼ିଶା ଜଗରନଟ୍ସ ଅଲଟିମେଟ୍ ଖୋ ଖୋ ଲିଗ୍‌ରେ ଅସାଧାରଣ ପ୍ରଦର୍ଶନ ଜାରି ରଖିଛି। ଟୁର୍ଣ୍ଣାମେଣ୍ଟରେ ଆଗକୁ ଆହୁରି ଭଲ ପ୍ରଦର୍ଶନ କରି ସଫଳତା ପାଆନ୍ତୁ ବୋଲି ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଏବଂ ସମସ୍ତ ଓଡ଼ିଶାବାସୀ ସେମାନଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

#AbKhoHoga
#SmarterSteelsBrighterFutures

JUGGERNAUTS ODISHA



www.amns.in
www.ultimatekhokho.com



ବାଲିପାଟଣା (ଭାସ୍କର ନ୍ୟୁଜ): ଚଳିତ ଆର୍ଥିକ ବର୍ଷରେ ଟିପିସିଓଡିଏଲ୍ ପକ୍ଷରୁ ରାଜଧାନୀ ଭୁବନେଶ୍ୱର ସ୍ଥିତ ରେଲ୍ ସଦନ ପ୍ରେକ୍ଷ୍ୟାଳୟରେ ଦ୍ୱିତୀୟ ଥର ପାଇଁ ଏକ ପୁରସ୍କାର ପ୍ରୋତ୍ସାହନ ସଭା ଅଭିସ୍ୱାର ଆୟୋଜନ କରାଯାଇଥିଲା। ଏଥିରେ ଟିପିସିଓଡିଏଲ୍‌ର ବିଭିନ୍ନ ସର୍କଲ, ଡିଭିଜନ, ସବ୍ ଡିଭିଜନ ଓ ସେକସନର ଅଧିକାରୀ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ଚଳିତ ବର୍ଷ ପାଇଁ ଟିପିସିଓଡିଏଲ୍‌ର ପ୍ରବର୍ତ୍ତନ ବିଭାଗ ପକ୍ଷରୁ ବାଲିପାଟଣା ବିଦ୍ୟୁତ୍ ବିଭାଗ ଶ୍ରେଷ୍ଠ ବିବେଚିତ ହୋଇଥିଲା। ଟିପିସିଓଡିଏଲ୍‌ର ସି ଇ ଓ ଏମ. ସେନ ବାଗମ୍ ଓ ସିସିଏସ୍ ପ୍ରବୀନ୍ ବର୍ମା ଏହି ଶ୍ରେଷ୍ଠ ପୁରସ୍କାର ବାଲିପାଟଣା ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ମଦନ ମୋହନ ଜେନାଙ୍କୁ ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟ ଯେ ପୂର୍ବ ବର୍ଷ ମଧ୍ୟ ଟିପିସିଓଡିଏଲ୍ ପକ୍ଷରୁ ବାଲିପାଟଣା ବିଦ୍ୟୁତ୍ ବିଭାଗ ମଧ୍ୟ ଶ୍ରେଷ୍ଠ ବିବେଚିତ ହୋଇଥିଲା। ଏହା ଶ୍ରୀଯୁକ୍ତ ଜେନାଙ୍କର ପରିଚାଳନାଗତ ଦକ୍ଷତାକୁ ପ୍ରତିପାଦିତ କରୁଛି ଏଥିସହିତ ତାଙ୍କ ପରିଚାଳନାରେ ବାଲିପାଟଣା ବିଦ୍ୟୁତ୍ ଉପୋଭୋକ୍ତାମାନଙ୍କୁ ବାରମ୍ବାର ବିଦ୍ୟୁତ୍ ସୁରକ୍ଷା ଜନିତ ବାର୍ତ୍ତା ମଧ୍ୟ ପ୍ରଦାନ କରାଯାଉଛି ।

## ବନ୍ୟା ପ୍ରପୀଡିତଙ୍କୁ ରିଲିଫ୍ ବଣ୍ଟନ ଜାରି



ବାଲିପାଟଣା (ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ବନ୍ୟା ବିପ୍ୟାତରେ ବାଲିପାଟଣା ବ୍ଲକ୍‌ର ୬ ପଞ୍ଚାୟତ ଯଥା ଆଳିଶି ଶାସନ, ରାଜସ, ପମ୍ପାଲୋ, ତୁରନ୍ତିରା, କୁରୁଞ୍ଜିପୁର ଏବଂ ସୋମଣା ଶାସନର ୧୮ ଗ୍ରାମ ର ୩୦ ୱାର୍ଡର ୧୦ ହଜାରରୁ ଉର୍ଦ୍ଧ ବାସିନ୍ଦା ପ୍ରଭାବିତ ହୋଇଥିବାର ସୂଚନା ମିଳିଛି। ବନ୍ୟା ପ୍ରଭାବିତ ମାନଙ୍କ ପାଇଁ ରିଲିଫ୍ ବଣ୍ଟନ କାର୍ଯ୍ୟ ବ୍ଲକ୍ ପ୍ରଶାସନ ତରଫରୁ ଜାରି ରହିଛି। ଆଜି ପର୍ଯ୍ୟନ୍ତ ୧୦୪୩୬ ଜଣଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ରିଲିଫ୍ ବାବଦକୁ ଚୁଡ଼ା ୧୬୫.୫୫ କ୍ୱିଣ୍ଟାଲ୍ ଏବଂ ୨୫.୨୫ କ୍ୱିଣ୍ଟାଲ୍ ଚିନି ଯୋଗାଇ ଦିଆଯାଇଥିବା ବ୍ଲକ୍ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହି କ୍ରମରେ ବେଳେ ୪୪୬୦ ଗାଇଗୋରୁ, ୨୦୭୭ ଛେଳି ମେଣ୍ଢା ଚଳିତ ବନ୍ୟା ବିଭିଷିକାରେ ପ୍ରଭାବିତ ହୋଇଥବା ବେଳେ ଗୋଖାଦ୍ୟ ବାବଦକୁ ୧୪୬ କ୍ୱିଣ୍ଟାଲ୍ ଗୋଖାଦ୍ୟ ବନ୍ୟା ପ୍ରଭାବିତ ପଞ୍ଚାୟତ ଗୁଡିକୁ ପଠାଯାଇଥିବା ବାଲିପାଟଣା ପଶୁ ସମ୍ପଦ ଅଧିକାରୀ ଡ. ଦୁର୍ମନ କୁମାର ବେହେରା ସୂଚନା ଦେଇଛନ୍ତି। ରିଲିଫ୍ କାର୍ଯ୍ୟ କୁ ବାଲିପାଟଣା ତହସିଲଦାର୍ ମୃତ୍ୟୁଞ୍ଜୟ ତ୍ରୀପାଠୀ,ଗୋଷ୍ଠି ଉନୟନ ଅଧିକାରି ଆଦିକନ୍ଦ ବେହେରା, ଆପାତ କାଳିନ ବିଭାଗ ମୁଖ୍ୟ ଦିବ୍ୟ ଜ୍ୟୋତି ଭୁତିଆ, ତାଙ୍କ କର୍ମଚାରୀ ସଂଗ୍ରାମ କେଶରୀ ଦାସ ଏବଂ ଯୋଗାଣ ଅଧିକାରୀ ନେତ୍ରାନନ୍ଦ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ପରିଚାଳନା କରାଯାଇଥିବା ସୂଚନା ମିଳିଛି।

## ନବବଧୂ ମୃତ୍ୟୁ ମାମଲାରେ ସ୍ୱାମୀଙ୍କୁ ଜେଲ ପଠାଇଲା ପୋଲିସ

କରଞ୍ଜିଆ, (ଭାସ୍କର ନ୍ୟୁଜ): ବିବାହର ୪ ମାସ ପରେ ଏକ ନବବଧୂର ଝୁଲନ୍ତା ମୃତଦେହ ଶଶୁର ଘରୁ ଉଦ୍ଧାର, ହତ୍ୟା ଅଭିଯୋଗ ଆଣିଲେ ଝିଅ ପିତା, ନବ ବଧୁର ପିତାଙ୍କ ପିତା ପ୍ରହଲାଦ ବେହେରା ତାଙ୍କ ଝିଅ ପ୍ରିୟଙ୍କା କୁ ତାର ପତି ଅମିତ ସଙ୍ଗବୋଧ ଭାବେ ହତ୍ୟା କରିଥିବା ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅଭିଯୋଗ ଅନୁଯାଇ କରଞ୍ଜିଆ ପୋଲିସ ୨୩୧/୨୨ ରେ ଏକ ମାମଲା ରୁଜୁ କରି ତାଙ୍କ ବିରୋଧ ରେ ୪୯୮/ଇ/୩୦୨/୩୦୪/ବ ଦଫା ଲଗାଇ ସ୍ୱାମୀ ଅମିତକୁ ଗିରଫ କରିଥିଲା ଓ ଆତ୍ମହତ୍ୟା କରିଥିବା ନବବଧୁ ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କ ଶବ ବ୍ୟବଛେଦ ପାଇଁ ପଠାଇଥିଲା, ଆଜି ଅଭିଯୁକ୍ତ ସ୍ୱାମୀ ଅମିତ କୁମାର ପୁଥାଳକୁ ଜେଲ ହାଜତକୁ ପଠାଇ ଅଧିକ ତଦନ୍ତ ଜାରି ରଖିଛି କରଞ୍ଜିଆ ପୋଲିସ, ଏହି ମାମଲା ର ତଦନ୍ତ ଭାର ନେଇଛନ୍ତି ଏସ ଆଇ ସତ୍ୟନାରାୟଣ କାଲ। ଏହି ଘଟଣା ରେ ମୃତା ନବବଧୁର ବ୍ୟବଛେଦ ରିପୋଟକୁ ଅପେକ୍ଷା କରିଛି।

## ବୋଲେରୋ-ବାଇକ୍ ମୁହାଁ ମୁହିଁ ଧକ୍କା, ଆରୋହୀ ଗୁରୁତର



ଚନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଝରିଗାଁ ଚନ୍ଦାହାଣ୍ଡି ମୁଖ୍ୟ ରାସ୍ତା। ବକରାମୁଣ୍ଡି ଘାଟି ବୁଲାଣିଆ ରାସ୍ତାରେ ବାଇକ ବୋଲେରୋ ମୁହାଁ ମୁହିଁ ସଂଘର୍ଷ ହେବା ଫଳରେ, ଝରିଗାଁ ଥାନା ଅଧୀନ ହାତୀବାଡି ଗ୍ରାମର ରତ୍ନାକର ଖରସେଲ (୪୨) ନାମକ ବାଇକ ଆରୋହୀ ଗୁରୁତର ହୋଇପଡ଼ିଥିବା ଜଣାଯାଇଛି। ଖବର ପାଇ ଚନ୍ଦାହାଣ୍ଡି ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ, ଚନ୍ଦାହାଣ୍ଡି ଥାନା ଏ ଏସ ଆଇ ହୃଷିକେଶ ପଟେଲ , ଅଗ୍ନିଶମ ବାହିନୀ ସହ ଘଟଣା ସ୍ଥଳକୁ ପହଁଞ୍ଚି। ଦୁର୍ଘଟଣାଗ୍ରସ୍ତ ଗାଡି ଏବଂ ଗୁରୁତର ବାଇକ ଆରୋହୀଙ୍କୁ ଚିକିତ୍ସା ପାଇଁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇ ଥିଲେ। ଦୁର୍ଘଟଣା ଘଟାଇ ଥିବା ବୋଲେରୋ ଗାଡି ଚନ୍ଦାହାଣ୍ଡି ବ୍ଲକ ଅନକାବେଡା ପଞ୍ଚାୟତ ନୂଆପଡା ଗ୍ରାମର ବଳରାମ ପାଣ୍ଡେଙ୍କ ବୋଲି ଜଣାଯାଇଛି। ଚନ୍ଦାହାଣ୍ଡି ଥାନା ଅଧିକାରୀ ସରକାରୀ କାମରେ ନବରଙ୍ଗପୁର ଯାଇଥିବାରୁ କେସ ପଞ୍ଜିକୃତ ହୋଇ ପାରି ନ ଥିବା ଥାନା ସୂତ୍ରରୁ ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ଝରିଗାଁ ଥାନା ଅଧୀନ। ହାତିବାଡି ଗ୍ରାମର ରତ୍ନାକର ଗୌଡ଼ କୌଣସି କାମରେ ଚନ୍ଦାହାଣ୍ଡି ବ୍ଲକ ଦଲବେଡା। ଗ୍ରାମକୁ ଆଶି ଏକ ହିରୋ ଦିଲକ୍ସ ବାଇକ ଯୋଗେ ନିଜ ଗାଁ ହାତୀବାଡିକୁ ଫେରୁଥିଲେ। ବିପରୀତ ଦିଗ ଉମରକୋଟ ପଟୁ ଓ ଡି ୨୪ -ଏ ୫୩୦୭ ନମ୍ବର ଯୁକ୍ତ ବୋଲେରୋ ଗାଡି ରେ ଅନକାବେଡା ପାୟତ ନୂଆପଡା ଗ୍ରାମର ବଳରାମ ପାଣ୍ଡେ ମାଧୁରୀ ପାଣ୍ଡେ ନାମ୍ନୀ ଜଣେ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି । ଫେରୁ ଥିବା ସମୟରେ ବକରା ମୁଣ୍ଡି ଘାଟି ବୁଲାଣି ଠାରେ ମୁହାଁ ମୁହିଁ ଧକ୍କା ହେବା। ଫଳରେ ବୋଲେରୋ ବାଇକ ଆରୋହୀ ଅଣ୍ଟା ଉପରକୁ ଚଢି ଜାଇ । ରାସ୍ତା ର ପାର୍ଶ ରେ ଥିବା ଏକ ଗଛ କୁ ଲାଗି ଅଟକି ଯାଇଥିଲା । ବୋଲେରୋ ଗାଡିରେ ଥିବା ଗର୍ଭବତୀଙ୍କ ସମେତ ସମସ୍ତେ ସୁରକ୍ଷିତ ଥିବା ବେଳେ। ଏଥିରେ ଲିପ୍ଟରେ ଆଶୁଥିବା ଭତାଝର ଗ୍ରାମର ସୁକାଳ ବାଇ ମାଝି (୫୫) ନାମ୍ନୀ ମହିଳାଙ୍କ ଗୋଡ଼ ଭାଙ୍ଗି ଯାଇଥିଲା। ରାସ୍ତା ଦେଇ ଯାଉଥିବା ଚନ୍ଦାହାଣ୍ଡି ସାମ୍ବାଦିକ ମନୋଜ ପାଣ୍ଡି ୧୦୮ କୁ ଖବର ଦେବା ସହ ପୋଲିସକୁ ଜଣାଇବାରୁ ଚନ୍ଦାହାଣ୍ଡି ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ ଏ ଏସ ଆଇ ହୃଷିକେଶ ପଟେଲ ଏବଂ ଅଗ୍ନିଶମ ବାହିନୀ। ଦୁର୍ଘଟଣା ସ୍ଥଳକୁ ପହଁଚି ଦୁର୍ଘଟଣା ଗ୍ରସ୍ତଙ୍କୁ ଉଧାର କରିବା ସହ ଗୁରୁତର ରତ୍ନାକର ଗୌଡ଼ ଏବଂ ସୁକାଲି ବାଇ ମାଝିଙ୍କୁ । ଚିକିତ୍ସା ପାଇଁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଠାଇ ଥିଲେ। ସେଠାରେ ଡାକ୍ତର ପ୍ରକାଶ ନାୟକଙ୍କ ଚିକିତ୍ସା ପରେ ଗୁରୁତରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସୁଧାର। ନ ଆସିବାରୁ ଅଧିକା ଚିକିତ୍ସା ପାଇଁ ନବରଙ୍ଗପୁର ଜିଲ୍ଲା ହସ୍ପିଟାଲ କୁ ରେଫର କରାଯାଇଥିବା ଜଣା ଯାଇଛି କ୍ଷ ଦୁର୍ଘଟଣା ରେ ବାଇକ ଆରୋହୀ ରତ୍ନାକର ଗୌଡ଼ଙ୍କ ଗୋଡ ଭାଙ୍ଗି ଯାଇଥିବା ସହ ଅଣ୍ଟାରେ ଗଭୀର ଆଘାତ ଲାଗିବା ସହ ତାଙ୍କ ଯୌନାଙ୍ଗ କଟି ତାଙ୍କ ଅବସ୍ଥା ସଂକଟାପନ୍ନ ରହିଛି । ସୁକାଲି ବାଇର ବାମଗୋଡ଼ ଭାଙ୍ଗି ଯାଇ ଥିବା ଡାକ୍ତର ଖାନା ସୂତ୍ରରୁ ଜଣାପଡିଛି। ଖବର ଲେଖା ହେବା ସୁଧା ଚନ୍ଦାହାଣ୍ଡି ଥାନାରେ କୌଣସି ଲିଖିତ ଅଭିଯୋଗ କରା ଯାଇ ନ ଥିଲା କିମ୍ବା କେସ ପଞ୍ଜିକୃତ ହୋଇ ନ ଥିଲା।

## 'ଦୁର୍ଦ୍ଦିନରେ ଡଙ୍ଗାର ଅପବ୍ୟବହାର କଲେ, ଅପସାରଣ ସୁନିଶ୍ଚିତ'

ଡେଲାଙ୍ଗ,(ଭାସ୍କର ନ୍ୟୁଜ): ଲଘୁଚାପଜନିତ ବର୍ଷା ଯୋଗୁଁ ଡେଲାଙ୍ଗ ବ୍ଲକରେ ଦୟା ଓ ଲୁଣା ନଦୀର ବନ୍ୟାଜଳ ପ୍ରବେଶ କରିବାରୁ ୧୨ଟି ପଞ୍ଚାୟତର ହଜାର ହଜାର ଲୋକେ ଜଳବନ୍ଦୀ ହେବା ସହ ବ୍ୟାପକ ଚାଷ ଜମି ଜଳମଗ୍ନ ହୋଇଛି।ଲୋକଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଞ୍ଚାୟତକୁ ମୋଟର ଡଙ୍ଗା ଯୋଗାଇ ଦିଆଯାଇଥିବାବେଳେ କେତେକ ସୁବିଧାବାଦି ଲୋକ ଏହାକୁ ବିଳାସ ସାମଗ୍ରୀ ମନେକରି ଏଥିରେ ଅଯଥାରେ ନୌବିହାର କରିବା ସହ ଲୋକଙ୍କ ଦୁର୍ଦ୍ଦିନରେ ସାହାଭରସା ପାଇଁ ଯୋଗାଇ ଦିଆଯାଇଥିବା ଡଙ୍ଗାର ଅପବ୍ୟବହାର କରୁଥିବା ନେଇ ସାଙ୍ଘାତିକ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ,ମୁନିନ୍ଦା ପଞ୍ଚାୟତର ବନ୍ୟା ପ୍ରପୀଡିତଙ୍କ ପାଇଁ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ଡଙ୍ଗାକୁ ଲୋକଙ୍କ ଯାତାୟତ,ରିଲିଫ୍ ସାମଗ୍ରୀ ପରିବହନ ଏବଂ ଜରୁରୀକାଳୀନ ପରିସ୍ଥିତିରେ ରୋଗୀଙ୍କୁ ହସ୍ପିଟାଲ୍ ସ୍ଥାନାନ୍ତର ପାଇଁ ନିୟୋଜିତ କରାଯାଇଥିବାବେଳେ କେତେକ ଦାୟିତ୍ୱହୀନ ତଥା ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏହି ଡଙ୍ଗାକୁ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର କରିବା ସହ ପର୍ଯ୍ୟଟନ ସାମଗ୍ରୀ ମନେକରି ଅପବ୍ୟବହାର କରୁଛନ୍ତି। ତେବେ ଲୋକଙ୍କ ଦୁର୍ଦ୍ଦିନରେ ସୁବିଧା ପାଇଁ ଯୋଗାଇ ଦିଆଯାଇଥିବା ସରକାରୀ ଡଙ୍ଗାର ଏଣିକି ଅପବ୍ୟବହାର କରାଗଲେ ତୁରନ୍ତ ଏହାକୁ ଅପସାରଣ କରାଯିବ ବୋଲି ବିଡ଼ିଓ ତଥା ଭରପ୍ରାପ୍ତ ତହସିଲଦାର ଦିଲ୍ଲୀପ କୁମାର ଷଡଙ୍ଗୀ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ମୁନିନ୍ଦା ସରପଞ୍ଚ ଶେଷଦେବ ବାରିକଙ୍କୁ ବିଡ଼ିଓ ଶ୍ରୀ ଷଡଙ୍ଗୀ ଅବଗତ କରାଇଥିବା ନେଇ ବ୍ଲକ୍ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ତ୍ରୁଟିପୂର୍ଣ୍ଣ ଲିଗାଲ ହେୟାର ପ୍ରମାଣପତ୍ର ପ୍ରଦାନ ପାଇଁ ଏତଲା

ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ): : ଭଣ୍ଡାରିପୋଖରୀ ତହସିଲଦାର ସରୋଜକାନ୍ତ ନାୟକ ଓ ଭଣ୍ଡାରିପୋଖରୀ ରାଜସ୍ୱ ନିରୀକ୍ଷକ ନରେଶ କୁମାର ମହାନ୍ତି, ପିତବାସ ଦାସ, ହରିହର ଦାସଙ୍କ ସମେତ ୧୩ ଜଣଙ୍କ ନାମରେ ମାମଲା ଭଣ୍ଡାରିପୋଖରୀ ଥାନାରେ ରୁଜୁ ହୋଇଛି। ବୟାବନାପୁର ଗ୍ରାମର ଦେବେନ୍ଦ୍ର ଦାସଙ୍କ ଅଭିଯୋଗ କ୍ରମେ ଥାନାରେ ଗତ ୨୧ ତାରିଖରେ ୩୦୨/୨୨ ନଂ ମାମଲା ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଛି। ସବଇନିସପେକ୍ଟର ବି.ଏନ. ସୋରେନ ମାମଲାର ତଦନ୍ତ ଚଳାଇଥିବା ଜଣାଯାଇଛି। ଅଭିଯୋଗ ଅନୁଯାୟୀ ଆର.ଆଇ ରିପୋର୍ଟ ବଳରେ ଅଣ ଜେଜେବାପା ଅନାଦି ଚରଣ ଦାସଙ୍କ ଉତ୍ତରାଧିକାରୀ ପ୍ରମାଣପତ୍ରରୁ ବୟାବନାପୁର ଗ୍ରାମର ଦେବେନ୍ଦ୍ର କୁମାର ଦାସ ଓ ଅନ୍ୟମାନଙ୍କ ନାମ ଚଞ୍ଚକତା କରି ନାମକାଟି ଦେବା ବିରୋଧରେ ଦେବେନ୍ଦ୍ର ଏତାଲା ଦେଇଥିଲେ। ମାମଲା ରୁଜୁ ପାଇଁ ୩ ଦିନ ସମୟ ଆବଶ୍ୟକ ବୋଲି ପୁଲିସ କହିଥିବା ନେଇ ଏତାଲାକାରୀ ଦେବେନ୍ଦ୍ର ସୂଚନା ଦେଇଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ବୟାବନାପୁର ଗ୍ରାମର ମୃତ ଅନାଦି ଦାଶଙ୍କ ୩ ପୁତ୍ର ଓ ଗୋଟିଏ କନ୍ୟା ରହିଛି। ମୃତ ଅନାଦିଙ୍କର ରଣଜିତ ରାଜସ୍ୱ ସର୍କଲ ଅଧିନ ଭୂତିଆ ମୌଜାରେ ୧୬ ଖାତା ପ୍ଲଟ ନଂ ୩୯୧ରେ ୩୩ ଡେସିମିଲ ଜମି ରହିଛି। ବନ୍ଦବୋସ୍ତରେ ଉକ୍ତ ଜମିର ଯାଦସ୍ତ ପର୍ଯ୍ୟାୟ ଉତ୍ତରାଧିକାରୀ ୧ମ ପୁତ୍ର ମୃତ ରାମଚନ୍ଦ୍ରଙ୍କ ପୌତ୍ର(ଅନାଦିଙ୍କ ବଡ ପୁତ୍ରଙ୍କ ନାତି) ସୁରେନ୍ଦ୍ର, ୨ୟ ପୁତ୍ର ଲକ୍ଷ୍ମୀଧର ଓ ୩ୟ ପୁତ୍ର ହରିହର ନାମରେ ହୋଇଥିଲେ ବି କୌଣସି କାରଣରୁ ପଟ୍ଟା ମୃତ ଅନାଦିଙ୍କ ନାମରେ ମିଳିଥିଲା। ଯାଦସ୍ତରେ ୨ୟ ପୁତ୍ର ଲକ୍ଷ୍ମୀକ୍ଷରକୁ ବାଦ ଦେବାକୁ ମଧ୍ୟ ସୁପାରିଶ ହୋଇଥିଲା। କାରଣ ୨ୟ ପୁତ୍ର ଲକ୍ଷ୍ମୀଧର ଅବିବାହିତ ଓ ବିନାକୌଣସି ଉତ୍ତରାଧିକାରୀରେ ମୃତ୍ୟୁବରଣ କରିଥିଲେ। ଗତ ଫେବୃୟାରୀ ମାସରେ ହରିହରଙ୍କ ପୁତ୍ର ପୀତବାସ ଜେଜେ ଅନାଦିଙ୍କ ଲିଗାଲ ହେୟାର ପାଇଁ ଦରଖାସ୍ତ କରିବା ସହ ଏକମାତ୍ର ହରିହରଙ୍କୁ ଉତ୍ତରାଧିକାରୀ ଭାବେ ସତ୍ୟପାଠ କରିଥିଲେ। ଏହା ଉପରେ ତଦନ୍ତ କରି ଭଣ୍ଡାରିପୋଖରୀ ଆର.ଆଇ. କେତେକ ଗ୍ରାମବାସୀଙ୍କ ଜମାନବନ୍ଦୀ ଆଧାରରେ ୩ୟ ପୁତ୍ର ହରିହର ଓ ଅନାଦିଙ୍କ ମୃତ କନ୍ୟା ରାଧାଙ୍କ ୩ ଝିଅ ଓ ପୁତ୍ରଙ୍କୁ ଉତ୍ତରାଧିକାରୀ ଭାବେ ଦର୍ଶାଇ ତହସିଲଦାରଙ୍କୁ ରିପୋର୍ଟ ଦେଇଥିଲେ। ତଦନୁଯାୟୀ ଲିଗାଲ ହେୟାର(ଉତ୍ତରାଧିକାରୀ) ପ୍ରମାଣପତ୍ର ୫ଜଣଙ୍କୁ ମିଳିଥିଲା। ଉକ୍ତ ଲିଗାଲ ହେୟାର ଅନୁଯାୟୀ ଭୂତିଆ ଜମିକୁ ଥଇଳାର ପୂର୍ଣ୍ଣଚନ୍ଦ୍ର ମାଝୀଙ୍କୁ ବହୁମୂଲ୍ୟରେ ବିକ୍ରି କବଲା କରି ଦିଆଯାଇଥିଲା। ଲିଗାଲ ହେୟାର ପ୍ରମାଣପତ୍ରରୁ ଅନାଦିଙ୍କ ମୃତ ବଡପୁଅ ରାମଚନ୍ଦ୍ରଙ୍କ ୫ପୁଅ ଓ ୩ ଝିଅଙ୍କୁ ଉଦ୍ଦେଶ୍ୟମୁଳକ ଭାବେ ବାଦ ଦିଆଯାଇ ଏକ ତୃତୀୟାଂଶ ସମ୍ପତ୍ତିରୁ ବଞ୍ଚିତ କରାଯାଇଛି ବୋଲି ଅଭିଯୋଗ ହୋଇଛି। ଏଥି ପାଇଁ ଅଭିଯୋଗକାରୀ ଦେବେନ୍ଦ୍ର ଗତ ୧୯୪୯ମସିହା ନଭେମ୍ବର ୧୦ ତାରିଖରେ ଅନାଦି ଚରଣ ଦାଶଙ୍କ ପୁତ୍ର ଭାବେ ରାମଚନ୍ଦ୍ର ଓ ହରିହର ମିଳିତ ଭାବେ ମାଳତୀ ଦେବୀଙ୍କୁ ଜମି ବିକ୍ରୟ ପାଇଁ ସମ୍ପାଦନ କରିଥିବା କବଲା ଓ ବୟାବନାପୁର ମୌଜାର ଥିବା ୯୯୫ ଖାତାର ଜମି ପଟ୍ଟାକୁ ପ୍ରମାଣ ଭାବେ ଉପସ୍ଥାପନ କରିଛନ୍ତି।

## 'ବଢିଲା ନଦୀରେ କାମ କରିବା ବଡ଼ ଚାଲେଞ୍ଜ ଥିଲା'



ଡେଲାଙ୍ଗ, (ଭାସ୍କରନ୍ୟୁଜ): ଲଘୁଚାପଜନିତ ବର୍ଷା ପରେ ବନ୍ୟା ଯୋଗୁଁ ଉପକୂଳ ଓଡ଼ିଶାରେ ପ୍ରଳୟଙ୍କରୀ ବନ୍ୟା ହେବାରୁ ଡେଲାଙ୍ଗ ଓ କଣାସ ବ୍ଲକର ହଜାର ହଜାର ଲୋକ ପ୍ରଭାବିତ ହୋଇଥିବାବେଳେ ବେଡି ଉପରେ କୋରଡ଼ା ସଦୃଶ ବନ୍ୟା ପ୍ରପୀଡିତଙ୍କୁ ଦଇବ ଦାଉ ସାଧିଛି। ଶନିବାର ଦିନ ରାତି ୧୨ଟାରେ ବେଗୁନିଆପଡ଼ାଠାରେ ଦୟା ନଦୀରେ ଅବସ୍ଥାପିତ ଡି ପି ଷ୍ଟ୍ରକ୍ଚରରେ ଦୁଇଟି ୩୩କେଭି ବିଦ୍ୟୁତ୍ ଖୁଣ୍ଟ ବନ୍ୟା ପାଣିରେ ଉପୁଡ଼ି ପଡ଼ିବାରୁ ଡେଲାଙ୍ଗ ଓ କଣାସ ଅଞ୍ଚଳର ହଜାର ହଜାର ଉପଭୋକ୍ତା ୩ଦିନ ଧରି ଅନ୍ଧାରରେ ଥିଲେ।ତେବେ ଦୀର୍ଘ ତିନି ଦିନର ଅକ୍ଳାନ୍ତ ପରିଶ୍ରମ ପରେ ମଙ୍ଗଳବାର ସନ୍ଧ୍ୟାରେ ଡେଲାଙ୍ଗ ଓ କଣାସ ଅଞ୍ଚଳକୁ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇପାରିଛି।ବନ୍ୟା ସମୟରେ ବଢିଲା ନଦୀ ଭିତରେ ବିଦ୍ୟୁତ୍ ତାର ସଂଯୋଗ କରିବା ବଡ଼ ଚାଲେଞ୍ଜ ଥିଲା ବୋଲି ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ କହିବା ସହ ଏଭଳି ଦୁଃସାହସିକ କାର୍ଯ୍ୟ ପାଇଁ ସେ ଟିପିସିଓଡିଏଲ୍,ଭୁବନେଶ୍ୱର -୨ର ସର୍କଲ୍ ହେଡ୍,ଟିମ୍ ପ୍ରୋଜେକ୍ଟ,ଓଡ୍ରାଫ୍ ଟିମ୍,ଅଗ୍ନିଶମ ବାହିନୀ, ଡେଲାଙ୍ଗ ପୁଲିସ୍ ଟିମ୍,ପୁରୀ ଓ ଖୋର୍ଦ୍ଧା ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ,ଏସଡିଓ -୨,ପୁରୀ ଡିଭିଜନାଲ୍ ସଂଯୋଜକ, ଡେଲାଙ୍ଗ ଓ କଣାସ ସେକନ୍ ଇନ୍ ଚାର୍ଜ, ଇମ୍ପ୍ଲେକୋ,ମହାନ୍ତି ବ୍ରଦର୍ସ ଟିମ୍,ଟିପିସିଓଡିଏଲ୍ ଏସଟିଏସ,ମ୍ୟାନେଜର ପ୍ରୋଜେକ୍ଟ ଇଗଲ୍ ଟିପିସିଓଡିଏଲ,ପୁରୀ ତଥା ପୁରୀ ଓ ଖୋର୍ଦ୍ଧାର ସମସ୍ତ କ୍ଷେତ୍ର କର୍ମଚାରୀ,ପୁରୀ ଜିଲ୍ଲା ଓ ଡେଲାଙ୍ଗ ବ୍ଲକ୍ ପ୍ରଶାସନ ଏବଂ ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି।ଏପରିକି ଏଭଳି ସଙ୍କଟ ସମୟରେ ସ୍ଥାନୀୟ ଜନ ସାଧାରଣ ଧୈର୍ଯ୍ୟ ରଖି ସହଯୋଗ କରିବାକୁ ସେମାନଙ୍କୁ ବିଧାୟକ ଧନ୍ୟବାଦ୍ ଅର୍ପଣ କରିଛନ୍ତି।ବିଦ୍ୟୁତ୍ ସଂଯୋଗ କାର୍ଯ୍ୟର ସଫଳ ରୂପାୟନ ପାଇଁ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ,ବ୍ଲକ୍ ଅଧକ୍ଷା ବାସନ୍ତୀ ସାହୁ, ଉପାଧକ୍ଷ ଦୁର୍ବାସା ନିଶଙ୍କ,ସମବାୟବିତ୍ ବୈରାଗୀ ଜେନା,ବିଡ଼ିଓ ଦିଲ୍ଲୀପ କୁମାର ଷଡଙ୍ଗୀ ପ୍ରମୁଖ ଘନ ଘନ ଘଟଣାସ୍ଥଳ ଗସ୍ତ କରି ସମସ୍ତ କାର୍ଯ୍ୟ ତଦାରଖ କରିବା ସହ ବିଦ୍ୟୁତ୍ ସରବରାହ କାର୍ଯ୍ୟ ସ୍ୱାଭାବିକ କରିବାକୁ ସହଯୋଗ କରିଥିବାରୁ ସ୍ଥାନୀୟ ଜନ ସାଧାରଣ ସେମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଛନ୍ତି।

## କ୍ଷତିଗ୍ରସ୍ତ ବନ୍ୟାଞ୍ଚଳ ଫସଲର ଅନୁଧ୍ୟାନ

ବାଲିପାଟଣା(ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ବନ୍ୟାରେ ବାଲିପାଟଣା ବ୍ଲକ ଅନ୍ତର୍ଗତ ପମ୍ପାଲୋ ପଞ୍ଚାୟତ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ପନିପରିବା ଠାରୁ ଆରମ୍ଭ କରି ଧାନ ଚାଷ ଯୁଆଡ଼େ ଦେଖିବ କେବଳ ପଚା ଫସଲ ଗନ୍ଧ କୁ ବାଲିଚର ହୋଇ ପଟୁ ଚଢ଼ି ଯାଇଚି। ଆଜି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପମ୍ପାଲୋ କୃଷକ ସାଥି,ବିଶ୍ୱନାଥ ପୁର ରାଜସ୍ୱ ନିରିକ୍ଷକ,ପଞ୍ଚାୟତ ଅଧିକାରୀ ଓ ବାଲିପାଟଣା ବ୍ଲକ କୃଷି ଅଧିକାରୀ ମାନେ ଆଜି ଅକ୍ଳାନ୍ତ ପରିଶ୍ରମ କରି ସନ୍ଧ୍ୟା ପର୍ଯ୍ୟନ୍ତ ପମ୍ପାଲୋ ପଞ୍ଚାୟତ ର ବିଭିନ୍ନ ଅଞ୍ଚଳ ବୁଲି କ୍ଷୟକ୍ଷତି ଆକଳନ କରିଥିଲେ । ସନ୍ଧ୍ୟା ୬:୩୦ ବେଳକୁ କୁଳନ୍ତିର। ବାଗିଲ ଗ୍ରାମରେ ପହଞ୍ଚି ଆଁଠିଏ ପାଣି କାଦୁରେ ପଶି କ୍ଷତି ହୋଇ ଯାଇଥିବା ଫସଲର ଅନୁଧ୍ୟାନ କରିଥିବା ସୂଚନା ମିଳିଛି ।

## ଆର୍‌ଏସ୍‌ପି ପକ୍ଷରୁ 'କୋଭିଡ ଟିକାକରଣ' ଅଭିଯାନ ତ୍ୱରାନ୍ୱିତ




ରାଉଲକେଲା, (ଭାସ୍କର ନ୍ୟୁଜ): ସେଲ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସପି) 'କୋଭିଡ ଭ୍ୟାକ୍ସିନ୍ ଅମୃତ ମହୋତ୍ସବ' ଅନ୍ତର୍ଗତ ସମସ୍ତ ହିତାଧିକାରୀଙ୍କୁ ଟୀକା ପ୍ରଦାନ ପାଇଁ ଟୀକାକରଣ ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି। ଇସ୍ପାତ କାରଖାନା ଏପର୍ଯ୍ୟନ୍ତ ୩୦,୦୦୦ ଡୋଜ ଟିକା କ୍ରୟ କରିସାରିଛି ଏବଂ ପ୍ରାୟ ୨୬୦୦୦ ହିତାଧିକାରୀ ଯଥା ଆରଏସପିର କର୍ମଚାରୀ, ନିର୍ଭରଶୀଳ, ଠିକା ଶ୍ରମିକ ଏବଂ ସିଆଇଏସ୍ଏଫ୍ କର୍ମୀ ତଥା ଓଡିଶା ଗ୍ରୁପ୍ ଅଫ୍ ମାଇନ୍ସ ଅଧୀନରେ ଥିବା ବିଭିନ୍ନ ଖଣି ଯଥା ବର୍ସୁଆ, କାଲ୍ଟା ଏବଂ ବୋଲାଣିର ସମସ୍ତ କର୍ମଚାରୀଙ୍କୁ ସତର୍କତାମୂଳକ ଡୋଜ ଦେଇ ସାରିଛି। ଏହା ବ୍ୟତୀତ ଆରଏସପି ଇସ୍ପାତ ଜେନେରାଲ ହସ୍ପିଟାଲର ନୂତନ ଓପିଡିରେ ଟୀକାକରଣ ସୁବିଧା ଯୋଗାଇବା ପାଇଁ ଓଡିଶା ସରକାରଙ୍କ ମିଳିତ ସହଯୋଗରେ କାର୍ଯ୍ୟ କରୁଛି। କୋଭିଡ ଟିକାଗୁଡ଼ିକର ସ୍ୱଳ୍ପ ଜୀବନକୁ ଦୃଷ୍ଟିରେ ରଖି ଟୀକାଗୁଡିକୁ ପର୍ଯ୍ୟାୟକ୍ରମେ କ୍ରୟ କରାଯାଉଛି । ଏଥିସହ ହିତାଧିକାରୀମାନଙ୍କୁ ସେମାନଙ୍କର ପସନ୍ଦର ତାରିଖଗୁଡ଼ିକରେ ଟିକା ନେବା ପାଇଁ ମଧ୍ୟ ଯତ୍ନ ନିଆଯାଉଛି। ଅବଶିଷ୍ଟ ହିତାଧିକାରୀଙ୍କୁ ଟୀକା ଦେବା ପାଇଁ ଆରଏସପି ପରବର୍ତ୍ତୀ ସମୟରେ ଅଧିକ ମାତ୍ରାରେ ଟୀକା କ୍ରୟ କରିବା ପ୍ରକ୍ରିୟାରେ ରହିଛି।

## ମଣିଷଙ୍କ ପାଇଁ ଔଷଧ ଅଛି, ପ୍ରାଣୀଙ୍କ ପାଇଁ ନାହିଁ !



ତିହିଡି, (ଭାସ୍କର ନ୍ୟୁଜ): ମଣିଷ କହିପାରୁଛନ୍ତି ବୋଲି ସେମାନେ ସବୁପ୍ରକାର ସୁବିଧା ସୁଯୋଗ ହାତେଇ ପାରୁଛନ୍ତି । ସେମାନଙ୍କର କେଉଁଠି ଅସୁବିଧାହେଲେ ସେମାନେ ନିଜର ଦାବି ପୂରଣ ପାଇଁ ଆନ୍ଦୋଳନ କରୁଛନ୍ତି । ମାତ୍ର ପ୍ରାଣୀଟିଏର କହିବାର ଶକ୍ତି ନାହିଁ ବୋଲି ସେ ନିଜର ଦାବି ଉପସ୍ଥାପନ କରିନପାରି ନାର୍ଯ୍ୟ ଅଧିକାରରୁ ବଞ୍ଚିତ ହେଉଛି ।ଭଦ୍ରକ ଜିଲ୍ଲା ତିହିଡି ପ୍ରାଣୀ ଚିକିତ୍ସା କେନ୍ଦ୍ର ଅଧୀନରେ ଥିବା ହଜାର ହଜାର ପ୍ରାଣୀ ଏହାର ଉଦାହରଣ । ସରକାରଙ୍କର ବିଚିତ୍ର ବ୍ୟବସ୍ଥାରେ ଶିକାର ହୋହିଛନ୍ତି ପ୍ରାଣୀମାନେ । ମଣିଷଙ୍କ ପାଇଁ ସବୁ ବେଳେ ସବୁ ଔଷଧ ଓ ଇଞ୍ଜେକ୍ସନ ମାଗଣାରେ ମିଳୁଛି । କିନ୍ତୁ ପ୍ରାଣୀଙ୍କ ପାଇଁ ମାଗଣାରେ ଔଷଧଟିକେ ସ୍ୱପ୍ନ ହୋଇଛି । ଦୀର୍ଘ ଦୁଇ ବର୍ଷରୁ ଅଧିକ ହେବ ତିହିଡି ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଔଷଧ ଆସୁନଥିବାରୁ ପ୍ରାଣୀମାନଙ୍କୁ ଔଷଧ ମାଗଣାରେ ମିଳିପାରୁନଥିବା ଅଭିଯୋଗ ହୋଇଛି । ସରକାର ଗୋପାଳନ ପ୍ରତି ଗୁରୁତ୍ୱ ଦେଇ ପ୍ରୋତ୍ସାହନ ଯୋଗାଇଦେଉଛନ୍ତି। ଗ୍ରାମାଞ୍ଚଳରେ ବହୁ ଲୋକ ଗୋପାଳନ କରି ସେମାନଙ୍କ ଜୀବିକା ନିର୍ବାହ କରୁଛନ୍ତି । କେହି କେହି ମଧ୍ୟ ଛେଳି , ମେଣ୍ଢା, କୁକୁଡ଼ା ଓ ବତକ ଇତ୍ୟାଦି ପାଳନକରି ପରିବାର ପ୍ରତିପୋଷଣ କରୁଛନ୍ତି । ଯେତେବେଳେ ଗୋରୁ,ଗାଇ,ଛେଳି,ମେଣ୍ଢା,କୁକୁଡ଼ା ଓ ବତକ ମାନଙ୍କୁ କୌଣସି ରୋଗ ଆକ୍ରାନ୍ତକରେ ସେତେବେଳେ ଗୋପାଳକ ନିକଟସ୍ଥ ଏଲ .ଆଇ ସେଣ୍ଟର ନଚେତ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥାନ୍ତି । ସେଠାରେ ଚିକିତ୍ସା କରାଇ ମାଗଣା ଔଷଧ ଆଣି ପ୍ରାଣୀ ମାନଙ୍କୁ ଦେଇଥାନ୍ତି । ଦୀର୍ଘଦିନଧରି ସରକାରଙ୍କ ଠାରୁ ଔଷଧ ମିଳୁ ନଥିବାରୁ ଗୋପାଳକ ମାନେ ଅଯଥା ଖର୍ଚ୍ଚାନ୍ତ ହୋଇ ବାହାରୁ ଔଷଧ କିଣୁଛନ୍ତି । ବନ୍ୟାରେ ଲୋକମାନେ କ୍ଷତିଗ୍ରସ୍ତ ହୋଇ ଆର୍ଥିକ ଦୁର୍ବଳ ହୋଇ ଥିବାବେଳେ ପ୍ରାଣୀମାନଙ୍କ ଚିକିତ୍ସା ସେମାନଙ୍କ ପାଇଁ କଷ୍ଟ ସାଧ ହୋଇ ପଡିବ ।ଯାହାବି ଔଷଧ ମିଳୁଛି ତାହା ସମୁଦ୍ରକୁ ଶଙ୍ଖେ ସଦୃଶ । ବନ୍ୟାପରେ ପ୍ରାଣୀମାନେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହୋଇପାରନ୍ତି । ସେଥିପାଇଁ ସରକାରଙ୍କ ପକ୍ଷରୁ ପ୍ରାଣୀମାନଙ୍କ ପାଇଁ ସମସ୍ତ ପ୍ରକାର ଔଷଧ ଓ ଇଞ୍ଜେକ୍ସନ ଯୋଗାଇ ଦେବାକୁ ସାଧାରଣରେ ଦାବି କରାଯାଇଛି । ତେବେ ଏସମ୍ପର୍କରେ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶୁଭେନ୍ଦୁ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପ୍ରାଣୀମାନଙ୍କୁ ଔଷଧ ଯୋଗାଇଦେବାକୁ ତାଙ୍କ ପାଖରେ ଥିବା ୨୦ ପ୍ରତିଶତ ଟଙ୍କାରେ କିଛି ଔଷଧ ବିଭିନ୍ନ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଯୋଗାଇ ଦିଆଯାଇଛି । ଖୁବ ଶୀଘ୍ର ଟେଣ୍ଡର କରାଯାଇ ଅବଶିଷ୍ଟ ଟଙ୍କାରେ ଔଷଧ ଯୋଗାଇ ଦେବାକୁ ପଦକ୍ଷେପ ନିଆଯାଉଛି ।

## ୫ ଦିନ ହେବ ଝିଅର ମିଳୁନି ପତ୍ତା, ବାପା କଲେ ଥାନାରେ ଅଭିଯୋଗ

ବାଲିପାଟଣା (ଭାସ୍କର ନ୍ୟୁଜ୍): ଆଜି ବାଲିପାଟଣା ଥାନା ରେ ଝିଅ ନିଖୋଜ ଥିବା ତାଙ୍କ ବାପା ଥାନା ରେ ଅଭିଯୋଗ କରିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ବାଲିପାଟଣା ଥାନା ଅନ୍ତର୍ଗତ ବନମାଳିପୁର ସ୍ଥିତ ଭେଙ୍କଟରାୟପୁରର ଜାପାନି ସେଠୀ ଙ୍କ ୧୯ ବର୍ଷୀୟ ଝିଅ ସସ୍ମିତା ସେଠୀ ଗତ ୧୯ ତାରିଖ ଦିନ ଠାରୁ ନିଜ ଘରୁ ନିଖୋଜ ଥିବା ଥାନା ରେ ଅଭିଯୋଗ କରିଛନ୍ତି। ୧୯ ତାରିଖ ଦିନ ଘରେ ନିଜ ଝିଅ ସସ୍ମିତାଙ୍କୁ ପାଇନଥିବାରୁ ବନ୍ଧୁବାନ୍ଧବଙ୍କୁ ପଚାରିଥିଲେ କିନ୍ତୁ ସେ ଝିଅଙ୍କୁ ପାଇନଥିଲେ ନିରୁପାୟ ହୋଇ ଆଜି ଥାନା ରେ ସସ୍ମିତା ଙ୍କ ବାପା ଅଭିଯୋଗ କରିଥିବାର ସୂଚନା ମିଳିଛି। କୌଣସି ସହୃଦୟ ବ୍ୟକ୍ତି ଉକ୍ତ ଝିଅର ଖବର ପାଇଲେ ବାଲିପାଟଣା ଥାନାକୁ ଖବର ଦେବାକୁ ଥାନା ଅଧିକାରୀ କୃପାସିନ୍ଧୁ ବରାଡ ଅନୁରୋଧ କରିଛନ୍ତି।

## ମହିଳା କଂଗ୍ରେସ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲିଫ ପ୍ରଦାନ



ଡେଲାଙ୍ଗ, (ଭାସ୍କର ନ୍ୟୁଜ): ଦୟା ନଦୀରେ ବନ୍ୟାଜଳ ପ୍ରଭାହିତ ହୋଇ ପିପିଲି ଓ ଡେଲାଙ୍ଗ ବ୍ଲକର କେତେକ ଗ୍ରାମ ଜଳବନ୍ଦୀ ହୋଇଛି । ସେହୀ ଜଳବନ୍ଦୀ ଗ୍ରାମର ବନ୍ୟା ବିପନ୍ନ ମାନଙ୍କୁ ପୁରୀ ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ରିଲିଫ ପ୍ରଦାନ କରାଯାଇଛି । ଡେଲାଙ୍ଗ ବ୍ଲକର ମଳିଗାଁ, ଷଡାଙ୍ଗୋଇ, ଗଣ୍ଡପଡା, ନୁଆସାହି, ଡେଲାଙ୍ଗ କୋଠବାଡ ପଞ୍ଚାୟତର ବାଲିଉପର, ପିପିଲିର ଭାରତୀପୁର ଜମ୍ବିଲା ଗ୍ରାମର ବିପନ୍ନଙ୍କ ପାଖରେ ପହଞ୍ଚି ଶୁଖିଲା ଖାଦ୍ୟ, ସାନିଟାଇଜର ଆଦି ବିଭିନ୍ନ ସାମଗ୍ରୀ ପ୍ରଦାନ କରିଛନ୍ତି । ଏହି ରିଲିଫ ବଣ୍ଟନରେ ପୁରୀ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ନିରୁପମା ପାତ୍ର,ଜିଲ୍ଲା କଂଗ୍ରେସ ନେତ୍ରୀ ବିଦ୍ୟୁତଲତା ଆଚାର୍ଯ୍ୟ,ପ୍ରଗତି ବରାଳ,ରେଣୁବାଳା ମାଝୀ,ବିଣା ଷଡଙ୍ଗି ପ୍ରମୁଖ ସାମିଲ ହୋଇଥିଲେ ।



କଟକ (ଭାସ୍କର ନ୍ୟୁଜ): ଓଡିଶା ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟନାୟକଙ୍କ ନିର୍ଦ୍ଦେଶକ୍ରମେ କଟକ ନଗର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ସୁରେଶ୍ ମହାପାତ୍ରଙ୍କ ନେତୃତ୍ୱରେ ମହଙ୍ଗାଇ ପେ' ଚର୍ଚ୍ଚା କାର୍ଯ୍ୟକ୍ରମ କଟକ ସହରର ବିଭିନ୍ନ ମଣ୍ଡି, ବଜାର, ହାଟ, ବସଷ୍ଟାଣ୍ଡ ଜନଗହଳି ପୂର୍ଣ୍ଣ ଛକ ତଥା କଲେଜ ଛକ, ବକ୍ସିବଜାର, ଗୌରୀଶଙ୍କର ପାର୍କ, ନୟା ସଡ଼କ,ଚାନ୍ଦିନୀଚୌକ, ବାଦାମବାଡ଼ି, ଛତ୍ର ବାଜର, ମାଲଗୋଦାମ ପ୍ରଭୃତି ସହରର ପ୍ରମୁଖ ସ୍ଥାନମାନଙ୍କରେ ପଥପ୍ରାନ୍ତ ସଭାମାନ ଅନୁଷ୍ଠିତ ହୋଇଯାଇଅଛି। ଏହି ପ୍ରତିବାଦରେ ବରିଷ୍ଠ ନେତ୍ରୀ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରା, କଂଗ୍ରେସ ନେତା ବିଶ୍ୱନାଥ ଶତପଥୀ, ରାଜେନ୍ଦ୍ର ପଟନାୟକ, ଉତ୍ତମ ବେହେରା, ମାନସ ନାୟକ, ନିରଞ୍ଜନ ଦାସ୍ ,ସଞ୍ଜୟ ଦାସ୍ , ପ୍ରଶାନ୍ତ ବେହେରା,ବରଦା ସାହୁ, ବିପନ ପଶାୟତ, ନିର୍ମଳ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

# ମହିଳା ଓ ଶିଶୁ ଅପରାଧ ରୋକିବାକୁ ରାଜ୍ୟ ପୋଲିସ୍‌ର ପଦକ୍ଷେପ



## ଆଗାମୀ ଦିନରେ ପୋଲିସ୍ ଅଧିକାରୀମାନେ ଏ ଦିଗରେ ଅଧିକ ଯତ୍ନବାନ ହେବେ: ସୌମେନ୍ଦ୍ର ପ୍ରିୟଦର୍ଶୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମହିଳା ଓ ଶିଶୁଙ୍କ କ୍ଷେତ୍ରରେ ହେଉଥିବା ଅପରାଧକୁ ରୋକିବାକୁ ରାଜ୍ୟ ପୋଲିସ୍ ତରଫରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ପୂର୍ବରୁ 'ଅପରେସନ୍ ସ୍ମାଇଲ୍', 'ଅପରେସନ୍ ମୁସ୍କାନ୍' ଏବଂ ବିଭିନ୍ନ ସମୟରେ ସ୍ପେଶାଲ ଡ୍ରାଇଭ୍ କରାଯାଇ ମହିଳା ଓ ଶିଶୁ ଅପରାଧ ରୋକିବାକୁ ରାଜ୍ୟ ପୋଲିସ୍ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ମଧ ପୋଲିସ୍ ଅଧିକାରୀମାନେ ଏ ଦିଗରେ ଅଧିକ ଯତ୍ନବାନ ହୋଇ କାର୍ଯ୍ୟ କରିବେ ବୋଲି ପୋଲିସ୍ କମିଶନର, କଟକ-ଭୁବନେଶ୍ୱର, ସୌମେନ୍ଦ୍ର ପ୍ରିୟଦର୍ଶୀ ମତବ୍ୟକ୍ତ କରିଛନ୍ତି । ରାଜ୍ୟ ପୋଲିସ୍ ମୁଖ୍ୟାଳୟସ୍ଥିତ ଆର୍.କେ ପାଢୀ ମେମୋରିଆଲ୍ ହଲ୍‌ଠାରେ ରାଜ୍ୟ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଓ ୟୁନିସେଫ୍ ଓଡ଼ିଶା ମିଳିତ ଆନୁକୂଲ୍ୟରେ ଆୟୋଜିତ ଏକ ଦୁଇ ଦିନିଆ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ପୋଲିସ୍ କମିଶନର ପ୍ରିୟଦର୍ଶୀ ଯୋଗ ଦେଇଥିଲେ। ଏହି ଅବସରରେ ସମସ୍ତ ପୋଲିସ୍ ଅଧିକାରୀ ମହିଳା ଓ ଶିଶୁଙ୍କ ବିରୁଦ୍ଧରେ ହେଉଥିବା ଅପରାଧକୁ ଗମ୍ଭୀରତାର ସହ ନେବା ଉଚିତ୍ ଏବଂ ସେମାନଙ୍କୁ ସୁରକ୍ଷା ତଥା ନ୍ୟାୟ ପ୍ରଦାନ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହାସହ ମାନବଚାଲାଣ ପରି ଧର୍ତ୍ତବ୍ୟ ଅପରାଧ ରୋକିବାରେ ନିଜକୁ ସାମିଲ କରିବାକୁ ଉପସ୍ଥିତ ଅଧିକାରୀଙ୍କୁ କହିଥିଲେ। ମାନବଚାଲାଣରୁ ଉଦ୍ଧାର କରାଯାଇଥିବା ମହିଳା କିମ୍ବା ଶିଶୁଙ୍କୁ ସେମାନଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କଲେ ଯେଉଁ ଆତ୍ମସନ୍ତୋଷ ମିଳିଥାଏ ତାହାର ପଟ୍ଟାନ୍ତର ନାହିଁ ବୋଲି ନିଜ ଅଭିଭାଷଣରେ ସେ ମତବ୍ୟକ୍ତ କରିଥିଲେ। ଆଜିର କର୍ମଶାଳାରେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଡିଜିପି (କ୍ରାଇମବ୍ରାଞ୍ଚ) ଅରୁଣ କୁମାର ବୋଥ୍ରା ଯୋଗ ଦେଇ ମାନବଚାଲାଣ ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରିବା ଉଚିତ୍ ଏବଂ ଅଭିଯୋଗକାରୀଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାକୁ ପ୍ରାଥମିକତା ଦେବାକୁ ମତ ପ୍ରକାଶ କରିଥିଲେ। ଏହାସହ ମାନବଚାଲାଣ ରୋକିବା ଏବଂ ସେ ସମ୍ପର୍କିତ ଆଇନ୍ ଓ ନୀତିନିୟମ ସମ୍ପର୍କରେ ମଧ ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ। ବହୁସମୟରେ ପାରିବାରିକ ପରିସ୍ଥିତି ଯୋଗୁଁ କିମ୍ବା ମିଛ ସ୍ୱପ୍ନ ଦେଖାଇ ଦଲାଲମାନେ ମାନବଚାଲାଣ କରିଥାନ୍ତି। ପରବର୍ତ୍ତୀ ସମୟରେ ମହିଳା ଏବଂ ଶିଶୁମାନେ ରାଜ୍ୟ ବାହାରକୁ ଯାଇ ସେଠାରେ ଦଲାଲଙ୍କ ହାବୁଡ଼ରେ ଫସି ଯାଇ ମୁକୁଳି ପାରନ୍ତ ନାହିଁ । ଏଭଳି ପରିସ୍ଥିତିରେ ସ୍ଥାନୀୟ ଥାନା ଅଧିକାରୀ ଅଭିଯୋଗକୁ ଗୁରୁତର ସହ ନେଇ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ ବୋଲି ଶ୍ରୀ ବୋଥ୍ରା ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଡିଜିପି, ମହିଳା ଓ ଶିଶୁ ଅପରାଧ ନିରାକରଣଶାଖା, ରେଖା ଲୋହାନୀ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବା ସହ କର୍ମଶାଳା ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆଜିର କାର୍ଯ୍ୟକ୍ରମରେ କୋଲକାତା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ କୌଶିକ୍ ଗୁପ୍ତା, ଆନ୍ତର୍ଜାତିକ ଜଷ୍ଟିସ୍ ମିଶନ୍‌ର ମୁଖ୍ୟ ଏମ୍. ଦେବସିଥମ୍, ୟୁନିସେଫ ଓଡ଼ିଶାର ନେହା ନାଇଡୁ ପ୍ରମୁଖ ଉପସ୍ଥିତ ରହି ମାନବଚାଲାଣ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଶେଷରେ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ଡିଏସ୍‌ପି ଇମନ୍ କଲ୍ୟାଣ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବନ୍ୟା ବିପନ୍ନଙ୍କୁ 'ଭାରତ ମସଲା'ର ରିଲିଫ୍



କଟକ, (ଭାସ୍କର ନ୍ୟୁଜ): ଭାରତ ମସଲା କମ୍ପାନୀ କେବଳ ବ୍ୟବସାୟରେ ନିଜକୁ ସୀମିତ ରଖେନି। ବ୍ୟବସାୟ ସହ ବିଭିନ୍ନ ଲୋକହିତକର କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥାଏ। ଦୈବ ଦୁର୍ବିପାକ ସମୟରେ ଲୋକହିତକାରୀ କାର୍ଯ୍ୟରେ ସାମିଲ କରି ଆସିଛି ଦିର୍ଘ ୧୯ ବର୍ଷ ଧରି। ବାତ୍ୟା, ବନ୍ୟା କିମ୍ବା ମହାବାତ୍ୟା ବା ପାଣ୍ଡେମିକ ପରିସ୍ଥିତି ସୃଷ୍ଟି ସମୟରେ ଜାତକିଅଁତ ସହଯୋଗର ହାତ ବଢାଇଛି ସାଧାରଣ ଲୋକଙ୍କ ପାଇଁ। ଚଳିତ ବର୍ଷ ବନ୍ୟାରେ ବହୁ ଜିଲ୍ଲା ପ୍ରଭାବିତ ହୋଇଥିଲା ବେଳେ ଏଥର ଭାରତ ମସଲା କମ୍ପାନୀ ପହଞ୍ଚିଛି ବାଙ୍କି ଓ ନିମାପଡ଼ା ଅଞ୍ଚଳରେ। ବାଙ୍କି, ନିମାପଡ଼ା ଓ ଗୋପ୍ତା ଅଞ୍ଚଳ, ଚଳିତ ବନ୍ୟାରେ ବ୍ୟାପକ ଭାବରେ ପ୍ରଭାବିତ ହୋଇଛି। 'ଭାରତ ମସଲା' କମ୍ପାନୀ ଏସବୁ ଅଞ୍ଚଳର ୩୦୦୦ ବନ୍ୟା ପ୍ରପିଡ଼ିତ ପରିବାରଙ୍କୁ ଖାଦ୍ୟ ପ୍ୟାକେଟ ବଣ୍ଟନ କରିଛି। ଏହି ବଣ୍ଟନ କାର୍ଯ୍ୟକ୍ରମରେ ନିମାପଡ଼ା ଓ ଗୋପ୍ତା ଅଞ୍ଚଳର ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ମାନ୍ୟବର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ସମାଜସେବୀ ପ୍ରଫୁଲ୍ଲ କୁମାର ସିଂ, ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ଓ ଭାରତ ମସଲାର କର୍ମଚାରୀ ଉପସ୍ଥିତ ରହି ବଣ୍ଟନ କାର୍ଯ୍ୟ ପରିଚାଳନା କରିଥିଲେ। ବାଙ୍କି ବନ୍ୟା ପ୍ରପିଡ଼ିତ ଅଞ୍ଚଳରେ ମାନ୍ୟବର ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା ଏବଂ ଭାରତ ମସଲା କର୍ମଚାରୀ ବୃନ୍ଦ ଏବଂ ଅଞ୍ଚଳବାସୀ ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ। ବନ୍ୟା, ବାତ୍ୟା, ବା ଯେ କୌଣସି ପ୍ରକୃତିକ ବିପର୍ଯ୍ୟୟରେ 'ଭାରତ ମସଲା' ଓଡ଼ିଶାବାସୀଙ୍କୁ ସର୍ବଦା ସହାୟତାର ହାତ ବଢାଇଛି ଏବଂ ପ୍ରଚେଷ୍ଟା ଆଗାମୀ ଦିନରେ ଜାରି ରହିବ ବୋଲି କହିଛନ୍ତି ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା।

## ସେପ୍ଟେମ୍ବର ମାସରେ ଘାଇର ସ୍ଥାୟୀ ମରାମତି ହେବ: ସର୍ବୋଚ୍ଚ ଯନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସେପଟ୍ଟେମ୍ବର ମାସରେ ଘାଇର ସ୍ଥାୟୀ ମରାମତି ହେବ ବୋଲି କହିଛନ୍ତି ସର୍ବୋଚ୍ଚ ଯନ୍ତ୍ରୀ ବିଜୟ ମିଶ୍ର । ସେ କହିଛନ୍ତି ଯେ ବନ୍ୟା ସ୍ଥିତି ସ୍ୱାଭାବିକ ଅବସ୍ଥାକୁ ଫେରୁଛି । ମହାନଦୀ ସମେତ ଅନ୍ୟ ନଦୀର ସ୍ଥିତିରେ ସୁଧାର ଆସିଛି । ସବୁ ନଦୀ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି । କେବଳ ମହାନଦୀ ସିଷ୍ଟମରେ ୭ଟି ଘାଇ ହୋଇଥିବା ସେ ପ୍ରକାଶ କରିଛନ୍ତି । ଏବେ ସବୁ ଘାଇର ଅସ୍ଥାୟୀ ଭାବେ ମରାମତି ହେଉଛି ବୋଲି ସେ କହିଛନ୍ତି ।

## ରାଜଧାନୀରେ ୩୪ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରୁ ମଙ୍ଗଳବାର ମୋଟ ୩୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଣ୍ଟାରେ ଆଉ ୪୮ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୪ ହଜାର ୬୯୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।



ତୃପ୍ତି-ବାବୁସାନ୍-ପ୍ରକୃତି ବିବାଦ ମାମଲାରେ ନୂଆ ଟ୍ୱିଷ୍ଟ

# ହାଇକୋର୍ଟକୁ ଗଲେ ପ୍ରକୃତି

କଟକ(ଭାସ୍କର ନ୍ୟୁଜ୍): ତୃପ୍ତି-ବାବୁସାନ୍-ପ୍ରକୃତି ବିବାଦ ମାମଲାରେ ଆଉ ଏକ ଟ୍ୱିଷ୍ଟ ଆସିଛି। ଅଭିନେତ୍ରୀ ପ୍ରକୃତି ମିଶ୍ର ତାଙ୍କ ଏତଲା ଉପରେ କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ହାଇକୋର୍ଟ ଯାଇଛନ୍ତି। ବାବୁସାନଙ୍କ ପତ୍ନୀ ତୃପ୍ତି ଓ ଶ୍ୱଶୁରଙ୍କ ନାଁରେ ଖାରବେଳ ନଗର ଥାନାରେ ଏତଲା କରିଥିଲେ ପ୍ରକୃତି । ଏ ମାମଲାରେ ପୋଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ହାଇକୋର୍ଟଙ୍କୁ ସେ ଜଣାଇଛନ୍ତି। ତୃପ୍ତି ଓ ତାଙ୍କ ବାପା ତାଙ୍କ ଉପରେ ଆକ୍ରମଣ କରିଥିବା ଏତଲାରେ ଦର୍ଶାଇଥିଲେ ପ୍ରକୃତି ମିଶ୍ର। ଏସମ୍ପର୍କରେ ପ୍ରତିକ୍ରିୟାରେ ପ୍ରକୃତି କହିଛନ୍ତି, 'ମୋ ସହ ଯାହା ହୋଇଛି ଆପଣମାନେ ସମସ୍ତେ ଜାଣନ୍ତି। ନ୍ୟାୟାଳୟ ଉପରେ ମୋର ପୂରା ଭରସା ରହିଛି। ମୋତେ ନ୍ୟାୟ ମିଳିବ ବୋଲି ମୋର ଆଶା। ଅନ୍ୟପଟେ ଏହି ଘଟଣାନେଇ ପ୍ରକୃତି ମିଶ୍ରଙ୍କ ଓକିଲ କହିଛନ୍ତି ଜୁଲାଇ ୨୩ରେ ଆକ୍ରମଣ ପରେ ଥାନାରେ ଏତଲା କରାଯାଇଥିଲା। ଦୀର୍ଘଦିନ ବିତିଯାଇଥିଲେ ବି ପୋଲିସ କୌଣସି ନ୍ୟାୟ ଦେଇପାରିନି। ବିଭିନ୍ନ ପ୍ରକାର ଆରୋପ ଥିଲେ ବି ପୋଲିସ ଉପଯୁକ୍ତ ଦଫା ଲଗାଇନି। ନିରପେକ୍ଷ ସଂସ୍ଥା ଦ୍ୱାରା ତଦନ୍ତ କରାଇବାକୁ କୋର୍ଟରେ ଅପିଲ କରାଯାଇଥିବା ପ୍ରକୃତିଙ୍କ ଓକିଲ କହିଛନ୍ତି ।

**'ନ୍ୟାୟାଳୟ ଉପରେ ମୋର ପୂରା ଭରସା ରହିଛି'**



## ଶ୍ୱେତା ଆତ୍ମହତ୍ୟା ମାମଲା

# ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କଲେ ମା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରର ସଫ୍ଟୱ୍ୟାର ଇଞ୍ଜିନିୟର ଶ୍ୱେତା ଉତ୍କଳ କୁମାରୀଙ୍କ ଆତ୍ମହତ୍ୟା ମାମଲାରେ ଦୋଷୀଙ୍କୁ ଦଣ୍ଡ ଦେବାକୁ ରାଜ୍ୟ ସରକାରଙ୍କୁ ଏକ ଭିଡିଓ ଜରିଆରେ ଅନୁରୋଧ କରିଛନ୍ତି ଶ୍ୱେତାଙ୍କ ମା। ଭିଡିଓ ମାଧ୍ୟମରେ ଶ୍ୱେତାଙ୍କ ମା କାନ୍ଦି କାନ୍ଦି କହିଛନ୍ତି ମୋଝିଅ ପ୍ରତି ବହୁତ ଅନ୍ୟାୟ କରାଯାଇଛି। ସେ ସୌମ୍ୟଜିତ୍ ମହାପାତ୍ର ମୋ ଝିଅ ପ୍ରତି ବହୁତ ଅନ୍ୟାୟ କରିଛି। ମୁଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛି ସୌମ୍ୟଜିତ୍ ବିରୋଧରା ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ତାକୁ ଦଣ୍ଡ ମିଳୁ। ଶ୍ୱେତାଙ୍କ ବାପା କହିଛନ୍ତି ଯେ, ପୋଲିସ ଯାହାକୁ ଖୋଜୁଛି, ପୂର୍ବରୁ ସେ ଥାନାକୁ ଆସିଥିଲେ। ସୌମ୍ୟ, ତାଙ୍କ ବାପାମା' ପୂର୍ବରୁ ଚନ୍ଦ୍ରଶେଖରପୁର ଥାନାକୁ ଆସିଥିଲେ। ଗତ ୨୧ ତାରିଖରେ ଏତଲା ଦେବାକୁ ଆସିଥିବା ବେଳେ ଥାନା ବାହାରେ ସୌମ୍ୟ ଓ ତାଙ୍କ ବାପାମା'ଙ୍କୁ ଦେଖିଥିବା ଶ୍ୱେତାଙ୍କ ବାପା କହିଛନ୍ତି। ସୌମ୍ୟଜିତ୍ ମୋ ଝିଅକୁ ଶାରୀରିକ, ମାନସିକ ଓ ଆର୍ଥିକ ଶୋଷଣ କରିଛି। ଏତେ ହଇରାଣ କରିଛି ଯେ, ସେ ଆତ୍ମହତ୍ୟା କରିବାକୁ ବାଧ ହେଲା। ଏଣୁ ଏଭଳି ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ହେଉ ବୋଲି ଶ୍ୱେତାଙ୍କ ବାପା ଦାବି କରିଛନ୍ତି। ଅପରପକ୍ଷରେ ଆତ୍ମହତ୍ୟାର ଅଧ ଘଂଟା ପୂର୍ବରୁ ବୟଫ୍ରେଣ୍ଡ୍ ସୌମ୍ୟଜିତ୍ କୁ ଶ୍ୱେତା ୧୫ ଥର କଲ୍ କରିଥିଲେ ବୋଲି ସିଡିଆର ଯାଂଚରୁ ଜଣାପଡିଛି। ରାତି ସାଢ଼େ ଗୋଟାଏ ପର୍ଯ୍ୟନ୍ତ ଶ୍ୱେତା ସୌମ୍ୟଙ୍କୁ ୧୫ ଥର ଫୋନ୍ କରିଥିଲେ। ହେଲେ ସୌମ୍ୟ, ଶ୍ୱେତାଙ୍କ କଲ୍ ରିସିଭ୍ କରିନଥିଲେ ବୋଲି ପୋଲିସ ସୂଚନା ଦେଇଛି। ଏନେଇ ଖୁବ୍ ଶୀଘ୍ର ସୌମ୍ୟଜିତଙ୍କୁ ପଚରାଉଚରା କରାଯିବ ବୋଲି ପୋଲିସ କହିଛି।

### ବୟଫ୍ରେଣ୍ଡ ସୌମ୍ୟଜିତ ନାମରେ ଲାଗିଲା ଦଫା ୩୦୬

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବହୁଚର୍ଚ୍ଚିତ ସଫ୍ଟଓ୍ୟାର ଇଂଜିନିୟର ଶ୍ୱେତା ଆତ୍ମହତ୍ୟା ମାମଲାରେ ତାଙ୍କର ବୟଫ୍ରେଣ୍ଡ ସୌମ୍ୟଜିତଙ୍କ ନାଁରେ ଦଫା ୩୦୬ ଲଗାଯାଇଛି । ଶ୍ୱେତାଙ୍କ ବାପାଙ୍କ ଏତାଲା ଆଧାରରେ ପୋଲିସ ଏହି ମାମଲା କରିଥିବା ଜଣାପଡିଛି । ସେ ଶ୍ୱେତାଙ୍କୁ ଆତ୍ମହତ୍ୟା କରିବାକୁ ବାଧ କରିବା ନେଇ ଦଫା ୩୦୬ ଲଗାଯାଇଛି । ପୋଲିସ-୩୦୬ ଦଫା ଲଗାଇ ନୋଟିସ ଜାରୀ କରିଛି ।

## ଅଣସଂଗଠିତ ଶ୍ରମିକଙ୍କ ସମାଜିକ ନିରାପତ୍ତାକୁ ସୁଦୃଢ କରାଯାଉ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅଣସଂଗଠିତ କ୍ଷେତ୍ରରେ ୯୩% ଶ୍ରମିକ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କର ସାମାଜିକ ନିରାପତ୍ତା ସଠିକ୍ ଭାବରେ କାର୍ଯ୍ୟକରୁନାହିଁ। ସହରର ବିକାଶ ପ୍ରକ୍ରିୟାରେ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ମାନଙ୍କର ଯଥେଷ୍ଟ ଅବଦାନ ଥିବା ବେଳେ ସଠିକ୍ ମଜୁରୀ, କର୍ମସ୍ଥଳୀରେ ସର୍ବନିମ୍ନ ମୌଳିକ ସୁବିଧା, ଶ୍ରମିକ ହାଟରେ ଆବଶ୍ୟକୀୟ ସୁବିଧା, ବାସହରା ଲୋକମାନଙ୍କ ପାଇଁ ଆବଶ୍ୟକୀୟ ରାତ୍ରୀ ବିଶ୍ରାମାଗାର ସଠିକ୍ ଭାବରେ ମିଳୁନାହିଁ । ଘରୋଇ ପରିଚାରିକା ମାନଙ୍କ ସାମାଜିକ ନିରାପତ୍ତା ନିମନ୍ତେ କର୍ପସ ଫଣ୍ଡ, କାର୍ଯ୍ୟ ନିର୍ଘଣ୍ଟ ଓ ସଠିକ୍ ମଜୁରୀ ମଧ ମିଳୁନାହିଁ ବୋଲି ସ୍ଥାନୀୟ ରୋଟାରୀ କ୍ଲବ ସଭାକକ୍ଷରେ ସିସିଡବ୍ଲ୍ୟୁଡି, ଆକ୍ସନ୍‌ଏଡ୍ ଓ ଅଣସଂଗଠିତ ଶ୍ରମିକ ମଞ୍ଚର ମିଳିତ ଆନୁକୁଲ୍ୟରେ ଆୟୋଜିତ ଅର୍ବାନ ଥ୍ରିଙ୍କର୍ସ ଓ ଆକ୍ସନ୍ କ୍ୟାମ୍ପସ୍ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । ଅତିଥି ଭାବରେ ବରିଷ୍ଠ ଶ୍ରମିକ ନେତା ଏନ୍.ନାରାୟଣ ରେଡ୍ଡି, ମହେନ୍ଦ୍ର ପରିଡା, ଜ୍ୟୋତିରଞ୍ଜନ ମହାପାତ୍ର ଓ ବିରେନ୍ଦ୍ର ପ୍ରସାଦ ଦାସ ପ୍ରମୁଖ ଅଂଶ ଗ୍ରହଣ କରି ଶ୍ରମିକମାନଙ୍କର ସାମାଜିକ ନିରାପତ୍ତାକୁ ଆଗେଇନେବା ପାଇଁ ଶ୍ରମିକମାନେ ସଂଗଠିତ ହେବା ଜରୁରୀ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସିସିଡବ୍ଲ୍ୟୁଡିର ସମ୍ପାଦକ ସଦାଶିବ ସ୍ୱାଇଁ କାର୍ଯ୍ୟକ୍ରମର ପୃଷ୍ଠ ଭୂମି ଉପରେ ବକ୍ତବ୍ୟ ରଖିଥିବା ବେଳେ ଆକ୍ସନ୍‌ଏଡ୍‌ର ଶୁଭେନ୍ଦୁ କୁମାର ରାୟ ଅଣସଂଗଠିତ ଶ୍ରମିକ ମାନଙ୍କର ସମସ୍ୟା ଓ ସମାଧାନ ଉପରେ ବକ୍ତବ୍ୟ ରଖିଥିଲେ ।

## ସ୍ମାର୍ଟ ଇଣ୍ଡିଆ ହାକାଥନ୍ ଗ୍ରାଣ୍ଡ ଫାଇନାଲ୍ ଉଦ୍‌ଘାଟିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସରକାର, ମନ୍ତ୍ରଣାଳୟ, ବିଭାଗ, ଶିଳ୍ପ ଏବଂ ଅନ୍ୟାନ୍ୟ ସଂଗଠନର ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଛାତ୍ରମାନଙ୍କୁ ଏକ ପ୍ଲାଟଫର୍ମ ଯୋଗାଇବା ପାଇଁ ସ୍ମାର୍ଟ ଇଣ୍ଡିଆ ହାକାଥନ୍ (ଏସଆଇଏଚ) ହେଉଛି ଶିକ୍ଷା ମନ୍ତ୍ରଣାଳୟର ଇନୋଭେସନ୍ ସେଲ୍ ଦ୍ୱାରା ଦେଶବ୍ୟାପୀ ପଦକ୍ଷେପ । ଉଚ୍ଚଶିକ୍ଷା ଛାତ୍ରମାନଙ୍କ ପାଇଁ ୨୦୧୭ ଠାରୁପ୍ରତିବର୍ଷ ଏସଆଇଏଚଦୁଇଟି ଫର୍ମାଟରେ ପରିଚାଳିତ ହୁଏ ଯଥା ଏସଆଇଏଚସଫ୍ଟୱେର୍ ଏବଂ ଏସଆଇଏଚ ହାର୍ଡୱେର୍ । ଚଳିତ ବର୍ଷ ସ୍ମାର୍ଟ ଇଣ୍ଡିଆ ହାକାଥନ୍ - ଜୁନିଅର୍ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଇନୋଭେସନ୍ ଏବଂ ସମସ୍ୟା ସମାଧାନର ମନୋଭାବ ଗଠନ ପାଇଁ ଆନୁଷ୍ଠିତ ହୋଇଛି । ୨୦୧୭ରୁ ଆରମ୍ଭ ହୋଇଥିବା ସ୍ମାର୍ଟ ଇଣ୍ଡିଆ ହ୍ୟାକଥନର ପ୍ରତ୍ୟେକ ବର୍ଷ ଲୋକପ୍ରିୟ ହେବାସହ ଆନେକ ନୂଆ ଇନୋଭେସନ୍ ଏବଂ ସମସ୍ୟା ସମାଧାନ ମନୋଭାବର ପ୍ଲାଟଫର୍ମ ହୋଇପଡ଼ିଛି । ପ୍ରତିବର୍ଷ ଏସଆଇଏଚଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କୁ ପ୍ରଭାବିତ କରୁଛି ଏବଂ ସେମାନଙ୍କୁ ବାସ୍ତବ ସମସ୍ୟାର ସମାଧାନରେ ସେମାନଙ୍କର ଶିକ୍ଷଣୀୟ ଶିକ୍ଷା ପରୀକ୍ଷା କରିବାକୁ ଏକ ଜାତୀୟ ପ୍ଲାଟଫର୍ମ ଯୋଗାଏ । ଏହା ମଧ ଇନୋଭେସନ୍ ଏବଂ ଉଦ୍ୟୋଗ ପ୍ରତି ସେମାନଙ୍କର ଆଗ୍ରହକୁ ଆହୁରି ସୁଦୃଢ କରିଥାଏ । ସ୍ମାର୍ଟ ଇଣ୍ଡିଆ ହାକାଥନ୍ ୨୦୨୨ ହାର୍ଡୱେର୍ ଗ୍ରାଣ୍ଡ ଫାଇନାଲ୍ ୨୫ ଅଗଷ୍ଟରୁ ୨୯ ଅଗଷ୍ଟ ୨୦୨୨ ଏବଂ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ୨୦୨୨ ସଫ୍ଟୱେର୍ ଗ୍ରାଣ୍ଡ ଫାଇନାଲ୍ ୨୫ ଅଗଷ୍ଟରୁ ଅଗଷ୍ଟ ୨୦୨୨ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି ।



ଗଣେଶ ପୂଜା ପାଇଁ କଟକର ଶିଳ୍ପୀ କୁମ୍ଭାରସାହି ଚଳଚଞ୍ଚଳ

## ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ଭୁବନେଶ୍ୱରର ୫୨ତମ ଅର୍ଦ୍ଧବାର୍ଷିକ ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚନ୍ଦ୍ର ଶେଖର ଶର୍ମା, ଅଧ୍ୟକ୍ଷ, ନରାକାସ (ବ୍ୟାଙ୍କ) ଏବଂ ମୁଖ୍ୟ ମହାପ୍ରବନ୍ଧକ, ଭାରତୀୟ ଷ୍ଟେଟ ବ୍ୟାଙ୍କ, ଭୁବନେଶ୍ୱରଙ୍କ ଅଧ୍ୟକ୍ଷତା, ଭାରତ ସରକାର, ଗୃହ ମନ୍ତ୍ରାଳୟ, ରାଜଭାଷା ବିଭାଗ ର ପ୍ରତିନିଧି ନିର୍ମଳ କୁମାର ଦୁବେ, ସହାୟକ ନିର୍ଦ୍ଦେଶକ(କାର୍ଯ୍ୟାନ୍ୱୟନ)ଙ୍କ ଉପସ୍ଥିତିରେ ଭାରତୀୟ ଷ୍ଟେଟ ବ୍ୟାଙ୍କ, ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟରେ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ), ଭୁବନେଶ୍ୱରର ୫୨ତମ ଅର୍ଦ୍ଧବାର୍ଷିକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ହୃଦାନନ୍ଦ ପଣ୍ଡା, କ୍ଷେତ୍ରୀୟ ନିର୍ଦ୍ଦେଶକ, ଭାରତୀୟ ରିଜର୍ଭ ବ୍ୟାଙ୍କ, ସି ଉଦୟଭାସ୍କର, ମୁଖ୍ୟ ମହାପ୍ରବନ୍ଧକ, ନାବାର୍ଡ, ମନୋଜ କୁମାର ସିଂହ, ଉପାଧ୍ୟକ୍ଷ ଏବଂ ମଣ୍ଡଳ ବିକାଶ ଅଧିକାରୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ ତଥା ଭୁବନେଶ୍ୱର ସ୍ଥିତ ସମସ୍ତ ସରକାରୀ ବ୍ୟାଙ୍କ ଏବଂ ବୀମା କମ୍ପାନୀ ମାନଙ୍କର ଉପ ମହାପ୍ରବନ୍ଧକ, ବରିଷ୍ଠ କାର୍ଯ୍ୟପାଳକ ଏବଂ ରାଜଭାଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ମନୋଜ କୁମାର ସିଂହ ସମସ୍ତ ସଦସ୍ୟଙ୍କୁ ସେମାନଙ୍କର ସକ୍ରିୟ ସହଯୋଗ ପାଇଁ ଧନ୍ୟବାଦ ଜଣାଇଲେ ଏବଂ ଆଜାଦୀର ଅମୃତ ମହୋତ୍ସବ ପରି ଆଗାମୀ ସେପ୍ଟେମ୍ବର ମାସରେ ହିନ୍ଦୀର ଅମୃତ ମହୋତ୍ସବ ମନାଇବା ପାଇଁ ଅନୁରୋଧ କଲେ। ଏହି ଅବସରରେ ବିଭିନ୍ନ ବ୍ୟାଙ୍କ ଦ୍ୱାରା ଆୟୋଜିତ ପ୍ରତିଯୋଗିତାର ବିଜୟୀ ପ୍ରତିଭାଗୀଙ୍କୁ ପୁରସ୍କୃତ କରାଗଲା ଏବଂ ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆର ପତ୍ରିକା 'ୟୁନିଅନ ଉତ୍କଳ ଧାରା' ତଥା ଇଣ୍ଡିଆନ ବ୍ୟାଙ୍କର ପତ୍ରିକା 'ଇଣ୍ଡ ଉତ୍କଳ'ର ଲୋକର୍ପଣ ମଧ କରାଗଲା। ରିପୋର୍ଟ ମାନଙ୍କର ସମୀକ୍ଷା କରିବା ସମୟରେ ନିର୍ମଳ କୁମାର ଦୁବେ କହିଲେ ଯେ ଏହି ସମିତି ଦେଶର ସର୍ବୋତ୍କୃଷ୍ଟ ସମିତି ମାନଙ୍କ ମଧ୍ୟରୁ ଅନ୍ୟତମ ଅଟେ। ସମ୍ବୋଧନରେ ଶ୍ରୀ ଶର୍ମା କହିଲେ ଯେ ଆମେ ସମସ୍ତେ ସେବା କ୍ଷେତ୍ର ସହିତ ଜଡ଼ିତ ଏବଂ ଉତ୍ତମ ତଥା ସୁରକ୍ଷିତ ଗ୍ରାହକ ସେବା ପ୍ରଦାନ କରିବା ପାଇଁ ହିନ୍ଦୀ ତଥା କ୍ଷେତ୍ରୀୟ ଭାଷା ମାନଙ୍କର ଭୂମିକା ଅତି ମହତ୍ୱପୂର୍ଣ୍ଣ ଅଟେ। ତେଣୁ ଯେଉଁଠି ଆବଶ୍ୟକ ହିନ୍ଦୀ ସହିତ ସ୍ଥାନୀୟ ଭାଷାର ମଧ ପ୍ରୟୋଗ କରାଯିବ ଉଚିତ। ଆଲୋକ କୁମାର, ସଦସ୍ୟ ସଚିବ ଏବଂ ସହାୟକ ମହାପ୍ରବନ୍ଧକ (ରାଜଭାଷା) କାର୍ଯ୍ୟକ୍ରମର ସଂଚାଳନ କଲେ ଧନଞ୍ଜୟ କୁମାର, ସହାୟକ ମହାପ୍ରବନ୍ଧକ (ରାଜଭଷା), ଭାରତୀୟ ରିଜର୍ଭ ବ୍ୟାଙ୍କ ଙ୍କ ଦ୍ୱାରା ଧନ୍ୟବାଦ ଜ୍ଞାପନ ପରେ ବୈଠକ ସମାପ୍ତ ହେଲା।



## ଇପିଏଫ୍ ପେନ୍‌ସନ୍ ସଂଘର ଷଷ୍ଠ କାର୍ଯ୍ୟକାରୀ କମିଟି ବୈଠକ

# ୨୫ରେ ଧାରଣା

କଟକ(ଭାସ୍କର ନ୍ୟୁଜ): କଟକ ଜିଲ୍ଲା ଇପିଏଫ ପେନସନ ସଂଘ ର ଷଷ୍ଠ କାର୍ଯ୍ୟକାରୀ କମିଟି ବୈଠକ ଖାନନଗର ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଯାଇଛି। ସଂଗଠନର ସଭାପତି ରାଜକିଶୋର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ସଂପାଦକ ବିନୋଦ କୁମାର ବେହେରା କାର୍ଯ୍ୟକ୍ରମର ବିବରଣୀ ଦେବାସହିତ ଚଳିତ ମାସ ୨୫ ତାରିଖ ରେ ଭୁବନେଶ୍ୱର ସ୍ଥିତ ଇପିଏଫ୍‌ଓ କାର୍ଯ୍ୟାଳୟ ସମ୍ମୁଖରେ ହେବାକୁଥିବା ଧାରଣା ଓ ବିକ୍ଷୋଭରେ କଟକ ଜିଲ୍ଲାରୁ ୩୦ ଜଣ ପ୍ରତିନିଧି ଯୋଗଦେବେ ବୋଲି ଘୋଷଣା କରିଥିଲ ।କେନ୍ଦ୍ର ସରକାର ପେନସନ ଉପଭୋକ୍ତାଙ୍କୁ ମାସିକ ୯୦୦୦ ଟଙ୍କା ପେନସନ ସହ ମହଙ୍ଗା ଭତ୍ତା, ନିଶୁଳ୍କ ସ୍ୱାସ୍ଥ୍ୟସେବା ଓ କର୍ମଚାରୀଙ୍କୁ ବେତନ ଅନୁଯାୟୀ ପେନସନ ଦାବି କରାଯାଇ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କୁ ପଠାଯିବ ବୋଲି ସ୍ଥିର ହେଲା। ଆସନ୍ତାମାସରେ ଦାବିପୂରଣ ନ ହେଲେ ଜିଲ୍ଲା ପକ୍ଷରୁକଟକ ସ୍ଥିତ ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଘେରାଉ କରାଯିବ ବୋଲି ନିଷ୍ପତ୍ତି ଗହଣ କରାଯାଇଛି । ବୈଠକରେ ସହକାରୀ ସଂପାଦକ ବୁଲେଇ ବେହେରା, ଉପଦେଷ୍ଟା ଇଂ ବିଜୟ ନାୟକ, କୋଷାଧ୍ୟକ୍ଷ ଦେବେନ୍ଦ୍ର ସାହୁ, ସୁରେଶ କୁମାର ରଥ, ସୁରେଶ ଚନ୍ଦ୍ର ତରାଇ, ପ୍ରଫୁଲ୍ଲ କୁମାର ପରିଡା, ରଞ୍ଜନ ଦାଶ, ଶତ୍ରୁଘ୍ନ ପ୍ରଧାନ, ଅଲେଖ ରାଉତ, ଜାନକୀ ବଲ୍ଲଭ ମହାନ୍ତୀ, ସୁକଦେବ ମହାପାତ୍ର, ବନମାଳି ବେହେରା ସୁରେନ୍ଦ୍ର ନାଥ ସାହୁ, ମୁରଲିଧର ବେହେରା, ତାପସ ପାଲିତ, ନିହାର ପଟ୍ଟନାୟକ, ମନୋରଞ୍ଜନ ମହାନ୍ତୀ ପ୍ରମୁଖ ସାଂଗଠନୀକ, ସଭ୍ୟସଂଗ୍ରହ ଓ କାର୍ଯ୍ୟରତ କର୍ମଚାରୀଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ସଂକ୍ରାନ୍ତୀୟ ସମସ୍ୟା ଓସମାଧାନ ସଂପର୍କରେ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଭାଗବତ ପ୍ରସାଦ ଗିରି ଧନ୍ୟବାଦ ଦେଇଥିଲେ। ଅଭିମନ୍ୟୁ ଶାସମଲ ପରିଚାଳନା କରିଥିଲେ।

## ବିଜୁ ମହିଳା ଜନତା ଦଳ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ ଅବସରରେ ବିଜୁ ମହିଳା ଜନତା ଦଳ ଭୁବନେଶ୍ୱର ଜିଲ୍ଲା ସାଂଗଠନିକ ସଭାପତି ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱର ୟୁନିଟ-୨ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଆମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଡ଼େପୁଟି ମେୟର ମଞ୍ଜୁଲତା କହଁର, ବିଜୁ ମହିଳା ଜନତା ଦଳ ରାଜ୍ୟସ୍ତରୀୟ ସାଧାରଣ ସମ୍ପାଦିକା ସୁମିତ୍ରା ଜେନା, ସମ୍ପାଦିକା ଭାରତୀ ସିଂ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ସହ ବୃକ୍ଷରୋପଣର ମହତ୍ ବାର୍ତ୍ତା ସମାଜ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଛାତ୍ରଛତ୍ରୀମାନେ ସହାୟତା ପ୍ରଦାନ କରିଥିଲେ।



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ସୋମବାର ପ୍ରାୟ ରାତି ୧୦ଟା ସମୟରେ ଗୋଟିଏ ଘରର କାନ୍ଥ ଭୁଶୁଡ଼ି ଦୁଇ ଶିଶୁଙ୍କର ମୃତ୍ୟୁ ଘଟିଛି। ମୟୂରଭଞ୍ଜ ଜିଲ୍ଲାର ଗୋପବନ୍ଧୁ ନଗର ବ୍ଲକ ଜୟପୁର ପଞ୍ଚାୟତର ରାଇଡାହି ଗ୍ରାମର ଗଣେଶ ସିଂ ଭୁବନେଶ୍ୱରରେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ତେବେ ତାଙ୍କ ଘରେ ସ୍ତ୍ରୀ ତୁଳସୀ, ଦୁଇ ପୁଅ ଜ୍ୟୋତି ଶଙ୍କର (୬) ଓ ଭୋଳା ଶଙ୍କର (୫) ଏବଂ ଝିଅ ଯଶୋଦା (୧୦) ଘରେ ରହୁଥିଲେ। ଗତ ରାତିରେ ୪ଜଣ ଥିବା ଉକ୍ତ ପରିବାରର ଘର କାନ୍ଥକୁ ଲାଗି ଜ୍ୟୋତି ଶଙ୍କର ଓ ଯଶୋଦା ଶୋଇଥିବା ବେଳେ ତାଙ୍କ କାନ୍ଥ ଭୁଶୁଡ଼ି ପଡ଼ିବା ଯୋଗୁଁ କାନ୍ଥ ତଳେ ଚାପି ହୋଇ ଭାଇ ଭଉଣୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଅନ୍ୟ ପାର୍ଶ୍ୱରେ ଶୋଇଥିବା ମାଆ ତୁଳସୀ ଓ ଭୋଳା ଉଭୟ ବର୍ତ୍ତି ଯାଇଛନ୍ତି। ସେହିପରି ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ଼ ଥାନା ଅନ୍ତର୍ଗତ କାଶିଆବେଡା ଗ୍ରାମରେ ଜଣେ ଯୁବକ ବିଦ୍ୟୁତ ସଂସ୍ପର୍ଶରେ ଆସିବାରୁ ତାଙ୍କର ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ କାଶିଆବେଡା ଗ୍ରାମକୁ ଏକ ୧୦ ଚକିଆ ଟ୍ରାକ ଯାଉଥିବା ସମୟରେ ଚାଳକ ଜଣକ ୧୧ କେ.ଭି ବିଦ୍ୟୁତ ତାର ଝୁଲିଥିବା ଦେଖିବାକୁ ପାଇଥିଲେ ଏବଂ ବୁଧୁରାମ ତିରିୟାଙ୍କ ପୁଅ ରୁପା ତିରିୟା(୧୮) ଙ୍କୁ ତାରକୁ ଉପରକୁ ଟେକିବାକୁ କହିଥିଲେ। ରୁପା ତାରକୁ ଧରିବା ଫଳରେ ଟ୍ରକ ଉପରେ ହିଁ ଟଳି ପଡ଼ିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

## ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତାଙ୍କୁ ଭେଟିଲେ ରେଡ୍ଡୀ ସଂଘମ ପ୍ରତିନିଧି



ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ଓଡ଼ିଶାରେ ବାସ କରୁଥିବା ରେଡ୍ଡୀ ଜାତିକୁ କେନ୍ଦ୍ର ସରକାରଙ୍କ ପଛୁଆ ବର୍ଗ ତାଲିକାଭୁକ୍ତ କରିବା ନେଇ ଓଡ଼ିଶା ପଛୁଆ ବର୍ଗ କମିଶନ ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ ପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପଦକ୍ଷେପକୁ ନେଇ ସୋମବାର ଦିନ ରେଡ୍ଡୀ ସଂଘମର ୫ ଜଣିଆ ପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ପରାମର୍ଶଦାତା ଡଃ. ଗୋପବନ୍ଧୁ ଦାସଙ୍କୁ ଭେଟିଥିବା ଜଣାପଡିଛି। ଖବରନୁଯାୟୀ, ରେଡ୍ଡୀ ସଂଘମ ତରଫରୁ ଗତ ଅଗଷ୍ଟ ୫ ତାରିଖ ଦିନ ଜାତିକୁ କେନ୍ଦ୍ର ସରକାରଙ୍କ ପଛୁଆ ବର୍ଗରେ ସାମିଲ କରିବା ପାଇଁ ରେଡ୍ଡୀ ସଂଘମ ଚାରି ଜିଲ୍ଲାର ସଭାପତି ସି ଏଚ୍ ଡିଲେଶ୍ୱର ରେଡ୍ଡୀଙ୍କ ନେତୃତ୍ୱରେ ଚାରିଗୋଟି ଜିଲ୍ଲା ଯଥା ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଏବଂ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲାର ସମସ୍ତ ଜୋନ୍ ସଭାପତି, ସଂପାଦକ ଏବଂ ସମସ୍ତ ଜିଲ୍ଲା ଅଧିନସ୍ଥ ୨୩ ତାଲୁକାର ସମସ୍ତ ସଭାପତି, ସଂପାଦକ, ଜିଲ୍ଲା କର୍ମକର୍ତ୍ତା ଉପସ୍ଥିତ ରହି ରେଡ୍ଡୀ ସମାଜର ଉନ୍ନତି କାମନା ଉଦ୍ଦେଶ୍ୟରେ ଭୁବନେଶ୍ୱର ସ୍ଥିତ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ପରାମର୍ଶଦାତା ଗୋପବନ୍ଧୁ ଦାସଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିବା ସହ ସମାଜର ମୌଳିକ ସମସ୍ୟା ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏଥିସହ ଓଡ଼ିଶା ପଛୁଆ ବର୍ଗ କମିଶନ ଅଧ୍ୟକ୍ଷ ତଥା ଜଷ୍ଟିସ ରଘୁନାଥ ବିଶ୍ୱାଳଙ୍କୁ ମଧ୍ୟ ଏହାର ଏକ ଅବିକଳ ଦାବିପତ୍ର ପ୍ରଦାନ କରି ଫେରିଥିଲେ। ତେବେ ମିଶନ ଅଧ୍ୟକ୍ଷ ସମାଜର ଏହି ଦାବିକୁ ବିଚାରକୁ ନେଇ ପଛୁଆ ବର୍ଗ ଓଡ଼ିଶା ସରକାରଙ୍କ ହରିଜନ ଏବଂ ଆଦିବାସୀ ଉନ୍ନୟନ ବିଭାଗ ନିର୍ଦ୍ଦେଶକଙ୍କୁ ଚିଠି ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଏଥିରେ ସାମିଲ କରିବା ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ସଂଘମ ସଭାପତିଙ୍କୁ ଏକ ନୋଟିସ ଦିଆଯାଇଥିଲା। ତେଣୁ ଉକ୍ତ ବିଷୟରେ ଆଲୋଚନା କରିବା ସକାଶେ ଆଜି ଜୋନ ସଭାପତି ସିଏଚ୍. ଡିଲେଶ୍ୱର ରେଡ୍ଡୀ, ଜୋନ ଉପସଭାପତି ତଥା ଗଞ୍ଜାମ ଜିଲ୍ଲା ଚାରି ତାଲୁକା ସଭାପତି ଏମ୍. ନୀରଞ୍ଜନ ରେଡ୍ଡୀ, କର୍ପୋରେଟର ତଥା ଜୋନ୍ ମେମ୍ବର ଏନ୍. ଆପ୍ପାରାଓ ରେଡ୍ଡୀ, ଛତ୍ରପୁର ତାଲୁକା ସଂପାଦକ ସିଏଚ୍. ପୂର୍ଣ୍ଣକୁମାର ରେଡ୍ଡୀ, ଆସିକା ଜୋନ୍ ସଂପାଦକ କେ. ଗୁରୁମୂର୍ତ୍ତୀ ରେଡ୍ଡୀ ପ୍ରମୁଖ ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗୋପବନ୍ଧୁ ଦାସଙ୍କୁ ସାକ୍ଷାତ କରି ଫେରିଥିବା ଜଣାପଡିଛି।

## ଅଭିଯୋଗ ଶୁଣାଣି ଶିବିରରେ ମୃତ ଦୀପାଙ୍କ ପରିବାରବର୍ଗ

ଖଡ଼ିଆଳ, (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅଫିସ ସଭାଗୃହରେ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଗତ ଜୁଲାଇ ୧୧ ତାରିଖରେ ଖଡ଼ିଆଳ ଡାକ୍ତରଖାନାରେ ବରଗାଁର ଦୀପା କୈବର୍ତ୍ତଙ୍କୁ ଡାକ୍ତର ଦୀନବନ୍ଧୁ ମହାନନ୍ଦ ଭୁଲ ଅସ୍ତ୍ରୋପଚାର କରି ଥିବାରୁ ତାର ବୁର୍ଲା ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ୧୭ ତାରିଖ ଦିନ ମୃତ୍ୟୁ ଘଟିଥିଲା। ହେଲେ ଏଯାଏଁ ଡାକ୍ତରଙ୍କ ପ୍ରତି କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି। ତିନୋଟି ଛୁଆକୁ ଛାଡି କୁଆଡେ କାମ କରିବା ପାଇଁ ଯାଇ ପାରୁ ନ ଥିବାରୁ ପ୍ରତିପୋଷଣରେ ଅସୁବିଧା ହେଉଅଛି। ଏଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଆର୍ଥିକ ସହଯୋଗ କରିବାକୁ ଦୀପାର ସ୍ୱାମୀ ସୁଶୀଲ କୈବର୍ତ୍ତ ଜିଲ୍ଲାପାଳଙ୍କୁ ଜଣାଇଛି। ଏଠାରେ ପ୍ରକାଶ ଯୋଗ୍ୟ, ଦୀପାର ମୃତ୍ୟୁ ପରେ ଖଡ଼ିଆଳ ଥାନା ସମ୍ମୁଖ ରାଜରାସ୍ତା ଅବରୋଧ କରି ଦାବି କରିଥଲା। ଖଡ଼ିଆଳ ତହସିଲଦାର, ଖଡ଼ିଆଳ ଥାନାଧିକାରୀ, ବିଡ଼ିଓ, ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଦୀପାର ସ୍ୱାମୀ ସୁଶୀଲ କୈବର୍ତ୍ତଙ୍କୁ ରେଡ଼କ୍ରସରୁ ୨୦ ହଜାର ଟଙ୍କା, ବିଡ଼ିଓଙ୍କ ପକ୍ଷରୁ ଆବାସ ଗୃହ, ତହସିଲଦାର ପକ୍ଷରୁ ଘରଡ଼ିହ ଓ ଜିଲ୍ଲା ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଯାଏଁ ତାହା ପୂରଣ ହୋଇନାହିଁ। ଡାକ୍ତର ଦୀନବନ୍ଧୁ ମହାନନ୍ଦଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଜିଲ୍ଲାପାଳ ହେମନ୍ତ ସାଏଙ୍କ ଠାରେ ଅଭିଯୋଗ କରିଛି। ଜିଲ୍ଲାପାଳ ଅଭିଯୋଗ ପ୍ରତି ଦୃଷ୍ଟି ଦେଇ ଉଚିତ ନ୍ୟାୟ ପ୍ରଦାନ ଓ ଛୁଆମାନଙ୍କ ପ୍ରତିପୋଷଣ ପାଇଁ ସହାୟତା ପ୍ରଦାନ କରନ୍ତୁ। ଏହି ଜିଲ୍ଲାପାଳ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ହେମନ୍ତ ସାଏ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଚୌଧୁରୀ ଶୋଭା ମଞ୍ଜରୀ ମିଶ୍ର, ଏସ୍‌ପି ପ୍ରତ୍ୟୁଷ ଦିବାକର, ବିଡ଼ିଓ ନାରାୟଣ ସାହୁ, ତହସିଲଦାର ସିନ୍ଧୁସୁତା ପାତ୍ର, ଖଡ଼ିଆଳ ଏନ୍‌ଏସି ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୪୦ଟି ବିଭିନ୍ନ ପ୍ରକାରର ଅଭିଯୋଗ ଆସିଥିଲା। ଏହି ଅଭିଯୋଗମାନଙ୍କୁ ଶୀଘ୍ର ସମାଧାନ କରିବାକୁ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ପଶ୍ଚିମ ଓଡିଶା ଗଣପର୍ବ ନୂଆଖାଇ ପାଇଁ ଲଗ୍ନ ଧାର୍ଯ୍ୟ

ଖଡ଼ିଆଳ, (ଭାସ୍କର ନ୍ୟୁଜ୍): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପର୍ବ ଖଡ଼ିଆଳ ପାଇଁ ପୂର୍ବ ବର୍ଷ ଭଳି ଏବର୍ଷ ମଧ୍ୟ ରାଜ ଦରବାରରେ ଲଗ୍ନ ଧାର୍ଯ୍ୟ ହୋଇଛି। ଲଗ୍ନ ହିସାବରେ ଆସନ୍ତା ସେପ୍ଟେମ୍ବର ୧ ତାରିଖ ଦିନ ୧୧ଟା ୧୫ରୁ ୧୧ଟା ୪୫ମିନିଟ ପର୍ଯ୍ୟନ୍ତ ନବାନ୍ନ ଭୋଗ ଖାଇବା ଶୁଭ ବେଳା ରହିଥିବା ରାଜପୁରୋହିତ ବନମାଳୀ ରଥ ଓ ରାଜ ଜ୍ୟୋତିଷ ସୁଦର୍ଶନ ଠାକୁର ସୂଚନା ଦେଇଛନ୍ତି। ମା ରକ୍ତାମ୍ବରୀ ଓ ସମଲେଶ୍ୱରୀଙ୍କଠାରେ ସେପ୍ଟେମ୍ବର ୩୦ ତାରିଖ ରାତ୍ର ୮ଟାରୁ ୯ଟା ମଧ୍ୟରେ ଭୋଗ ଲଗାଇବେ ବୋଲି କହିଛନ୍ତି। ଏହି ଲଗ୍ନ ବାହାର କଲାବେଳେ ଦୁଇ ଜ୍ୟୋତିଷଙ୍କ ସହ ଖଡ଼ିଆଳ ଯୁବରାଜ ଦେବଦେବ ସିଂ ଦେଓ, ଖଡ଼ିଆଳର ସମସ୍ତ ମନ୍ଦିର ଟ୍ରଷ୍ଟି ଓ ସେବାୟତମାନେ ଉପସ୍ଥିତ ଥିଲେ।

## ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ରାଜ୍ୟ ଏସ୍‌ସି ସେଲ୍ ସଂଯୋଜକ ଭାଗୀରଥି ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ ଅପର ବସଷ୍ଟାଣ୍ଡ ସ୍ଥିତ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିବା ସହ ତାଙ୍କର ସ୍ମୃତି ଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଟି. କ୍ରିଷ୍ଣା ରେଡି, ବରିଷ୍ଠ କଂଗ୍ରେସ ନେତା କାଳିଆ ରାଉଳ, ମହେଶ ଗୌଡ଼, ଇଜୁ ଅମିନ ଖାନ, ବଳିଆ ବେହେରାଙ୍କ ସମେତ ବହୁ ଦଳୀୟ ନେତା ଯୋଗଦେଇଥିଲେ।

## ଜିଆଇଇଟି ବିଶ୍ୱବିଦ୍ୟାଳୟ ହୋଷ୍ଟ କରିବ ସ୍ମାର୍ଟ ଇଣ୍ଡିଆ ହ୍ୟାକଥନ୍ -୨୦୨୨

ଗୁଣପୁର, (ଭାସ୍କର ନ୍ୟୁଜ୍): କେନ୍ଦ୍ର ମାନବସମ୍ବଳ (ଶିକ୍ଷା) ବିଭାଗ ପକ୍ଷରୁ ସାରା ଦେଶରେ ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ସ୍ମାର୍ଟଇଣ୍ଡିଆ ହ୍ୟାକଥନ୍-୨୦୨୨ ଆୟୋଜନ ନିମନ୍ତେ ୭୫ଟି ବିଭିନ୍ନ ଅନୁଷ୍ଠାନକୁ ନୋଡାଲ ସେଣ୍ଟର ଭାବେ ଗ୍ରହଣ କରିଥିବାବେଳେ ଓଡ଼ିଶାର ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ଏଥିମଧ୍ୟରୁ ଅନ୍ୟତମ। ଆସନ୍ତା ୨୫ ଓ ୨୬ ତାରିଖ ଦିନ ଏହି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ପରିସରରେ ମହାଆଡମ୍ବରରେ ପାଳନ କରିବାକୁ ବ୍ୟାପକ ପ୍ରସ୍ତୁତି ଚାଲୁ ରହିଛି। ପୂର୍ବ ଭାରତରେ ବୈଷୟିକ ଶିକ୍ଷାକ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଗୁଣପୁର ଜିଆଇଇଟିକୁ କେନ୍ଦ୍ର ଶିକ୍ଷାମନ୍ତ୍ରାଳୟ ଜାତୀୟ କାର୍ଯ୍ୟକ୍ରମ ନିମନ୍ତେ ଚୟନ ହୋଇଛି। ଏହି ଅନୁଷ୍ଠାନ ଉଚ୍ଚକୋଟିର ଭିତ୍ତିଭୂମି, ଶିକ୍ଷା, ପରିବେଶ, ଶୃଙ୍ଖଳା, ଗମନାଗମନର ସୁବିଧା ଦୃଷ୍ଟିକୁ ବିଚାରକୁ ନେଇ କେନ୍ଦ୍ର ଓ ରାଜ୍ୟସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମ ଏହି ଅନୁଷ୍ଠାନ ଆୟୋଜନ କରାଯାଉଛି। ଏହାକୁ ଜିଆଇଇଟି ସୁଚାରୁ ରୂପେ ପାଳନ କରି ରାଜ୍ୟରେ ଏକ ଉଦାହରଣ ପାଲଟିଛି। ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ସଭାପତି ଡଃ ସତ୍ୟପ୍ରକାଶ ପଣ୍ଡା, ଉପସଭାପତି ଡଃ ଚନ୍ଦ୍ରଧ୍ୱଜ ପଣ୍ଡା, ମହା ନିର୍ଦ୍ଦେଶକ ଡଃ ଜଗଦିଶ ପଣ୍ଡା, କୂଳପତି ଡଃ ଗୌତମ ଘୋଷ, ରେଜିଷ୍ଟ୍ରାର ଡଃ ଏନଭି ଜଗନ୍ନାଥ ରାଓ ଅତିଥି ଭାବେ ଯୋଗଦେଇ ଥିବାବେଳେ ମୁଖ୍ୟଅତିଥି ଭାବେ ରାୟଗଡା ପୁଲିସ ଆରକ୍ଷୀ ଅଧିକ୍ଷକ ବିବେକ ଶର୍ମା, ସମ୍ମାନୀତ ଅତିଥି ଭାବେ ନୂଆ ଦିଲ୍ଲୀସ୍ଥିତ ଅଟଳ ଇନୋଭେସନ ମିଶନର ନିର୍ଦ୍ଦେଶକ ଚିନ୍ତନ ବୈଷ୍ଣବ, ଭାରତ ସରକାରଙ୍କ ଦ୍ୱାରା ନିୟୋଜିକ ନୋଡାଲ ମୁଖ୍ୟ ଦେବାଙ୍ଗ ଦେବେ ଓ ନୋଡାଲ ଇନଚାର୍ଜ ଡଃ ଶୁଭ୍ରଜିତ ପ୍ରଧାନ ପ୍ରମୁଖ ଜିଆଇଇଟି ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ସ୍ମାର୍ଟଇଣ୍ଡିଆ ହ୍ୟାକଥାନ୍ ୨୦୧୭ରୁ ଆରମ୍ଭ ହୋଇଆସୁଛି। ଯାହା ଫଳରେ ସଫ୍ଟୱେର ଏବଂ ହାର୍ଡୱେର ବିଭାଗର ବରିଷ୍ଠ ବିଦ୍ୟାର୍ଥୀମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ, ପ୍ରଦର୍ଶନୀ କରିବାର ସୁଯୋଗ, ଦକ୍ଷତା ବୃଦ୍ଧି ସହ ନିଜେ ଜଣେ ସ୍ୱାବଲମ୍ବନ ହେବାର ସୁଯୋଗ ସୃଷ୍ଟି ହୋଇପାରୁଛି। ଚଳିତ ବର୍ଷଠାରୁ କନିଷ୍ଠବର୍ଗର ବିଦ୍ୟାର୍ଥୀମାନଙ୍କୁ ନିଜର ସଂସ୍କୃତିର ଅଭିନବକରଣ, ସମସ୍ୟାର ସମାଧାନ ଦିଗରେ ଉତ୍ସାହିତ କରିବାକୁ ନିମନ୍ତେ ଏହି କାର୍ଯ୍ୟକ୍ରମରେ ସାମିଲ କରିବାକୁ ଶିକ୍ଷାମନ୍ତ୍ରାଳୟ ପକ୍ଷରୁ ଜଣାପଡିଛି। ଗୁଣପୁରରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରମୁଖ ଅଗ୍ରଣୀ ବୈଷୟିକ ଅନୁଷ୍ଠାନରୁ ୨୧୩ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀକୁ ନେଇ ୩୩ ଟିମ, ୬ଟି ମନ୍ତ୍ରାଳୟ ଏବଂ ଶିଳ୍ପଗୁଡିକର ସମସ୍ୟା ବିବୃତ୍ତ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବେ। ୩୭ଜଣ ତାଲିମଦାତା ଉପସ୍ଥିତ ରହିବେ। ଭାରତ ସରକାର ଦ୍ୱାରା ନିୟୋଜିତ ୨୪ ଜଣ ବିଚାରକମଣ୍ଡଳି ଏହି କାର୍ଯ୍ୟକ୍ରମକୁ ନିରୀକ୍ଷଣ କରିବେ। ଏଥିରେ କୃତିତ୍ୱ ଲାଭ କରିଥିବା ପ୍ରଥମ ବିଜେତାକୁ ଏକଲକ୍ଷ, ଦ୍ୱିତୀୟ ୭୫ ହଜାର, ତୃତୀୟ ୫୦ ହଜାର ଟଙ୍କା ଦିଆଯିବ। ଦେଶରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମଗୁଡିକୁ ନୂଆ ଦିଲ୍ଲିସ୍ଥିତ ଏଆଇସିଟିଇ ନିୟନ୍ତ୍ରଣରେ ଅନୁଷ୍ଠିତ ହେବ। ଦେଶରେ ୭୫ ଅନୁଷ୍ଠାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଏଆଇସିଟିଇର ଅଧ୍ୟକ୍ଷ ପ୍ରଫେସର ଅନିଲ୍ ଡି ସହସ୍ର ବଧେ, ଉପାଧ୍ୟକ୍ଷ ଏମ୍‌ପି ପୁନିଆ, ଅଧ୍ୟକ୍ଷ ଡଃ ଆନନ୍ଦ ଦେଶପାଣ୍ଡେ, କେନ୍ଦ୍ର ଶିକ୍ଷାମନ୍ତ୍ରାଳୟର ସଚିବ ଉପସ୍ଥିତ ରହିବା ବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାକୁ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

କୋରାପୁଟ, (ଭାସ୍କର ନ୍ୟୁଜ୍): ନନ୍ଦପୁର ବ୍ଲକରେ କୋରାପୁଟ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ମହମ୍ମଦ ଅବଦଲ ଅଖତର, ଏସ୍‌ପି ବରୁଣ ଗୁଣ୍ଟୁପାଲି, କୋରାପୁଟ ପିଡି ରାଜେନ୍ଦ୍ର ମାଝୀ, ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ କୁମାର ମହାପାତ୍ରଙ୍କ ସମତେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଏହି ଅବସରରେ ୧୪ଟି ବ୍ୟକ୍ତିଗତ ଏବଂ ୫୩ଟି ଗୋଷ୍ଠୀଗତ ଅଭିଯୋଗର ଶୁଣାଣି କରାଯାଇଥିଲା। ନନ୍ଦପୁର ବ୍ଲକର ବିଭିନ୍ନ ଅଞ୍ଚଳର ରାସ୍ତାଘାଟ ସମସ୍ୟା, ପାନୀୟ ଜଳ ସଂପର୍କରେ ଲୋକେ ପ୍ରଶାସନକୁ ଜଣାଇଥିଲେ । ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବହୁ ବର୍ଷ ଧରି ନିର୍ମାଣଧୀନ ଅବସ୍ଥାରେ ରହିଥିବାରୁ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରି ବିଭାଗୀୟ ଅଧିକାରୀଙ୍କୁ ଦୁଇ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ତାଗିଦ କରିଥିଲେ। ଗଣେଶ ମନ୍ଦିର ଦେଇ ସରୁଆପୁଟ, ଗଡିପୁଟ ରାସ୍ତା, ପାନୀୟ ଜଳ ସମସ୍ୟା ସମ୍ପର୍କରେ ବରିଷ୍ଠ ବିଜେଡି ନେତା ଗୋପାଳ ବେବର୍ତ୍ତା, ବ୍ଲକ ସଭାପତି କାଶୀନାଥ ଗୋଲରୀ, ସାଂସଦଙ୍କ ପ୍ରତିନିଧି ଗୋପାଳ ମାଟାମ, ସାମାଜିକ କର୍ମୀ ଦିବାକର ଭତ୍ରା, ସୁନିଲ କୁମାର ସାହୁଙ୍କ ସହ ଅନ୍ୟମାନେ ଅଭିଯୋଗ ଦାଖଲ କରଥିଲେ । ଏହି ଅବସରରେ ବ୍ଲକର ୪ ପରିବାରକୁ କଲ୍ୟାଣ ଯୋଜନା ଅନ୍ତର୍ଗତ ୨୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ ଓ ୨୦ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଓ ୧୦ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା ।

## ନବ ନିର୍ବାଚିତ ଜନ ପ୍ରତିନିଧିମାନଙ୍କ କର୍ମୀ ସମ୍ମିଳନୀ




ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ମୋହନା ସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ନବ ନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ନେଇ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ସମବାୟ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୋହନା ନିର୍ବାଚନ ମଣ୍ଡଳୀର ସମସ୍ତ ଜିଲ୍ଲା ପରିଷଦ, ସରପଞ୍ଚ ଓ ସମିତିସଭ୍ୟ ଯୋଗ ଦେଇଥିଲେ। ସମସ୍ତ ନବ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ମନ୍ତ୍ରୀ ନିଜ ନିଜର ବକ୍ତବ୍ୟ ରଖିବାକୁ କହିଥିଲେ ଓ ଜଣ ଜଣଙ୍କ ପ୍ରତିକ୍ରିୟା ଶୁଣିଥିଲେ। ସମସ୍ତଙ୍କ ପ୍ରତିକ୍ରିୟା ଶୁଣିବା ପରେ ମନ୍ତ୍ରୀ ନିର୍ବାଚିତ ପ୍ରତିନିଧିଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ବିଜୁ ଜନତା ଦଳ ଆଗମୀ ଦିନରେ କିପରି ସୁଦୃଢ ହେବ ଓ ସରକାରଙ୍କ ସବୁ ଯୋଜନା ଘରେ ଘରେ ପହଞ୍ଚାଇ ଆଗାମୀ ସାଧାରଣ ନିର୍ବାଚନରେ ଜିଲ୍ଲାର ଦୁଇଟି ବିଧାନସଭା ଆସନକୁ ଅତି ସହଜରେ କିପରି ଅକ୍ତିଆର କରିପାରିବ ତାହା ଉପରେ ନଜର ରଖିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ମଧ୍ୟ ବକ୍ତବ୍ୟ ରଖିଥିଲେ। ଜିଲ୍ଲାକୁ କିପରି ଏକ ନମ୍ବର୍ କରିବା ସଂକଳ୍ପ ନେବାପାଇଁ କହିଥିଲେ ଓ ଶିଳ୍ପପତି ତିରୁପତି ରାଓ ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକରୁ ପ୍ରତିବର୍ଷ ୧୬ ଜଣ ପିଲାଙ୍କୁ ମାଗଣାରେ ଇଞ୍ଜିନିୟରିଂ ପାଠ ପଢ଼ାଇବା ସହିତ ଖାଇବା ଓ ରହିବା ପାଇଁ ସୁବିଧା କରିବାର ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ମୋହନା ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର ସମସ୍ତ ଦାୟିତ୍ୱ ନେଇଥିବା ବେଳେ ବିଜେଡ଼ି ଜିଲ୍ଲା ସଭାପତି ପ୍ରଦୀପ ନାୟକ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ମିଶ୍ରଣ ପର୍ବରେ ମୋହନାର ଗ୍ରାମ ମୁଖିଆ ପ୍ରତାପ ଚନ୍ଦ୍ର ପାତ୍ର, ମୋହନା ସରପଞ୍ଚ ସୁନୀତା ମଳିକ, ଜୀରାଙ୍ଗ ସରପଞ୍ଚ ପଦ୍ମିନୀ ଶବର ଓ କଂଗ୍ରେସର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାଜୀବ ମଳିକଙ୍କ ସହ ନୂଆଗଡ ବ୍ଲକ ସୁନ୍ଦରଡ଼ାଙ୍ଗ ପଞ୍ଚାୟତର ଖ୍ରିଲିୟନ୍ ରଇତ, ଫର୍ନାଣ୍ଡ, ନୋସନ ରଇତ, ମସାକ ମାଝୀ, ସବିତ୍ ପରିଚ୍ଛାଙ୍କ ସହ ବହୁ କର୍ମୀ କଂଗ୍ରେସ ଓ ବିଜେପିରୁ ଆସି ମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଥିଲେ।

## ମସ୍ତିପୁଟରେ ଥମୁନି ଝାଡାବାନ୍ତି

## ଆକ୍ରାନ୍ତଙ୍କ ସଂଖ୍ୟା ୧୯କୁ ବୃଦ୍ଧି, ୫ ଗୁରୁତର

କୋରାପୁଟ, (ଭାସ୍କର ନ୍ୟୁଜ୍): କୋରାପୁଟ ସଦର ବ୍ଲକର ମସ୍ତିପୁଟ ଗ୍ରାମରେ ଝାଡାବାନ୍ତି ଥମିବାର ନାଁ ନେଉନି। ଗ୍ରାମର ୧୯ ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ ୫ଜଣ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ କୋରାପୁଟ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜ ଓ ଡାକ୍ତରଖାନା ଭର୍ତ୍ତି କରାଯାଇଛି। ଏମାନଙ୍କ ମଧ୍ୟରୁ ଜଣେ ଶିଶୁ ସହିତ ଦୁଇ ଜଣଙ୍କ ସ୍ୱାସ୍ଥ୍ୟବସ୍ଥା ଅତି ସଙ୍କଟାପନ୍ନ ରହିଥିବା ବେଳେ ଦୁଇ ଜଣ ସୁସ୍ଥ୍ୟ ହୋଇ ଫେରିଛନ୍ତି। ମସ୍ତିପୁଟ ଖ୍ରୀଷ୍ଟିଆନ ସାହିର ସରୋଜିନି ଖୋସଲା, ଯଯାତି କନ୍ଧପାନ ଓ ଆଶିକା କୁଳଦୀପ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବାବେଳେ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ଥିବାରୁ ସମସ୍ତଙ୍କ ଚିକିତ୍ସା ଜାରି ରହିଛି। ପୂର୍ବରୁ ଏହି ଗ୍ରାମର ଆଦିବାସୀ ସାହି, ରଣା ସାହି ଓ ଖ୍ରିଷ୍ଟିଆନ ସାହିର ୧୬ ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ବର୍ତ୍ତମାନ ସମସ୍ତେ ସୁସ୍ଥ ହୋଇ ଫେରିଥିବା ଜଣାପଡିଛି। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣଧୀନ ରହିଛି। ସ୍ଥିତି ଉପରେ ସ୍ୱାସ୍ଥ୍ୟ ବିଭାଗ ନଜର ରଖିଥିବା ସିଡିଏମ୍‌ଓ ଡ. ଅରୁଣ କୁମାର ପାଢି ସୂଚନା ଦେଇଛନ୍ତି।



## ବନ ବିଭାଗ ପକ୍ଷରୁ କଇଁଛ ଜବଦ




କାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଲିମେଳା ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର ଦଳେଇଙ୍କ ନିର୍ଦ୍ଦେଶ କ୍ରମେ ଆଜି କାଲିମେଳାର ଏକ ଟିମ୍ ଦୀର୍ଘ ଛଅ ଘଣ୍ଟା ପରିଶ୍ରମ କରି କଇଁଛ ଜବଦ କରିବାରେ ସଫଳ ହୋଇଛନ୍ତି। ଘଟଣାରୁ ଜଣା ଯାଇଛି କାଲିମେଳା ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର ଦଳେଇଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ସେବାନନ୍ଦ ଲେଙ୍କା, ଫରେଷ୍ଟ ଗାଡ଼ ସୁଶାନ୍ତ କୁମାର ସ୍ୱାଇଁ, ପରା ଷ୍ଟାପ ଜୟନ୍ତ କୁମାର ନାୟକ, ଓ ସୁରଜ ଦାସ ଏକ ଚାରି ଜଣିଆ ଟିମ୍ ଗତ ରାତି ତିନିଟା ସମୟରୁ ଦୀର୍ଘ ଛଅ ଘଣ୍ଟା ପରିଶ୍ରମ କରି ବସ୍ତା ମଧ୍ୟରେ ଭରା କୋଡିଏ ବସ୍ତା କଇଁଛ ଧରିବାରେ ସଫଳ ହୋଇଥିବା ଦେଖିବାକୁ ମିଳିଛି। ଏଥି ମଧ୍ୟରେ ଏକ ଶହରୁ ଉର୍ଦ୍ଧ୍ୱ କଇଁଛ ଥିବା ଅନୁମାନ କରାଯାଇଛି। ଚଢ଼ାଉ କଲା ବେଳେ ଅଭିଯୁକ୍ତମାନେ ସେଠାରୁ ଖସି ପଳାଇବାରେ ସଫଳ ହୋଇଥିବା ବେଳେ ବିଭାଗ ପକ୍ଷରୁ କଇଁଛ ବସ୍ତା ଗୁଡିକ ଜବଦ କରିଛି। ଏ ସବୁକୁ ଏକ ଗାଡି କରି କାଲିମେଳା ବନାଞ୍ଚଳ ଅଧିକାରୀ କାର୍ଯ୍ୟାଳୟକୁ ଅଣାଯାଇଛି। ବସ୍ତା ଗୁଡିକ ଖୋଲା ଯିବାରୁ ଏଥି ମଧ୍ୟରେ ଅନେକ ମରି ଯାଇଥିବା ଦେଖିବାକୁ ମିଳିଛି। ସମସ୍ତ ବସ୍ତା ଖୋଲା ଗଲା ପରେ କେତେ ବଞ୍ଚିଛି କେତେ ମାରିଛନ୍ତି ତାହା ଆକଳନ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ଶ୍ରୀ ଦଳେଇ କହିଛନ୍ତି।

## କପସାଭଟା ଜଙ୍ଗଲ ଜମିରେ ମକା ଫସଲ ନଷ୍ଟ ଘଟଣା

## ୧୦ ଦଫା ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଚାଷୀ

ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ବୁର୍ଜା ପଞ୍ଚାୟତର କପସାଭଟା ଗାଁରେ ଜଙ୍ଗଲ ଜମିରେ ମକା ଚାଷ କରିବାକୁ ନେଇ ତୁମୁଳକାଣ୍ଡ ହୋଇଥିଲା । ଏହି ଘଟଣାରେ ୧୦ ଦଫା ଦାବି ପୂରଣ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ କ୍ଷତିଗ୍ରସ୍ତ ପରିବାର । ପିଲା ଛୁଆଙ୍କୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଧାରଣାରେ ବସି ରହିଥିଲେ ମହିଳା ଓ ପୁରୁଷ। କ୍ଷତିଗ୍ରସ୍ତ କପସାଭଟା, ସାରିଆଭଟା, ସେମଲଧରା ଓ ଲାକଟିପକନା ପରିବାର ସହ ରାଷ୍ଟ୍ରୀୟ କୃଷକ ମଜଦୁର ଜିଲ୍ଲା ସଙ୍ଗଠନ, ଆଦିବାସୀ ଅଧିକାର ମଞ୍ଚ ଜିଲ୍ଲା ସଙ୍ଗଠନ, ପକ୍ଷରୁ ଏକ ଶୋଭାଯାତ୍ରା ଚାଉଁରିଆଗୁଡାରୁ ବାହାରି ନବରଙ୍ଗପୁର ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଧାରଣାରେ ବସିଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ସମନ୍ୱିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ପ୍ରକଳ୍ପ ପ୍ରଶାସକ, ଆସିଏଫ୍ ଧନୁର୍ଯ୍ୟୟ ମହାପାତ୍ର ଓ ଅତିରିକ୍ତ ଏସ୍‌ପି ଜୟକୃଷ୍ଣ ବେହେରା ଧାରଣା ସ୍ଥଳକୁ ଆସିଥିଲେ। ଆନ୍ଦୋଳନକାରୀମାନେ ଏଥିସହ ଅତିରିକ୍ତ ଜିଲ୍ଲାପାଳଙ୍କୁ ୧୦ ଦଫା ଦାବି ପୂରଣ ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ପୂରଣ ନହେବା ଯାଏ ଧାରଣାରୁ ଉଠିବୁ ନାହିଁ ବୋଲି ଚେତାବନୀ ଦେଇଥିଲେ ଆନ୍ଦୋଳନକାରୀ। ତେବେ କ୍ଷତିଗ୍ରସ୍ତ ହୋଇଥିବା ୪ଟି ଗାଁରେ ଫରେଷ୍ଟ ରାଇଟ ଆକ୍ଟ ୨୦୦୫ ଧାରା ୩ ଅନୁଯାୟୀ କମିଟି ଗଠନ କରି ସମସ୍ୟାର ସମାଧାନ କରିବାକୁ ଆଇଟିଡିଏ ପିଏ ଅଭିମନ୍ୟୁ ମାଝୀ ଉମରକୋଟ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୦ଦିନ ମଧ୍ୟର ଏହା ପାଳନ କରାଯିବ ବୋଲି ସେ ପ୍ରତିଶୃତି ଦେବା ପରେ ଆନ୍ଦୋଳନରୁ ଓହରିଥିଲେ ଗ୍ରାମବାସୀ। ଆନ୍ଦୋଳନକାରୀ ଦେଇଥିବା ଦାବି ଗୁଡିକ ହେଲା ୪ଟି ଗ୍ରାମବାସୀଙ୍କ ଏତଲାକୁ ଭିତ୍ତିକରି ୯ଜଣଙ୍କୁ ଗିରଫ କରିବା, ନଷ୍ଟ ହୋଇଥିବା ମକା ଫସଲର କ୍ଷତିପୂରଣ ପ୍ରଦାନ କରିବା, କପସାଭଟା, ସାରିଆଭଟା, ଲକଟିପକନା ଓ ସେମଲଧରାରେ ତୁରନ୍ତ ଏଫଆରସି ଗଠନ କରିବା, ଫସଲ ନଷ୍ଟ ହୋଇଥିବା ଆଦିବାସୀଙ୍କ ଋଣ ଛାଡ କରିବା, ସମସ୍ତ ପଡା ଓ ଜଙ୍ଗଲ ଗ୍ରାମରେ ଗ୍ରାମ୍ୟ ଜଙ୍ଗଲ ଅଧିକାର କମିଟି ଗଠନ କରିବା ଆଦି ୧୦ଦଫା ଦାବି ରହିଛି । ପ୍ରକାଶ ଥାଉକି, ଗତ ୧୩ ତାରିଖ ଦିନ କପସାଭଟା ଗ୍ରାମରେ ଜଙ୍ଗଲ ଜମି ଅଧିକାରକୁ ନେଇ ଗୋଟିଏ ଘର ପୋଡିବା ସହ ପ୍ରାୟ ଶହେ ଏକର ମକା ଚାଷ ନଷ୍ଟ ହୋଇଥିଲା । ତେଣୁ ୩ କ୍ଷତିଗ୍ରସ୍ତ ପରିବାରମାନେ ୬ ଦଫା ଦାବି ପୂରଣ ନେଇ ଗତ ୧୪ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେହିପରି ଗତ ୨୦ ତାରିଖ ଦିନ ୫ ଦଫା ଦାବି ନେଇ ପୁଣି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅବିଭକ୍ତ କୋରାପୁଟ ଜିଲ୍ଲା ଆଦିବାସୀ ମହାସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରିବା ସହ ୨୨ତାରିଖରେ ଆନ୍ଦୋଳନ ଡାକରା ଦିଆଯାଇଥିଲା। ଉଭୟ ଗୋଷ୍ଠୀଙ୍କୁ ନେଇ ଶାନ୍ତି କମିଟି ଗଠନ କରି ଆପୋଷ ସମାଧାନ କରିବା ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ଉଭୟ ଗୋଷ୍ଠୀ ପରସ୍ପରକୁ ଦୋଷାରୋପ କରିବାରୁ ସମାଧାନ ହୋଇପାରି ନ ଥିଲା। ଆଜିର ଆନ୍ଦୋଳନରେ ୪ ଖଣ୍ଡ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ସମେତ ଆଦିବାସୀ ଜନଜାତି ଅଧିକାର ମଞ୍ଚ ଅଧ୍ୟକ୍ଷା ହାରାବତୀ ଗଣ୍ଡ, ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ ସଭାପତି ଦିବାକର ପୂଜାରୀ, ଆଦିବାସୀ ଅଧିକାର ମଞ୍ଚ ଜିଲ୍ଲା ସଭାପତି ରାଜେଶ ଜାନୀ, ଓଡିଶା ଆଦିବାସୀ ଅଧିକାର ମଞ୍ଚ ସହ ସମ୍ପାଦକ ସାଲିମଧର ଜାନୀ, ଉପସଭାପତି ନୂଆଖାଉ ଭତରା, ପଦ୍ମନ ସାନ୍ତା, ରବି ସାନ୍ତା, ଓଡିଶା କୃଷକ ସଭାପତି ସାବି ସାନ୍ତା, ଆଦୁ ସାନ୍ତା, ଓଡିଶା କୃଷକ ସଭା ସମ୍ପାଦକ ପୁରୁଷୋତମ ସାନ୍ତା, ଅର୍ଜୁନ ସାନ୍ତା, ଝରିଗା ବ୍ଲକ ଚିତାବେଡା ସରପଞ୍ଚ ପଦ୍ମନ ସାନ୍ତାଙ୍କ ସମେତ ଶତାଧିକ ବିଭିନ୍ନ ସଙ୍ଗଠନର କର୍ମୀ ଓ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ ।

## ଜାତୀୟ ଓପନ୍ କରାଟେ ପ୍ରତିଯୋଗିତାରେ ବଡ଼ ସଫଳତା




ମାଲକାନଗିରି, (ଭାସ୍କର ନ୍ୟୁଜ୍): ଆନ୍ଧ୍ରପ୍ରଦେଶର ବିଶଖାପାଟନମର ରାଜୀବ ଗାନ୍ଧୀ ଇନଡୋର ଷ୍ଟାଡିୟମଠାରେ ଶେଷ ହୋଇଥିବା ଜାତୀୟ କରାଟେ ଚାମ୍ପିଅନସିପ୍-୨୦୨୨ରେ ଚମକିଲେ ଓଡିଶା ଛତିଶଗଡ ଟିମ୍। ଓଡିଶା କେନିୟୁ ରିୟୁର ମୁଖ୍ୟ ପ୍ରଶିକ୍ଷକ ସିହାନ ଭିକି ସାର ଓ ଛତିଶଗଡ କେନିୟୁ ରିୟୁର ମୁଖ୍ୟ ପ୍ରଶିକ୍ଷକ ବସନ୍ତ କୁମାର ଜେନା ଉଭୟ ୧୩ ଜଣ କରାଟେ ଛାତ୍ରଛାତ୍ରୀଙ୍କୁ ନେଇ ଏହି ଜାତୀୟ କରାଟେ ଚାମ୍ପିୟନସିପରେ ଭାଗ ନେଇଥିଲେ। ସେଥିମଧ୍ୟରୁ ଓଡିଶା ଟିମ୍ ଦୁଇଟି ରୌପ୍ୟ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ଛତିଶଗଡ ଟିମ ତିନୋଟି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ମୋଟ ଛଅଟି ପଦକ ଜିତିଛନ୍ତି। ଏହି ପ୍ରତିଯୋଗିତାରେ ପ୍ରାୟ ୧୩ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ସେଥିମଧ୍ୟରୁ ମାଲକାନଗିରି ଜିଲ୍ଲାର ଦୀପିକା ମାଡକାମୀ, ଗାଙ୍ଗି ଦୁରୁକା ରୌପ୍ୟ ପଦକ ଓ ମଞ୍ଜୁ ସାସା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିଭଳି ସୁକମା ଜିଲ୍ଲାର ଆଲୋକ ମଣ୍ଡଳ, ସୁନିତା ଶରୀୟମ, ପବନ କୁମାର ତିନିଜଣ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ୧୮ଟି ରାଜ୍ୟର ପ୍ରାୟ ତିନି ହଜାରରୁ ଉର୍ଦ୍ଧ୍ୱ ପ୍ରତିଯୋଗିମାନେ ଭାଗ ନେଇଥିଲେ।



ଖଇରପୁଟ,(ଭାସ୍କର ନ୍ୟୁଜ୍):ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଗୋବିନ୍ଦପାଲି ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପାଲି ଗ୍ରାମର ଗୋବିନ୍ଦ ଶ୍ରୀକ୍ଷେତ୍ର ରୂପେ ପରିଚିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଖଇରପୁଟ ବିଡିଓ ହୃଦାରଞ୍ଜନ ସାହୁ, ତହସିଲଦାର ବିଜୟ କୁମାର ମାଣ୍ଡାଙ୍ଗୀ, ପୋଲିସ ଆଉଟ ପୋଷ୍ଟ ଇନଚାର୍ଜ ନୀଳମାଧବ ମହାନ୍ତି, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରିନ୍ସିପାଲ ଅଶୋକ ସ୍ୱର୍ଣ୍ଣକାର, ଗୋବିନ୍ଦପାଲି ସରପଞ୍ଚ ସୁମନ ମୁଦୁଲି, ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଷାନୀ ଓ ଗ୍ରାମର ବୟୋଜ୍ୟୋଷ୍ଠ ବ୍ୟକ୍ତିଙ୍କ ସହିତ ଅନେକ ଗ୍ରାମବାସୀ ଯୋଗଦାନ କରିଥିଲେ । ଏଥିରେ ଜଗନ୍ନାଥ ମନ୍ଦିରର ସମସ୍ୟାର ସମାଧାନ ଓ ଅନେକ ଗୁଡ଼ିଏ ନୂତନ କାର୍ଯ୍ୟକ୍ରମର ପ୍ରସ୍ତାବ ଦିଆଗଲା । ବିଧାୟକ ଓ ପ୍ରଶାସନିକ ଅଧିକାରୀମାନେ ସମସ୍ତ ସମସ୍ୟାର ସମାଧାନ ଓ ମନ୍ଦିରର ଉନ୍ନତିକରଣ ଆଗକୁ କିପରି କରାଯିବ ସେ ନେଇ ନିଜସ୍ୱ ମତ ରଖିଥିଲେ । ଶେଷରେ ସମସ୍ତେ ଅନ୍ନପ୍ରସାଦ ଗ୍ରହଣ କରିଥିଲେ ।

# ଆବାସ ଯୋଜନାରୁ ବଞ୍ଚିତ ନିରମଣି



ଝରିଗାଁ,(ଭାସ୍କର ନ୍ୟୁଜ୍): ଝରିଗାଁ ସଦର ମହକୁମା ତାଲିଅମ୍ବା ସାହିରେ କାହିଁ କେଉଁ କାଳରୁ ବସବାସ କରି ରହି ଆସୁଛନ୍ତି ସ୍ତ୍ରୀ ନିରମଣି ହାଲବା ଏବଂ ସ୍ୱାମୀ ଅଇତୁ ହାଲବାଙ୍କ ସମେତ ତିନି ଛୁଆ ଏକ ଭଙ୍ଗା ମାଟିଘରେ ରହିଆସୁଛନ୍ତି । କହିବାକୁ ଗଲେ ଏମାନେ କେଉଁ ଶ୍ରେଣୀର ଧନୀ, କାହିଁକି ଏଭଳି ଜଣେ ଅସହାୟ ମହିଳାଙ୍କ ପରିବାରକୁ ଆବାସ ଖଣ୍ଡିଏ ବି ସରକାର ଆଜିଯାଏଁ ଯୋଗେଇ ଦେଇପାରିନାହିଁ । ଏକ ଭଙ୍ଗା ଦୁଦୁଡ଼ା ଘର ଭିତରେ ବର୍ଷ ବର୍ଷ ଧରି ଆଖିରୁ ଲୁହ ଗଡେଇ ନିଜର କୁନିକୁନି ଛୁଆ ଆଉ ସ୍ୱାମୀକୁ ନେଇ ଏହି ଗୁମ୍ଫାଭଳିଆ ଘରଭିତରେ ଜୀବନ ବିତେଇ ଆସୁଛି, ବର୍ଷା ହେଲେ କାଦ ପଚପଚ ଘରଭିତରେ ପାଞ୍ଚପ୍ରାଣୀ କେମିତି ଜୀବନ ବିତଉଥିବେ ଏହା ନ ଦେଖିବା ଲୋକ କେବେ ବି ବିଶ୍ୱାସ କରିପାରିବେ ନାହିଁ । ସମସ୍ତଙ୍କୁ ପ୍ରଧାନମନ୍ତ୍ରୀ ଆବାସଟିଏ ଯୋଗେଇ ଦିଆଯିବାର ଯେଉଁ ପ୍ରଚାର ପ୍ରସାର ଚାଲିଥିଲା ତାହାକୁ ନେଇ ଘରଟିଏ ମିଳିବାର ଅନେକ ଆଶାବାନ୍ଧି ବସିଥିଲା ନିରମଣୀ ହାଲବା ହେଲେ କଣ ହେବ ଦୁଇ ହଜାର ବାଇଶି ଆସି ପହଞ୍ଚିଲା ହେଲେ କେହି ଏହି ବିଚାରାର ନାଁ ଟିକେ ନେଲେନାହିଁ । ତେବେ ଚଳିତ ଏହି ଲଗାଣ ବର୍ଷାରେ ଘରଟିଭାଙ୍ଗି ଭୁଶୁଡି କାନ୍ଥ ଗୁଡ଼ିକରୁ ମାଟିଖସି ପଡୁଛି, କହିବାକୁ ଗଲେ ଘରଟିକୁ ଯିଏ କେହ ବି ହେଉନା କାହିଁକି ଦେଖିଲେ ଏଠି ମଣିଷ ରହୁଥିବା ଘରଟିଏ ନୁହେଁ ବରଂ ଏହାକୁ ଗାଈଗୁହାଳ ଟିଏ ବୋଲି ଭାବିବ, ଏହି ଘରଟିରେ ପାଞ୍ଚପ୍ରାଣୀ ବହୁ ଦୁଃଖକଷ୍ଟରେ ଦିନ କଟୁଛନ୍ତି । ଘରେ ଛୋଟ ଛୋଟ ଛୁଆ ରହୁଥିବାବେଳେ କେତେବେଳେ ବିଷଧର ସାପଲିଖର ଭୟ ରହିଥିବା ବେଳେ ଘର କାନ୍ଥରୁ ମାଟିଖସି ଘର କେତେବେଳେ ମାଡ଼ିବସିବାର ଭୟରହିଛି । ତେବେ ପ୍ରଶ୍ନ ଉଠୁଛି ଏମାନେ ଏଠାର ସ୍ଥାୟୀ ବାସିନ୍ଦା ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ଏମାନଙ୍କୁ ଘରକାହିଁକି ମିଳିନାହିଁ, କିମ୍ବା ଏମାନଙ୍କୁ ମିଳିଛି ଦିଆଯାଇନାହିଁ, ଏହା ତଦନ୍ତ ସାପେକ୍ଷ । ତେବେ ସରକାରଙ୍କୁ ଅନୁରୋଧ ଯେ ଏଭଳି ପରିବାରକୁ ନିଶ୍ଚିତ ଭାବେ ଘରଟିଏର ଆବଶ୍ୟକ ରହିଛି । ତେଣୁ ଏହାର ତଦନ୍ତକରି ଆବଶ୍ୟକ ପଡ଼ିଲେ ଏମାନଙ୍କୁ ସ୍ୱତନ୍ତ୍ର ଆବାସ ମଧ୍ୟ ଯୋଗେଇ ଦିଆଯାଉ ବୋଲି ସାଧାରଣରେ ଦାବି ହେଉଛି ।

# ମାଓବାଦୀଙ୍କ ଭୟରେ ଗାଁ ଛାଡିଲେ ୨ ପରିବାର



ନୂଆପଡ଼ା,(ଭାସ୍କର ନ୍ୟୁଜ୍): ଗତକାଲି ନୂଆପଡ଼ା ଜିଲ୍ଲା କୋମନା ଢେକୁନପାନିରେ ଏହି ଘଟଣା ନଜରକୁ ଆସିଛି । ୨ ଦିନ ତଳେ ମାଓବାଦୀ ଏଠାରେ ଜଣଙ୍କୁ ହତ୍ୟା କରିଥିଲେ । ଫଳରେ ଭୟଭୀତ ହୋଇ ମୃତକଙ୍କ ପରିବାର ଗାଁ ଛାଡ଼ିଛନ୍ତି । ଭିଟାମାଟିଠୁ ୬୦କିମି ଦୂର ଗେରୁଜର ଗାଁକୁ ପିଲାଛୁଆ ଧରି ଏହି ପରିବାର ପଳାଇଛନ୍ତି ।ସୂଚନା ମୁତାବକ, ପୋଲିସ ଇନ୍‌ଫରମର ସନ୍ଦେହରେ ମାଓବାଦୀମାନେ ଗତ ୧୮ ତାରିଖ ଗୁରୁବାର ରାତିରେ ନୂଆପଡା ଜିଲ୍ଲା ସୁନାବେଡା ଅଭୟାରଣ୍ୟର ଢେକୁନପାନି ଗାଁର ଅନନ୍ତରାମ ରାଉତଙ୍କୁ ଗୁଳିକରି ହତ୍ୟା କରିଥିଲେ । ଘଟଣା ପରେ ଗାଁରେ ଭୟର ବାତାବରଣ ଦେଖାଯାଇଥିଲା । ପରିବାରର ଅନ୍ୟ ସଦସ୍ୟଙ୍କୁ କେତେବେଳେ ବି ମାଓବାଦୀମାନେ ହତ୍ୟାକରି ଦେବେ ଏହା ଭାବି ମୃତ ଅନନ୍ତରାମଙ୍କ ପରିବାର ସହ ତାଙ୍କ ଭାଇଙ୍କ ପରିବାର ଗାଁ ଛାଡି ୬୦ କିଲୋମିଟର ଦୂର ଗେରୁଯୋର ଗାଁକୁ ଚାଲି ଆସିଛନ୍ତି । ୧୩ ଜିଲ୍ଲାରେ ବନ୍ୟା: ୬.୪୦ଲକ୍ଷ ଲୋକ ଏବେ ବି ଜଳବନ୍ଦୀ, ରାଜ୍ୟର ବିକାଶ ପାଇଁ ଏନ୍‌ଡିଏରେ ସାମିଲ ହୁଅନ୍ତୁ ନବୀନ ଅଠାଓ୍ୱଲ ସମସ୍ତେ ଗେରୁଯୋର ଗାଁରେ ନିଜ ସଂପର୍କୀର୍ୟଙ୍କ ଘରେ ରହୁଛନ୍ତି । ମୃତକଙ୍କ ପତ୍ନୀ ଧରମୀ ରାଉତ କହିଛନ୍ତି, ସେମାନେ ଦାଦନ ଖଟି ଯାହା ପାଆନ୍ତି ପରିବାର ଚଳାନ୍ତି । ମାଓବାଦୀମାନେ ଭୁଲ ଆରୋପ ଲଗାଇ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଛନ୍ତି । ତେଣୁ ୨ ଭାଇଙ୍କ ପରିବାରର ୧୫ ଜଣ ସଦସ୍ୟ ଢେକୁନପାନି ଗାଁ ଛାଡି ଗେରୁଯୋର ଗାଁରେ ଆଶ୍ରୟ ନେଇଛନ୍ତି । ଆଉ କେବେ ବି ଢେକୁନପାନି ଗାଁକୁ ଯିବେ ନାହିଁ । ସୂଚନାଥାଉକି, ମାଲକାନଗିରିରେ ଚିତ୍ରକୋଣ୍ଡାରେ ପ୍ରାୟ ୫୦୦ ମାଓ ସମର୍ଥକମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଥିବା ଆଜି ଓଡ଼ିଶା ପୋଲିସ ପକ୍ଷରୁ କୁହାଯାଇଥିବା ବେଳେ ଅନ୍ୟପଟେ ନୂଆପଡ଼ାରେ ମାଓବାଦୀଙ୍କ ନୃସଂଶକାଣ୍ଡ ଭୟରେ ଲୋକେ ଗାଁ ଛାଡ଼ିବା ଘଟଣା ଅଲୋଚନାର ବିଷୟ ହୋଇଛି ।

## କୋଶଲି ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦାବି

# ଆଗକୁ ତୀବ୍ର ଆନ୍ଦୋଳନର ଚେତାବନୀ



ଟିଟିଲାଗଡ଼,(ଭାସ୍କର ନ୍ୟୁଜ୍):ବର୍ଷ ବର୍ଷ ଧରି କୋସଲି ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରିବାଦାବି ହୋଇ ଆସୁଥିଲେ ମଧ୍ୟ ରାଜ୍ୟ ଏବଂ କେନ୍ଦ୍ର ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ଟିଟିଲାଗଡ଼ କୋଶଲି ଭାଷା ସୁରକ୍ଷା ସମିତି ତରଫରୁ ତୀବ୍ର ଭର୍ତ୍ସନା କରାଯାଇଛି । ଏମିତି କି ଗତ ୨୦୧୫ ମସିହାରୁ କୋସଲି ଭାଷାକୁ ମାନ୍ୟତା ଦେବା ଦାବି ନେଇ ସୁରକ୍ଷା ସମିତି ରାଜ୍ୟ ସରକାର, କେନ୍ଦ୍ର ସରକାର, ପାର୍ଲାମେଣ୍ଟସଦସ୍ୟ, ରାଜ୍ୟସଭା ସଦସ୍ୟ, କେନ୍ଦ୍ରମନ୍ତ୍ରୀ, ମୁଖ୍ୟ ମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରି ଦାବିପତ୍ରମାନ ଦେଇ ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ପଶ୍ଚିମ ଓଡ଼ିଶା ପ୍ରତି ସରକାରଙ୍କ ବୈମାତୃକି ମନୋଭାବ ହିଁ କୋଶଲ ରାଜ୍ୟ ଗଠନ ଦାବିରେ ନିଆଁ ଦେଉଥିବା ଅଭିଯୋଗ କରିଛନ୍ତି କୋଶଲି ଭାଷା ସୁରକ୍ଷା ସମିତି । ଭାରତରେବହୁଳ ବ୍ୟବହୃତ ବିଭିନ୍ନ ପ୍ରାନ୍ତୀୟ ଭାଷାମାନଙ୍କୁ ସମ୍ବିଧାନର ଅଷ୍ଟମ ସୂଚୀ ରେସାମିଲ କରିବାକୁ ଦାବି ହୋଇଆସୁଛି । ଏହି ସଂଗ୍ରାମକୁ ଜାତୀୟ ସ୍ତରରେ ଏକ ଅଗ୍ରଣୀଅନୁଷ୍ଠାନ କ୍ଲିଅର ପରିଚାଳିତ କରୁଥିବା ବେଳେ ଅନେକ ସମୟରେ ଦିଲ୍ଲୀ ଦରବାରରେ ସ୍ୱରଉଠାଇଛି ଅନୁଷ୍ଠାନ । ଯନ୍ତରମନ୍ତର ଠାରେ ହେଉଥିବା ମହାସଭା ତଥା ଆନ୍ଦୋଳନରେ ମଧ୍ୟକୋଶଲି ଭାଷାକୁ ସାମ୍ବିଧାନିକ ଅଧିକାର ଦେବା ଦାବି ନେଇ ଟିଟିଲାଗଡ଼ କୋଶଲି ଭାଷାସୁରକ୍ଷା ସମିତିର ସଦସ୍ୟ ଦିଲ୍ଲୀପ କୁମାର ପଶାୟତ, ଉପଦେଷ୍ଟା ସୁଶାନ୍ତ ବାଗ, ଡ଼ଃନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ କୋଶଲି ଭାଷାକୁ ପ୍ରଥମିକ ଶିକ୍ଷାରେ ସାମିଲକରିବା, ପଶ୍ଚିମ ଓଡିଶାରେ କୋଶଲି ଭାଷା ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା କୋଶଲିଭାଷା ସାହିତ୍ୟ ଏକାଡେମୀ ସ୍ଥାପନ କରିବା ଆଦି ଦାବି ଉପସ୍ଥାପନା କରିଥିଲେ । କୋଶଲିଭାଷା ସୁରକ୍ଷା ସମିତି ଅଭିଯୋଗ କରିଛି ଯେ ପଶ୍ଚିମ ଓଡ଼ତଶାର ୧୧ଗୋଟି ଜିଲ୍ଲାର ପ୍ରାୟ ଦୁଇ କୋଟି ଲୋକ ବ୍ୟବହାର କରୁଥିବା ବେଳେ ଅନେକ ସମୟରେ କୋଶଲି ଭାଷାକୁ ନେଇନାଟକ, କ୍ଷୁଦ୍ର ଚଳଚିତ୍ର, ସଙ୍ଗୀତ, ପୁସ୍ତକ, ସମଗ୍ର ଭାରତରେ ବେଶ ପୁରସ୍କୃତ ହୋଇଛି । ଅନେକ କୋଶଲି କବି, ଲେଖକ, ଅନେକ ପୁସ୍ତକ ରଚନା କରି ଏକ ଭାଷା ବିପ୍ଳବ ସୃଷ୍ଟିକରିବାରେ ସମର୍ଥ ହୋଇଛନ୍ତି । ଅନେକ ସମୟରେ କୋଶଲି କବି, ଲେଖକ, ବ୍ୟଙ୍ଗ କବିମାନଙ୍କ ପୁସ୍ତକ ସମଗ୍ର ଦେଶରେ ବେଶ ପ୍ରଶଂସିତ ହୋଇପାରିଛି । ଅନେକ ସମୟରେ ଧାରଣା, ବିକ୍ଷୋଭ ପ୍ରଦର୍ଶନ ମଧ୍ୟ ହୋଇ ଆସୁଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ଏବଂ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରିବା ପରୀତାପର ବିଷୟ ବୋଲି ଟିଟିଲାଗଡ଼ କୋଶଲି ଭାଷାସୁରକ୍ଷା ସମିତି ତରଫରୁ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିବା ସହ ଆଗାମୀଦିନରେ କୋଶଲି ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ପ୍ରଦାନ କରାନଗଲେ ଆଗକୁ ତୀବ୍ର ଆନ୍ଦୋଳନ ହେବ ବୋଲି ସୁରକ୍ଷା ସମିତି ତରଫରୁ ଚେତାବନୀ ଦିଆଯାଇଛି । ଟିଟିଲାଗଡ଼ ସହରସ୍ଥିତ ପୂର୍ତ୍ତ ବଙ୍ଗଳାଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୋଶଲି ଭାଷା ସୁରକ୍ଷା ସମିତି ସୂଚନା ଦେବା ସହ ବର୍ତ୍ତମାନ ୩୮ ଗୋଟି ଭାଷା ସାମ୍ବିଧାନିକ ସ୍ୱୀକୃତି ପାଇବାପାଇଁ ଲଢେଇ କରୁଥିବା ବେଳେ ଏହାକୁ ନେଇ ସର୍ବ ଭାରତୀୟ ଅନୁଷ୍ଠାନ କ୍ଲିଅର ପ୍ରଚେଷ୍ଟା ଜାରି ରଖିଛି । ଏହି ୩୮ ଗୋଟି ପ୍ରାନ୍ତୀୟ ଭାଷା ମଧ୍ୟରୁ ପଶ୍ଚିମ ଓଡ଼ିଶାରେ କୋଶଲି ଭାଷା ସୁରକ୍ଷା ସମିତି ନିଜ ମାତୃଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀ ରେସାମିଲ କରିବାକୁ ଦାବି କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଭାପତିଦିଲୀପ ପଶାୟତ, ଆବାହକ ଭିକାରି ଚରଣ ମିଶ୍ର, ବରିଷ୍ଠ ଉପଦେଷ୍ଟା ସେବକ ଚରଣ ଦାଶ, ଚିତ୍ତରଞ୍ଜନ ଚାନ୍ଦ, ନୀଳମଣି ସାହୁ, ବୃନ୍ଦାବନ କୁମ୍ଭାର, ଯଶୋବନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଶାସନ ଢିଲା: ସହରରେ ଦୌରାତ୍ମ୍ୟ

କନ୍ଧମାଳ,(ଭାସ୍କର ନ୍ୟୁଜ୍):କନ୍ଧମାଳ ଜିଲ୍ଲାତ ଫୁଲବାଣୀ ଆଦର୍ଶ ଥାନା ଅଞ୍ଚଳରେ ଦୌରାତମ୍ୟ ଦିନକୁ ଦିନ ବୃଦ୍ଧି ପାଉଛି । କିନ୍ତୁ ଫୁଲବାଣୀ ଆଦର୍ଶ ଟାଉନଥାନା ଅଧିକାରୀଙ୍କ ଶାସନ ଓ ପେଟ୍ରୋଲିଂ ଢିଲା ଫଳରେ ସହରରେ ମାତିଲେଣି ଛୁରାମାଡ ବ୍ୟକ୍ତି । ଦୀର୍ଘ ଦିନ ହେଲାଣି ଆଦର୍ଶ ଟାଉନଥାନା ଅଧିକାରୀ କନ୍ଧମାଳ ଜିଲ୍ଲା ଏସ୍‌ପିଙ୍କୁ କଣ ଗଦ ସୁଙ୍ଘାଇଛନ୍ତି ଯେ ଟାଉନର ସ୍ଥିତି ଯାହା ଘଟଣା ଚୋରି, ଗଞ୍ଜେଇ ବେପାର, ଛୁରାମାଡ଼ ହେଲେ ମଧ୍ୟ ଆଇଆଇସିଙ୍କ ପ୍ରତି କୌଣସି ଦୃଢ଼ ପଦକ୍ଷେପ ନ ନେଇ ତାକୁ ମାଫ କରିଚାଲିଛନ୍ତି । ତେଣୁ ଟାଉନର ଥାନା ଅଞ୍ଚଳରେ ଦିନକୁ ଦିନ ଅପରାଧ ସଂଖ୍ୟା ବୃଦ୍ଧି ପାଉଛି ବୋଲି ବୁଦ୍ଧିଜୀବୀ ସ୍ଥାନରେ ଚର୍ଚ୍ଚା ଧରିବା ସହିତ ପୋଲିସର ଶାସନ,ଏସ୍‌ପିଙ୍କ ଚିନ୍ତାଧାରା ଓ କାର୍ଯ୍ୟ ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି । ରବିବାର ଫୁଲବାଣୀ ସହରର ବାପୁଜି ବସ୍‌ଷ୍ଟାଣ୍ଡ ନିକଟରେ ଘଟଣାଟି ଘଟିଥିଲା । ଦୁଇ ବ୍ୟକ୍ତି ମଧ୍ୟରେ କୌଣସି କାରଣରୁ ବଚସା ହେବା ପରେ ଧୀରେନ ମୁଖି ନାମକ ଅଭିଯୁକ୍ତ ଜଣେ ବ୍ୟକ୍ତି କୁ ଛୁରି ଭୂଷି ରକ୍ତାତ କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଛି । ସଙ୍ଗେ ସଙ୍ଗେ ଗୁରୁତର ଆହତ ବ୍ୟକ୍ତିକୁ ଫୁଲବାଣୀ ମେଡିକାଲ କି ନେଇଥିଲେ ଏହାପରେ ଗୁରୁତର ହେବାରୁ ବ୍ରହ୍ମପୁର ମେଡିକାଲ କୁ ସ୍ଥାନତାରିତ କରାଯାଇଛି । ଏହାପରେ ଟାଉନ ଥାନା ଖବର ପାଇଁ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଦେଇଛି । କିନ୍ତୁ ଫୁଲବାଣୀ ଆଇଆଇସି ସବୁ ଜାଣି କୌଣସି ଅଭିଯୁକ୍ତ ଗିରଫ କରାଯାଇନାହିଁ ବୋଲି ଜନସାଧରଣ ସ୍ଥଳେ ପ୍ରକାଶ ପାଉଛି ।

# ଇନ୍ଦ୍ରାବତୀ ଓ ମୁରାନ ଡ୍ୟାମ ପାଣିଛାଡିବା ସ୍ଥଗିତ

ନବରଙ୍ଗପୁର,(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ଜଳଭଣ୍ଡାର ଜଳଧାରଣ କ୍ଷମତା ୮୦ପ୍ରତିଶତ ଛୁଇଁବା ପରେ ଜଳସମ୍ପଦ ବିଭାଗ ଏବଂ ପ୍ରଶାସନିକ ସ୍ତରରେ ମୁରାନ ଏବଂ ଇନ୍ଦ୍ରାବତୀ ଡ୍ୟାମରୁ ପାଣି ଛାଡିବା ପାଇଁ ତତ୍ପରତା ବୃଦ୍ଧି ପାଇଥିଲା। ୨୩ତାରିଖରେ ମୁରାନ ଡ୍ୟାମ୍‌ରୁ ଜଳ ନିଷ୍କାସନ କରିବା ନିଷ୍ପତି ବର୍ତ୍ତମାନ ସ୍ଥଗିତ ରଖାଯାଇଥିବା ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଉପର ଇନ୍ଦ୍ରାବତୀ ଡ୍ୟାମ ସର୍କଲ,ଖତିଗୁଡା ଜଣାଇଛନ୍ତି । କିନ୍ତୁ ଯେ କୌଣସି ମୁହୂର୍ତ୍ତରେ ସମସ୍ତଙ୍କ ଜ୍ଞାତସାରରେ ପାଣି ଛଡାଯିବ । ଏ ସମ୍ପର୍କରେ ଡ୍ୟାମ କର୍ତ୍ତୃପକ୍ଷ ୨୪ଘଣ୍ଟା ପୂର୍ବରୁ ଅବଗତ କରାଇବେ ବୋଲି ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସୂଚନା ଦେଇଛନ୍ତି ।

# କୈବର୍ତ୍ତ ମହାସଭାର ସାଧାରଣ ଅଧିବେଶନ

ବରଗଡ଼,(ଭାସ୍କର ନ୍ୟୁଜ୍):ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ୫ମ ସାଧାରଣ ଅଧିବେଶନ ମହାସଭାର ରାଜ୍ୟ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଅଛି । ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ସୁରେଶ ପୂଜାରୀ, ମୁଖ୍ୟ ବକ୍ତା ଭାବରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବକ୍ତା ଭାବେ ପୌରଧକ୍ଷା କଳ୍ପନା ମାଝୀ, ଯୋଗ ଦେଇଥିଲେ । ଦ୍ୱିତୀୟ ଅଧିବେଶନରେ ଭାଜପା ଜିଲ୍ଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ବରଗଡ଼ ଜିଲ୍ଲା କୈବର୍ତ୍ତ ସମାଜର ସଭାପତି ଶରତଚନ୍ଦ୍ର ପାଣ୍ଡେ, ସଂପାଦକ ଲାଲ ସାହେବ ସେଠ, ରବୀନ୍ଦ୍ର ପାଣ୍ଡେ, ଖଗେଶ୍ୱର ପାଣ୍ଡେ ପ୍ରମୁଖ ସମାଜର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ଏହା ପରେ ସମାଜର ବିଭିନ୍ନ ସାଂଗଠନିକ ପଦ ନିର୍ବାଚନ କରାଯାଇଥିଲା । ଏହି ଅବସରରେ 'ମହାଚୈତ୍ର ମହୋତ୍ସବ' ପୁସ୍ତକର ଚତୁର୍ଦ୍ଦଶ ସଂସ୍କରଣ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ ।

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର



ନବରଙ୍ଗପୁର,(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଭା ଗୃହରେ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୩୫ ଜଣଙ୍କର ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଥିଲା, ସେଥି ମଧ୍ୟରୁ ୧୪ ଗୋଟି ଗୋଷ୍ଠୀ ଗତ ହୋଇଥିବା ବେଳେ ବଳକା ୨୧ଗୋଟି ବ୍ୟକ୍ତିଗତ ଆପତ୍ତି, ଅଭିଯୋଗ ଥିଲା । ଏଥିରେ ରାସ୍ତାଘାଟ ନିର୍ମାଣ ଓ ମରାମତି, ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ବିଦ୍ୟୁତ୍ ସେବା, ଜମିଜମା ସଂକ୍ରାନ୍ତୀୟ ଇତ୍ୟାଦିର ଆପତ୍ତି, ଅଭିଯୋଗ ଜିଲ୍ଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ଶୁଣାଣୀକରି ଏହାର ତୁରନ୍ତ ସମାଧାନପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଜନଶୁଣାଣୀ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ରତ୍ନାକର ସାହୁ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ରାଉତ, ସ୍ଥାନୀୟ ଗୋଷ୍ଠୀଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ, ତହସିଲଦାର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାଇଘରଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଉନ୍ନତି ପଥରେ ଖରିଆର ରୋଡ଼ ଏନ୍‌ଏସି



ନୂଆପଡ଼ା,(ଭାସ୍କର ନ୍ୟୁଜ୍):ପଶ୍ଚିମ ଓଡ଼ିଶାର ପୁରୁଣା ଏନ୍‌ଏସି ରୂପେ ଖରିଆର ରୋଡ଼ ଏନ୍‌ଏସି ପ୍ରସିଦ୍ଧ ଲାଭ କରିଛି । ଧରେ ଧୂରେ ବଦଳିବାରେ ଲାଗିଛି ଖରିଆର ରୋଡ଼ ଏନ୍‌ଏସିର ରୂପରେଖ । ଏନ୍‌ଏସି ପକ୍ଷରୁ ଚାଲିଛି ବିଭିନ୍ନ ଉନ୍ନତ ମୂଳକ କାର୍ଯ୍ୟ । ପୌର ନିର୍ବାଚନ ପରେ ପରେ ବିକାଶ ମୂଳକ କାମ ହାତକୁ ନେବାସହ ବିଭିନ୍ନ ସରକାରୀ ଅନୁଦାନ ଲୋକଙ୍କ ପାଖକୁ ପହଞ୍ଚାଇ ପାରିଛନ୍ତି ଏନ୍‌ଏସି କର୍ତ୍ତୃପକ୍ଷ । ସହରର ପରିବେଶକୁ ସୁଦୃଢ଼ ରଖିବାକୁ ଚାଲିଛି ସ୍ୱତନ୍ତ୍ର ପ୍ରୟାସ । ସକାଳେ ଏବଂ ସନ୍ଧ୍ୟା ବେଳା ସହରରେ ସଫେଇ କାର୍ଯ୍ୟ ଚାଲିଛି । ଚାଲମୁଣ୍ଡାଠାରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ଓଦାମଇଲା ପାଇଁ ସଂପଦ କେନ୍ଦ୍ର ତିଆରି କରାଯାଇଛି । ସେହିପରି ପ୍ରାୟ ୨.୫କୋଟି ଟଙ୍କାରେ ଏକ ସେଷ୍ଟକଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ତିଆରି ହୋଇଛି । ସୌନ୍ଦର୍ଯ୍ୟ କରଣପାଇଁ ସହରର ବିଭିନ୍ନ ରାସ୍ତାରେ ପେଭର ବ୍ଲକ୍‌ବସାଯାଇଥିବା ବେଳେ ସହରକୁ ଏକ ନୂତନ ସ୍ମାଟ ସହର ରୂପେ ନିର୍ମାଣ କରିବାରେ ଏକ ପ୍ରୟାସ ଜାରିରହିଛି । ସହରରେ ୨ଟି ସେଲ୍‌ଫି ପୋଇଣ୍ଟ ସହ ବିଭିନ୍ନ ଛକ ମାନଙ୍କରେ ଆଲୌକିକ କରଣ କରାଯାଇ ସହରର ସୌନ୍ଦର୍ଯ୍ୟ ବୃଦ୍ଧିପାଇଁ ଚେଷ୍ଟା କରାଯାଇଥିବାରୁ ସହରବାସୀ ବେଶ୍ ଉତ୍ସାହିତ ଅଛନ୍ତି । ଭେଣ୍ଡିଂଜୋନ କାମ ଚାଲୁଥିବା ବେଳେ ଆଦର୍ଶ ସ୍ୱର୍ଗ ଦ୍ୱାରର ରିମୋଡେଲିଂ କାର୍ଯ୍ୟ ସମାପ୍ତ ହୋଇଛି । ସହରର ଜନ ସଂଖ୍ୟାକୁ ଆଖି ଆଗରେ ରଖି ମୁଖ୍ୟଛକ ଜାଗା ପାର୍କି ନିର୍ମାଣ ପାଇଁ ପ୍ରସ୍ତାବ ରଖାଯାଇଛି । ଏନ୍‌ଏସି ଭିତରେ ଥିବା ଶିକ୍ଷାନୁଷ୍ଠାନ ଗୁଡିକରେ ଅଲ୍ୟୋକୀକରଣର ବ୍ୟବସ୍ଥା କରାଯାଇଛି । ସହରର ୨ବା ୩ଟି ପୋଖରିର ନବୀକରଣ ଓ ସୌନ୍ଦର୍ଯ୍ୟକରଣର ପ୍ରସ୍ତାବ ରଖିବା ସହ ଓ୍ୱାଡ ନଂ-୬ର ପୋଖରିର ସୌନ୍ଦର୍ଯ୍ୟକରଣର କାର୍ଯ୍ୟ ସମାପନ ହୋଇଯାଇଛି । ଏହାଦ୍ୱାରା ସହରର ବୃଦ୍ଧବନିତା ଅମୋଦ ପ୍ରମୋଦର ସୁବିଧା ପାଇପାରିବେ । ସହରର ଆଇନ ଶୃଙ୍ଖଳା ପରିସ୍ଥିତିକୁ ରୂପରେ ସ୍ୱତନ୍ତ୍ର ନଜର ରଖୁବାପାଇଁ ୧୦ରୁ ୧୨ଟି ଉଚ୍ଚ କ୍ଷମତା ସଂପନ୍ନ ଶିଶି କେମରା ବ୍ୟବସ୍ଥା କରାଯାଇଛି । ଖରିଆର ରୋଡର ଡ୍ରେନେଜ ସୁବିଧା ନ ଥିବାରୁ ଅବ୍ୟବସ୍ଥା ଯୋଗୁଁ ନାଇ ନ ଥିବାର ସମ୍ମୁଖୀନ ହୋଉଥିଲେ ବର୍ତ୍ତମାନ ଡ୍ରେନେଜର ସୁଧାର ଆସିବାରୁ ଲୋକେ ସୁବିଧାରୁ ଚଳି ପାରୁଛନ୍ତି ବୋଲି ନିର୍ବାହୀ ଅଧିକାରୀ କଣ୍ଠ ସୁନା ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ସହରରେ ମୁଖ୍ୟରାସ୍ତା ସହିତ ଓ ବିଭିନ୍ନ ଗଳି ରାସ୍ତାରେ ବିଦ୍ୟୁତ୍ କରଣର ବ୍ୟବସ୍ଥା ଜାରି ରହିଛି । ଖରିଆର ରୋଡ ସହରର ପରିମଳ, ପାନୀୟ ଜଳ, ସୌନ୍ଦର୍ଯ୍ୟକରଣ ସହ ପରିମଳକାର୍ଯ୍ୟରେ ଏନ୍‌ଏସି ଗୋଟିଏ ପାଦ ଆଗକୁ ଯାଇଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହୋଇଛି । ଅନ୍ୟପକ୍ଷରେ ବର୍ଷ ବର୍ଷ ଧରି ପଡି ରହିଥିବା ନିରିହ, ଗରିବ, ଖଟିଖିଆ, ଦଳିତ, ପତିତମାନଙ୍କ ପାଇଁ ଜାଗାମିଶନ୍ ଯୋଜନାରେ ପଟ୍ଟା ପ୍ରଦାନ କରିବାର ପ୍ରୟାସ ଏନ୍‌ଏସି କର୍ତ୍ତୃପକ୍ଷ ଜାରି ରଖୁଛନ୍ତି ଏବଂ କତେଜଣ ହିତାଧୀକାରୀଙ୍କୁ ପଟ୍ଟା ବଣ୍ଟନକାର୍ଯ୍ୟ ମଧ୍ୟ ସରିଯାଇଛି । ପୁଣି ଆଗାମୀ ଦିନରେ ବାକି ରହିଥିବା ଯୋଗ୍ୟ ହିତାଧାରୀଙ୍କୁ ପଟ୍ଟା ପ୍ରଦାନ କରିବାର ବ୍ୟବସ୍ଥା କରାଯାଉଛି । ଏ ମହତ କାର୍ଯ୍ୟନିର୍ବାହୀ ଅଧିକାରୀ କଣ୍ଠ ସୁନା କର୍ମଚାରୀଙ୍କୁ ନେଇ ଦିନରାତି ସର୍ବେକରି ହିତାଧାରୀଙ୍କୁ ଥଇଥାନ କରିବା ପାଇଁ ଦିନରାତିକୁ ଏକକରି ଅକ୍ଲାନ୍ତ ପରିଶ୍ରମ କରି ଜମିହୀନ ଗରିବ ଲୋକଙ୍କୁ ପଟ୍ଟା ପ୍ରଦାନ କରିସାରିଛନ୍ତି । ବିଭିନ୍ନ ସମସ୍ୟା ସ୍ଥାୟୀ ସମାଧାନ ପାଇଁ ଏନ୍‌ଏସି ଖରିଆରରୋଡର କର୍ମଚାରୀ, କାଉଁସିଲର ତଥା କାର୍ଯ୍ୟନିର୍ବାହୀ ଅଧିକାରୀ କର୍ଣ୍ଣ ସୁନା ଏବଂ ଏନ୍‌ଏସି ଅଧକ୍ଷା ସୋନିଆ ଜୈନ, ଉପାଧକ୍ଷ ବର୍ଷ୍ଣି ଡାଗା ପ୍ରୟାସ ଜାରି ରଖୁଥିବା ବେଳେ ଆଗକୁ ଖରିଆର ରୋଡ ସହର ଏକ ନୂତନ ରୂପରେଖ ସହିତ ଦେଖିବାକୁ ମିଳିବ ବୋଲି ଖରିଆର ରୋଡବାସୀ ଆଶା ରଖୁଛନ୍ତି ।

# ଗୁଣିଗାରେଡ଼ି ସନ୍ଦେହରେ ମାରପିଟ୍: ଥାନାରେ ଏତଲା

ପଡିଆ,(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଅନ୍ତର୍ଗତ ମାରଡିମେଟଲା ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ଗୁଣିଗାରେଡ଼ି ସନ୍ଦେହରେ ସେହି ଗ୍ରାମର କିଛିଲୋକ ମାରପିଟ କରିଥିବା ନେଇ ଥାନରେ ଅଭିଯୋଗ ହୋଇଛି । ସୂଚନା ମୁତାବକ ଗତକାଲି ସନ୍ଧ୍ୟାରେ ମାରଡିମେଟଲା ଗ୍ରାମର ମଙ୍ଗୁଲୁ ସୋଡ଼ୀ ନାମକ ଜଣେ ବ୍ୟକ୍ତି ସେହି ଗ୍ରାମର ଜଣେ ଲୋକର ବିବାହ ଉତ୍ସବକୁ ଯୋଗ ଦେବାକୁ ଯାଉଥିବା ବେଳେ ସେହି ଗ୍ରାମର କିଛିଲୋକ ମଙ୍ଗୁଲୁକୁ ମାରପିଟ୍ କରିଥିଲେ । ସ୍ଥାନୀୟ ଅଞ୍ଚଳରେ ଗୁଣିଗାରେଡ଼ି କରୁଥିବା ସନ୍ଦେହ କରି ଗ୍ରାମର କିଛି ଲୋକ ଏଭଳି କାଣ୍ଡ ଘଟାଇଥିବା ନେଇ ଆଜି ମଙ୍ଗୁଲୁଙ୍କ ପୁଅ ବିଜୟ କୁମାର ସୋଡ଼ୀ ପଡିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏ ନେଇ ପଡିଆ ପୋଲିସ ପକ୍ଷରୁ ମାମଲା ସଂଖ୍ୟା ୭୯/୨୨ ରୁଜୁ କରାଯାଇ ଘଟଣାର ତଦନ୍ତ ଜାରୀ ରହିଥିବା ପଡିଆ ପୋଲିସ ପକ୍ଷରୁ କୁହାଯାଇଛି । ଅନ୍ୟପଟେ ପୀଡିତ ମଙ୍ଗୁଲୁ ଆହତ ଅବସ୍ଥାରେ ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି ।

# ଅଙ୍ଗନବାଡିରେ ତାଲା ପକେଇଲା ମହିଳା ସମିତି



ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଜଲଙ୍ଗ ପାରାର ଉଦୟପୁର ଡିଏନ୍‌କେ ଗ୍ରାମର ଘଟଣା । ଆଶା ଦିଦିଙ୍କୁ ବିରୋଧ କରି ୧୭ ଦିନ ହେଲା ଅଙ୍ଗନବାଡିକୁ ତାଲା ପକାଇଲେ ମହିଳାସମିତିର ସଦସ୍ୟମାନେ ଫଳରେ ଛୋଟ ଛୋଟ ପିଲାମାନେ ଯାଇ ପାରୁନାହାନ୍ତି ଅଙ୍ଗନବାଡି କେନ୍ଦ୍ରକୁ । ସୂଚନାନୁଯାଇ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଜଲଙ୍ଗପାରା ପଞ୍ଚାୟତର ଉଦୟପୁର ଡିଏନ୍‌କେ ଗ୍ରାମର ୨ନମ୍ବର ଓ୍ୱାର୍ଡର ଅଙ୍ଗନବାଡି କେନ୍ଦ୍ରରେ ଆଶା ପଦବୀ ଖାଲିଥିବାରୁ ନୂଆକରି ଆଶା ଦିଦି ପାଇଁ ବିଜ୍ଞପ୍ତି ବାହାରିଥିଲା । ଏଥିରେ ଗ୍ରାମର ଦୁଇଜଣ ଆଶାୟୀ ପ୍ରାର୍ଥି ପକେଇ ଥିଲେ ଜଣେ ହେଲେ ସୁଚିତ୍ରା ଦେ ଆଉ ଜଣେ ରଞ୍ଜିତା ହାଲଦାର, ରଞ୍ଜିତାଙ୍କ ଏହି ପଦରୁ କଟିଯିବାରୁ ସୁଚିତ୍ରାଙ୍କୁ ମିଳିଥିଲା ଏହି ଆଶା ପଦବୀ, ଯିଏ ନୂଆକରି ଆଶା ଦିଦି ପାଇଛନ୍ତି ସୁଚିତ୍ରା ଦେ ତାଙ୍କର ବାହାଘର ହେଇଥିଲା ଛତିଶଗଡ଼ରେ ଏବଂ ତାଙ୍କ ସ୍ୱାମୀଙ୍କ ମୃତ୍ୟୁପରେ ବାପା ଘରେ ଉଦୟପୁର ଗ୍ରାମରେ ଆସି ରହିଲେ ତାଙ୍କୁ କେମିତି ଆଶା ଦିଦି ଚାକିରି ମିଳିଲା ଗ୍ରାମର ବହୁ ରଞ୍ଜିତା ହାଲଦାରଙ୍କୁ କେମିତି ମିଳିଲା ନାହିଁ ଏହାକୁ ବିରୋଧ କରିଥିଲେ ମହିଳାମାନେ, ଯଦି ଅସହାୟ ବୋଲି ସୁଚିତ୍ରା ଦେକୁ ମିଳିଲା ତାଠୁ ଆହୁରି ଅସହାୟ ମହିଳା ଅଛନ୍ତି ଗ୍ରାମରେ ବାସବି ବିଶ୍ୱାସ ଯାହାଙ୍କ ସ୍ୱାମୀ କରୋନାରେ ମୃତ୍ୟୁ ଘଟିଛି ଦୁଇଟି ଛୋଟ ଛୋଟ ପୁଅ ଝିଅକୁ ଧରି ରହିଛନ୍ତି ଘରେ ଲୋକଙ୍କ ଘରେ କୁଲି କାମ କରେ ଏହି ମହିଳାଙ୍କୁ ଆଶା ଦିଦି ପାଇଁ ଦାବି କରିଛନ୍ତି ଗ୍ରାମବାସୀ ଏବଂ ମହିଳା ସମିତିର ସଦସ୍ୟମାନେ, ଯେତେଦିନ ଯାଏ ସୁଚିତ୍ରା ଦେକୁ ଆଶା ଦିଦି ପଦବୀ ରଦ୍ଦକରି ବାସବି ବିଶ୍ୱାସକୁ ଆଶା ଦିଦି ପଦବୀ ଦିଆ ନ ଯାଏ ସେତେଦିନ ଯାଏ ଅଙ୍ଗନବାଡି କେନ୍ଦ୍ରରୁ ତାଲା ଖୋଲା ହେବନି ଅଙ୍ଗନବାଡି କେନ୍ଦ୍ର । ଜିଲ୍ଲା ପ୍ରଶାସନ ଏଥିରେ ଯଥାଶୀଘ୍ର ହସ୍ତକ୍ଷେପ କରି ଏହାର ସମାଧାନ କରନ୍ତୁ ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

# ଜିଲ୍ଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ଗୁମ୍ମାବ୍ଲକ ଅନ୍ତର୍ଗତ ଅଜୟଗଡ଼ ପାଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ପିଢ଼ି ରମାଞ୍ଚଳ ଖାମାରି,ଏସ୍‌ପି ଜୟରାମ ଶତପଥୀ ଯୋଗ ଦେଇଥିଲେ । ଏହି ଅଭିଯୋଗ ଶୁଣାଣି ଗୁମ୍ମା ବ୍ଲକର ଅଜୟଗଡ଼, ନାମନଗଡ଼, କୁଜାସିଂ, ଭୁବନି, ସେରଙ୍ଗ ଓ ତୁମୁଲ ପଞ୍ଚାୟତ ସ୍ତରରେ ଲୋକଙ୍କୁ ପୂର୍ବରୁ ସୂଚନା ଦିଆଯାଇଥିଲା । ଏହି ୬ଟି ପଞ୍ଚାୟତ ଜନସାଧାରଣଙ୍କ ଶୁଣାଣି ନିମନ୍ତେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କିନ୍ତୁ ଅନୁତାପର ବିଷୟ ଯେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଏହି ଶୁଣାଣି ସମ୍ପର୍କରେ କୌଣସି ସୂଚନା ଦିଆଯାଇନଥିବା ନେଇ ଅସନ୍ତୋଷ । ଉକ୍ତ ଶୁଣାଣି ଶିବିରରେ କିଛି ତ୍ରୁଟି ରହିଥିଲା କି, ସେଥିପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦିଆ ଯାଇନଥିଲା । କାଳେ ତ୍ରୁଟି ପ୍ରକଟ ହେଇଯିବ ସେ ନେଇ ଗଣମାଧ୍ୟମ ଅଧିକାରୀଙ୍କ ଅଜାଣତରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଶୁଣାଣି କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱରେ କିଛି ତ୍ରୁଟି ରହିଛି ଯାହାକି ଜନ ଅସନ୍ତୋଷ ସୃଷ୍ଟି କରିବାରେ ଭୂମିକା ଗ୍ରହଣ କରିଥିବା ଜଣାପଡ଼ିଛି । ମୋଟ ୧୮୬ଟି ଅଭିଯୋଗର ସମାଧାନ ପାଇଁ ପଞ୍ଜୀକରଣ ହୋଇଥିଲା । ସମସ୍ତ ଅଭିଯୋଗ ଗୋଷ୍ଠୀଗତ ହୋଇଥିବା ବେଳେ କେତେକ ବ୍ୟକ୍ତିଗତ ସମସ୍ୟା ରହିଥିଲା । ବିଭିନ୍ନ ଗ୍ରାମର ପାନୀୟ ଜଳ ସମସ୍ୟା, ଅଜୟଗଡ଼ଠାରୁ ଗିରାରାସ୍ତା ନିର୍ମାଣରେ ବ୍ୟାପକ ଦୁର୍ନୀତି ଓ ଅଜୟଗଡ଼ଠାରେ ମୋବାଇଲ ଟାଓ୍ୱାର ସମସ୍ୟା । ମୁଖ୍ୟତଃ ଏହି ପଞ୍ଚାୟତ ଗୁଡ଼ିକ ବହୁ ସମସ୍ୟା ଘେରରେ ବୁଡ଼ୀ ରହିଥିବା ବେଳେ ଶୁଣାଣି କେବଳ ପ୍ରହସନ ପାଲଟିଛି ବୋଲି କୁହାଯାଏ । ସରକାରୀ କାର୍ଯ୍ୟକ୍ରମରେ ଗଣମାଧମ ପ୍ରତିନିଧିମାନଙ୍କ ଅନୁପସ୍ଥିତ ରହିବା ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି । ଏ ନେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ବହୁ ଯୋଗାଯୋଗ ପରେ କୌଣସି ଉତ୍ତର ମିଳିନାହିଁ ।



"ବିଫଳତା ସେତେବେଳେ ମିଳିଥାଏ ଯେବେ ଆମେ ଆମର ଆଦେଶ, ଉପଦେଶ ଓ ସିଦ୍ଧାନ୍ତ ଭୁଲି ଯାଇଥାଉ ।"
-ଜବାହାରଲାଲ ନେହରୁ



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ ।"
- ଉତ୍କଳମଣି ଗୋପବନ୍ଧୁ ଦାସ



# ଜାପାନ ସରକାରଙ୍କ ଅଜବ ନିଷ୍ପତ୍ତି
# ମଦ୍ୟପାନକୁ ବିପୁଳ ପ୍ରୋତ୍ସାହନ

ମଦ୍ୟପାନ ମନୁଷ୍ୟ ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକାରକ ହୋଇଥିବାରୁ ଏହାର ପ୍ରଚଳନକୁ ରୋକିବା କିମ୍ବା କମାଇବାକୁ ଅନେକ ରାଜ୍ୟ ସରକାର ପଦକ୍ଷେପ ନେଇଥାନ୍ତି । ନିଶା ସେବନକୁ ଏକ ମନ୍ଦ ଅଭ୍ୟାସ ଭାବରେ ଆମ ସମାଜ ବିଚାର କରିଥାଏ । ଯୁବକମାନଙ୍କୁ ଏହି ନିଶା ସେବନରୁ ବିରତ ରହିବା ପାଇଁ ସବୁ ସମୟରେ ପରାମର୍ଶ ଦିଆଯାଇଥାଏ । ବିହାର ଓ ଗୁଜୁରାଟ ଭଳି କେତେକ ରାଜ୍ୟରେ ନିଶାନିବାରଣ ଆଇନ୍ କାର୍ଯ୍ୟକାରୀ କରାଯାଇ ମଦ୍ୟପାନକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । କିନ୍ତୁ ଏହାରି ଭିତରେ ଏସୀୟ ଭୂଖଣ୍ଡର ଅନ୍ୟତମ ସମୃଦ୍ଧ ଦେଶ ଜାପାନରୁ ଏକ ରୋଚକପୂର୍ଣ୍ଣ ଖବର ହସ୍ତଗତ ହୋଇଛି । ତଥ୍ୟ ଅନୁଯାୟୀ ଜାପାନରେ ମଦ୍ୟପାନକୁ ସବୁ ପ୍ରକାର ପ୍ରୋତ୍ସାହନ ଦେବା ଲାଗି ସେଠାକାର ସରକାର ଅଣ୍ଟା ଭିଡ଼ିଛନ୍ତି । ଅଧିକରୁ ଅଧିକ ଲୋକ ଯେପରି ମଦ୍ୟପାନ କରିବେ, ସେଥିପାଇଁ ସରକାର ବ୍ୟଗ୍ର ହୋଇ ଉଠିଛନ୍ତି । ଏହାର ଏକମାତ୍ର କାରଣ ହେଉଛି ମଦର ବହୁଳ ପ୍ରସାର ଘଟିଲେ ଏବଂ ଅଧିକ ଲୋକ ଏହାକୁ ପାନ କଲେ, ସରକାରଙ୍କ ରାଜସ୍ୱ ବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ରାଜକୋଷ ସମୃଦ୍ଧ ହେବ । ଜାପାନ ସରକାରଙ୍କ ଏଭଳି ବିଚିତ୍ର ନିଷ୍ପତ୍ତିକୁ ନେଇ ବିଭିନ୍ନ ଦେଶରେ ଗୁଞ୍ଜରଣ ସୃଷ୍ଟି ହୋଇଛି । ଗୋଟିଏ ଦେଶର ସରକାର ନିଜ ଦେଶର ଛାତ୍ର, ଯୁବକ ଓ ନାଗରିକଙ୍କୁ 'ଯେତେ ପାରୁଛି ମଦ ପିଇଯାଅ' ବୋଲି ଖୋଲା ଖୋଲି ଆହ୍ୱାନ ଦେବା କେତେଦୂର ଯୁକ୍ତିଯୁକ୍ତ, ତାକୁ ନେଇ ବିତର୍କ ଆରମ୍ଭ ହୋଇଛି । ତେବେ ଜାପାନ ସରକାର ଏଭଳି ଏକ ପଦକ୍ଷେପ ନେବା ପଛରେ ବଡ଼ କାରଣ ମଧ୍ୟ ରହିଛି । ମହାମାରୀ କୋଭିଡ୍-୧୯ ଏହି ଦେଶର ଅର୍ଥନୀତିକୁ ତଳିତଳାନ୍ତ କରି ଦେଇଛି ଓ ସରକାର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି । ଅନ୍ୟ ପକ୍ଷରେ ମହାମାରୀ ଦ୍ୱାରା ସଂକ୍ରମିତ ହେବା ପରେ ଦେଶର ଯୁବବର୍ଗ ଆଉ ପର୍ଯ୍ୟାପ୍ତ ପରିମାଣରେ ମଦ୍ୟପାନ କରିବାକୁ ଇଚ୍ଛାପ୍ରକାଶ କରୁନାହାନ୍ତି । କିଛି ଲୋକ ଏହି ଖରାପ ଅଭ୍ୟାସକୁ ପୂରାପୂରି ଛାଡ଼ି ଦେଲେଣି । ମଦ ପିଇ ବା ଅନ୍ୟ ନିଶାସେବନ କରି ନିଜର ସ୍ୱାସ୍ଥ୍ୟକୁ ବିପନ୍ନ କରିବା ସେମାନେ ଚାହୁଁନାହାନ୍ତି । ଏ ସବୁର ବିକ୍ରୀ ଏବେ ଆଶାତୀତ ଭାବରେ କମିଯିବା ଫଳରେ ଜାପାନ ସରକାରଙ୍କ ଟିକସ୍ ରାଜସ୍ୱ ଉଲ୍ଲେଖନୀୟ ଭାବରେ ହ୍ରାସ ପାଇଛି । ଜାପାନର ଅର୍ଥନୀତି ହେଉଛି ସମଗ୍ର ପୃଥିବୀର ତୃତୀୟ ବୃହତ୍ ଅର୍ଥନୀତି ଓ ତାହାର ନିମ୍ନମୁଖୀ ଗତି ସରକାରଙ୍କ ଚିନ୍ତା ବଢ଼ାଇବା ସ୍ୱାଭାବିକ । ତେଣୁ ମଦ ବିକ୍ରୀ ବଢ଼ାଇବାକୁ ସରକାର ଦେଶବାସୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରି ମତାମତ ସଂଗ୍ରହ କରିବା ପାଇଁ ସ୍ଥିର କରିଛନ୍ତି । ସମସ୍ତ ପ୍ରକାର ମଦ ବିକ୍ରୀ କିପରି ବଢ଼ିପାରିବ, ତାହାର ଉପାୟ ନେଇ ଜନସାଧାରଣ ନିଜ ନିଜର ମତାମତ ଆସନ୍ତା ମାସ ୯ ତାରିଖ ମଧ୍ୟରେ ଦେବା ଲାଗି କୁହାଯାଇଛି । ମାତ୍ର ଏଭଳି ପ୍ରତିଯୋଗିତା ଆୟୋଜନର ପ୍ରାସଙ୍ଗିକତାକୁ ନେଇ ମଧ୍ୟ ଅନେକ ନାଗରିକ ପ୍ରଶ୍ନ ଉଠାଇଲେଣି । ଜାପାନର ୪୦ ରୁ ୬୦ ବର୍ଷ ବୟସ ମଧ୍ୟରେ ପ୍ରାୟ ୩୦ ପ୍ରତିଶତରୁ ଅଧିକ ଲୋକ ନିୟମିତ ଭାବରେ ମଦ ପିଇଥାନ୍ତି । ଆମ ଓଡ଼ିଶାରେ କଥା ଅଛି' ଏଣୁ ମାଇଲେ ଗୋହତ୍ୟା, ତେଣୁ ମାଇଲେ ବ୍ରହ୍ମହତ୍ୟା' । ଆଜି ଜାପାନ ସରକାରଙ୍କ ସ୍ଥିତି ସେହିଭଳି ହୋଇଛି । ଲୋକଙ୍କ ସ୍ୱାସ୍ଥ୍ୟ ବଡ଼ ନା ରାଜସ୍ୱ ଆୟ ବୃଦ୍ଧି ବଡ଼, ତାହା ଦ୍ୱନ୍ଦ୍ୱ ସୃଷ୍ଟି କରୁଛି ।

# ୭୫ ବର୍ଷରେ ଓଡ଼ିଶା ହାଇକୋର୍ଟ

**ସୌର ଚନ୍ଦ୍ର ମହାପାତ୍ର**
ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ମୋ-୯୪୩୭୦୦୪୪୬୬

ଆଜିକୁ ୭୫ ବର୍ଷ ପୂର୍ବେ ଅର୍ଥାତ୍ ୧୯୪୮ ମସିହା ଜୁଲାଇ ୨୬ ତାରିଖରେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହୋଇଥିଲା । ଭାରତର ତତ୍କାଳୀନ ପ୍ରଧାନ ବିଚାରପତି ସାର ହରିଲାଲ ଜେ କାନିଆଙ୍କ ଦ୍ୱାରା କଟକ ସହରରେ ହିଁ ହାଇକୋର୍ଟ ଉଦଘାଟିତ ହୋଇଥିଲା । ହାଇକୋର୍ଟ ଗଠନ ପଛରେ ରହିଛି ଏକ ଲମ୍ବା ଇତିହାସ । ୧୯୧୨, ମାର୍ଚ୍ଚ ୨୨ ବିହାର ଓ ଓଡ଼ିଶାକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇଥାଏ । ଏହି ପ୍ରଦେଶର ସମ୍ପୂର୍ଣ୍ଣ ବିଚାର ବ୍ୟବସ୍ଥା ଥିଲା କଲିକତା ହାଇକୋର୍ଟଙ୍କ ଅଧୀନରେ । ୧୯୧୬, ଫେବୃଆରୀ ୯ରେ ପାଟନା ହାଇକୋର୍ଟ ପ୍ରତିଷ୍ଠା ହେଲା । ଭାରତ ଶାସନ ଆଇନ ଅନୁସାରେ ବ୍ରିଟିଶ ରାଣୀଙ୍କ ଦ୍ୱାରା ଏକ ସବତନ୍ତ୍ର ନିର୍ଦ୍ଦେଶନାମା ବଳରେ ଏହି କୋର୍ଟ ଆରମ୍ଭ ହୋଇଥିବା କୁହାଯାଏ । ୧୯୧୬, ମେ ୧୯ରେ କଟକରେ ପାଟନା ହାଇକୋର୍ଟର ପ୍ରଥମ ସର୍କିଟ ବେଞ୍ଚ ବସିଥିଲା । ଏହି ସର୍କିଟ ବେଞ୍ଚରେ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚେମ୍ବିୟର ଓ ଜଷ୍ଟିସ ସରଫଉଦ୍ଦିନ ବସି ବିଭିନ୍ନ ମାମଲାର ବିଚାର କରିଥିଲେ । ମଧୁ ବାରିଷ୍ଟର ଓରଫ ଉତ୍କଳ ଗୌରବ ମଧୁସୂଦନ ଦାସ ସେତେବେଳେ ଥାଆନ୍ତି ବାର ଆସୋସିଏସନର ସଭାପତି । ଏହି ବେଞ୍ଚଟି ଦିନେ ସ୍ଥାୟୀ ହାଇକୋର୍ଟରେ ରୂପାନ୍ତରିତ ହେବ ବୋଲି ମଧୁବାବୁ ଭବିଷ୍ୟବାଣୀ ଶୁଣାଇଥିଲେ ।

୧୯୪୮ ମସିହା ଜୁଲାଇ ୨୬ ତାରିଖ ପୂର୍ବାହ୍ନରେ ହାଇକୋର୍ଟକୁ ଉଦ୍‌ଘାଟନ କରିଥିଲେ ଫେଡେରାଲ କୋର୍ଟ (ବର୍ତ୍ତମାନର ସୁପ୍ରିମକୋର୍ଟ)ର ମୁଖ୍ୟ ବିଚାରପତି ସାର ହୀରାଲାଲ ଜେ.କାନିଆଁ । ମୁଖ୍ୟ ବିଚାରପତିଙ୍କ ସହିତ ତିନିଜଣ ସହଯୋଗୀ ବିଚାରପତି, ଜଷ୍ଟିସ ବୀରକିଶୋର ରାୟ ପ୍ରଥମ ମୁଖ୍ୟ ବିଚାରପତି ଆସନ ଅଳଙ୍କୃତ କରିଥିବାବେଳେ ଜଷ୍ଟିସ ବାବୁ ଜଗନ୍ନାଥ ଦାସ, ଜଷ୍ଟିସ ଲିଙ୍ଗରାଜ ପାଣିଗ୍ରାହୀ ଓ ଜଷ୍ଟିସ ଆର.ଏଲ.ନରସିଂହମ୍‌ଙ୍କୁ ଉଦଘାଟନୀ ଉତ୍ସବରେ ତତ୍କାଳୀନ ରାଜ୍ୟପାଳ ଆସଫ ଅଲ୍ଲୀ ଶପଥ ଗ୍ରହଣ କରାଇଥିଲେ । ୧୯୪୬ ମସିହାରେ ସେ ସମୟରେ ପ୍ରଧାନମନ୍ତ୍ରୀ ରୂପେ ଅଧିଷ୍ଠିତ ଡ.ହରେକୃଷ୍ଣ ମହତାବଙ୍କ ମନ୍ତ୍ରୀମଣ୍ଡଳ ଗଠନର ଦୁଇ ବର୍ଷ ପରେ ପାଟନା ହାଇକୋର୍ଟରୁ ପୃଥକ ହୋଇ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହୋଇଥିଲା । ୧୯୧୩ ମସିହାରେ ଇଂରେଜ ସରକାର ଓଡ଼ିଶାର କଟକଠାରେ ଓଡ଼ିଶା ଜର୍ଜକୋର୍ଟ ସ୍ଥାପନ କରିଥିଲେ । ୧୯୩୬ ମସିହା ଅପ୍ରେଲ ପହିଲାରେ ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲେ ସୁଦ୍ଧା ଓଡ଼ିଶାରେ ହାଇକୋର୍ଟ ପ୍ରତିଷ୍ଠା ହେବାକୁ ବାରବର୍ଷ ଲାଗିଗଲା । ଏହାର କାରଣ ଥିଲା ମାନ୍ଦ୍ରାଜ (ମାଡ୍ରାସ) ପ୍ରେସିଡେନ୍ସିର ରାଇଟର୍ସ ବିଲଡିଂ ନିର୍ଦ୍ଦେଶରେ ଶାସିତ ହେଉଥିବା ଦକ୍ଷିଣ ଓଡ଼ିଶା ଅଞ୍ଚଳ ଓଡ଼ିଶାରେ ସାମିଲ ହୋଇଥିଲା ।

୧୯୩୬ ଏପ୍ରିଲ ୧ ତାରିଖରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଲାଭକଲା । ଓଡ଼ିଶାରେ ସ୍ୱତନ୍ତ୍ର ହାଇକୋର୍ଟ ପ୍ରତିଷ୍ଠା ହେଉ, ଏଇ ଦାବୀ କୁହୁଳିଲା ଏଇ ଦିନଠାରୁ । ୧୯୪୨ ମସିହା, ଅଗଷ୍ଟ ୧୫ ତାରିଖରେ ହାଇକୋର୍ଟ ପ୍ରତିଷ୍ଠାର ଆବଶ୍ୟକତା ଅନୁଧ୍ୟାନ କରିବାକୁ ବୀର କିଶୋର ରାୟଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଢ଼ାଗଲା । ଏହି କମିଟି ତତ୍କାଳୀନ ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ମନ୍ତ୍ରୀମଣ୍ଡଳରେ ଗୃହୀତ ଏକ ପ୍ରସ୍ତାବ ଅନୁଯାୟୀ ତିଆରି ହୋଇଥିଲା । ବୀର କିଶୋର ରାୟଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ତାଙ୍କ ପ୍ରଦତ୍ତ ରିପୋର୍ଟରେ ସବତନ୍ତ୍ର ହାଇକୋର୍ଟ ପ୍ରତିଷ୍ଠା ପାଇଁ ଅନୁମୋଦନ କରିଥିଲେ । ୧୯୪୮ ଏପ୍ରିଲରେ ଓଡ଼ିଶା ହାଇକୋର୍ଟ ଅର୍ଡ଼ର, ୧୯୪୮ ଜୁଲାଇ ୫ରେ ହାଇକୋର୍ଟ ହେବ ବୋଲି ବିଧିବଦ୍ଧ ଘୋଷଣାନାମା ଜାରି ହୋଇଥିଲା । ସେହି ମାସ ୧୯୪୮ ମସିହା ଜୁଲାଇ ୨୬ ତାରିଖ ଆନୁଷ୍ଠାନିକ ଭାବେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହେଲା ।

ଇଂରେଜ ରାଜତ୍ୱ ସମୟରୁ (ସ୍ୱାଧୀନତା ପରେ ମଧ୍ୟ) ଯେଉଁମାନେ ମାଟ୍ରିକ୍ୟୁଲେସନ ପରେ ଆଇନରେ ଡିପ୍ଲୋମା ପାସ କରୁଥିଲେ ସେମାନଙ୍କୁ ମୁକ୍ତିଆର କୁହାଯାଉଥିଲା । ସେମାନେ କେବଳ ତଳ କୋର୍ଟରେ କାର୍ଯ୍ୟ କରୁଥିଲେ । ଯେଉଁମାନେ ବିଏ ପାସ ପରେ ବିଏଲ ପାସ କରୁଥିଲେ ସେମାନେ ଉଚ୍ଚ ନ୍ୟାୟାଳୟରେ ଆଇନ ବ୍ୟବସାୟ କରିବା ସହିତ ଅନ୍ୟାନ୍ୟ ହାଇକୋର୍ଟରେ ଆଇନ ବ୍ୟବସାୟ କରୁଥିଲେ । (ପୂର୍ବରୁ ମେଡ଼ିକାଲରେ ଯେପରି ବ୍ୟବସ୍ଥା ଥିଲା) । ୧୯୬୨ ପରଠାରୁ ମୁକ୍ତିଆର ବ୍ୟବସ୍ଥା ଉଠାଇ ଦିଆଗଲା । ସମସ୍ତେ ଆଡ଼ଭୋକେଟ ରୂପେ ତଳକୋର୍ଟ ସମେତ ଉଚ୍ଚ ନ୍ୟାୟାଳୟରେ ଆଇନ ବ୍ୟବସାୟ କରିବା ବ୍ୟବସ୍ଥା ହେଲା । ୧୯୬୧ ମସିହା ପରଠାରୁ ଷ୍ଟେଟ ବାର କାଉନସିଲ ସାରା ରାଜ୍ୟରେ ୫୮,୩୨୯ ଜଣଙ୍କୁ ଆଇନ ବ୍ୟବସାୟ କରିବା ପାଇଁ ଲାଇସେନ୍ସ ପ୍ରଦାନ କରିଛନ୍ତି । ଏହି ୬୨ ବର୍ଷ ମଧ୍ୟରେ ୧୯୯୯ ମସିହାରେ ୩୭୬୮ ଜଣଙ୍କୁ ଲାଇସେନ୍ସ ଦେଇଥିବାବେଳେ ୧୯୬୧ ମସିହାରେ ମାତ୍ର ୨୬ ଜଣଙ୍କୁ ଲାଇସେନ୍ସ ପ୍ରଦାନ କରିଥିଲେ । ୧୯୬୭ ମସିହା ପୂର୍ବରୁ ଆଇନ ବ୍ୟବସାୟ କରିବା ନିମନ୍ତେ ଭିନ୍ନ ପ୍ରକାର ବ୍ୟବସ୍ଥା ଥିଲା । ଆଡଭୋକେଟ ହେବାକୁ ହେଲେ ଜଣେ ସିନିୟର ଆଡ଼ଭୋକେଟ ପାଖରେ ୧ବର୍ଷ ୧୦ ମାସ ଆର୍ଟିକିଲ କ୍ଲର୍କଭାବେ କାର୍ଯ୍ୟ କରି ଲିଖିତ ଓ ମୌଖିକ ପରୀକ୍ଷାରେ ପାସ କରିବା ପରେ ଲାଇସେନ୍ସ ଦିଆଯାଉଥିଲା । ପୁନରାୟ ୨୦ ବର୍ଷ ପରେ ବାର କାଉନସିଲ ନିଷ୍ପତ୍ତି ଅନୁଯାୟୀ ଏକ ବର୍ଷ ପରେ ଲାଇସେନ୍ସ ବ୍ୟବସ୍ଥା ଚାଲି ଆସୁଥିବାବେଳେ ୧୯୯୯ରେ ତାହା ଉଠାଇ ଦିଆଯାଇଥିଲା । ଯେଉଁମାନେ ଲ ପାସ କଲେ ସେମାନେ କୋର୍ଟରେ ପ୍ରାକ୍ଟିସ କରିପାରିବେ ।

ହାଇକୋର୍ଟ ଶୁଭାରମ୍ଭ ସମୟରେ କର୍ମଚାରୀ ଥିଲେ ୧୨୩ ଜଣ । ହାଇକୋର୍ଟକୁ ୫୦ ବର୍ଷ ଅତିକ୍ରାନ୍ତ କରିଥିବାବେଳେ ହାଇକୋର୍ଟରେ ଥିଲେ ୬୧୦ଜଣ କର୍ମଚାରୀ । ସେମାନଙ୍କ ମଧ୍ୟରୁ ମାତ୍ର ୪୦ଜଣ ମହିଳା କର୍ମଚାରୀ । ବିଭିନ୍ନ ପ୍ରକାର ମାଲିମକଦ୍ଦମା ପଞ୍ଜୀକରଣ ଦୃଷ୍ଟିରୁ କର୍ମଚାରୀଙ୍କ ସଂଖ୍ୟା ଆବଶ୍ୟକ ହେବାରୁ ବର୍ତ୍ତମାନ ଓଡ଼ିଶା ହାଇକୋର୍ଟରେ ଅଛନ୍ତି ୧୩୬୯ କର୍ମଚାରୀ । ସେମାନଙ୍କ ମଧ୍ୟରୁ ୧୨୮ ମହିଳା କର୍ମଚାରୀ । ଭବିଷ୍ୟତକୁ ଆଖିଆଗରେ ରଖି ବିଚାରପତି ଅଧିକ ଆବଶ୍ୟକତା ଦୃଷ୍ଟିରୁ କୋର୍ଟ ରୁମ ବ୍ୟବସ୍ଥା ନିମନ୍ତେ ୨୦୦୮ରେ ନୂତନ ସୌଧ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା । ୨୦୧୪ ଜାନୁଆରୀ ୨ ତାରିଖ ଠାରୁ ନୂତନ ସୌଧରେ କୋର୍ଟ କାର୍ଯ୍ୟ ସମ୍ପାଦନ କରାଯାଉଛି । ଓଡ଼ିଶା ହାଇକୋର୍ଟରେ ୨୦୨୨ ଜୁଲାଇ ସୁଦ୍ଧା ୧୮୮୬୯ଟି ମକର୍ଦ୍ଦମା ବିଚାର ଅପେକ୍ଷାରେ । ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ଉତ୍ସବରେ ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ଆସିଫ ଅଲ୍ଲୀ ଅଧ୍ୟକ୍ଷତା କରିଥିଲେ । ପଶ୍ଚିମବଙ୍ଗର ତତ୍କାଳୀନ ରାଜ୍ୟପାଳ ଡକ୍ଟର କୈଳାସ ଚନ୍ଦ୍ର କାଟଜୁ, ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ସାର ସୀଲତାନ ଅହମ୍ମଦ, ବଙ୍ଗଳାର ଆଡ଼ଭୋକେଟ ଜେନେରାଲ ସାର ଏସ.ଏସ.ବୋଷ ପ୍ରମୁଖ ଯୋଗ ଦେଇଥିଲେ । ଜଷ୍ଟିସ ବୀର କିଶୋର ରାୟ ଓଡ଼ିଶା ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ । ଓଡ଼ିଶା ହାଇକୋର୍ଟର ଅନ୍ୟସବୁ ସ୍ଥାୟୀ ବିଚାରପତିମାନଙ୍କ ମଧ୍ୟରେ ଥିଲେ ଜଷ୍ଟିସ ବି.ଜଗନ୍ନାଥ ଦାସ, ଜଷ୍ଟିସ ଲିଙ୍ଗରାଜ ପ୍ରାଣିଗ୍ରାହୀ, ଜଷ୍ଟିସ ଆର.ଏଲ. ନରସିଂହମ । ଏମାନଙ୍କୁ ନେଇ ଓଡ଼ିଶା ହାଇକୋର୍ଟ ଆରମ୍ଭ ହୋଇଥିଲା । ୧୯୫୮, ଜୁଲାଇ ୨୬ ତାରିଖରେ ହାଇକୋର୍ଟଙ୍କ ପ୍ରଥମ ମୁଖ୍ୟ ବିଚାରପତି ଜଷ୍ଟିସ ବୀର କିଶୋର ରାୟଙ୍କ ପରଲୋକ ହୋଇଥିଲା । ଏହି କାରଣରୁ ଜୁଲାଇ ୨୬ ତାରିଖକୁ ଓଡ଼ିଶା ହାଇକୋର୍ଟଙ୍କ ପ୍ରତିଷ୍ଠା ଦିବସ ଓ ଜଷ୍ଟିସ ବୀରକିଶୋର ରାୟଙ୍କ ଶ୍ରାଦ୍ଧ ଦିବସ ଭାବେ ପାଳନ କରାଯାଉଛି ।

# ମହାନଦୀ ବନ୍ୟା : ରୁଲ୍ କର୍ଭ ସଂଶୋଧନ ଜରୁରୀ

**ଅଲେଖ ଚନ୍ଦ୍ର ସାମଲ**
କପୂର୍ବତନ ଡିଏଫ୍ଓ (କେନ୍ଦୁଲିଫ୍),
ବାଲିଚନ୍ଦ୍ରପୁର, ଯାଜପୁର,
ମୋ-୯୪୩୭୨୫୭୧୨୩

ସମ୍ପ୍ରତି ମହାନଦୀରେ ଏକ ବଡ଼ ବଢ଼ି ଆସିଛି । କ୍ରମାଗତ ଏକାଧିକ ଲଘୁଚାପ ଓ ଅବପାତ ଜନିତ ବର୍ଷା ଯୋଗୁଁ ଉପର ମୁଣ୍ଡରୁ ଅଧିକ ଜଳ ମହାନଦୀରେ ପ୍ରଣାଳୀରେ ପ୍ରବାହିତ ହେଉଛି । ବର୍ଷା ଅଧିକ ହେବା ସାଙ୍ଗକୁ ମହାନଦୀ ଉପର ମୁଣ୍ଡରେ ଛତିଶଗଡ଼ ବିନା ପୂର୍ବସୂଚନାରେ ଯେଉଁଭଳି ବନ୍ଧ ବ୍ୟାରେଜଗୁଡ଼ିକ ଖୋଲି ଦେଇଛି, ତାହା ହୀରାକୁଦ ଡ୍ୟାମ ପାଇଁ ବିପଦ ବଢ଼ାଇଛି । ଏବେ କିନ୍ତୁ ମହାନଦୀ ବନ୍ୟା ରାଜ୍ୟ ପାଇଁ ସବୁଠୁ ବଡ଼ ଚିନ୍ତାର ବିଷୟ । କାରଣ ଏହି ନଦୀ ପ୍ରଣାଳୀ ଅବବାହିକାରେ ୧୬ଟି ଜିଲ୍ଲାର ୩୦ ଭାଗରୁ ଅଧିକ ଲୋକ ପ୍ରଭାବିତ ହୋଇଥାନ୍ତି । ମଙ୍ଗଳବାର ରାତି ସୁଦ୍ଧା ମୁଣ୍ଡଳୀ ବ୍ୟାରେଜରେ ପ୍ରାୟ ୧୨ ଲକ୍ଷରୁ ଅଧିକ ଘନଫୁଟ ଜଳ ପ୍ରତି ସେକେଣ୍ଡରେ ମହାନଦୀ ତ୍ରିକୋଣ ଭୂମି ଅଞ୍ଚଳକୁ ପ୍ରବେଶ କରୁଥିଲା । ଆହୁରି ମଧ୍ୟ ରାତି ନଅଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରରୁ ମୋଟ ୬୪ ମଧ୍ୟରୁ ୪୦ ଫାଟକ ଦେଇ ଜଳ ନିଷ୍କାସିତ ହେଉଛି । ମହାନଦୀର ଉପରମୁଣ୍ଡ ଛତିଶଗଡ଼ରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରକୁ ଅଧିକ ପାଣି ପ୍ରବେଶ କରୁଛି । ତେଣୁ ବନ୍ଧ କର୍ତ୍ତୃପକ୍ଷ ଡ୍ୟାମର ସୁରକ୍ଷା ଏବଂ ମହାନଦୀର ନିମ୍ନ ଅବ ବାହିକାରେ ଅତି ବଡ଼ ଧରଣର ବନ୍ୟାକୁ ଏଡ଼ାଇବା ପାଇଁ ଜଗିରଖି ବୈଷୟିକ ଟିମର ନିଷ୍ପତ୍ତି ଅନୁସାରେ ପାଣି ଛାଡୁଛନ୍ତି । ତେବେ ମହାନଦୀର ନିମ୍ନ ଅବ ବାହିକା ପାଇଁ ଏବେ ତେଲନଦୀର ପାଣି ବିପଦ ସାଜିଛି । ମହାନଦୀର ଏହି ପ୍ରମୁଖ ଉପନଦୀ ତେଲରେ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ନାହିଁ । ତେଣୁ ସେ ପାଣି ମୁଣ୍ଡଳୀ ଓ ନରାଜ ଦେଇ ତ୍ରିକୋଣ ଭୂମିକୁ ପ୍ରବାହିତ କରିବା ଫଳରେ ମହାନଦୀର ନିମ୍ନ ଅବ ବାହିକାରେ ବନ୍ୟା ସ୍ଥିତି ବିଗିଡ଼ିବା ସ୍ୱାଭାବିକ ।

ହୀରାକୁଦ ଡ୍ୟାମର ଅନ୍ୟତମ ପ୍ରମୁଖ କାର୍ଯ୍ୟ ହେଲା ବନ୍ୟା ନିୟନ୍ତ୍ରଣ । ବନ୍ଧ କର୍ତ୍ତୃପକ୍ଷ ରୁଲ କର୍ଭ ଅନୁସାରେ ଯେତିକି ପାଣି ରଖିବା ସମ୍ଭବ ତା' ଠାରୁ ଅଧିକ ଅଟକାଇ ପାରିବେ ନାହିଁ । ତଥାପି ଅତୀତରେ ଡ୍ୟାମର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ ପର୍ଯ୍ୟନ୍ତ ଆବଶ୍ୟକ ସ୍ଥଳେ ପାଣି ରଖାଯାଇଛି ଏବଂ ଏଥର ମଧ୍ୟ ରଖାଯାଇପାରେ । ତେବେ ଉପରମୁଣ୍ଡରୁ ଅଧିକ ପାଣି ଆସିଲେ ବନ୍ଧ କର୍ତ୍ତୃପକ୍ଷ ଅଧିକ ଗେଟ ଖୋଲିବାକୁ ବାଧ ହୋଇପାରନ୍ତି । ବିଡ଼ମ୍ବନାର ବିଷୟ ହେଲା ମହାନଦୀର ନିମ୍ନ ଅବ ବାହିକାରେ ଥିବା ନଦୀଗୁଡ଼ିକର ସ୍ଥିତି ଓ ବନ୍ଧବାଡ଼ ଅବସ୍ଥା ଯାହା ସେଥିରେ ୧୦ଲକ୍ଷ କ୍ୟୁସେକରୁ ଅଧିକ ଜଳ ପ୍ରବାହକୁ ସମ୍ଭାଳି ହେବ ନାହିଁ । ନଦୀ ଶଯ୍ୟା ସବୁ କ୍ରମଶଃ ପୋତି ହୋଇପଡୁଛି ଏବଂ ବିଭିନ୍ନ ପ୍ରକାର ମନୁଷ୍ୟକୃତ କାର୍ଯ୍ୟ ଯୋଗୁ ପ୍ଲାବନ ଭୂମି ଓ ବନ୍ୟାଜଳ ନିଷ୍କାସନ ବ୍ୟବସ୍ଥା ସଂକୁଚିତ ହୋଇଯାଉଛି । ଫଳରେ ମୁଣ୍ଡଳୀରେ ୧୦ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବମାତ୍ରେ ତ୍ରିକୋଣଭୂମି ଅଞ୍ଚଳରେ ମଧ୍ୟମରୁ ବଡ଼ ଧରଣର ବନ୍ୟା ଅବଶ୍ୟମ୍ଭାବୀ । ଏହାଛଡ଼ା ମହାନଦୀର ମଧ୍ୟ ଅବ ବାହିକା ଯଥା ଅନୁଗୁଳ, ସୁବର୍ଣ୍ଣପୁର, ବୌଦ୍ଧ, ନୟାଗଡ଼, ସମ୍ବଲପୁର ଆଦି ଜିଲ୍ଲାର ନଦୀକୂଳିଆ ଅଞ୍ଚଳରେ ମଧ୍ୟ କ୍ଷୟକ୍ଷତି ଘଟିଥାଏ ।

ହୀରାକୁଦ ଡ୍ୟାମ କର୍ତ୍ତୃପକ୍ଷ ବନ୍ୟାଜଳ ପରିଚାଳନା ପାଇଁ ସବୁ ମନ୍ତେ ଉଦ୍ୟମ କରୁଥିଲେ ମଧ୍ୟ ଜଳ ଭଣ୍ଡାରର ସ୍ଥିତି ଓ ରୁଲ କର୍ଭ ନୂଆ ବାସ୍ତବତାର ସମ୍ମୁଖୀନ ହେବାକୁ ସକ୍ଷମ ନୁହେଁ । ଜଳଭଣ୍ଡାରରେ ପଟୁମାଟି ଜମା ହୋଇ ଏହାର ବାସ୍ତବ ଜଳଧାରଣ କ୍ଷମତା କମିଛି । ବାସ୍ତବିକ ଯେତେ ପରିମାଣର ପାଣି ରୁଲ କର୍ଭ ହିସାବରେ ଜଳଭଣ୍ଡାରରେ ରଖାଯିବା କଥା ତାହା ପ୍ରକୃତରେ ରଖାଯାଇ ପାରୁନାହିଁ । ତେଣୁ ଜଳଭଣ୍ଡାର ଶୀଘ୍ର ପୁରିଯାଉଥିବାରୁ ଫାଟକ ଖୋଲିବାକୁ କର୍ତ୍ତୃପକ୍ଷ ବାଧ ହେଉଛନ୍ତି । ତେଣୁ ଏହି ରୁଲ କର୍ଭର ପରିବର୍ତ୍ତନ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ୧୯୫୯ ମସିହାରେ ତିଆରି ହୋଇଥିବା ରୁଲ କର୍ଭ ୧୯୮୦ ଦଶକର ପ୍ରଥମାର୍ଦ୍ଧରେ ସଂଶୋଧିତ ହୋଇଥିଲା । ଇତିମଧ୍ୟରେ ପ୍ରାୟ ୪୮ ବର୍ଷ ବିତିଯାଇଥିଲେ ମଧ୍ୟ ତାହା ବଦଳି ନାହିଁ । ଫଳରେ ବନ୍ୟାଜଳ ପରିଚାଳନାରେ ହିସାବ ବିଗିଡ଼ିବା ସ୍ୱାଭାବିକ । ଏବେ ଅଗ୍ରାଧିକାର ଭିତ୍ତିରେ ବାସ୍ତବତାକୁ ନେଇ ରୁଲ କର୍ଭ ସଂଶୋଧିତ ହେବା ଆବଶ୍ୟକ । ଦ୍ୱିତୀୟ କଥା ହେଲା ଇତିମଧ୍ୟରେ ମହାନଦୀ ପ୍ରଣାଳୀ ୧୬ଟି ଜିଲ୍ଲାରେ ବନ୍ୟାର ପ୍ରକୋପ ଦେଖାଦେଇଛି ଏବଂ ତ୍ରିକୋଣ ଭୂମି ଅଞ୍ଚଳର କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା ଆଦି ଜିଲ୍ଲାରେ ଏହା କ୍ଷୟକ୍ଷତି ଘଟାଇ ସାରିଲାଣି । ମହାନଦୀରେ ବନ୍ୟା ନୂଆ ନୁହେଁ କି ଏହାର ପରିଚାଳନା ଓ ମୁକାବିଲା ଉଭୟ ସରକାର ତଥା ଲୋକଙ୍କ ପାଇଁ ନୂଆ କଥା ନୁହେଁ । ସବୁ ଜିଲ୍ଲା ପ୍ରଶାସନ ସାହାଯ୍ୟ ଓ ଉଦ୍ଧାର କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି । ତେବେ ବଢ଼ିର ବ୍ୟାପକତା ଓ ଯୋଗାଯୋଗ ବିଚ୍ଛିନ୍ନ ଆଦି କାରଣରୁ ଅନେକ ଗାଁ ଗଣ୍ଡା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି । ସେ ସବୁ ଗ୍ରାମକୁ ସରକାରୀ ରିଲିଫ ଓ ସହାୟତା ପଠାଇବା ଅବଶ୍ୟ ସମୟସାପେକ୍ଷ । କ୍ଷୟକ୍ଷତିର ବ୍ୟାପକତା ତୁଳନାରେ ସରକାରୀ ପ୍ରସ୍ତୁତି ଓ ପହଞ୍ଚ ଯଥେଷ୍ଟ ହୋଇନପାରେ । ତେଣୁ ସ୍ଥାନୀୟ ଜନପ୍ରତିନିଧି ଓ ଜନସାଧାରଣ ଏହି ଦୁର୍ଦ୍ଦିନ ସମୟରେ ସରକାରଙ୍କୁ ଅପେକ୍ଷା ନକରି ବିପନ୍ନଙ୍କ ପାଖରେ ଯଥାସମ୍ଭବ ପହଞ୍ଚିବା ଆବଶ୍ୟକ । ଜଳବାୟୁ ପରିବର୍ତ୍ତନ, ଗ୍ଲୋବାଲ ୱାର୍ମିଂ, ଅଦିନିଆ ବନ୍ୟା ବତ୍ୟା ପରିସ୍ଥିତିକୁ ନେଇ ପ୍ରତି ୧୦ ବର୍ଷରେ କର୍ଭ କୋଡ଼ର ସଂଶୋଧନ ହେବା କଥା । ମାତ୍ର ୨୨ ବର୍ଷ ହେବ ତାହା କରାଯାଇନାହିଁ । ଫଳରେ ପ୍ରତିବର୍ଷ ବନ୍ୟାରେ ଶହ ଶହ ଗାଁ ଜଳମଗ୍ନ ହେଉଛି । ହୀରାକୁଦ ବନ୍ଧର ଜଳ ପରିଚାଳନା ପାଇଁ ୧୯୬୨ ମସିହାରେ ଏକ କର୍ଭ କୋଡ଼ ପ୍ରସ୍ତୁତ କରାଯାଇଥିଲା, ଯାହାକୁ ପରବର୍ତ୍ତୀ ସମୟରେ ୧୯୮୪ରେ ଦ୍ୱିତୀୟ ଥର ପାଇଁ ସଂଶୋଧନ କରାଯାଇଥିଲା । ଏହା ଭିତରେ ୩୮ ବର୍ଷ ବିତିଗଲାଣି ଅଥଚ କର୍ଭକୋଡ଼ର ସଂଶୋଧନ କରାଯାଇନାହିଁ । ଫଳରେ ଜଳ ପରିଚାଳନାରେ ତ୍ରୁଟି ପରିଲକ୍ଷିତ ହେଉଛି । ଓଡ଼ିଶା ଏକ ନଦୀବନ୍ଧ ବହୁଳ ବନ୍ୟା ପ୍ରଭାବିତ ରାଜ୍ୟ । ରାଜ୍ୟରେ କେତେ ବେଳେ ବର୍ଷା ହୋଇ ନଦୀ ବଢ଼ିବ ତାହାର କୌଣସି ଠିକଣା ନଥାଏ । ରାଜ୍ୟ ସରକାର ବନ୍ୟାଜଳ ପରିଚାଳନା ପାଇଁ କୌଣସି ପଦକ୍ଷେପ ନେଉ ନଥିବାରୁ ଜନସାଧାରଣଙ୍କ ଜୀବନ ବିପଦରେ ପଡୁଛି । ଆହୁରି ମଧ୍ୟ ଜଳ ନିଷ୍କାସନ ବ୍ୟବସ୍ଥା ଓ ନଦୀର ଶଯ୍ୟା କିପରି ଅବରୁଦ୍ଧମୁକ୍ତ ହେବ ଏବଂ ବନ୍ଧବାଡ଼ ସବୁ ଅଧିକ ସୁଦୃଢ଼ ହୋଇପାରିବ, ସେଥିପାଇଁ ସରକାରୀ ସ୍ତରରେ ନୂଆ ଯୋଜନାର ଆବଶ୍ୟକତା ରହିଛି ।

# ନାରୀ ଆଜି କେତେ ସୁରକ୍ଷିତ ?

**ବିଷ୍ଣୁ ପ୍ରସାଦ ଦାସ**
ବରିଷ୍ଠ ନାଗରିକ,ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ ୭୫୩୦୦୯
ମୋ:୯୯୩୭୧୭୪୦୯୭

ଏକବିଂଶ ଶତାବ୍ଦୀରେ ନାରୀ କେତେ ସୁରକ୍ଷିତ ବୋଲି ଆମେ କହିବା ? ପ୍ରତିଦିନ ସମ୍ବାଦପତ୍ର, ଗଣ ମାଧ୍ୟମରେ ପ୍ରଚାରିତ ହେଉଥିବା ସମ୍ବାଦକୁ ଯଦି ଅଧାରକରି ଦେଖିବା ତେବେ ପ୍ରତିଦିନ କେଉଁଠି ନା' କେଉଁଠି ନାରୀ ନିର୍ଯାତନାର ଖବର ଦେଖିବାକୁ ପାଇବା । ପୁରୁଷ କୈନ୍ଦ୍ରିକ ସମାଜରେ ଅତୀତରେ ମଧ୍ୟ ନାରୀ ନିର୍ଯାତନାର ଶୀକାର ହେଉଥିଲା ଆଜି ବି ହେଉଛି ଆଉ ଯଦି ଆମମାନଙ୍କର ମାନସିକତା ନ' ବଦଳେ ତେବେ ଭବିଷ୍ୟତରେ ମଧ୍ୟ ହେବ ।

ସରକାରୀ ସ୍ତରରେ ନାରୀ ନିର୍ଯାତନାକୁ ରୋକିବାକୁ ଅନେକ କିଛି ପଦକ୍ଷେପ ନିଆଯାଇଛି ଏବଂ ଆଗକୁ ନିଆଯିବ ମଧ୍ୟ, କିନ୍ତୁ ତୃଣମୂଳ ସ୍ତରରେ ଯଦି ଏହାକୁ ରୋକାଯାଇ ପାରିବ ତେବେ ହୁଏତ କିଛି ମାତ୍ରାରେ ନାରୀ ମାନଙ୍କୁ ସୁରକ୍ଷା ମିଳିପାରିବ । ଆମ ଦେଶରେ ଅର୍ଦ୍ଧାଧିକ ପରିବାର କନ୍ୟା ଭ୍ରୁଣକୁ ଜରାୟୁ ଭିତରେ ହତ୍ୟା କରିବାର ସପକ୍ଷରେ ଥା'ନ୍ତି, ସେମାନେ ଚାହାନ୍ତି ନାହିଁ ଯେ ତା'ଙ୍କ ପରିବାରକୁ ଏକ କନ୍ୟାର ଆବିର୍ଭାବ ହେଉ । ଏହା ପଛରେ ଥିବା ହୃଦୟବିଦରକ ଚିନ୍ତାଧାରା ଯଦି ନ'ବଦଳେ ତେବେ ଦିନ ଆସିବ ଗୋଟିଏ ଗୋଟିଏ ସ୍ଥାନ କନ୍ୟାଶୂନ୍ୟ ହୋଇଯିବ । ନାରୀ ପୁରୁଷ ଭିତରେ ଥିବା ଲିଙ୍ଗ ଭିତ୍ତିକ ସନ୍ତୁଳନ ରହିବ ନାହିଁ, ସେଥିପାଇଁ ସରକାର ଆମ ଦେଶରେ ଜରାୟୁ ଭିତରେ ଲିଙ୍ଗ ନିରୂପଣକୁ ସମ୍ପୂର୍ଣ୍ଣ ବେଆଇନ ଘୋଷଣା କରିଛନ୍ତି । ନିୟମ ଅମାନ୍ୟ କଲେ ଜେଲ ତଥା ଜୋରିମାନା ର ବ୍ୟବସ୍ଥା ମଧ୍ୟ ରହିଛି । ଏହା କେବଳ ପରିବାରର ସମସ୍ୟା ନୁହେଁ, ଏହା ଦେଶର ସମସ୍ୟା ହୋଇ ଛିଡାହେବ । ଭାରତବର୍ଷରେ ଅନେକ ରାଜ୍ୟ ଅଛି ଯେଉଁଠି କନ୍ୟା ସନ୍ତାନ ଜନ୍ମ ହେଲେ ଜନ୍ମଦାତ୍ରୀଙ୍କୁ ଅସହ୍ୟ ଯନ୍ତ୍ରଣା, ମାନସିକ, ଶାରୀରିକ କଷ୍ଟ ଭୋଗ କରିବାକୁ ହୁଏ, ସତେ ଯେମିତି କନ୍ୟା ସନ୍ତାନ ଜନ୍ମ ପାଇଁ ଜନ୍ମଦାତ୍ରୀ ଜଣକ ସମ୍ପୂର୍ଣ୍ଣ ଦାୟୀ ! ପୁରୁଷର ଭୂମିକାକୁ ସମସ୍ତେ ଏଡେଇ ଯା'ନ୍ତି । ଧନ୍ୟ ଆମ ସାମାଜିକ ବ୍ୟବସ୍ଥା, ଧନ୍ୟ ଆମ ରୁଗ୍ଣ ମାନସିକତା ଆଉ ଧନ୍ୟ ଆମ ବୁଦ୍ଧି ବିବେକ । କାହାକୁ କହିବା ? କିଏ ଶୁଣିବ ? ଏବେବି ଆମ ରାଜ୍ୟରେ ଲୋକକଥା ପ୍ରଚଳିତ ଅଛି '' ଝିଅ ଜନମ ଚୁଲି ମୁଣ୍ଡକୁ' । ଝିଅଟିଏ କ'ଣ ପରିବାର ପାଇଁ ଏତେ ନଗଣ୍ୟ, ଏତେ ଛୋଟ, ଏତେ ବଡ଼ ବୋଝ ? ନା', ମୋର ମତରେ ତ' ଆଦୌ ନୁହେଁ । ଈଶ୍ୱରଙ୍କ ଦୁନିଆରେ ନାରୀ ପୁରୁଷ ସଭିଏଁ ସମାନ, ସଂସାର ପ୍ରତି, ସମାଜ ପ୍ରତି, ଦେଶ ପ୍ରତି ସମସ୍ତଙ୍କର କିଛି ନା'କିଛି ଦାୟିତ୍ୱ ଅଛି । କନ୍ୟା ସନ୍ତାନଟିଏ ଜନ୍ମ ହେବା ପରେ ତା'କୁ ପୁତ୍ର ସନ୍ତାନ ତୁଳନାରେ କୌଣସି ପ୍ରକାରର ଅବହେଳା ପ୍ରଦର୍ଶନ କରିବା ଉଚିତ ନୁହେଁ, ଆମେ ଯଦି ସୁଚାରୁରୂପେ ଲାଳନ ପାଳନ କରି ଉତ୍ତମ ଶିକ୍ଷା ଦେବାସହିତ ତା'ର ବୌଦ୍ଧିକ ବିକାଶ ପାଇଁ ତା'କୁ ପ୍ରେରଣା ଦେବା, ଦେଶର ଜଣେ ସୁନାଗରିକ ହୋଇ ଦେଶ ପାଇଁ କିଛି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ କରିଦେଶର ସମ୍ମାନ ବଢ଼ାଇବାପାଇଁ ସେ ନିଶ୍ଚିତ ଭାବେ ସହାୟ ହୋଇପାରିବ । ଶିକ୍ଷାର ଅଭାବ ତଥା ମାନସିକ ଚାପ, ପାରିବାରିକ ହିଂସା, ଅସହିଷ୍ଣୁତା, ତା'ପ୍ରତି ହେଉଥିବା ଅତ୍ୟାଚାର, ପରିବାରର କଠୋର ନିୟମ କାନୁନ କନ୍ୟା ସନ୍ତାନଟିର ଛୋଟ ବେଳୁ ଜୀବନର ସବୁ ସୁଖ ଛଡାଇ ନେଇଥାଏ । ପରିବାର ସଦସ୍ୟ କନ୍ୟାଟିର ବୟସ ବଢ଼ିବା ସହିତ ତା'ପାଇଁ ଚିନ୍ତିତ ହୋଇ ଉଠନ୍ତି, ସେମାନେ ଭାବନ୍ତି 'ଝିଅ ଘିଅ' କେତେବେଳେ କ'ଣ ହୋଇଯିବ କିଏ କହିବ ? ତେଣୁ ବେଳହୁଁ ସାବଧାନ । ସବୁଠାରୁ ବଡ଼ ଚିନ୍ତାର ବିଷୟ ପରିବାର ପାଇଁ ହେଲା ଯୌତୁକ ପ୍ରଥା, ଏହି ରାକ୍ଷସ ଶିକ୍ଷିତ, ଅଶିକ୍ଷିତ, ବଡ଼, ଛୋଟ, ଧନୀ ଦରିଦ୍ର ସମସ୍ତଙ୍କ ପାଇଁ ଏକ ବଡ଼ ବୋଝ ସଦୃଶ୍ୟ । ଏସବୁ କୁସଂସ୍କାର ପ୍ରାୟ ସବୁ ସମାଜରେ ଦେଖାଯାଏ । ଯୌତୁକ ରାକ୍ଷସ କବଳରେ ପଡି ଅନେକ ମୂଲ୍ୟବାନ ଜୀବନ ଦୀପ ଅକାଳରେ ଲିଭିଯାଏ, କନ୍ୟା ସନ୍ତାନଟିଏ ଜନ୍ମରୁ ପରିବାରରେ ନିର୍ଯାତନାର ଶିକାର ହୁଏ, କୈଶୋରରେ ସ୍କୁଲ କଲେଜ ଯଦି ଯାଏ ସେଠାରେ ମଧ୍ୟ କେହି କେହି ଯୌନ ନିର୍ଯାତନାର ଶିକାର ହୁଅନ୍ତି, ଅନେକେ ଏହାକୁ ନିଜ ହୃଦୟରେ ଗୋପନ କରି ରଖନ୍ତି ତ' କେହି ନିଜର ପ୍ରିୟ ବନ୍ଧୁ ବା ନିଜ ମା'ଙ୍କୁ କହିଥାନ୍ତି । ସର୍ବେକ୍ଷଣରୁ ଜଣାଯାଏ ଯେ, ଅଧିକାଂଶ କନ୍ୟା ନିଜ ପରିବାରର ସଦସ୍ୟଙ୍କ ଦ୍ୱାରା ମଧ୍ୟ ଯୌନ ନିର୍ଯାତନାର ଶିକାର ହୋଇଛନ୍ତି । ଏହା ବଡ଼ ସମ୍ବେଦନଶୀଳ କଥା, ଅନେକେ ଏହାକୁ ସମ୍ପୂର୍ଣ୍ଣ ଗୋପନ ରଖିଥାନ୍ତି । କାର୍ଯ୍ୟକ୍ଷେତ୍ରରେ ମଧ୍ୟ ନାରୀ ନିର୍ଯାତନାର ଶିକାର ହେବାର ଅନେକ ଉଦାହରଣ ଅଛି । ମହିଳା ମାନଙ୍କ ପାଇଁ ସରକାର ମହିଳା କମିଶନ, ମହିଳା ଥାନା, ମହିଳା ହେଲ୍ପ ଡେସ୍କ ଠାରୁ ଆରମ୍ଭ କରି ଅନେକ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ କରିଛନ୍ତି କିନ୍ତୁ ଆପଣମାନେ ଅନ୍ତରରୁ ଚିନ୍ତା କରନ୍ତୁ ତ', ଆଜି ସତରେ କ'ଣ ନାରୀ ସୁରକ୍ଷିତ ? ଖାଲି ଆଇନ କରିଦେଲେ ସମସ୍ୟାର ସମାଧାନ ସମ୍ଭବ ନୁହେଁ ବନ୍ଧୁ, ଆମର ମାନସିକତା ବଦଳିବାର ଆବଶ୍ୟକତା ଅଛି ।

ଆମ ଦେଶ ତଥା ବିଦେଶରେ ନାରୀ ପୁରୁଷ ଠାରୁ କୌଣସି ଗୁଣରେ କମ ନୁହେଁ ବୋଲି ପ୍ରତିପାଦିତ ହୋଇ ସାରିଲାଣି, ନାରୀ ଆଜି ରାଷ୍ଟ୍ରମୁଖ୍ୟ ଠାରୁ ଆରମ୍ଭ କରି ଅନେକ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀ ଅଳଙ୍କୃତ କରି ସାରିଲେଣି, ଏପରି କୌଣସି କ୍ଷେତ୍ର ନାହିଁ, ଯେଉଁଠାରେ କି ନାରୀମାନେ ସଫଳତାର ସହିତ ନିଜ ଦାୟିତ୍ୱ ସମ୍ପାଦନ କରି ନ' ପାରିଛନ୍ତି । ବିଶ୍ୱରେ ପ୍ରଥମଥର ପାଇଁ ୧୯୬୦ ମସିହାରେ ଶ୍ରୀମତୀ ବନ୍ଦର ନାଏକ ଶ୍ରୀଲଙ୍କାର ରାଷ୍ଟ୍ର ମୁଖ୍ୟ ପଦ ଅଳଙ୍କୃତ କରିପାରିଥିଲେ । ସେହିପରି ଇସ୍ରାଏଲର ଗୋଲଦା ମାରି, ବ୍ରିଟେନରେ ମାର୍ଗରେଟ ଥାଚର, ଭାରତରେ ଇନ୍ଦିରା ଗାନ୍ଧୀ, ଜର୍ମାନୀର ଚାନସେଲର ଆଞ୍ଜେଲା ମେର୍କେଲ, ନ୍ୟୁଜିଲ୍ୟାଣ୍ଡର ରାଷ୍ଟ୍ରମୁଖ୍ୟ ଜାଶିଦା ଆରଡେନ ଠାରୁ ଆରମ୍ଭ କରି ବୈଜ୍ଞାନିକ ମ୍ୟାଡାମ କ୍ୟୁରି, କଳ୍ପନା ଚାଓଲାଙ୍କ ପରି ଅସୁମାରୀ ନାରୀ ଆଜି ଆମର ପ୍ରେରଣାଦାତ୍ରୀ ହୋଇ ରହିଛନ୍ତି । ୧୫ତମ ରାଷ୍ଟ୍ରପତିଭାବେ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି ଭାରତର ଶୀର୍ଷ ଆସନ ଅଳଙ୍କୃତ କରିପାରିଛନ୍ତି । ନାରୀ ଅବଳା ନୁହେଁ, ଦୁର୍ବଳା ନୁହେଁ, ନାରୀ ସ୍ୱୟଂସିଦ୍ଧା, ନାରୀ କନ୍ୟା, ନାରୀ ଭଗିନୀ, ନାରୀ ଜୟା, ନାରୀ ମା' । ଏତେ ସବୁ ଜାଣି ମଧ୍ୟ ଆମେ ନାରୀଙ୍କୁ କାହିଁକି ନିର୍ଯାତନା ଦେଉଛୁ ? ଏହା ପଛରେ ଥିବା ରୁଗ୍ଣ ମାନସିକତା ଆଉ କେବେ ବଦଳିବ ? ଆମେ କଣ ପୃଥିବୀ ପୃଷ୍ଠରୁ ନାରୀଙ୍କୁ ଲୋପ କରିଦେବା ? ପ୍ରତିଟି ବ୍ୟକ୍ତି ଯଦି ନାରୀ ନିର୍ଯାତନା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବେ, ଯୌତୁକ ପ୍ରଥାକୁ ଲୋପ କରିବେ, ସଚେତନତା ଦ୍ୱାରା ସାଧାରଣ ଜନତାଙ୍କ ମାନସିକତା ବଦଳାଇବେ ତେବେ ନିଶ୍ଚିତ ଭାବେ ଆମେ ନାରୀମାନଙ୍କୁ ନିର୍ଯାତନାରୁ ମୁକ୍ତ କରିପାରିବା । ନାରୀଙ୍କୁ ସମ୍ମାନ ନ'ଦେଲେ ଆମର ସମାଜ ଭୁଶୁଡି ଯିବ ।

# ଜର୍ମାନୀ ଓ ଭାରତର ସାଂପ୍ରତିକ ସଂପର୍କ



**ଶୁଭନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ପୁରୀ,
ମୋ-୯୪୩୮୪୩୨୦୨୩

ଜର୍ମାନ ହେଉଛି ପଶ୍ଚିମ ଓ ମଧ୍ୟ ୟୁରୋପର ଏକ ପ୍ରଭାବଶାଳୀ ଦେଶ । ଯିଏ ପ୍ରଥମ ବିଶ୍ୱ ଯୁଦ୍ଧର ଅଷ୍ଟ୍ରିଆ, ହେଙ୍ଗରୀକୁ ସହଯୋଗକରି ବିଶ୍ୱକୁ ନିଜ ପରାକ୍ରମ ଦେଖାଇଥିଲା। ଦ୍ୱିତିୟ ବିଶ୍ୱଯୁଦ୍ଧ ସମୟରେ ଇଟାଲି ଓ ଜାପାନ ସହ ମିଶି ଯେଉଁ ପଦକ୍ଷେପ ନେଇଥିଲା ତାହା ସାରା ବିଶ୍ୱକୁ ଚକିତ କରିଦେଇଥିଲା । ଏହି ସମୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜର୍ମାନ ସହ ଭାରତର ସଂପର୍କ ବୃଦ୍ଧି ପାଇଁ ଚେଷ୍ଟା କରିଥିଲେହଁ ପ୍ରତିକୂଳ ପରିସ୍ଥିତି ତଥା ଇଂରେଜମାନଙ୍କ କୂଟନୈତିକ ହସ୍ତକ୍ଷେପ ଯୋଗୁଁ ଉଭୟ ଦେଶର ସହଯୋଗ ଓ ସହଭାଗୀତାରେ ଆଖିଦୃଶିଆ ପ୍ରଗତି ଆସିପାରିନଥିଲା । ସେଯାହାହେଉନା କାହିଁକି ସ୍ୱାଧୀନତାପରେ ଜର୍ମାନ ଓ ଭାରତ ସଂପର୍କକୁ ସ୍ୱାଧୀନତା ପରେ ସୁଧାରିବାକୁ ଚେଷ୍ଟା କରାଯାଇଥିଲା ତେବେ ଇତିହାସ କୁହେ ଭାରତ ଜର୍ମାନ ସଂପର୍କ ହେଉଛି ପ୍ରାୟ ୧୬ଶ ଶତାବ୍ଦୀର ।

ବର୍ତ୍ତମାନ ଜର୍ମାନସହ ଭାରତର ଦ୍ୱୀପାକ୍ଷିକ ବାଣିଜିକ, ସାଂସ୍କୃତିକ, ବୈଷୟିକ ସହଯୋଗ ସଂପର୍କ ପାରମ୍ପରିକ ଭାବେ ଅଧିକ ସୁଦୃଢ଼ । ସଂଘୀୟ ଗଣତନ୍ତ୍ର ଜର୍ମାନକୁ ସ୍ୱୀକୃତି ଦେଉଥିବା ପ୍ରାଥମିକ ଦେଶଗୁଡିକ ମଧ୍ୟରେ ଭାରତ ଅନ୍ୟତମ । ଗଣତନ୍ତ୍ର ଓ ଆଇନ ପ୍ରଣୟନ ଆଧାରରେ ଦୁଇଦେଶର ସଂପର୍କ ମଜବୁତ ରହିଆସିଛି । ଏବଂ ଭାରତର କୂଟନୈତିକ ସଂପର୍କ ୧୯୫୧ରୁ ରହିଆସିଛି ।

ତେବେ ଦୁଇ ଦେଶ ମଧ୍ୟରେ ଆନ୍ତଃସରକାରୀ ପରାମର୍ଶଦାତା ବୈଠକ ସମୟାନ୍ତରରେ ହୁଏ । ଏଥିରେ ଆତଙ୍କବାଦ ବୈଷୟିକ ସହଭାଗୀତା, କୂଟନୈତିକ କଥାବାର୍ତ୍ତା, ବୈଦେଶିକ ନୀତି ସମ୍ବନ୍ଧରେ ଆଲୋଚନା ହୁଏ । ମିଳିତ ଜାତିସଂଘ ନିରାପତା ପରିଷଦରେ ସ୍ଥାୟୀ ସହଭାଗୀତା ପାଇଁ ଏହି ଦୁଇ ଦେଶ ପରସ୍ପରକୁ ସହଯୋଗ କରି ଆସୁଛନ୍ତି । ଯଦି ଓ ଜର୍ମାନୀର ଏକୀକରଣ ପାଇଁ ଭାରତ ସହଯୋଗ କରିଥିଲା, କିନ୍ତୁ ଭାରତର ନ୍ୟୁକ୍ଲିୟର ପରୀକ୍ଷଣ, ବାଙ୍ଗଲାଦେଶ ଯୁଦ୍ଧ, ଗୋଆ ସ୍ୱାଧୀନତା ଆଦି ବିଷୟରେ ବିରୋଧ କରିଥିଲା ଜର୍ମାନୀ । ଇତିମଧ୍ୟରେ ଜର୍ମାନୀ ଚାନସେଲର ଆଞ୍ଜେଲା ମାର୍କେଲ ଦୁଇଥର ଭାରତ ଗ୍ରସ୍ତରେ ଆସିଲେଣି । ଜର୍ମାନରେ ଥିବା ୧୦ମ ଶତାବ୍ଦୀର ଦେବୀ ଦୁର୍ଗାଙ୍କ ମୂର୍ତ୍ତୀ ଭାରତ ଫେରିପାଇଛି । ଭାରତରେ ଆଇଆଇଟି, ମାଦ୍ରାସରେ ସ୍ଥାପିତ ହୋଇଛି । ଇଣ୍ଡୋ ଜର୍ମାନୀ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ସେଣ୍ଟର ମଧ୍ୟ ଜର୍ମାନ ସହଯୋଗରେ ପ୍ରତିଷ୍ଠା କରାଯାଇଛି । ଏତଦବ୍ୟତିତ କେନ୍ଦ୍ରୀୟ ବିଦ୍ୟାଳୟରେ ଜର୍ମାନୀ ଭାଷା ଶିକ୍ଷାଦେବା, ଜର୍ମାନର ପବ୍ଲିକ ବିଦ୍ୟାଳୟରେ ଶିଶୁଙ୍କୁ ସଂସ୍କୃତ ଭାଷା ପଢାଇବାର ବ୍ୟବସ୍ଥା ମଧ୍ୟ କରାଯାଇଛି । ଏମିତିକି ଭାରତରେ ଜର୍ମାନ ଭାଷାର ଏକ ଖବରକାଗଜ ମଧ୍ୟ ପ୍ରକାଶ ପାଉଛି । ଶିକ୍ଷା ସମ୍ବନ୍ଧୀୟ ସାଟେଲାଇଟ, ପାରସ୍ପରିକ ବାଣିଜ୍ୟ ଓ ସଂସ୍କୃତି ସହଯୋଗ ରହିଛି ।

୨୧ତମ ଶତାବ୍ଦୀରେ ୭୦ତମ ଜର୍ମାନ-ଭାରତ କୂଟନୈତିକ ବାର୍ଷିକୀ ପାଳନ କରାଯାଇଛି । ନିକଟରେ ଜର୍ମାନ-ଭାରତ ସଂଯୁକ୍ତ ଡାକଟିକେଟ ମଧ୍ୟ ଉଦ୍‌ଘାଟିତ ହୋଇଛି । ୨୦୦୦ମସିହାରେ ଜର୍ମାନ-ଭାରତ କୌଶଳ ସହଭାଗୀତା ସ୍ଥାପିତ ହୋଇଥିଲା । ଏହାଦ୍ୱାରା ଭାରତର ଅଥର୍ନୈତିକ, ରାଜନୈତିକ କଥାବାର୍ତା ଆଗକୁ ବଢିଥିଲା ।

ଫେର ଭାରତ ଜର୍ମାନ ଛାତ୍ରଛାତ୍ରୀ ଉଭୟ ଦେଶରେ ପଢିବାର ସୁଯୋଗ ସୃଷ୍ଟି ହୋଇଥିଲା । ୨୦୧୮ ମସିହା ସୁଦ୍ଧା ଦ୍ୱୀପାକ୍ଷିକ ବାଣିଜ୍ୟ କାରବାର ୨୦.୪୧ ବିଲିୟନ ୟୁରୋକୁ ବୃଦ୍ଧି ପାଇଥିଲା । ୨୦୧୯ ମସିହାରେ ଜର୍ମାନର ଏଫଡିଆଇ ଭାରତରେ ପ୍ରାୟ ୧୧.୯ ବିଲିୟନ ଡଲାର ରହିଛି । ପ୍ରତିରକ୍ଷା କ୍ଷେତ୍ରେର ୨୦୦୬ ମସିହାରେ ଏଗ୍ରୀମେଣ୍ଟଟ ହୋଇଛି, ଯାହା ଜର୍ମାନ-ଭାରତ ପ୍ରତିରକ୍ଷା ସମ୍ବନ୍ଧକୁ ଅଧିକ ମଜବୁତ କରୁଛି । ଜର୍ମାନ ଓ ଭାରତର ବିଭିନ୍ନ ସହରକୁ ଯୋଡି ସିଷ୍ଟର ସିଟି ଆରେଞ୍ଜେମେଣ୍ଟ ହୋଇଛି ଯେମିତିକି କର୍ଣ୍ଣାଟକ-ବର୍ଭୋଲା, ମୁମ୍ବାଇ –ଷ୍ଟୁଗାର୍ଟ ଇତ୍ୟାଦି ।

ଗଙ୍ଗା ସେଫଇ, ଶକ୍ତି ସଂରକ୍ଷଣ, ଗ୍ରୀନ ଶକ୍ତି କରିଡର ପ୍ରୋତ୍ସାହନ ପାଇଁ ଜ୍ଞାନକୌଶଳ ଓ ବୈଷୟିକ ସହାୟତା ପ୍ରାଦାନ କରୁଛି ଜର୍ମାନୀ । ଜର୍ମାନ ମଧ୍ୟ ସ୍ମାର୍ଟ ସିଟି ସେହଯାଗ ଭୂବେନଶ୍ୱର, କୋଇମ୍ବାଟୁର, କୋଚି ସ୍ଥାୟୀ ପରିବହନ ବ୍ୟବସ୍ଥା ପାଇଁ ସହଯୋଗ କରୁଛି । ଗ୍ରୀନ ପରିବହନ ବା ମୋବିଲିଟି ପାଇଁ ନାଗପୁରେର ୮୯୦୦ କୋଟିର ବିନିଯୋଗ କରୁଛି ଜର୍ମାନୀ ।

ଜର୍ମାନ ଛାତ୍ର ମାକ୍ସ ମୁଲାର ଉପନିଷଦ, ବେଦର ଭାଷାନ୍ତର ନିମେନ୍ତ ସହେଯାଗ କରୁଛନ୍ତି । ଜର୍ମାନ ସହ ଭାରତର ଲୋକ ସଂପର୍କ ୧.୭ ଲକ୍ଷରେ ପହଁଞ୍ଚିଥିବା ବେଳେ ୧୭୫୦୦ ଛାତ୍ରଛାତ୍ରୀ ବିଭିନ୍ନ ପାଠ୍ୟକ୍ରମେର ଜର୍ମାନକୁ ଯାଇଛନ୍ତି । ଦୁଇଦେଶର ମୂଖ୍ୟ ଉଭୟ ଦେଶ ଗ୍ରସ୍ତ କରିବା କରଣରୁ ସଂପର୍କ ସହ ବିକାଶ ଓ ସହେଯାଗ ବୃଦ୍ଧି ପାଇଛି । ବିକଶିତ ଜର୍ମାନୀ ଭାରତର ଅେନକ ବିକାଶ ପାଇଁ ସେହଯାଗ ଯୋଗାଇ ଦେଇଛି । ଯାହା ଦୁଇଦଶରେ ମତାନ୍ତରକୁ ଦୂରାଇବାରେ ସଫଳ ହେଉଛି। ପୂବର୍ରାଷ୍ଟ୍ରଦୂତ ଗୁରୁଜିତ ସିଂ ମତପ୍ରଦାନ କରିଥିଲେ ଯେ ନୂତନ ସହାନୁବନ୍ଧିତ ଶାସକେଗାଷ୍ଠୀ ଦ୍ୱାରା ଦୁଇେଦଶ ମଧ୍ୟରେ ସଂପକର୍କୁ ଅଧିକ ସୁଦୃଢ କରାଯାଇପାରିବ । ଅଧିକ ଗତିଶୀଳ ରେଲେଓ ପାଇଁ ଜର୍ମାନୀ ସହ ସହଭାଗୀତା. ଏସିଅାରେ ଆର୍ଥୀକ କୈଶଳ ଉଦ୍ୟମରେ ଜର୍ମାନୀର ସହଯୋଗ ନିଆଯାଇପାରେ । ତା'ଛଡା ଉଚ୍ଚ ବୈଷୟିକ ସହଭାଗୀତା, ପ୍ରତିରକ୍ଷା ଶିଳ୍ପ ବିକାଶ ପାଇଁ ଜର୍ମାନୀର ସହଯୋଗ ଭାରତ ପାଇଁ ଅନ୍ତର୍ଦେଶୀୟ ସଂପକର୍କୁ ମଜବୁତ କରିବ ।

ବର୍ତ୍ତମାନ ୟୁକ୍ରେନ ଯୁଦ୍ଧକୁ ନେଇ ଜର୍ମାନୀ ରଷ୍ଟ୍ରଦୂତ କହିଛନ୍ତି ଭାରତ କୂଟନୀତି କ୍ଷେତ୍ରରେ ବେଶ ପରିପକ୍ୱ ଭାରତସରକାର ତାଙ୍କର ଭୂମିକା ବିଷୟରେ ବେଶ ସଚେତନ । କେବଳ ୟୁକ୍ରେନ, ନାଟୋ କିମ୍ବା ୟୁରୋପିଆନ ୟୁନିୟନ ସମ୍ବନ୍ଧୀୟ ବିଷୟ ନହୁଁ ବରଂ ସାରା ବିଶ୍ୱ ସ୍ୱାର୍ଥ ପାଇଁ ସମେସ୍ତ ଏକତ୍ର କାର୍ଯ୍ୟ କରିବା ଉଚିତ । ବାସ୍ତବରେ କେହି ଯୁଦ୍ଧ ଚାହାନ୍ତି ନାହିଁ, ଏମିତିରେ ସମାଧାନର ପନ୍ଥା ବାହାର କରି ସମସ୍ତ ଦେଶ ଶାନ୍ତି ପୁର୍ଣ୍ଣ ସହାବସ୍ଥାନ କରିପାରବେ । ଅପରପକ୍ଷରେ ରୁଷ ୟୁକ୍ରେନ ଯୁଦ୍ଧ ପରିପ୍ରେକ୍ଷୀରେ ଭାରତର ନିରେପକ୍ଷତାକୁ ନେଇ ଅେନକ ଦେଶ ଭିନ୍ନ ମତ ପୋଷଣ କରୁଥିବାବେଳେ ଜୁନମାସରେ ଅନିଷ୍ଠିତ ଜି ୭ ଶିଖର ସମ୍ମିଳନୀକୁ ଅତିଥି ଦେଶରୂେପ ଭାରତକୁ ନିମନ୍ତ୍ରଣ କାରିଥିଲା ଜର୍ମାନୀ । ସେଠାରେ ଭାରତର ପ୍ରଧାନମନ୍ତ୍ରୀ ଜଳବାୟୁ, ଶକ୍ତି, ପରିବଶ, ସ୍ୱାସ୍ଥ୍ୟ ଓ ବିଶ୍ୱରେ ଭାରତର ସ୍ଥିତି ବର୍ଣ୍ଣନା କରିଥିଲେ । ଏଥିରୁ ଜଣାଯାଏ ସଂପ୍ରତି ଏହି ସଂପର୍କ ଭାରତ ଜର୍ମାନ ସଂପର୍କକୁ ଅଧିକ ମଧୁର କରୁଛି ଓ ଉନ୍ନତି ଅଣିଛି ।



# ଆମ କଳାହାଣ୍ଡି





### ଛାତ୍ରୀ କନକ ନିଆଲଙ୍କ ସନ୍ଦେହଜନକ ଆତ୍ମହତ୍ୟା ଘଟଣା

# ସିବିଆଇ ତଦନ୍ତ ଦାବିରେ ବିକ୍ଷୋଭ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଗତ କିଛି ଦିନ ତଳେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଘୋଟିଆ ଗାଁ'ର ଝିଅ କନକ ନିଆଲ ଚିଚିଆ ବାଳିକା ହାଇସ୍କୁଲର ଦଶମ ଶ୍ରେଣୀଛାତ୍ରୀକୁ ଚିଚିଆ- ଘୋଟିଆ ରାସ୍ତା କଡରେ ଏକ ଗଛରେ ବେକରେ ଓଢଣୀ ଦେଇ ସନ୍ଦେହ ଜନକ ଭାବେ ଆତ୍ମହତ୍ୟା ଘଟଣାକୁ ନେଇ ଜିଲ୍ଲାର ବହୁଜନ ଛାତ୍ର ସଂଗଠନ ତରଫରୁ ତାଙ୍କୁ ନ୍ୟାୟ ଓ ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରି ୨୨ ତାରିଖ ବାର ଘଣ୍ଟିଆ ଭବାନୀପାଟଣା ସହର ବନ୍ଦ ଡାକରା ଦେଇଥିଲେ। ବହୁଜନ ଛାତ୍ର ସଂଗଠନ ପକ୍ଷରୁ ଭବାନୀପାଟଣା ଉପକଣ୍ଠରେ ଥିବା କଲେଜ ଛକ ଏବଂ ମହିଳା ମହାବିଦ୍ୟାଳୟ ସମ୍ମୁଖ ଜାତୀୟ ରାଜପଥ ଉପରେ ଦୀର୍ଘ ଛଅଘଣ୍ଟା ଧରି ରାସ୍ତା ଅବରୋଧ କରିବା ସହ ଏହି ଘଟଣାର ସିବିଆଇ ତଦନ୍ତ ଦାବି କରିଥିଲେ। ଆନ୍ଦୋଳନକାରୀ ଛାତ୍ରଛାତ୍ରୀମାନେ ଏକ ବିରାଟ ଶୋଭାଯାତ୍ରାରେ ଯାଇ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କଳାହାଣ୍ଡି ଏସ୍‌ପିଙ୍କ ଜରିଆରେ ପ୍ରଦାନ କରିଥିଲେ। କନକ ନିଆଲକୁ ବଳାତ୍କାର ଓ ଦୁର୍ବୃତ୍ତମାନେ ହତ୍ୟା କରି ପୀଡିତାକୁ ତା' ଓଢଣୀରେ ଫାଶୀ ଲଗେଇ ଗଛରେ ଟାଙ୍ଗି ଆତ୍ମହତ୍ୟାର ରୂପ ଦେଇଥିବା ଯୋଗୁଁ ଏହି ଘଟଣାର ନିରପେକ୍ଷ ତଦନ୍ତ ସିବିଆଇ ଦ୍ୱାରା କରି ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନାବାଳିକାକୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି। ଏହି ଆନ୍ଦୋଳନରେ ଏଓଏସ୍‌ସିପି ରାଜ୍ୟ ମହାସଚିବ ଜତୀନ୍ଦ୍ର କର, ଧନ୍ୟୁଜୟ ଦୀପ, ଆଇନଜୀବୀ ଛବିଲାଲ ନିଆଲ, ସୂର୍ଯ୍ୟ କୁମାର, ରମାକାନ୍ତ ନାଏକ, ଛାତ୍ରନେତା ରମାକାନ୍ତ ନାଏକ ଏବଂ ପ୍ରିୟଙ୍କା ବେମାଲଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ବହୁଜନ ଛାତ୍ର ସଂଗଠନର ଛାତ୍ରଛାତ୍ରୀ ଓ ନେତାମାନେ ଜିଲ୍ଲାପାଳ ଓ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ମୁଖ୍ୟ ଆସାମୀ ଗିରଫ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ବହୁ ଚର୍ଚ୍ଚିତ କନକଲତା ମୃତ୍ୟୁ ମାମଲାରେ ପୁଲିସ ପୂର୍ଣ୍ଣଚ୍ଛେଦ ଟାଣିଛି। ଘଟଣାର ୬ ଦିନ ପରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଏହି ମାମଲାରେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ କଳାହାଣ୍ଡି ଏସ୍‌ପି ଟ୍ୱିଟ୍ କରିବା ପରେ ଘଟଣାକୁ ନେଇ ଭିନ୍ନଭିନ୍ନ ମତ ପ୍ରକାଶ ପାଇଥିଲା। ଅନେକ ଲୋକ ଏସ୍‌ପିଙ୍କ ଟ୍ୱିଟକୁ ଗ୍ରହଣ କରିପାରି ନଥିଲେ। ଘଟଣାଟି ଦିନକୁ ଦିନ ସମ୍ବେଦନଶୀଳ ହେବାକୁ ଲାଗିଥିଲା। ସୋମବାର ଛାତ୍ରୀ କନକଲତା ମୃତ୍ୟୁ ମାମଲାରେ ବହୁଜନ ଛାତ୍ର ସଂଗଠନ ତରଫରୁ ସିବିଆଇ ତଦନ୍ତ ଦାବିରେ ଜିଲ୍ଲା ମୁଖ୍ୟାଳୟରେ ୬ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିବା ବେଳେ ଠିକ୍ ସେହି ସମୟରେ ଗୋଲାମୁଣ୍ଡା ପୁଲିସ ଏହି ମାମଲାରେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁରଜ ହଂସ। ଆତ୍ମହତ୍ୟା ଭଳି ପରିସ୍ଥିତି ସୃଷ୍ଟି କରିଥିବା ଅଭିଯୋଗରେ ପୁଲିସ ୩୦୬ ଦଫାରେ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।



### ଘର ଭିତରେ ଆଣ୍ଠୁଏ ପାଣି

## ଆର୍‌ଡି ବିଭାଗର ତ୍ରୁଟି ଯୋଗୁଁ ଦୁର୍ଦ୍ଦଶା ଭଗୁଛନ୍ତି ଲୋକେ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଗତ ଲଘୁଚାପ ଜନିତ ବର୍ଷାରେ ବେହାଲ ହୋଇ ପଡିଛି ଟେଣ୍ଡାପାଲି ପଞ୍ଚାୟତ ସାଗବାହେଲି ଗାଁ। ନଈ ନୁହେଁ କି ନାଳ ପାଣି ନୁହଁ ବରଂ ଆର୍‌ଡି ରାସ୍ତାରୁ ପାଣି ବୋହି ଯାଇ ଗାଁ'ର ଅନେକଙ୍କ ଘରେ ପଶି ଯାଇଛି। ଏବେ ବର୍ଷା ଛାଡି ଯାଇଥିଲେ ବି ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ। ଆଣ୍ଠୁଏ ପାଣି ଘର ଭିତରେ ରହିଥିବା ବେଳେ ପାଇପ ସାହାଯ୍ୟରେ ନିଷ୍କାସନ କରୁଥିବା ଦେଖାଦେଇଛି। ସୂଚନା ମତେ ବେହେରା-ଛନ୍ନାଣବାହେଲି ଆରଡ଼ି ରାସ୍ତା ଓ ସାଗବାହେଲି-ପଦ୍ମପୁର ଆରଡ଼ି ରାସ୍ତା ଗତ ବର୍ଷ ନିର୍ମାଣ ହୋଇଥିଲା। ଏହି ସମୟରେ ଗାଁ ଲୋକ ରାସ୍ତା ପାଣି ଘରକୁ ପଶିବା ଆଶଙ୍କାରେ ବିଭାଗ ଯନ୍ତ୍ରୀ ଓ ଠିକାଦାରଙ୍କୁ ଦୁଇ ପଟେ ଡ୍ରେନ ବ୍ୟବସ୍ଥା ପାଇଁ କହିଥିଲେ। ଏପରିକି ଉପରସ୍ତ ଅଧିକାରୀଙ୍କୁ ମଧ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ କର୍ତ୍ତୃପକ୍ଷ ଲୋକଙ୍କ କଥାକୁ ଭୃକ୍ଷେପ ନ କରି ଠିକାଦାର ପ୍ରତି ଅନୁଭୂତି ଜାହିର କରିଥିଲେ। ଗୋଟାଏ ପଟେ ଆରଡ଼ି ରାସ୍ତା ଗାଁ ଭିତର ଦେଇ ପଦ୍ମପୁର ଯାଇଥିବା ବେଳେ ଅନ୍ୟଟି ଗାଁକୁ ଲାଗି ଛନ୍ନାଣବାହେଲି ଯାଇଛି। ତେବେ ଗାଁ ଭିତରେ ଓ ଗାଁ'କୁ ଲାଗି ଥିବା ରାସ୍ତା ନିର୍ମାଣ ବେଳକୁ ଦୁଇକଡ଼ରେ ଡ୍ରେନ ହେବା ବ୍ୟବସ୍ଥା ରହିଥିଲେ ଠିକାଦାର ଜଣକ ବିଭାଗ ସହ ଲାଭଖୋର ନୀତି ଆପଣେଇ କରି ନ ଥିବା ଗାଁ ଲୋକେ କହନ୍ତି। ଏବେ ସ୍ଥାନୀୟ ସରପଞ୍ଚଙ୍କୁ ଗୁହାରି କରିଥିଲେ ହେଁ ସେହି ରାସ୍ତା ପଞ୍ଚାୟତ ଅଧୀନରେ ନ ଥିବା ଟେଣ୍ଡାପାଲି ସରପଞ୍ଚ ପ୍ରକାଶ କରନ୍ତି। ଦୀର୍ଘଦିନ ଘର ଭିତରେ ପାଣି ଜମି ରହିଥିବା ବେଳେ ଘର କାନ୍ଥ ସବୁ ଖାଇ ଯାଇ ଭାଙ୍ଗିବା ଅବସ୍ଥା ଦେଖାଦେଲାଣି। ଗ୍ରାମର ଦାମୋଧର ନାଏକ, ସଚିନ୍ଦ୍ର ନାଏକ, କବିନ୍ଦ୍ର ନାଏକଙ୍କ ଘରେ ଏବେ ବି ଆଣ୍ଠୁଏ ପାଣି ଜମି ରହିଛି। ତିନି ପରିବାର ୪-୫ ଦିନ ଆଖିଆଅପିଆ ରାତି ସାରା ଉଜାଗର ରହୁଥିଲେ। ଆଜି ଏକ ପାଇପ ଯୋଗେ ପାଣି ନିଷ୍କାସନ କରୁଥିବା ବେଳେ ତାର ସ୍ଥାୟୀ ପ୍ରତିକାର କରିବା ପାଇଁ ପ୍ରଶାସନଙ୍କ ପାଖରେ ଦାବି କରିଛନ୍ତି।



## ପ୍ରାଥମିକ ଶିକ୍ଷକ ସଂଘର ବୈଠକ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଭବାନୀପାଟଣାଠାରେ କଳାହାଣ୍ଡି ପ୍ରାଥମିକ ଶିକ୍ଷକ ସଂଘର ଏକ କାର୍ଯ୍ୟକାରିଣୀ ବୈଠକ ଯାମିନୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସଂଘର ସାଧାରଣ ସମ୍ପାଦକ ସୁଧିର କୁମାର ରଥ ଆଗାମୀ ଦିନର କାର୍ଯ୍ୟପନ୍ଥା ସଂପର୍କରେ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ। ଆଗାମୀ ମାସରେ ଗୁରୁଦିବସ ଭବାନୀପାଟଣାଠାରେ କରାଯିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ସଂଘର ମର୍ଯ୍ୟାଦାପୂର୍ଣ୍ଣ 'ଗଙ୍ଗାଧର ପୁରସ୍କାର' ଚଳିତ ବର୍ଷ ପାଇଁ ଶିକ୍ଷକ ଅଶୋକ ବାବୁଙ୍କୁ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଗଲା। ସର୍ବଭାରତୀୟ ଶିକ୍ଷକ ସଂଘର ଆହ୍ୱାନକ୍ରମେ ପୁରୁଣା ପେନସନ ଲାଗୁ ପାଇଁ ଆନ୍ଦୋଳନ ଭାରତର ରାଜଧାନୀ ଦିଲ୍ଲୀଠାରେ ଆଗାମୀ ନଭେମ୍ବର ମାସରେ ହେଉଥିବାରୁ ଏକ ପ୍ରତିନିଧି ଦଳ ଗଠନ କରିବା ପାଇଁ ସଂପାଦକକୁ ଦାୟୀତ୍ୱ ଦିଆ ଯାଇଥିଲା। ଯେଉଁ ଶିକ୍ଷକମାନେ ଚାକିରୀ ୩୦ ବର୍ଷ ପୁରୁଣା କରି ସାରିଛନ୍ତି ତାଙ୍କର ଏମ୍‌ଏସ୍‌ପି ପ୍ରଦାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷକୁ ଅନୁରୋଧ କରାଗଲା। ଉକ୍ତ କାର୍ଯ୍ୟକାରିଣୀ ବୈଠକରେ ଚକ୍ରଧର ମିଶ୍ର, ଜନାର୍ଦ୍ଦନ ମାଝୀ, ରାଷ୍ଟ୍ରପତି ପୁରସ୍କାର ଶିକ୍ଷକ ଗଙ୍ଗାଧର ପ୍ରଧାନ, ସୁବାଷ ପଣ୍ଡା, ଶରତ ଦ୍ୱିବେଦୀ, ପ୍ରଭାସ ବେହେରା, ରାମେସ୍ୱର କାଉଁରୀଆ, ସୁଦର୍ଶନ ମହାନ୍ତି, ଅଶୋକ ବାବୁ, ମୁକ୍ତେଶ୍ୱର ପଟ୍ଟନାୟକ ପ୍ରମୁଖ ଯୋଗଦାନ କରିଥିଲେ।

## ସତ୍ୟସାଇ ବିଦ୍ୟାମନ୍ଦିରର ୩୦ତମ ପ୍ରତିଷ୍ଠା ଦିବସ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଭବାନୀପାଟଣା ସ୍ଥିତ ଶ୍ରୀ ସତ୍ୟସାଇ ବିଦ୍ୟାମନ୍ଦିରର ୩୦ ତମ ପ୍ରତିଷ୍ଠା ଦିବସ ଗତ ୨୧ତାରିଖ ରବିବାର ପାଳନ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପତାକା ଉତ୍ତୋଳନ ଏବଂ ସାଇ ବାବାଙ୍କ ପାଦପଦ୍ମରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଦୀର୍ଘ ୨୯ ବର୍ଷ ତଳେ ଆଜିର ଦିବସରେ ଏହି ବିଦ୍ୟାଳୟ କିଛି ଧର୍ମପରାୟଣ ଓ ଜ୍ଞାନପିପାସୁ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ସ୍ଥାପନ ହୋଇଥିଲା। ବିଦ୍ୟାଳୟରେ ପ୍ରାର୍ଥନା ପରେ ପରେ ସଙ୍ଗୀତ ଶିକ୍ଷକ ତାପସ ପଟେଲଙ୍କ ତତ୍ତ୍ୱାବଧାନରେ ସାମୂହିକ



ସଙ୍ଗୀତ ଗାନ କରାଯାଇଥିଲା। ମୁଖ୍ୟଅତିଥି ଶ୍ରୀ ବେହେରା ଛାତ୍ରଛାତ୍ରୀଙ୍କୁ ଚରିତ୍ର ନିର୍ମାଣ, ଜୀବନର ଲକ୍ଷ୍ୟ ସ୍ଥିର କରିବା ସହ ସାଧନା ଏବଂ ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ନ ପଡି ଆଗକୁ ବଢ଼ିବା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପରିଚାଳକ ବି. ସୂର୍ଯ୍ୟ ନାରାୟଣ ସେନାପତି, ସଭାପତି ପ୍ରଫେସର ବିପିନ ବିହାରୀ ପଣ୍ଡା, ଆବାହକ ସୁବ୍ରତ ଖାଡଙ୍ଗା ତଥା ବିଦ୍ୟାଳୟ ଅଧକ୍ଷ ଉମେଶ ଚନ୍ଦ୍ର ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀମାନେ ଓଡ଼ିଶୀ ନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଅଧକ୍ଷ ଶ୍ରୀ ଶତପଥୀ ସଭାକାର୍ଯ୍ୟ ପରିଚାଳନା ସହ ବୈଷ୍ଣବୀ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ରାମେଶ୍ୱର ଦାସ, ସୁଶାନ୍ତ ବାରିକ, ରିଙ୍କୁ ଚୌଧୁରୀ, ଏଲ୍ ଚନ୍ଦ୍ର ରାଓ, ନରେନ୍ଦ୍ର ପଣ୍ଡା, ସୁଶିଲ ନାଗ ତଥା ବିଜୟଲକ୍ଷ୍ମୀ ସାମନ୍ତରା ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### ଝାଡ଼ାବାନ୍ତି ଆକ୍ରାନ୍ତ ଟିର୍ଲିଆମ ଗାଁ

## ସ୍ଥିତି ସମୀକ୍ଷା କଲେ ଉପଜିଲ୍ଲାପାଳ



କୋକସରା, (ଭାସ୍କର ନ୍ୟୁଜ୍): କୋକସରା ବ୍ଲକ ଆମପାଣି ପଞ୍ଚାୟତର ଦୁର୍ଗମ ଅଞ୍ଚଳରେ ଥିବା ଟିର୍ଲିଆମ ଗାଁରେ ଗତ ୧୮/୧୯ ତାରିଖରେ ଝାଡ଼ାବାନ୍ତିରେ ଗ୍ରାମର କିଛିଲୋକ ଆକ୍ରାନ୍ତ ହୋଇଥିଲେ। କୋକସରା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ତତ୍ତ୍ୱଦର୍ଶୀ ଦାସ ସମେତ ମେଡିକାଲ ଟିମ ପ୍ରଭାବିତ ଗାଁ'ରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଚିକିତ୍ସା କରିବା ପରେ ସ୍ଥିତିରେ ସୁଧାର ଆସିଥିଲା। ଖବର ଜାଣିବା ପରେ ସୋମବାର ଧର୍ମଗଡ ଉପଜିଲ୍ଲାପାଳ ପି. ସଚିନ ପ୍ରକାଶ ସ୍ଥିତି ଅନୁଧାନ କରିବାକୁ ଜଙ୍ଗଲି ରାସ୍ତାର ଏକ ନାଳାରେ ୪ ଫୁଟ ପାଣି ପ୍ରବାହିତ ହେଉଥିବା ବେଳେ ଆଣ୍ଠୁଏ ପାଣିରେ ପାରହୋଇ ପ୍ରାୟ ୩ କିମି. ଚାଲି ଚାଲି ଟିର୍ଲିଆମ ଗାଁରେ ପହଞ୍ଚିଥିଲେ। ପ୍ରଭାବିତ ଟିର୍ଲିଆମ ଗାଁ ପରିବେଶ ସହ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଛନ୍ତି। ବର୍ତ୍ତମାନ ସମସ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ସୁସ୍ଥ ରହିଥିବା ଓ ଗ୍ରାମରେ କେହି ଆକ୍ରାନ୍ତ ନଥିବା ଜଣାପଡିଛି। କୋକସରା ତହସିଲଦାର ରାକେଶ ପରୁଆ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଫନିନ୍ଦ୍ର ଆର୍କା, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଓ ପ୍ରଶାସନିକ ଅଧିକାରୀମାନେ ସ୍ୱାସ୍ଥ୍ୟ ସମ୍ପର୍କରେ ଗାଁ'ରେ ରହୁଥିବା ଜନଜାତିଙ୍କୁ ସଚେତନ କରିଥିବା ଜଣାପଡିଛି।

## ରାସ୍ତା ପାଲଟିଛି ମରଣ ଯନ୍ତା



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍): ଗୋଲାମୁଣ୍ଡା ବ୍ଲକ ଅଧୀନରେ ଯାଉଥିବା ବୃନ୍ଦାବାହାଲଠାରୁ ଚିଚିଆ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତାର ଦୂରତା ପ୍ରାୟ ୩ କିଲୋମିଟର। ଲୋକଙ୍କ ଯାତାୟତ ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ରାସ୍ତାକୁ ନିର୍ମାଣ କରାଯାଇଥିଲା। ତାହା ପିଚୁ ଉଜେଇ ହୋଇ ଚିକ୍ ଚିକ୍ କରୁଛି, କିନ୍ତୁ ରାସ୍ତା ଗ୍ରାମକୁ ସଂଯୋଗ ହୋଇ ପାରି ନାହିଁ। ଯାହାକି ସଂଯୋଗ ହେବାରେ ଆଉ ୨୦୦ ମିଟର ବାକି ରହିଯାଇଛି। ସେହି ଅସମ୍ପୂର୍ଣ୍ଣ ରାସ୍ତା ଦୀର୍ଘ ବର୍ଷ ହେବ ସେମିତି ରହି ଆସିଛି। ହେଲେ ଚଳିତ ଲଘୁଚାପ ଜନିତ ଲଗାଣ ବର୍ଷାରେ ସେହି ରାସ୍ତାର ଅବସ୍ଥା ଗୁରୁତ୍ୱ ଭାରେ ନଷ୍ଟ ହୋଇଯାଇଛି। କିନ୍ତୁ ଏବେ ସୁଦ୍ଧା ଏହାର ମରାମତି କାର୍ଯ୍ୟ ହୋଇ ପାରିନି। ଏହି ରାସ୍ତା ଦେଇ ଦୈନିକ ଗାଡିମଟର, ସ୍କୁଲଗାଡି, ସ୍କୁଲ କଲେଜର ଛାତ୍ରଛାତ୍ରୀମାନେ ଯିବା ଆସିବା କରନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ରାସ୍ତା ଉପରେ କାହାର ନଜର ନାହିଁ। ବର୍ତ୍ତମାନ କହିବାକୁ ଗଲେ ଗାଡି ମଟର ଯିବା ଆସିବା ତ ଦୂରର କଥା ଲୋକେ ଚାଲି ଚାଲି ଯିବାରେ ମଧ କଷ୍ଟ ହେଉଛି। ରାସ୍ତାର ଏଭଳି କାଦୁଅ ପଚପଚ ଅବସ୍ଥା ହେତୁ ସାଧାରଣ ଲୋକ ହଇରାଣ ହେଉଛନ୍ତି। ସରକାର ସାଧାରଣ ଲୋକଙ୍କ ଗମନାଗମନ ନିମନ୍ତେ ବିଭିନ୍ନ ଯୋଜନା ମାଧ୍ୟମରେ ଅନେକ ସଡ଼କମାନ ପ୍ରସ୍ତୁତ କରୁଛନ୍ତି। ପ୍ରତ୍ୟେକ ଅଞ୍ଚଳକୁ ମୁଖ୍ୟ ସ୍ରୋତରେ ଯୋଡିବାକୁ ପ୍ରୟାସ କରୁଥିବା ଭଳି ଯୋଜନା କରୁଛନ୍ତି ହେଲେ ଏଠାରେ ତାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ତେବେ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ଏଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

## ଡ୍ରେନେଜ ନ ଥିବାରୁ ଥାନା ସମ୍ମୁଖରେ ଜମୁଛି ପାଣି



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍): ଗୋଲାମୁଣ୍ଡା ସାପ୍ତାହିକ ବଜାର ମୁଖ୍ୟ ରାସ୍ତା କଡ଼ରେ ଦୀର୍ଘ ବର୍ଷରୁ ଥାନା ରହି ଆସିଛି। ବର୍ତ୍ତମାନ ମୋଡେଲିଙ୍ଗ ଥାନା ଗୃହ ନିର୍ମାଣ ହୋଇ ଚିକ୍‌ଚିକ୍ ହୋଇଛି। ହେଲେ ଗତ ଦୁଇ ବର୍ଷ ତଳେ ସେହି ନୂତନ ଥାନାକୁ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଉଦ୍‌ଘାଟନ କରିଥିଲେ। ପରବର୍ତ୍ତୀ ସମୟରେ ସେଠାକୁ ଥାନା ପ୍ରତ୍ୟାବର୍ତ୍ତନ କରାଯାଇଥିଲା। ଯାହାକି ବିଜୁଓ୍ୱେ ଏକ୍ସପ୍ରେସ୍ ମୁଖ୍ୟ ରାସ୍ତା ସମ୍ମୁଖ ତଥା ବ୍ଲକ କଡ଼ରେ ଅବସ୍ଥିତ। ହେଲେ ସେହି ନୂତନ ଥାନା ସମ୍ମୁଖରେ ମାଟି ରାସ୍ତା ରହିଥିଲା। ତାହାକୁ ଶରସ ସୁନ୍ଦର କରିବା ପାଇଁ ସ୍ଥାନୀୟ ପ୍ରଶାସନ ତରଫରୁ ପଥରର ପ୍ଲେଟ ହୋଇ ବହୁ ସୁନ୍ଦର ଭାବରେ ରାସ୍ତା ନିର୍ମାଣ କରାଯାଇଥିଲା। ହେଲେ ସେଠାରେ ବର୍ତ୍ତମାନ ଟିକିଏ ବର୍ଷା ହେଲେ ପାଣି ଜମି ଯାଉଛି। ଚଳିତ ବର୍ଷ କିଛି ଦିନର ଲଘୁଚାପ ଜନିତ ଲଗାଣ ବର୍ଷାରେ ପାଣି ମାଡିଆସି ଜମାହେବା ସାଙ୍ଗକୁ ମଇଳା ଆବର୍ଜନା ହୋଇ ସନ୍ତସନ୍ତିଆ ପରିବେଶ ସୃଷ୍ଟି ହେଉଛି। ଏଥିପାଇଁ ଡ୍ରେନେଜ ସୁବିଧା ନ ଥିବାରୁ ଏଭଳି ପରିସ୍ଥିତି ଦେଖା ଦେଇଛି ବୋଲି ସାଧାରଣରେ କୁହାଯାଉଛି। ତେବେ ବର୍ଷା ଦିନରେ ଏଭଳି ସମସ୍ୟା ଉପୁଜୁଥିବା ବେଳେ ପ୍ରଶାସନ ପକ୍ଷରୁ ଡ୍ରେନେଜର ବ୍ୟବସ୍ଥା କରିବା ଦାବି ହେଉଛି।

## ଦରଦାମ ବୃଦ୍ଧି ପ୍ରତିବାଦରେ କଂଗ୍ରେସର ପ୍ରତିବାଦ

କୋକସରା, (ଭାସ୍କର ନ୍ୟୁଜ): ଦରଦାମ ବୃଦ୍ଧି ପ୍ରତିବାଦରେ ସୋମବାର କୋକସରା ବ୍ଲକ କଂଗ୍ରେସ କମିଟି ସଭାପତି ଘନଶ୍ୟାମ ଜାଲଙ୍କ ନେତୃତ୍ୱରେ ବ୍ଲକର ମୋଟେର, କୋକସରା, ଲଡୁଗାଁ, ଆମପାଣି ସମେତ ଅନେକ ସ୍ଥାନରେ ପ୍ରତିବାଦ କରାଯାଇଛି।ମୋଦି ସରକାର ଶାସନରେ ଦେଶରେ ଦୈନନ୍ଦିନ ହୁ ହୁ ହୋଇ ଅତ୍ୟାବଶ୍ୟକ ସାମଗ୍ରୀ ଯଥା ରନ୍ଧନ ଗ୍ୟାସ, ଡିଜେଲ ପେଟ୍ରୋଲ, ଖାଇବା ତେଲ, କ୍ଷୀର, ଦରଦାମ ବୃଦ୍ଧି ପାଉଥିବାବେଳେ ବର୍ଦ୍ଧିତ ଦରଦାମ କୁନେଇ ଜନସାଧାରଣ ଅତିଷ୍ଠ ହୋଇ ପଡିଲେଣି। ଦେଶରେ ବେରୋଜଗାରୀ ଶୀର୍ଷରେ ପହଞ୍ଚି ଥିବାବେଳେ କେନ୍ଦ୍ର ସରକାରଙ୍କ ଶୋଷଣ ନୀତି ବିରୋଧରେ ଜନ ସାଧାରଣଙ୍କୁ କଂଗ୍ରେସ କର୍ମୀମାନେ ସଚେତନ କରିବା ସହ ଲିଫ୍ଲେଟ ବଣ୍ଟନ କରିଛନ୍ତି। ଏହି ପ୍ରତିବାଦରେ ବରିଷ୍ଠ ନେତା ପୁରୁଷୋତ୍ତମ ଗୁପ୍ତା, ନିମାଇଁ ଧଙ୍ଗଡାମାଝୀ, ଜିଲ୍ଲା ଓବିସି ସେଲ ସଭାପତି ଲିଙ୍ଗରାଜ ବେହେରା, ମାର୍କଣ୍ଡ ବେମାଲ, ମହେନ୍ଦ୍ର ଧରୁଆ, ଅଭିମନ୍ୟୁ ପଟ୍ଟନାୟକ, ଟିକିଚନ୍ଦ୍ର ଧଙ୍ଗଡାମାଝୀ, ଲାଳସାଏ ନାଗ, ହରିଶ୍ଚନ୍ଦ୍ର ନାଏକ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଦରଦାମ ବୃଦ୍ଧି ନେଇ ପ୍ରତିବାଦ କରିଛନ୍ତି।

# ମୁଖପତ୍ର 'ସମ୍ଭାବନା' ଉନ୍ମୋଚିତ

ଜୟପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଶିକ୍ଷା ଜୋନ୍-କଳାହାଣ୍ଡି, ନୂଆପଡ଼ା ଓ ନବରଙ୍ଗପୁର ଜିଲ୍ଲା ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଜୟପାଟଣା-ଖଲିଆଭଟା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ସ୍ୱାଧୀନତାର ଅମୃତ ମହୋତ୍ସବ ଏବଂ ବିଦ୍ୟାଳୟର ପ୍ରତିଷ୍ଠା ଦିବସର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଶିଶୁ କଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । କଳାହାଣ୍ଡି ଜିଲ୍ଲା ବିଦ୍ୟାଳୟ ସମୂହ ଶିକ୍ଷା ନିରୀକ୍ଷକ ଏସ୍‌ଏସ୍‌ଡି ଭବାନୀପାଟଣା କମଳାକାନ୍ତ ପ୍ରହରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ଚିତ୍ରକଳା ପ୍ରଦର୍ଶନୀର ଶୁଭ ଉଦ୍‌ଘାଟନ କରିଥିବା ବେଳେ କଳାହାଣ୍ଡି ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ ସକ୍ରିୟ ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆଙ୍କିତ ବିଭିନ୍ନ ପ୍ରକାର ଚିତ୍ର ଗୁଡ଼ିକୁ ଏବଂ ବିଦ୍ୟାଳୟର ହୋଇଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମକୁ କ୍ୟାଟଲିଗ୍ ମାଧ୍ୟମେର ସଙ୍ଗୃହୀତ ହୋଇଥିବା ପରିଦର୍ଶନ କରିଥିଲେ। ପ୍ରକୃତିର ଅନୁସରଣ ଏବଂ କଳ୍ପନାର ଅଭିବ୍ୟକ୍ତି ହେଉଛି କଳା ବୋଲି ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ପ୍ରକାଶ ପାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ମୁଖ୍ୟବକ୍ତା ଏବଂ ସମୀକ୍ଷକ ଭାବେ ସୁନାମ ଧନ୍ୟ ସାହିତ୍ୟିକ, ଗବେଷକ ତଥା ଭବାନୀପାଟଣା ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ସ୍ଥାନୀୟ ଅତିଥି ଭାବେ କଳାହାଣ୍ଡି ଜୋନ୍ ବିଦ୍ୟାଳୟ ସମୂହ ଶିକ୍ଷା ନିରୀକ୍ଷକ କମଳାକାନ୍ତ ପ୍ରହରାଜ, ନୂଆପଡ଼ା ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଶିକ୍ଷା ନିରୀକ୍ଷକ ଉଦୟ ସିଂ ମାଝୀ, ବରିଷ୍ଠ ସାମ୍ବାଦିକ ଶହଦେବ ବେହେରା, ଅରବିନ୍ଦ ଆର୍ଟ୍ ଓ କ୍ରାଫ୍ଟ ବିଦ୍ୟାଳୟର ଅଧକ୍ଷ ମୁକୁନ୍ଦ ରେଡ୍ଡି, ଖଲିଆଭଟା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମାଶଙ୍କର ପଣ୍ଡା ଯୋଗ ଦେଇଥିଲେ । ବାଗ୍‌ଦେବୀ ସରସ୍ୱତୀଙ୍କ ଫଟୋଚିତ୍ର ଉପେର ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପୂଜାର୍ଚ୍ଚନା ପରେ କଳାହାଣ୍ଡି, ନୂଆପଡ଼ା ଓ ନବରଙ୍ଗପୁର ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ବିଭାଗ କଳାହାଣ୍ଡି ଜୋନ୍ ତରଫରୁ ପ୍ରଥମ ବାର୍ଷିକ ମୁଖପତ୍ର ୨୦୨୨ 'ସମ୍ଭାବନା' ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ସୋହାଗପୁର ସରକାରୀ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଂଜୀବ ପଣ୍ଡାଙ୍କ ପ୍ରଗାଢ ଉଦ୍ୟମରେ କୁନିକୁନି ଛାତ୍ରମାନଙ୍କ ଦ୍ୱାରା ଲିଖିତ ପାଣ୍ଡୁଲିପି ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଅସରନ୍ତି ସମ୍ଭାବନା, ସ୍ୱାଧୀନତାର ଅମୃତ ମହୋତ୍ସବରେ ଆଜିର କଳିକା ଆଗାମୀ ଭବିଷ୍ୟତର ବିରାଟ ସମ୍ଭାବନାର ରୂପ ନେଇ ଉନ୍ମୋଚନ ହୋଇଛି ବୋଲି ସମସ୍ତଙ୍କ ମୁଖରୁ ପ୍ରକାଶ ପାଇଥିଲା। ଏହି ଅବସରରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, କବି, କବୟିତ୍ରୀ, ବୁଦ୍ଧିଜୀବୀ, ଶିକ୍ଷାପ୍ରେମୀ ଉପସ୍ଥିତ ରହି ଉନ୍ମୋଚିତ 'ସମ୍ଭାବନା'କୁ ସ୍ୱାଗତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସକ୍ରିୟ ସହଯୋଗରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳିତ ହୋଇଥିବା ବେଳେ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା ଅତିଥି ପରିଚୟ, ମଞ୍ଚ ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମେନାରଞ୍ଜନ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।

## ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗାଡି ମୋଟର ଯାଞ୍ଚ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଆଞ୍ଚଳିକ ପରିବହନ ବିଭାଗ ତରଫରୁ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସ୍ଥାନରେ ଗାଡିମୋଟର ଯାଞ୍ଚ ଆରମ୍ଭ ହୋଇଯାଇଛି। ଗତ ୨୧ ତାରିଖ ଦିନ କଳାହାଣ୍ଡି ଏମ୍‌ଭିଆଇ ରାମକୃଷ୍ଣ ମାଝୀଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ଜାତୀୟ ଓ ରାଜ୍ୟ ରାଜପଥ ମାନଙ୍କରେ ଟ୍ରାଫିକ୍ ନୀୟମ ଉଲ୍ଲଙ୍ଘନ, ବିନା ହେଲମେଟ୍ ଓ ଡ୍ରାଇଭିଂ ଲାଇସେନ୍ସ, ଦୃତ ଗତିରେ ବେପାରୁଆ ଗାଡି ଚାଳନା ଏବଂ ମଦ ପିଇ ଗାଡି ଚାଳନା ଉପରେ ଯାଞ୍ଚ କରାଯାଇଥିଲା। ମୋଟ ୨୦୮ ଟି ଗାଡିମୋଟର ଯାଞ୍ଚ କରାଯାଇଛି। ସେଥିମଧ୍ୟରୁ ୫୨ଟି ଗାଡିରେ ଭିସିଆର୍ କରାଯାଇଥିବା ବେଳେ ୩୬ ଟି ଗାଡି ଜବତ୍ କରାଯାଇଛି। ଏହି ଯାଞ୍ଚ ସମୟରେ ୩ ଜଣ କମ୍ ବୟସ ପିଲା ଗାଡି ଚାଳନା କରୁଥିବା ବେଳେ ଧରାପଡିଥିବା ଜଣାଯାଏ। ଏହି ଯାଞ୍ଚ ନିୟମିତ ଭାବେ କରାଯିବ ବୋଲି ଆଞ୍ଚଳିକ ପରିବହନ ବିଭାଗ ସୂତ୍ରରୁ ପ୍ରକାଶ। ଗାଡି ଚାଳକମାନେ ନିଜର ଓ ଅନ୍ୟର ସୁରକ୍ଷା ପାଇଁ ଦୁଇ ଚକିଆ ଯାନ ଚଳାଇଲା ବେଳେ ନୀୟମିତ ହେଲମେଟ୍ ପିନ୍ଧିବା ସହିତ ଡ୍ରାଇଭିଂ ଲାଇସେନ୍ସ ଏବଂ ଅନ୍ୟ ଗାଡିର କାଗଜପତ୍ର ରଖିବା ଏବଂ ଅନ୍ୟ ଯାନବାହାନ ଗୁଡିକ ମଧ ଟ୍ରାଫିକ୍ ନୀୟମ ମାନି ଗାଡି ଚାଳନା କରିବା ପାଇଁ ବିଭାଗୀୟ ଅନୁରୋଧ କରିଛନ୍ତି।

## ରାଶିଫଳ

ବୁଧବାର, ୨୪ ଅଗଷ୍ଟ ୨୦୨୨



**ମେଷ:** ଚାକିରି ବ୍ୟବସାୟରେ ଉର୍ଣ୍ଣତି। ଜନସମ୍ପର୍କ ବୃଦ୍ଧି। ମାତ୍ର ମାତୃ ଓ ସ୍ତ୍ରୀ ବର୍ଗରେ ପିଡା ଯୋଗ ରହିବ। କର୍ମକ୍ଷେତ୍ରରେ ଅନୁକୂଳ ପରିବେଷ ରହିବ। ଆର୍ଥିକ ପରିସ୍ଥିତି ଭଲ ରହିବ। ଶିକ୍ଷାର୍ଥି ନୂତନ ଜ୍ଞାନକୌଶଳ ପ୍ରୟୋଗ କରିବେ। ଭ୍ରମଣ କଷ୍ଟ ଏବଂ ଶରୀରପିଡା ରହିବ ମାତ୍ର ଆର୍ଥିକ ସ୍ୱଚ୍ଛଳତା ସହିତ ବ୍ୟବସାୟରେ ଉର୍ଣ୍ଣତି ହେବ।



**ବୃଷ:** କର୍ମକ୍ଷେତ୍ରରେ ଉନ୍ନତି ହେବ। ଆର୍ଥିକ ସ୍ଥିତି ଭଲ ରହିବ ମାତ୍ର କିଛି ଭୁଲବୁଝାମଣାର ଶିକାର ହୋଇପାରନ୍ତି ସତର୍କ ରହିବେ। ସୁଖଶାନ୍ତି ପ୍ରାପ୍ତି ସହିତ କର୍ମକ୍ଷେତ୍ରରେ ଶୁଭଫଳର ସୂଚନା ରହିବ। ମହିଳାମାନଙ୍କର ସ୍ୱାସ୍ଥ୍ୟରେ ଅବନତି ହେବ।



**ମିଥୁନ:** ବହୁଦିନର ପୁରାତନ ରୋଗର ଉପସମ ହେବ। ଜଳଜାତ ଦ୍ରବ୍ୟର ବ୍ୟବସାୟରେ ଉନ୍ନତି କରିବେ। ପ୍ରତି କାର୍ଯ୍ୟରେ ସଫଳତା ମିଳିବ। ଚାକିରି କ୍ଷେତ୍ରରେ ଶୁଭ ସୂଚନା ମିଳିବ। ବିବାହ ସ୍ଥିରିକୃତ ହେବ। ମାତ୍ର ଆର୍ଥିକ ଦୁର୍ବଳତା ରହିବ। ଉଦ୍ୟମରେ ସଫଳତା ଓ ସହଯୋଗ ପ୍ରାପ୍ତି ହେବ।



**କର୍କଟ:** ଅଂଶୀଦାର ବ୍ୟବସାୟରେ ବିଶେଷ ଲାଭବାନ ହେବେ। ମୋଟରଯାନ ଓ କଲକାରଖାନା ସମ୍ବନ୍ଧିୟ କ୍ଷେତ୍ରରେ ନିଯୁକ୍ତି ପାଇବେ। ଆର୍ଥିକ ସହାୟତା ଓ ଲୋକସଂପର୍କ ବୃଦ୍ଧି ହେବ। ଧର୍ମକାର୍ଯ୍ୟରେ ମନବଳାଇବେ। ଭବିଷ୍ୟତର ଯୋଜନାରେ ସଫଳ ହେବେ।



**ସିଂହ:** କର୍ମଜୀବନ ଓ ସାମାଜିକ ଜୀବନରେ ଶୁଭଫଳ ମିଳିବ। ଅପରିଚିତ ବ୍ୟକ୍ତିଙ୍କ ଠାରୁ ଦୁରେଇ ରୁହନ୍ତୁ। ଉତ୍ତମ ଜ୍ଞାନକୌଶଳ ଆହାରଣ କରି ବ୍ୟବସାୟିକ ପ୍ରଯୁକ୍ତି କ୍ଷେତ୍ରରେ ସଫଳ ହେବେ। ପୂର୍ବରୁ କରିଥିବା ଋଣ ପରିଶୋଧ କରିବେ। ଭାଗ୍ୟସାଥ ଦେବ। ପାରିବାରିକ କ୍ଷେତ୍ରରେ ଶୁଭତ୍ୱ ଅନୁଭୁତ ହେବ। ମାତ୍ର ଭାଗିଦାରି ବ୍ୟବସାୟରେ କ୍ଷତି ହେବ।



**କନ୍ୟା:** ଚାକିରିରେ ସହଯୋଗ ଏବଂ ବ୍ୟବସାୟରେ ଅହେତୁକ ଲାଭ ପାଇବେ। ଚାକିରିରେ ପଦମର୍ଯ୍ୟାଦା ପାଇବେ। ଯାନବାହାନ କ୍ରୟ କରିବେ। ବିଳାସବ୍ୟସନରେ ଜୀବନଜାପନ କରିବେ। ଧର୍ମସମ୍ବନ୍ଧିୟ ଦୂରଯାତ୍ରା କରିବେ। ବିଦ୍ୟାର୍ଥୀମାନଙ୍କର ପଢାପଢିରେ ମନିନିବେଶ ବଢିବ ମାତ୍ର ଚର୍ମରୋଗ ଏବଂ ଆଣ୍ଠୁଗଣ୍ଠି ଜନିତ ପୀଡା ଭୋଗିବେ।



**ତୁଳା:** ସୁବିଧା ସୁଯୋଗ ଲାଭ ହେବ। ମହିଳା ଏବଂ ପିଲାମାନଙ୍କୁ ମନମୁତାବକ ପରିବେଷ ମିଳିବ। ନୂତନ କର୍ମସଂସ୍ଥାନ ଆରମ୍ଭ କରିବେ। ପୁରାତନ ଋଣ ପରିଶୋଧ କରିବାର ସୁଯୋଗ ପାଇବେ। ଶୁଭଦିନଟିଏ ରହିବ। କର୍ମଜୀବିମାନେ କମକ୍ଷେତ୍ରରେ ପ୍ରସଂଶିତ ହେବେ।



**ବିଛା:** ଶାରିରୀକ ଅସୁସ୍ଥତାକୁ ନେଇ ମନ ଭାରାକ୍ରାନ୍ତ ରହିବ। ଆର୍ଥିକ ସ୍ଥିତି ଦୁର୍ବଳ ହେବ। କର୍ମ କ୍ଷେତ୍ରରେ ଅଶୁଭ ପ୍ରଭାବ ଅନୁଭୁତ ହେବ। ବ୍ୟବସାୟ ବାଣିଜ୍ୟରେ ସମ୍ୟକ୍ ଲାଭପାଇବେ। ବ୍ୟୟଭାର ବଢିବ। ଯାନବାହାନ ଜନିତ କ୍ଷୟକ୍ଷତି ଓ ମାନସମ୍ମାନ କ୍ଷୁର୍ଣ୍ଣ ସୂଚନା ରହିବ। ଭାଇଭଉଣିମାନଙ୍କଠାରୁ ସାହାଯ୍ୟ ସହଯୋଗ ମିଳିବ। ଉଦରପୀଡା ଅନୁଭୁତ କରିବେ। ବ୍ୟବସାୟରେ ଲାଭ ହେବ। ମହିଳାମାନେ ସୁଚାରୁ ରୁପେ ପରିବାର ତୁଲାଇବେ।



**ଧନୁ:** ଆଜି କୌଣସି ଅଯଥା କଥାକୁ ନେଇ ମନ ଅଶାନ୍ତ ରହିବ। ପରିବାରରେ ଭୁଲ ବୁଝିବେ ତେଣୁ ଦିନଭରି ସତର୍କ ରୁହନ୍ତୁ। ଜୀବନସାଥି ସହ କିମ୍ବା କୁଟୁମ୍ବରେ। ମତାନ୍ତର କିମ୍ବା ସ୍ୱାସ୍ଥ୍ୟଚିନ୍ତା ରହିବ ଓ ଅଯଥା ଅର୍ଥବ୍ୟୟ ହେବ। କୌଣସି ପ୍ରକାରର ସରକାରୀ ସହାୟତା ପ୍ରାପ୍ତ ହେବ। ଅର୍ଥଚିନ୍ତା ଦୁର ହେବ।



**ମକର:** କୌଣସି ବିଳାସବ୍ୟସନ ଦ୍ରବ୍ୟ ପ୍ରାପ୍ତ ହେବ। ଯୋଗାଯୋଗ କ୍ଷୃଷ୍ଟି କରୁଥିବା କିଛି ଦ୍ରବ୍ୟ କ୍ରୟ କରିବେ। ମନ ଶାନ୍ତ ରହିବ। ଗୃହରେ ଶୁଭକର୍ମ ହେବ। ସନ୍ତାନ ବର୍ଗରେ ଉର୍ଣ୍ଣତି ହେବ। କର୍ମକ୍ଷେତ୍ରରେ ଆର୍ଥିକ ଲାଭର ସୂଚନା ରହିବ। ଯୋଗ୍ୟତା ଏବଂ ପରିଶ୍ରମ ଅନୁଯାୟୀ ଫଳ ମିଳିବ। ମନ ଶାନ୍ତ ରହିବ। ଧାର୍ମିକ ଅନୁଷ୍ଠାନରେ ଯୋଗ ଦେବେ।



**କୁମ୍ଭ:** ଶାରିରୀକ ଅସୁସ୍ଥତା ଦେଖାଦେବ। କର୍ମକ୍ଷେତ୍ରରେ କର୍ମଚାପ ବଢିବ। ଆତ୍ମବଳ ଦୁର୍ବଳ ରହିବ ମାତ୍ର ଠିକା ବ୍ୟବସାୟରେ ମନମୁତାବକ ଲାଭ ପାଇବେ। ମହିଳାମାନେ ନିଜର ବନ୍ଧୁପରିଜନରେ ପ୍ରଶଂସିତ ହେବେ। ବିଦ୍ୟାର୍ଥୀଙ୍କର ଅଧିକ ଶୁଭ, ଅସ୍ୱାସ୍ଥ୍ୟକର ପରିସ୍ଥିତିରେ ମନ ଭାରାକ୍ରାନ୍ତ ରହିବ।



**ମୀନ:** ପୁରୁଣା ବକେୟା ମିଳିବ ଏବଂ ଲାଗିରହିଥିବା କୌଣସି ମାଲିମକୋଦ୍ଦମାର ସମାଧାନ ହେବ। ଧର୍ମ କର୍ମରେ ମନ ବଳିବ। ଭାତୃ ସହଯୋଗ ଦ୍ୱାରା ଭୂମିକ୍ରୟର ସୁଯୋଗ ମିଳିବ। ଉଦ୍ୟମ ସିଦ୍ଧି ହେବ। ଅଣ୍ଡାଜନିତ ରୋଗରେ ଆକ୍ରାନ୍ତ ହେବେ। ବନ୍ଧୁପରିଜଙ୍କର ସହଯୋଗରେ ଭବିଷ୍ୟତରେ ଶୁଭକର୍ମର ସୁଚନା କ୍ଷୃଷ୍ଟି ହେବ। ଜମିଜମା ସମ୍ବନ୍ଧିୟ ଶୁଭଫଳ ମିଳିବ।



ଫଟୋଗ୍ରାଫ ଫ୍ରେମ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଛତ୍ରପୁର,(ଭାସ୍କର ନ୍ୟୁଜ): ଛତ୍ରପୁର ବ୍ଲକ ଅନ୍ତର୍ଗତ ଚିକଲଖଣ୍ଡି ଗ୍ରାମର ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା କିରଣୀ କୁମାରୀ ଦାସ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଛତ୍ରପୁର ଏନ୍‌ସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ଯୋଗଦେଇ ବିଦ୍ୟାଳୟ ପରିସରରେ ଚାରାରୋପଣ କରିବା ସହ ଏହାର ଯତ୍ନ ନେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ୍.ସାରଦା ରେଡି, ସରପଞ୍ଚ ଭଗବାନ ବେହେରା, ଫରେଷ୍ଟ ରେଞ୍ଜର ରଜତ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ଗିରୀଶ ଚନ୍ଦ୍ର ରାୟ, ଫରେଷ୍ଟ ଗାର୍ଡ ରାଜୀବ ଲୋଚନ ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରସିଂହ ଗୌଡ଼, ବି.ଶଙ୍କର ରେଡିଙ୍କ ସମେତ ସମସ୍ତ ଶିକ୍ଷକ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



# ପାଟଶାଳା ନଦୀର ପଥରବନ୍ଧ ଦୁର୍ନୀତି, ପିଛାଛାଡୁନି ତଟବନ୍ଧ ବିଭାଗର କାର୍ଯ୍ୟ



ରାଜନଗର, (ଭାସ୍କର ନ୍ୟୁଜ):ରାଜ୍ୟ ସରକାର ଜନକଲ୍ୟାଣ ନିମନ୍ତେ ବାତ୍ୟା ପ୍ରତିରୋଧକ ଲୁଣାବନ୍ଧ ସୁଦୃଢ଼ୀକରଣ ଯୋଜନା କରି ସ୍ୱାଗତଯୋଗ୍ୟ ପଦକ୍ଷେପ ନେଇଛନ୍ତି ମୁଖ୍ୟମନ୍ତ୍ରୀ। ଏଥିରେ କେନ୍ଦ୍ରାପଡା ଜିଲ୍ଲା ସମେତ ବାଲେଶ୍ୱର, ଭଦ୍ରକ ଓ ପୁରୀ ଜିଲ୍ଲାର ଲୋକମାନେ ବନ୍ୟା, ଲୁଣାପାଣି ଜନିତ କ୍ଷତିରୁ ସୁରକ୍ଷିତ ହେବ ୨୧.୬୯୦ ହେକ୍ଟର ଚାଷଜମି ଏବଂ ତା ସହିତ ଉପକୃତ ହେବେ ୨.୯୨.୫୦୦ଲୋକ ତାଙ୍କର ଜୀବିକା ଜୀବନ ଅକ୍ଷୁର୍ଣ୍ଣ ରଖି ସ୍ୱାଭାବିକ ହୋଇପାରିବେ। ସେଥିପାଇଁ ମୁଖ୍ୟମନ୍ତ୍ରୀ ୭୬୩.୪୮କୋଟି ଟଙ୍କା ମଞ୍ଜୁର କରିଥିଲେ। ଯାହା ଫଳରେ ୧୯୮.୮୧କିମି ଦୈର୍ଘ୍ୟ ବିଶିଷ୍ଟ ୩୬ଟି ଲୁଣାବନ୍ଧ ହେବ ଆହୁରି ସୁଦୃଢ଼। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣ ନିତି ଆଦର୍ଶକୁ ଖାତିରୀ ନକରି ସ୍ଲୁଇଛି ପଛରେ ପକାଇ ତଟବନ୍ଧ ବିଭାଗ ଲୁଟିନେଲେ ଲକ୍ଷଲକ୍ଷ ଟଙ୍କା। ହେଲେ ଲୋକମାନେ ବିପଦର ସମ୍ମୁଖୀନ ହେବାକୁ ବେଶିଦିନ ଯାଇ ନପାରେ କାରଣ ଏପରି ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଭାଟପଡା ନିକଟସ୍ଥ ହସୁଆନଦୀ ସ୍ପର ଓ ଅନ୍ୟଟି କଣ୍ଡିରାପଞ୍ଚାୟତ ପାଟଶାଳା ନଦୀ ସ୍ପର ପ୍ରମାଣିତ କରିଛି। ଜନତାଙ୍କ ଜୀବିକା ଜୀବନ ସୁରକ୍ଷାପାଇଁ, ଭାଟପଡା ସ୍ପର ନିର୍ମାଣ ନିମନ୍ତେ ନିର୍ଦ୍ଦିଷ୍ଟ କମ୍ପାନୀକୁ ଟେଣ୍ଡର ଦ୍ୱାରା ଦିଆଯାଇଥିଲା, ତାହା କି ପ୍ରକାର ଟେଣ୍ଡର ଥିଲା କେବଳ ଭଗବାନ ହିଁ ଜାଣନ୍ତି ? ସମସ୍ତେ ନିଜ ନିଜ ପତିଆରା ଦେଖାଇ ଲକ୍ଷ ଲକ୍ଷ ଟଙ୍କା ଚାନ୍ଦା ନେଇ ଚାଲିଗଲେ ଏବଂ ଟେଣ୍ଡର ନେବା କମ୍ପାନୀ ଉଭାନ୍ ହୋଇଗଲେ। ଦେଖିବାକୁ ମିଳିଲା ଅନ୍ୟ ଠିକାଦାର ତଟବନ୍ଧ ବିଭାଗର ଯନ୍ତ୍ରୀ ଓ ଅଧିକାରୀଙ୍କୁ ମୋଟା ଅଙ୍କର ଗଦ ସୁଙ୍ଘାଇ ନିଘୋଡ ନିଦ୍ରାରେ ଶୋଇଦେଲେ। ତେବେ ଠିକାଦାରକୁ ମିଳିଲା ନିମ୍ନମାନର ଛୋଟ ଛୋଟ ପଥର ଠିକ ପରିମାଣରେ ପକାଇଲେ ନାହିଁ କିମ୍ବା ତଦାରଖ କରିବାକୁ ଯନ୍ତ୍ରୀଙ୍କ ପାଦ ପଡେ ନାହିଁ। ଘଟଣା ଘଟିବା ପନ୍ଦରଦିନ ହୋଇନି କଣ୍ଡିରା ପଞ୍ଚାୟତର ବଳରାମପୁରୁ ଓ ପଦ୍ମନାଭପୁରୁ ରାସ୍ତାକୁ ଲାଗିଥିବା ପାଟଶାଳା ନଦୀ ରାସ୍ତାର ନିକଟତର ହୋଇ ବିପଦ ସୃଷ୍ଟି ହେବାକୁ ଯାଉଥିବାରୁ ତଟବନ୍ଧ ବିଭାଗ ପକ୍ଷରୁ ପଥର ପ୍ୟାକିଂ ଯାଗା କରାଯାଇଥିଲା। ଯାହାକି ଅତି ନିମ୍ନମାନର ହୋଇଥିବାରୁ ଅଳ୍ପ ଦିନରେ ରାସ୍ତା ଖାଇଯିବା ସହ ଯାତାୟାତ ବନ୍ଦହେବା ସଙ୍ଗେ ଚାଷଜମି କ୍ଷତିହେବା ସମ୍ଭାବନାକୁ ଏଡାଇ ହେବ ନାହିଁ। ଏହି ସ୍ପର କାର୍ଯ୍ୟ ତଦାରଖ କରିବାକୁ ବିଭାଗୀୟ ଅଧିକାରୀଙ୍କ ପାଦ ପଡୁ ନ ଥିବା ବେଳେ ଠିକାଦାରଙ୍କ ଦେଖା ମିଳୁନାହିଁ। କେବଳ ଜଣେ ବାବୁ କିଏ ଟ୍ରକ୍ ଡ୍ରାଇଭର ସହିତ ଠିକାଦାର ଆସି ପଥର ପଡିବା ଯାଗା ଦେଖାଇ ଚାଲିଗଲେ ସତ ଆଜି ପର୍ଯ୍ୟନ୍ତ ଅଫିସର କିମ୍ବା ଠିକାଦାରଙ୍କର ଦେଖାଇ ନାହିଁ। ଯାହା କେବଳ ଟ୍ରକରେ ପଥର ଆଣି ନଦୀ କୂଳରେ ଫୋପାଡି ଯାଇଥାନ୍ତି। ହେଲେ କିଚକ ବାହୁବଳେ ବିରାଟ ରାଜା ଭଳି ବିଭାଗୀୟର ତଦାରଖ ନାହିଁ କିମ୍ବା ଫଳକ ଲଗାଇବା ଆବଶ୍ୟକ ହୁଏ ନାହିଁ। ଏପରି ସ୍ଥିତିରେ ଲୋକକମାନଙ୍କର ସମସ୍ୟା ଦ୍ୱିଗୁଣିତ ବୃଦ୍ଧି ପାଇବା ସହ ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରାଯାଉଛି। ତେଣୁ ଏନେଇ ଉଚ୍ଚସ୍ତରୀୟ ତଦନ୍ତ ସହ ଭିଜିଲାନ୍ସ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି।

# ବନ୍ୟା ଅଞ୍ଚଳରେ ବଢୁଛି ଝାଡାବାନ୍ତି




କୁଜଙ୍ଗ, (ଭାସ୍କର ନ୍ୟୁଜ): ଲଗାଣବର୍ଷା ଓ ବନ୍ୟାଯୋଗୁଁ କୁଜଙ୍ଗର ବହୁ ଅଞ୍ଚଳ ଜଳମଗ୍ନ ହୋଇଥିବା ବେଳେ ଏବେ ଏହି ସବୁ ଅଞ୍ଚଳରେ ଝାଡା ବାନ୍ତି, ଅଣ୍ଡାଜ୍ୱର ଦେଖିବାକୁ ମିଳିଛି। ଏହାରି ଭିତରେ ୭ଟି ମେଡିକାଲ ଟିମ୍ କାମ କରୁଥିବା ବେଳେ ବିପନ୍ନଙ୍କ ସେବା ଯୋଗାଇବାରେ ପଙ୍କପାଳ ଚିକିତ୍ସାକେନ୍ଦ୍ରର ଭ୍ରାମ୍ୟମାଣ ଚିକିତ୍ସା ଟିମ୍ ମହଲ୍ଲାସାହି ପଞ୍ଚାୟତ ମଧୁପୁର ଓ ଜିଲ୍ଲାନାସୀ ଅଞ୍ଚଳରେ ସେବା ଯୋଗାଇ ଅସୁଛନ୍ତି। ଏହି ଅବସରରେ ଜିଲ୍ଲାନାସୀର ୧୦୪ବର୍ଷର କେଲୁ ବେହେରା ଡାଇରିଆରେ ଆକ୍ରାନ୍ତ ହୋଇଥିବା ଖବର ମିଳିବାପରେ ପଙ୍କପାର ଆୟୁଶ ଡାକ୍ତର ଡା. ଗିରୀଜା ତ୍ରିପାଠୀ, ଭାରପ୍ରାପ୍ତ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ସୁମନନ୍ତ କୁମାର ବେହେରା, ସ୍ୱାସ୍ଥ୍ୟକର୍ମୀ ଜ୍ୟୋସ୍ନାମୟୀ ରାଉତରାୟ, ପଙ୍କଜ କୁମାର ରାଉତ, ସସ୍ମିତା ଦାସ, ସୁଧାଂଶୁ ସାମଲ ପ୍ରମୁଖ ତରନ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହ ୧୦୮ ଗାଡି ଯୋଗେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏହି ଡାକ୍ତରୀ ଟିମ୍‌ର ତ୍ୱରିତ ପଦକ୍ଷେପ ଯୋଗୁଁ କେଲୁ ବେହେରା ଆରୋଗ୍ୟ ହେବା ସହ ଏହି ଅଞ୍ଚଳରେ ଡାଇରିଆ କିପରି ନ ବ୍ୟାପିବ ସେଥିପ୍ରତି ସଚେତନତା ଅଭିଯାନ କରାଯାଇଛି। ଏହା ସହ ଓଆର୍‌ଏସ୍, ହାଲୋଜେନ ବଟିକା ଓ ଅନ୍ୟାନ ସ୍ୱାସ୍ଥ୍ୟସେବା ନିରନ୍ତର ଯୋଗଣ କରାଯାଉଛି। ଏହିପରି ବନ୍ୟା ସମୟରେ ନିଜ ପରିବାରକୁ ତୁଛ କରି ଦେବଦୂତ ପରି କାର୍ଯ୍ୟକରୁଥିବା ଏହି ଟିମ୍‌କୁ ଜିଲ୍ଲାପାଳଙ୍କ ସମେତ ସମାଜସେବୀ କବି ତପନ କୁମାର ସାମନ୍ତରାୟ, ସରପଞ୍ଚ ନଳିନୀପ୍ରଭା ପରିଡା, ପୂର୍ବତନ ସରପଞ୍ଚ ସାଗରିକା ସାମନ୍ତରାୟ ପ୍ରମୁଖ ପ୍ରସଂଶା କରିଛନ୍ତି।

# ସୂଚନା ଅଧିକାର କର୍ମୀଙ୍କ ଉପରେ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ):କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ତଥା ମାର୍ଶାଘାଇ ଥାନା ଅଧିନ କରଞ୍ଜ ଗ୍ରାମର ସୂଚନା ଅଧିକାର କର୍ମୀ ଜନକର ଜେନାଙ୍କ ଉପରେ ହୋଇଥିବା ଆକ୍ରମଣ ଓ ଜାତିଗତ ଆକ୍ଷେପ ମାମଲା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇ ଓଡ଼ିଶା ସୂଚନା ଅଧିକାର ଅଭିଯାନ(ଓସା) କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ଆରକ୍ଷୀ ଅଧିକ୍ଷକଙ୍କ ଉଦେଶ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଅଧିକାର କର୍ମୀ ଶ୍ରୀ ଜେନା ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଅଧିକାର ଆଇନ ଅନୁଯାୟୀ ସୂଚନା ମାଗି ସଂପୃକ୍ତ ପଞ୍ଚାୟତରେ ବ୍ୟାପକ ହରିଲୁଟ ହୋଇଥିବା ସମ୍ପର୍କରେ ଖୁଲାସା କରିଦେବାରୁ ତାଙ୍କୁ ବିଜେଡିର ଜିଲ୍ଲା ପରିଷଦ ସଭ୍ୟ ସୁବୋଧ କୁମାର ଲେଙ୍କା ଆକ୍ରମଣ କରିବା ଓ ଜାତିଆଣ ଆକ୍ଷେପ ସହ ତାଙ୍କ ପରିବାର ସଦସ୍ୟମାନଙ୍କୁ ହତ୍ୟା ଧମକ ଦେଇଥିବାରୁ ସେହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଓସା। ପିଡିତ ଶ୍ରୀ ଜେନାଙ୍କ ଅଭିଯୋଗ ଉପରେ ମାର୍ଶାଘାଇ ଥାନାରେ ୩୨୫/ ୨୦୨୨ରେ ଏକ ମାମଲା ରୁଜୁ ହୋଇଥିଲେ ମଧ ପୋଲିସ ଅଭିଯୁକ୍ତଙ୍କୁ ଅଦ୍ୟାବଧି ଗିରଫ କରିନଥିବା ଓସା ଅଭିଯୋଗ କରିଛି। ଓସା ଅଭିଯୋଗ କରିଛି ଯେ ସଂପୃକ୍ତ ଅଭିଯୁକ୍ତ ଜଣଙ୍କ ସମବାୟ ମନ୍ତ୍ରୀଙ୍କ ଜଣେ ଘନିଷ୍ଠ ସହଯୋଗୀ ହୋଇଥିବାରୁ ପୋଲିସ ନାମକୁ ମାତ୍ର ଲୋକଦେଖାଣିଆ ତଦନ୍ତ କରୁଥିଲେବି ତାଙ୍କୁ ଗିରଫ କରୁନାହିଁ। ସଂପୃକ୍ତ ପିଡିତଙ୍କ ପରିବାର କାମଧନ୍ଦା ନକରିପାରି ଭୟଭିତ ଭାବରେ କାଳାତିପାତ କରୁଥିବାରୁ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରାନଗଲେ ଓସାର ପରବର୍ତ୍ତି କାର୍ଯ୍ୟକ୍ରମ ପାଇଁ ପୋଲିସ ପ୍ରଶାସନ ଦାୟୀ ରହିବ ବୋଲି ଓଡ଼ିଶା ସୂଚନା ଅଭିଯାନ ପକ୍ଷରୁ ଚେତାବନୀ ଦିଆଯାଇଛି। ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଓସାର ରାଜ୍ୟ ଆବାହକ ପ୍ରଦୀପ କୁମାର ପ୍ରଧାନ, ଅଶୋକ କୁମାର ମଲିକ, ଜୀତେନ୍ଦ୍ର ସାହୁ, ପ୍ରତାପ ଚନ୍ଦ୍ର ମହାନ୍ତି, ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ, ରାଜମୋହନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଭଉଣୀ ଶୁଦ୍ଧଘର କାମସାରି ଫେରୁଥିବା ଭାଇର ମୃତ୍ୟୁ

ଗୋପ, (ଭାସ୍କର ନ୍ୟୁଜ):ଗୋପ ରବିବାର ବିଳମ୍ବିତ ରାତିରେ ଭଉଣୀ ଶୁଦ୍ଧଘର କାମସାରି ଫେରୁଥିବା ଭାଇର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା କୁହାଯାଇଛି ରାସ୍ତାରେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ନିମାପଡ଼ା ଥାନା ଅନ୍ତର୍ଗତ ଛଣିଜଙ୍ଗ ନୋରଡା ଗ୍ରାମର ନୀରଞ୍ଜନ ନାୟକ (୫୩) ବର୍ଷକୁ ଗୋପ ଥାନାର ଗୃହରକ୍ଷୀ ପ୍ରତାପଚନ୍ଦ୍ର ବେହେରା ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଭର୍ତ୍ତି କରିଥିବା ବେଳେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏ ସଂପର୍କରେ ଥାନାରେ ଏକ ଦୁର୍ଘଟଣା ମାମଲା ୨୯୯/ ୨୨ ରୁଜୁକରି ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ସୂଚନା ଦେଇଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ବାଇକ୍ ଜବତ କରିବା ସହ ଶବ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

## ନଦୀପଠାରୁ ମହିଳାଙ୍କ ଶବ ଉଦ୍ଧାର

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ):ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଝୁଟୁଣା ଗ୍ରାମ ବୈତରଣୀ ନଦୀପଠାରୁ ମହିଳାଙ୍କ କ୍ଷତବିକ୍ଷତ ଶବ ପୋଲିସ ମଙ୍ଗଳବାର ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାଯାଇଛି। ନଦୀରୁ ବନ୍ୟାଜଳ କମିବା ପରେ ପଠାରେ ଶବ ପଡିଥିବା ସମ୍ପର୍କରେ ଗ୍ରାମବାସୀଙ୍କ ଠାରୁ ସୂଚନା ପାଇ ପୋଲିସ ଶବ ଜବତ କରିଥିଲା। ସ୍ଥାନୀୟ ସରପଞ୍ଚ ବାସନ୍ତି ଜେନାଙ୍କ ଅଭିଯୋଗ କ୍ରମେ ଥାନାରେ ୧୬/୨୨ନଂ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ମହିଳାର ବିଭିନ୍ନ ସ୍ଥାନରେ କ୍ଷତ ରହିଥିଲା ଓ ଉଲଗ୍ନ ଥିଲା। ଶବ ନଦୀଜଳରେ ଭାସିଆସି ଲାଗିଥିଲା ବୋଲି ଅନୁମାନ କରାଯାଉଛି।

# କରଞ୍ଜିଆ ବ୍ଲକର ଘୋଷଦା ପଞ୍ଚାୟତରେ ବ୍ୟାପକ କ୍ଷତି





କରଞ୍ଜିଆ, (ଭାସ୍କର ନ୍ୟୁଜ):ମୟୁରଭଞ୍ଜ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ହେଇଛି। ବର୍ଷା ସରିବା ପରେ ଲୋକମାଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି। ପ୍ରବଳ ବର୍ଷା ଯୋଗୁଁ ସରକାରୀ ସୂତ୍ରରେ କରଞ୍ଜିଆ ଉପଖଣ୍ଡରେ ୨୫୭ଘର ଭାଙ୍ଗିଥିବାର କରଞ୍ଜିଆ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ସୂଚନା ଦେଇଛନ୍ତି। ସେଥିରୁ କରଞ୍ଜିଆ ବ୍ଲକରେ ୨୨ଟି ଘର, ଯଶିପୁର ବ୍ଲକରେ ୧୫୨ଟି ଘର, ଠାକୁମୁଣ୍ଡା ବ୍ଲକରେ ୨୧ଘର ଶୁକ୍ରୁଳି ବ୍ଲକରେ ୪୭ଟି ଘର ଓ ରରୁଆ ବ୍ଲକରେ ୧୫ଟି ଘର ଭାଙ୍ଗିଥିବା ସୂଚନା ଦେଇଛନ୍ତି। ଘର ଭାଙ୍ଗି ସଂଖ୍ୟା ଆହୁରି ବୃଦ୍ଧି ହେବ ବୋଲି ଅନୁମାନ କରାଯାଉଛି। କାରଣ ଅନେକ ସ୍ଥାନରେ ତଦନ୍ତ ସରିନାହିଁ। ଘର ଭାଙ୍ଗିଥିବା ବ୍ୟକ୍ତିମାନଙ୍କୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ କିଛି ସ୍ଥାନରେ ପଲିଥିନ ଯୋଗାଇ ଦିଆଯାଇଛି। ତେବେ କରଞ୍ଜିଆ ବ୍ଲକର ଘୋଶୋଦା ପଞ୍ଚାୟତରେ ୪୨ଟି ଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବୋଲି ପଞ୍ଚାୟତର ସରୋପଞ୍ଚ ଚାରୁଚନ୍ଦ୍ର ନାଏକ ଓ ପଞ୍ଚାୟତ ବିଜେଡି ସଭାପତି ତଥା ଯୁବ ସମାଜସେବୀ ତାପସ କୁମାର ବାରିକ ଦାବି କରିଛନ୍ତି। ସେମାନେ ପଞ୍ଚାୟତର ୧୧ଟି ୱାର୍ଡ ସର୍ଭେକରି ଘରଭଙ୍ଗା ତଥ୍ୟ ଦାୟୀତ୍ୱରେ ଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ପ୍ରଦାନ କରି ସହାୟତା ଦାବି କରିଛନ୍ତି। ତେବେ ମହାଦେଉଳି ଗ୍ରାମର ବେଲ ଦେହୁରୀ ବହୁତ ଦୟନୀୟ ଅବସ୍ଥାରେ ରହିଥିବା ପ୍ରକାଶ କରିଛନ୍ତି। ରହିବା ତଥା ମୁଣ୍ଡ ଗୁଞ୍ଜିବା ପାଇଁ ଚାଳଟିଏ ନାହିଁ ତାଙ୍କୁ ପଞ୍ଚାୟତ ବିଜେଡି ସଭାପତି ତାପସ ରଞ୍ଜନ ବାରିକ ପଲିଥିନଟିଏ ଦେଇଥିବାରୁ ଅସହାୟ ବେଲ ଦେହୁରୀ ମୁଣ୍ଡ ଗଞ୍ଜିଛି। ଏହି ତଥ୍ୟକୁ ଆଧାରକରି ଆରଆଇ ତଦନ୍ତକରି କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସାହାର୍ଯ୍ୟ ଯୋଗାଇବାକୁ ସରପଞ୍ଚ ଚାରୁଚନ୍ଦ୍ର ନାଏକ ଓ ଯୁବ ସମାଜସେବୀ ତାପସ ରଞ୍ଜନ ବାରିକ ଦାବି କରିଛନ୍ତି।

# ବଦଳିକୁ ନେଇ ଶିକ୍ଷକଙ୍କ ଅନଶନ



ବ୍ରଜରାଜନଗର,(ଭାସ୍କର ନ୍ୟୁଜ): ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଂସ୍କୃତ ଶିକ୍ଷକ ଦାମୋଦର ସେନାପତି ନିଜ ବଦଳିର ପ୍ରତିବାଦରେ ଆଜି ଠାରୁ ଆମରଣ ଅନଶନ ଆରମ୍ଭ କରିଛନ୍ତି। ବ୍ରଜରାଜନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସମ୍ମୁଖରେ ସେ ଏହି ଅନଶନ ଆରମ୍ଭ କରିବାସହ ତାଙ୍କୁ ଇପିଏଫ୍, ଏସ୍‌ଏଏଟିଏଫ୍ ଏବଂ ଅନ୍ୟାନ୍ୟ ବକେୟା ଦରମା ଦିଆଯାଇ ନଥିବା ସେ ଅଭିଯୋଗ କରିଛନ୍ତି। ଶିକ୍ଷା ବିକାଶ ସମିତି ଓଡିଶା ଓ ସାରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବ୍ରଜରାଜନଗର କାର୍ତ୍ତୃପକ୍ଷ ତାଙ୍କୁ ଆକ୍ରୋଶମୂଳକ ଭାବରେ ଝାରସୁଗୁଡା ଜିଲ୍ଲା ବାହାରକୁ ଦେବଗଡ଼ ଜିଲ୍ଲାକୁ ବଦଳି କରିଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟଙ୍କ ଯୋଗେନ୍ଦ୍ରନାଥ ଠାକୁର କହିଛନ୍ତି ଅନଶନ କରୁଥିବା ସଂସ୍କୃତ ଶିକ୍ଷକ ଦାମୋଦର ସେନାପତିଙ୍କ ପଦୋନ୍ନତୀ ଓ ବଦଳି ଶିକ୍ଷା ବିକାଶ ପରିଷଦ ଓଡ଼ିଶା ପକ୍ଷରୁ କରାଯାଇଛି। ଏଥିରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କୌଣସି ହାତ ନାହିଁ। ଶିକ୍ଷାବିକାଶ ପରିଷଦ ଓଡ଼ିଶା ପକ୍ଷରୁ ରାଜ୍ୟର ବିଭିନ୍ନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ଚଳିତ ବର୍ଷ ୨୦ ଜଣଙ୍କ ବଦଳି କରାଯାଇଛି। ସେମାନଙ୍କ ମଧ୍ୟରେ ଦାମୋଦର ସେନାପତି ମଧ ରହିଥିବା ବ୍ରଜରାଜନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି ।

# କୋଳିପଦୀ କେନାଲ ରାସ୍ତାପ୍ରତି କାହାରି ଦୃଷ୍ଟି ପଡୁନାହିଁ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ):ଭଣ୍ଡାରିପୋଖରୀ ବଜାର ଉପକଣ୍ଠରେ ଥିବା ବ୍ୟସ୍ତବହୁଳ କୋଳିପଦି ମାଇନର କେନାଲ ରାସ୍ତା ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ଏଥିପ୍ରତି କାହାରି ଦୃଷ୍ଟି ନପଡିବା ଚିନ୍ତାଜନକ ହୋଇଛି। ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ବସବାସ କରୁଥିବା ପରିବାର ସମେତ ଜାଳେଣି ଗ୍ୟାସ ବିତରକଙ୍କ ଗୋଦାମ ଗୃହ ଅବସ୍ଥିତି ହୋଇଥିବାରୁ ସଦାସର୍ବଦା ଗହଳି ଲାଗିରହିଥାଏ। ୧୬ ନଂ ଜାତୀୟ ରାଜପଥର ପାଳଦାବାଙ୍କ ଉପରେ ନିର୍ମିତ ହୋଇଥିବା ଗଳିପୋଲର ଅଣ୍ଡରପାସ ରାସ୍ତା ନିର୍ମାଣ ହୋଇନାହିଁ। ଫଳରେ ଭଣ୍ଡାରିପୋଖରୀ-ମଣିନାଥପୁର ପୂର୍ତ୍ତ ରାସ୍ତାକୁ ଯିବା ପାଇଁ କୋଳିପଦି ମାଇନର କେନାଲ ରାସ୍ତା ଏକମାତ୍ର ସଂଯୋଗକାରୀ ଓ ବାଇପାସ ଭାବେ ବ୍ୟବହୃତ ହେଉଛି। ଏହି କାରଣରୁ କୋଳିପଦି କେନାଲ ରାସ୍ତା ଅତ୍ୟନ୍ତ ବ୍ୟସ୍ତବହୁଳ ହୋଇଛି। ମାତ୍ର ଏହି ରାସ୍ତାରେ ଶହ ଶହ ଛୋଟବଡ ଗାଡ ଏବେ ପଥିକ, ଯାନବାହନ ପାଇଁ ବିପଦସଙ୍କୁଳ ହୋଇଛି। ମାତ୍ର ୪ଶହ ମିଟର ଦୂରତା ବିଶିଷ୍ଟ ଏହି ରାସ୍ତାକୁ ଅତିକ୍ରମ କରିବାକୁ ବାଇକକୁ ୧୫ ମିନିଟ ଲାଗୁଛି। ପୁଣି ଅତି ସନ୍ତର୍ପଣରେ ନଗଲେ ଧନଜୀବନ ହାନୀର ଆଶଙ୍କା ମଧ ରହିଛି। ଗତ ୪ ବର୍ଷ ପୂର୍ବେ ଜଳସମ୍ପଦ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ ପାଇଁ ୪୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ମାତ୍ର ଅଧାପନ୍ତରିଆ ନିର୍ମାଣ କରାଯାଇଥିବାରୁ ରାସ୍ତା ଉପଯୁକ୍ତ ହୋଇପାରିନଥିଲା। କେନାଲ ପାର୍ଶ୍ୱରେ ଗାଡୱାଲ ନିର୍ମାଣ କରାଯିବାର ଆବଶ୍ୟକତ। ରହିଥିଲା। ମାତ୍ର ଆନ୍ତରିକତା ଅଭାବ ରାସ୍ତା ଦୁର୍ଗତିର କାରଣ ସାଜିଥିଲା। ରାସ୍ତାର ବ୍ୟବହାର ଓ ଦୁରାବସ୍ଥାକୁ ଦୃଷ୍ଟିରେ ରଖି ୨ମାସ ପୂର୍ବେ ରାଜପଥର ବଜ୍ୟବସ୍ତୁ ପକାଯାଇ କାମଚଳା ଭାବେ ସୁଧାରିବା ପାଇଁ ଉଦ୍ୟମ ହୋଇଥିଲା। ମାତ୍ର ବର୍ଷା ଦିନ ହୋଇଥବାରୁ ବଜ୍ୟବସ୍ତୁ ଧୋଇଯାଇ ବିପର୍ଯ୍ୟସ୍ତ ହୋଇପଡିଛି। ରାଜୀୟ ରାଜପଥ କର୍ତ୍ତୃପକ୍ଷ, ଜଳସେଚନ ବିଭାଗ, ବ୍ଲକ ପ୍ରଶାସନ ଓ ରାଜନେତା କାହାରି ହେଲେ ଏହି ରାସ୍ତା ପ୍ରତି ନଜର ନପଡିବା ଦୁଃଖଦାୟକ ହୋଇଛି।

## ଧର୍ମପରାୟଣା ମହିଳାଙ୍କ ପରଲୋକ

କାକଟପୁର, (ଭାସ୍କର ନ୍ୟୁଜ): କାକଟପୁର ମା' ମଙ୍ଗଳାଙ୍କ ବରିଷ୍ଠ ସେବାୟତ ସ୍ୱର୍ଗତ ସୁରେନ୍ଦ୍ର ନାଥ ପଣ୍ଡାଙ୍କ ସହଧର୍ମିଣୀ ଶାନ୍ତିଲତା ପଣ୍ଡା (୮୪)ଙ୍କର ଗତ ରବିବାର ଦିନ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ମଙ୍ଗଳାଙ୍କ ସେବିକା ଭାବେ ମା'ଙ୍କର ସେବାକରି ଆସୁଥିଲେ ଓ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହିତ ଜଡିତ ଥିଲେ। ତାଙ୍କ ମୃତ୍ୟୁ ନିକଟରେ ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ। ସରପଞ୍ଚ ଅଭୟ କୁମାର ସେଠୀ, ସେବକସମିତି ସଭାପତି ମନୋରଞ୍ଜନ ପଣ୍ଡା, ବରିଷ୍ଠ ସାମ୍ବାଦିକ ତଥା ସେବାୟତ ତୁଷାର ରଞ୍ଜନ ଦୀକ୍ଷିତ, ପ୍ରେସକ୍ଲବ ସଭାପତି କମଳ ଲୋଚନ ଦୀକ୍ଷିତ, ହିମାଂଶୁ ଭୂଷଣ ଦୀକ୍ଷିତ, ଅଶୋକ କୁମାର ଦୀକ୍ଷିତ, ସମରେନ୍ଦ୍ର ଦୀକ୍ଷିତ, ଶ୍ୟାମସୁନ୍ଦର ରଣା ଓ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ବିଶେଷ ଶେଷଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ରାଶିଫଳ

**ବୁଧବାର, ୨୪ ଅଗଷ୍ଟ ୨୦୨୨**



**ମେଷ:** ଚାକିରି ବ୍ୟବସାୟରେ ଉର୍ଣ୍ଣତି। ଜନସମ୍ପର୍କ ବୃଦ୍ଧି। ମାତ୍ର ମାତୃ ଓ ସ୍ତ୍ରୀ ବର୍ଗରେ ପିଡା ଯୋଗ ରହିବ। କର୍ମକ୍ଷେତ୍ରରେ ଅନୁକୂଳ ପରିବେଷ ରହିବ। ଆଥିକ ପରିସ୍ଥିତି ଭଲ ରହିବ। ଶିକ୍ଷାର୍ଥି ନୂତନ ଜ୍ଞାନକୌଶଳ ପ୍ରୟୋଗ କରିବେ। ଭ୍ରମଣ କଷ୍ଟ ଏବଂ ଶରୀରପିଡା ରହିବ ମାତ୍ର ଆଥିକ ସ୍ୱଛଳତା ସହିତ ବ୍ୟବସାୟରେ ଉର୍ଣ୍ଣତି ହେବ।



**ବୃଷ:** କର୍ମକ୍ଷେତ୍ରରେ ଉନ୍ନତି ହେବ। ଆର୍ଥିକ ସ୍ଥିତି ଭଲ ରହିବ ମାତ୍ର କିଛି ଭୁଲବୁଝାମଣାର ଶିକାର ହୋଇପାରନ୍ତି ସତର୍କ ରହିବେ। ସୁଖଶାନ୍ତି ପ୍ରାପ୍ତି ସହିତ କର୍ମକ୍ଷେତ୍ରରେ ଶୁଭଫଳର ସୂଚନା ରହିବ। ମହିଳାମାନଙ୍କର ସ୍ୱାସ୍ଥ୍ୟରେ ଅବନତି ହେବ।



**ମିଥୁନ:** ବହୁଦିନର ପୁରାତନ ରୋଗର ଉପସମ ହେବ। ଜଳଜାତ ଦ୍ରବ୍ୟର ବ୍ୟବସାୟରେ ଉନ୍ନତି କରିବେ। ପ୍ରତି କାର୍ଯ୍ୟରେ ସଫଳତା ମିଳିବ। ଚାକିରି କ୍ଷେତ୍ରରେ ଶୁଭ ସୂଚନା ମିଳିବ। ବିବାହ ସ୍ଥିରିକୃତ ହେବ। ମାତ୍ର ଆର୍ଥିକ ଦୁର୍ବଳତା ରହିବ। ଉଦ୍ୟମରେ ସଫଳତା ଓ ସହଯୋଗ ପ୍ରାପ୍ତି ହେବ।



**କର୍କଟ:** ଅଂଶୀଦାର ବ୍ୟବସାୟରେ ବିଶେଷ ଲାଭବାନ ହେବେ। ମୋଟରଯାନ ଓ କଳକାରଖାନା ସମ୍ବନ୍ଧିୟ କ୍ଷେତ୍ରରେ ନିଯୁକ୍ତି ପାଇବେ। ଆର୍ଥିକ ସହାୟତା ଓ ଲୋକସଂପର୍କ ବୃଦ୍ଧି ହେବ। ଧର୍ମକାର୍ଯ୍ୟରେ ମନବଳାଇବେ। ଭବିଷ୍ୟତର ଯୋଜନାରେ ସଫଳ ହେବେ।



**ସିଂହ:** କର୍ମଜୀବନ ଓ ସାମାଜିକ ଜୀବନରେ ଶୁଭଫଳ ମିଳିବ। ଅପରିଚିତ ବ୍ୟକ୍ତିଙ୍କ ଠାରୁ ଦୁରେଇ ରୁହନ୍ତୁ। ଉତ୍ତମ ଜ୍ଞାନକୌଶଳ ଆହାରଣ କରି ବ୍ୟବସାୟିକ ପ୍ରଯୁକ୍ତି କ୍ଷେତ୍ରରେ ସଫଳ ହେବେ। ପୂର୍ବରୁ କରିଥିବା ଋଣ ପରିଶୋଧ କରିବେ। ଭାଗ୍ୟସାଥ ଦେବ। ପାରିବାରିକ କ୍ଷେତ୍ରରେ ଶୁଭତ୍ୱ ଅନୁଭୁତ ହେବ। ମାତ୍ର ଭାଗିଦାରି ବ୍ୟବସାୟରେ କ୍ଷତି ହେବ।



**କନ୍ୟା:** ଚାକିରିରେ ସହଯୋଗ ଏବଂ ବ୍ୟବସାୟରେ ଅହେତୁକ ଲାଭ ପାଇବେ। ଚାକିରିରେ ପଦମର୍ଯ୍ୟଦା ପାଇବେ। ଯାନବାହାନ କ୍ରୟ କରିବେ। ବିଳାସବ୍ୟସନରେ ଜୀବନଜାପନ କରିବେ। ଧର୍ମସମ୍ବନ୍ଧିୟ ଦୁରଯାତ୍ରା କରିବେ। ବିଦ୍ୟାର୍ଥିମାନଙ୍କର ପଢାପଢିରେ ମନିନିବେଶ ବଢିବ ମାତ୍ର ଚର୍ମରୋଗ ଏବଂ ଆଣ୍ଠୁଗଣ୍ଠି ଜନିତ ପୀଡା ଭୋଗିବେ।



**ତୁଳା:** ସୁବିଧା ସୁଯୋଗ ଲାଭ ହେବ। ମହିଳା ଏବଂ ପିଲାମାନଙ୍କୁ ମନମୁତାବକ ପରିବେଷ ମିଳିବ। ନୂତନ କର୍ମସଂସ୍ଥାନ ଆରମ୍ଭ କରିବେ। ପୂରାତନ ଋଣ ପରିଶୋଧ କରିବାର ସୁଯୋଗ ପାଇବେ। ଶୁଭଦିନଟିଏ ରହିବ। କର୍ମଜୀବିମାନେ କମକ୍ଷେତ୍ରରେ ପ୍ରସଂଶିତ ହେବେ।



**ବିଛା:** ଶାରିରୀକ ଅସୁସ୍ଥତାକୁ ନେଇ ମନ ଭାରାକ୍ରାନ୍ତ ରହିବ। ଆର୍ଥିକ ସ୍ଥିତି ଦୁର୍ବଳ ହେବ। କର୍ମ କ୍ଷେତ୍ରରେ ଅଶୁଭ ପ୍ରଭାବ ଅନୁଭୁତ ହେବ। ବ୍ୟବସାୟ ବାଣିଜ୍ୟରେ ସମ୍ୟକ୍ ଲାଭପାଇବେ। ବ୍ୟୟଭାର ବଢିବ। ଯାନବାହାନ ଜନିତ କ୍ଷୟକ୍ଷତି ଓ ମାନସମ୍ମାନ କ୍ଷୁର୍ଣ୍ଣ ସୂଚନା ରହିବ। ଭାଇଭଉଣିମାନଙ୍କଠାରୁ ସାହାଯ୍ୟ ସହଯୋଗ ମିଳିବ। ଉଦରପୀଡା ଅନୁଭୁତ କରିବେ। ବ୍ୟବସାୟରେ ଲାଭ ହେବ। ମହିଳାମାନେ ସୁଚାରୁ ରୁପେ ପରିବାର ତୁଲାଇବେ।



**ଧନୁ:** ଆଜି କୌଣସି ଅଯଥା କଥାକୁ ନେଇ ମନ ଅଶାନ୍ତ ରହିବ। ପରିବାରରେ ଭୁଲ ବୁଝିବେ ତେଣୁ ଦିନଭରି ସତର୍କ ରୁହନ୍ତୁ। ଜୀବନସାଥି ସହ କିମ୍ବା କୁଟୁମ୍ବରେ। ମତାନ୍ତର କିମ୍ବା ସ୍ୱାସ୍ଥ୍ୟଚିନ୍ତା ରହିବ ଓ ଅଯଥା ଅର୍ଥବ୍ୟୟ ହେବ। କୌଣସି ପ୍ରକାରର ସରକାରୀ ସହାୟତା ପ୍ରାପ୍ତ ହେବ। ଅର୍ଥଚିନ୍ତା ଦୁର ହେବ।



**ମକର:** କୌଣସି ବିଳାସବ୍ୟସନ ଦ୍ରବ୍ୟ ପ୍ରାପ୍ତ ହେବ। ଯୋଗାଯୋଗ କ୍ଷୃଷ୍ଟି କରୁଥିବା କିଛି ଦ୍ରବ୍ୟ କ୍ରୟ କରିବେ। ମନ ଶାନ୍ତ ରହିବ। ଗୃହରେ ଶୁଭକର୍ମ ହେବ। ସନ୍ତାନ ବର୍ଗରେ ଉର୍ଣ୍ଣତି ହେବ। କର୍ମକ୍ଷେତ୍ରରେ ଆର୍ଥିକ ଲାଭର ସୂଚନା ରହିବ। ଯୋଗ୍ୟତା ଏବଂ ପରିଶ୍ରମ ଅନୁଯାୟୀ ଫଳ ମିଳିବ। ମନ ଶାନ୍ତ ରହିବ। ଧାର୍ମିକ ଅନୁଷ୍ଠାନରେ ଯୋଗ ଦେବେ।



**କୁମ୍ଭ:** ଶାରୀରିକ ଅସୁସ୍ଥତା ଦେଖାଦେବ। କର୍ମକ୍ଷେତ୍ରରେ କର୍ମଚାପ ବଢିବ। ଆତ୍ମବଳ ଦୁର୍ବଳ ରହିବ ମାତ୍ର ଠିକା ବ୍ୟବସାୟରେ ମନମୁତାବକ ଲାଭ ପାଇବେ। ମହିଳାମାନେ ନିଜର ବନ୍ଧୁପରିଜନରେ ପ୍ରଶଂସିତ ହେବେ। ବିଦ୍ୟାର୍ଥିଙ୍କର ଅଧିକ ଶୁଭ, ଅସ୍ୱାସ୍ଥ୍ୟକର ପରିସ୍ଥିତିରେ ମନ ଭାରାକ୍ରାନ୍ତ ରହିବ।



**ମୀନ:** ପୁରୁଣା ବକେୟା ମିଳିବ ଏବଂ ଲାଗିରହିଥିବା କୌଣସି ମାଲିମକୋଦ୍ଦମାର ସମାଧାନ ହେବ। ଧର୍ମ କର୍ମରେ ମନ ବଳିବ। ଭାତୃ ସହଯୋଗ ଦ୍ୱାରା ଭୁମିକ୍ରୟର ସୁଯୋଗ ମିଳିବ। ଉଦ୍ୟମ ସିଦ୍ଧି ହେବ। ଅଣ୍ଡାଜନିତ ରୋଗରେ ଆକ୍ରାନ୍ତ ହେବେ। ବନ୍ଧୁପରିଜଙ୍କର ସହଯୋଗରେ ଭବିଷ୍ୟତରେ ଶୁଭକର୍ମର ସୁଚନା କ୍ଷୃଷ୍ଟି ହେବ। ଜମିଜମା ସମ୍ବନ୍ଧିୟ ଶୁଭଫଳ ମିଳିବ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ) : ଲକ୍ଷ୍ମୀପୁର ବ୍ଲକରେ କାୟା ମେଲିବାରେ ଲାଗିଛି ଝାଡା ବାନ୍ତି। ବର୍ତମାନ ବୁର୍ଜା ଆଶ୍ରମରେ ଜଣେ ଅଷ୍ଟମ ଶ୍ରେଣୀ ଓ ଜଣେ ୧୦ମ ଶ୍ରେଣୀର ଛାତ୍ର ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଲକ୍ଷ୍ମୀପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି ହୋଇଛନ୍ତି।ସେହିପରି ଓଡିଆପେଣ୍ଟ ପଞ୍ଚାୟତର କୁମ୍ଭାରଗୁଡା ଗ୍ରାମର ଜଣେ ନାବାଳିକା ମଧ ଆକ୍ରାନ୍ତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇ ଥିବା ବେଳେ ବର୍ତମାନ ଆଠ ଜଣ ଆକ୍ରାନ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିସ୍ଛିତ ହେଉଥିବା ଡାକ୍ତର କହିଛନ୍ତି।ଆଗକୁ ପରିସ୍ଥିତି ବିଗିଡିବାର ଯଥେଷ୍ଟ ସମ୍ଭାବନା ରହିଥିବାରୁ ତୁରନ୍ତ ବ୍ଲକରେ ଥିବା ପ୍ରତ୍ୟେକ ଅନୁସୁଚିତ ଜାତି ଓ ଜନ ଜାତି ସେବାଶ୍ରମ ଗୁଡିକରେ ଅଧୟନ କରୁଥିବା ଛାତ୍ର ଛାତ୍ରୀଙ୍କ ପାଇଁ ଏବେଠାରୁ ମେଡିକାଲ ଟିମ୍ ଗସ୍ତ କରି ସ୍ୱାସ୍ଥ୍ୟ ପରୀକ୍ଷା କରିବା ନିହାତି ଦରକାର ହୋଇ ପଡିଛି। ତେବେ ବର୍ତମାନ ଜିଲ୍ଲାରେ ବନ୍ୟାପାଣି ନିଷ୍କାସିତ ହୋଇପାରିନଥିବାବେଳେ ବହୁ ସ୍ଥାନରେ ଏହି ଦୂଷିତ ପାଣି ପିଇ ଲୋକେ ବେମାର ପଡୁଥିବା ଜଣାପଡ଼ିଛି।



# ବ୍ଲକ୍ କଂଗ୍ରେସ ପକ୍ଷରୁ ମହଙ୍ଗା ପେ’ ଚର୍ଚ୍ଚା



ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ୍): ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ତରଫରୁ ଦାଣ୍ଡିସାହି ଛକଠାରେ ସୋମବାର ମହଙ୍ଗା ପେ’ ଚର୍ଚ୍ଚା ପ୍ରସଙ୍ଗରେ ଏକ ପଥପ୍ରାନ୍ତ ସଭା ବ୍ଲକ କଂଗ୍ରେସ ସଭାପତି ମଳୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅୟୋଜିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ତଥା ଗଣେଶ୍ୱର ବେହେରା ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଅପରିଣାମଦର୍ଶୀ ଅର୍ଥନୈତିକ ନିଷ୍ପତ୍ତି ଯୋଗୁ ହାଣ୍ଡିଶାଳରେ ନିଆଁ ଲାଗିଛି ବୋଲି ବକ୍ତବ୍ୟ ରଖିବା ସହିତ ପ୍ରଧାନମନ୍ତ୍ରୀ ମୋଦି ଟିକସ ବଢାଇ ଦରଦାମ ବୃଦ୍ଧିକୁ ନିମନ୍ତ୍ରଣ କରିଛନ୍ତି ବୋଲି ମୋଦି ସରକାରଙ୍କୁ ଦାୟୀ କରିଥିଲେ ଓ ଉପସ୍ଥିତ ଜନତାଙ୍କୁ ଏଭଳି ପରିସ୍ଥିତିର ଗମ୍ଭୀରତାକୁ ବୁଝି ଉଚିତ ବିଚାର କରିବାକୁ ଆହ୍ୱାନ ଦେଇଥିଲେ। ସଭା ଶେଷରେ ପେଟ୍ରୋଲ ଓ ଡିଜେଲ ଦର ୨୦୧୪ ମସିହାର ସ୍ତରକୁ ଖସାଇବା, ଗ୍ୟାସ ଦର ସର୍ବାଧିକ ୫ଶହ ଟଙ୍କାରେ ସୀମିତ ରଖିବା, ଖାଦ୍ୟ ପଦାର୍ଥ ଉପରେ ଜିଏସ୍‌ଟି ଛାଡ କରିବା ଓ ପୁଞ୍ଜିପତିଙ୍କ ପାଣ୍ଠି ବଢାଇ ଗରିବଙ୍କ ପେଟରେ ମାଡ଼ ମାରିବା ଘଟଣାକୁ ନିନ୍ଦା କରି ସର୍ବସମ୍ମତି ପ୍ରସ୍ତାବ ପାରିତ କରାଯାଇଥିଲା। ବିଶେଷକରି ଗରିବଙ୍କ ଜଳଖିଆ ବା ଖାଦ୍ୟ ରୂପେ ପରିଗଣିତ ଚୂଡ଼ା ଓ ମୁଢ଼ି ଭଳି ଖାଦ୍ୟ ଉପରେ କେନ୍ଦ୍ରର ମୋଦୀ ସରକାରଙ୍କ ଜିଏସ୍‌ଟି ଲାଗୁ କରିବା ନିଷ୍ପତ୍ତିକୁ ଏହି ଆଲୋଚନାରେ କଡ଼ା ସମାଲୋଚନା କରାଯାଇଥିଲା। ଯଦି କେନ୍ଦ୍ର ସରକାର ଗରିବଙ୍କ ଖାଦ୍ୟଥାଳି ଉପରେ ଟିକସ ଲାଗୁ କରିବା ଆରମ୍ଭ କରିବେ ତା’ହେଲେ ଦେଶ ତଥା ରାଜ୍ୟରେ ଥିବା ଲକ୍ଷ ଲକ୍ଷ ଖଟିଖିଆ ମଜୁରିଆମାନେ କିଭଳି ଭାବେ ଖାଇକି ବଞ୍ଚିବେ ବୋଲି ପ୍ରଶ୍ନ ସୃଷ୍ଟି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ଦାସ, ନାରାୟନ ପରିଡା, ନିମାଇଁ ସେଠୀ, ଜ୍ୟୋତିରଞ୍ଜନ ପ୍ରଧାନ, ଚନ୍ଦନ ସାହୁ, କୈଳାସ ଦାସ, ପ୍ରତାପ ବିଶ୍ୱାଳ, ସୁରେସ ଦାସ, ବିଶ୍ୱଜିତ ମହାନ୍ତି, ନିର୍ମଳ ସାହୁ, ବିକାସ ମାଇତି, ସେକ ଆଫତାବ, ମଧୁସୁଦନ ସେଠୀ, ଅଜୟ ଦଳାଇ ପ୍ରମୁଖ ଏହି ପଥପ୍ରାନ୍ତ ସଭାରେ ଯୋଗ ଦେଇଥିଲେ।

# ସଡ଼କ ଦୁର୍ଘଟଣାରେ ବରିଷ୍ଠ ବିଜେଡ଼ି କର୍ମୀ ମୃତ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି-କାଲିମେଳା ୩୨୬ ନମ୍ବର ଜାତୀୟ ରାଜପଥ ଏମଭି-୧୬ ଗ୍ରାମ ନିକଟରେ ଆଜି ସନ୍ଧ୍ୟା ୪ଟା ସମୟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ହୋଇଯାଇଛି । ଏହି ଦୁର୍ଘଟଣା ରେ ପଡିଆ ବ୍ଲକର ବରିଷ୍ଠ ବିଜେଡି କର୍ମୀ ଜଗା କରାମ ଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ଏହି ଖବର ଶୁଣି ଜିଲ୍ଲା ବିଜେଡି ର ବରିଷ୍ଠ ନେତୃମଣ୍ଡଳୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି । ମିଳିଥିବା ଖବର ଅନୁଯାୟୀ ସେ ନିଜସ୍ୱ କାମରେ ଆଜି ମାଲକାନଗିରି ଆସି ମୋଟର ସାଇକେଲରେ ପଡିଆ ଫେରୁଥିବା ସମୟରେ କୌଣସି ଏକ ଅଜଣା ଗାଡି ସହ ଧକ୍କା ହୋଇ ତାଙ୍କର ମୃତ୍ୟୁ ହୋଇଥିବା ଜଣା ପଡ଼ିଛି । ଖବର ପାଇ ମାଲକାନଗିରି ଆଦର୍ଶ ଥାନା ଅଧିକାରୀ ରିଗାନ କିଣ୍ଡୋ ଘଟଣା ସ୍ଥଳରେ ପହଞ୍ଚି ଜଗା କରାମ ଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ ଜାରି ରଖିଛନ୍ତି ।

# ଭାଜପା ପକ୍ଷରୁ ବିପନ୍ନଙ୍କୁ ରିଲିଫ୍ ବଣ୍ଟନ



ଖୋର୍ଦ୍ଧା, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ବ୍ଲକ୍‌ରେ ଏବେବି ବନ୍ୟାସ୍ଥିତି ଗମ୍ଭୀର। ଏବେବି ପାଣି ଘେରରେ ଓରବରସିଂହ, ନରଣାଗଡ଼ ଓ ବ୍ରଜମୋହନପୁର ପଞ୍ଚାୟତର ୧୦ଟି ଗାଁ। ଶହ ଶହ ହେକ୍ଟର ଚାଷ ଜମିରେ ବନ୍ୟା ପାଣି ମାଡ଼ି ଯାଇଛି। ଗାଁ ଦାଣ୍ଡ ଏପରିକି ଅନେକଙ୍କ ଘରେ ଲହଡ଼ି ଭାଙ୍ଗୁଛି ବନ୍ୟାପାଣି। ଦିନ ଯେତିକି ଗଡୁଛି, ବିପନ୍ନଙ୍କ ଦୁର୍ଦ୍ଦଶା ସେତିକି ବଢ଼ିବାରେ ଲାଗିଛି। ଏହି ଘଡ଼ିସନ୍ଧି ମୂହୁର୍ତ୍ତରେ ବନ୍ୟା ଦୁର୍ଗତଙ୍କ ପାଖରେ ଦେବଦୂତ ସାଜି ସହାୟତାର ହାତ ବଢ଼ାଇଛି ଖୋର୍ଦ୍ଧା ଭାଜପା। ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ବରିଷ୍ଠ ଭାଜପା ନେତା କାଳୁ ଚରଣ ଖଣ୍ଡେଇତ ରାୟଙ୍କ ନେତୃତ୍ୱରେ ଓଡ଼ିଶା ଭାଜପା ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ଭାଜପା ଉପସଭାନେତ୍ରୀ କସ୍ତୁରୀ ମିଶ୍ର, ଖୋର୍ଦ୍ଧା ନଗର ପୌରାଧ୍ୟକ୍ଷା ପ୍ରାର୍ଥୀନୀ କୁନିଲତା ସ୍ୱାଇଁ, ଯୁବନେତା କିଶୋର ବରାଳ, ବଡ଼ପୋଖରିଆ ମଣ୍ଡଳ ସଭାପତି ବିପିନ ପାଲଟାସିଂହ ଓ ଭାଜପାର ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଲଗାତାର ଚାରି ଦିନ ଧରି ଓରବରସିଂହ ଗ୍ରାମପଞ୍ଚାୟତର ହିରିମୂଳ, ଡିହଖଳା, ତେନ୍ତୁଳିମୂଳ, ନରଣଗଡ଼ ଗ୍ରାମପଞ୍ଚାୟତର ବଳପୁର, ଧବଳପୁର, ଓରମି ଓ ବ୍ରଜମୋହନପୁର ଗ୍ରାମପଞ୍ଚାୟତର ଶରଧାପୁର ଗ୍ରାମରେ ବନ୍ୟାଦ୍ୱାରା ପ୍ରଭାବିତ ବିପନ୍ନମାନଙ୍କୁ ରିଲିଫ୍ ବଣ୍ଟନ କରିଥିଲେ। ପାଣିଘେରରେ ଥିବା ଲୋକମାନେ ବିଭିନ୍ନ ପ୍ରକାର ସମସ୍ୟା ଭିତରେ ଥିଲେ ମଧ ସେମାନଙ୍କ ପାଖରେ ଆବଶ୍ୟକ ରିଲିଫ୍ ପହଞ୍ଚି ନ ଥିବା ସେଠାକାର ଜନସାଧାରଣମାନେ ଅଭିଯୋଗ କରିଛନ୍ତି। ବନ୍ୟାପାଣି ଚାରିଆଡ଼େ ଥିଲେ ବି ପିଇବା ପାଣି ଏକ ପ୍ରମୁଖ ସମସ୍ୟା ହୋଇଛି। ଏହାକୁ ଗୁରୁତର ସହ ନିଆଯିବା ଦରକାର ନଚେତ୍ ଆଗକୁ ଝାଡ଼ାବାନ୍ତି ଭଳି ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ଥିବା ଶ୍ରୀ ଖଣ୍ଡେଇତ ରାୟ ମତ ପ୍ରକାଶ କରିଛନ୍ତି। ସେ କହିଛନ୍ତି ବିପନ୍ନଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣର ପାନୀୟ ଜଳ, ପ୍ରତ୍ୟେକ ଗାଁକୁ ଡାକ୍ତରୀ ଟିମ୍ କିପରି ପହଞ୍ଚିବ, ପ୍ରଶାସନ ଓ ସରକାର ବ୍ୟବସ୍ଥା କରିବା ଆବଶ୍ୟକ।

# ମାଛ ଚାଷ ନିଲାମ ବାତିଲକୁ କେନ୍ଦ୍ର କରି ୨ ଗୋଷ୍ଠୀ ମୁହାଁମୁହିଁ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ପଞ୍ଚାୟତ ପୋଖରୀରେ ମାଛ ଚାଷ ନିଲାମ ନେଇ ବାରମ୍ବାର ତାରିଖ ବଦଳୁଥିବାକୁ କେନ୍ଦ୍ରକରି ଭଞ୍ଜନଗର ବ୍ଲକର ତୁରୁମୁ ପଞ୍ଚାତର କିଛି ନିଲାମୀ ଆଶାୟୀ ମହିଳା ଗୋଷ୍ଠୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନିଜର ସବୁ କାମ ଛାଡି ମହିଳାମାନେ ନିଲାମ ଡାକିବାକୁ ପଞ୍ଚାୟତରେ ହାଜର ହେଉଥିବାବେଳେ ଶେଷରେ କିଛି କାରଣ ନଥାଇ ନିଲାମ ବାତିଲ ହେବା ଘୋଷଣା କରାଯାଉଥିବାରୁ ମଙ୍ଗଳବାର ଉତ୍ତେଜନା ପ୍ରକାଶ ପାଇଛି। ମିଳିଥିବା ସୂଚନା ପ୍ରକାରେ, ଭଞ୍ଜନଗର ବ୍ଲକର ତୁରୁମୁ ପଞ୍ଚାୟତରେ ଚଳିତବର୍ଷ ମାଛ ଚାଷ ନିଲାମ କରାଯିବା ନେଇ ପଞ୍ଚାୟତ ପକ୍ଷରୁ ଇତିମଧ୍ୟରେ ୨ଥର ନୋଟିସ୍ କରାଯାଇଥିବାବେଳେ ଏଥିନେଇ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଡେଙ୍ଗୁରା ମଧ୍ୟ ପିଟାଯାଇ ଲୋକଙ୍କୁ ଅବଗତ କରାଯାଇଛି। ତେବେ ଧାର୍ଯ୍ୟ ନିଲାମ ତାରିଖରେ ସରପଞ୍ଚ ଅନୁପସ୍ଥିତ ରହିବା ଓ ବିଭିନ୍ନ କାରଣ ଦେଖାଇ ମାଛ ଚାଷ ନିଲାମ ବାତିଲ କରାଯାଉଥିବାରୁ ଏହାକୁ ନେଇ ତୁରୁମୁରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ପ୍ରଧାନ ନିଜ ପ୍ରତିକ୍ରିୟାରେ ଏଭଳି କାର୍ଯ୍ୟକୁ ଅଗଣତାନ୍ତ୍ରିକ ଦର୍ଶାଇ ବ୍ଲକ କର୍ତ୍ତୃପକ୍ଷ ଓ ପୁଲିସ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଦାବି କରିଛନ୍ତି। ଅନ୍ୟପକ୍ଷରେ ଭଞ୍ଜନଗର ବିଡିଓ ଶଶୀଭୂଷଣ ମହାପାତ୍ର ଏ ସଂପର୍କରେ ନିଜର ପ୍ରତିକ୍ରିୟା ରଖିଛନ୍ତି। ବିଡିଓଙ୍କ ସୂଚନା ପ୍ରକାରେ ପୂର୍ବରୁ ଥରେ ମାଛ ଚାଷ ପାଇଁ ପୋଖରୀ ନିଲାମ ତାରିଖ ଧାର୍ଯ୍ୟ ହୋଇଥିଲା। ତେବେ ସରକାରୀ ଗାଇଡ ଲାଇନ୍ ପ୍ରକାରେ ନିଲାମ ସମୟରେ ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତି ନିଶ୍ଚିତ ରହିବା ଦରକାର ପଡୁଥିବାବେଳେ ସେତେବେଳେ ସରପଞ୍ଚ ଉଷାରାଣୀ ପ୍ରଧାନ ନିଜର ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଅନୁପସ୍ଥିତ ରହିଥିଲେ। ଫଳରେ ନିଲାମ ତାରିଖ ବାତିଲ ହୋଇଥିଲା। ଆଜି ପୁଣିଥରେ ଏଥିପାଇଁ ତାରିଖ ଧାର୍ଯ୍ୟ ହୋଇଥିବାବେଳେ ଏବିଡିଓ ଓ ବ୍ଲକର ଅନ୍ୟ ଷ୍ଟାଫ୍‌ମାନେ ଉପସ୍ଥିତ ରହିଥିଲେ। ତେବେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବାସହ ପ୍ରବଳ ଯୁକ୍ତତର୍କ ହେବା କାରଣରୁ ବ୍ଲକ୍ ପ୍ରଶାସନ ଥାନାର ସହାୟତା ନେଇ ସେଠାରେ ଉପସ୍ଥିତ ଥିବା ବ୍ଲକ ଷ୍ଟାଫ୍‌କୁ ପୁଲିସ ସହାୟତାରେ ନେଇ ଆସିଥିଲେ। ପରେ ପରସ୍ପର ବିରୋଧୀ ଗୋଷ୍ଠୀଙ୍କ ମଧ୍ୟରେ ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଆଉ ପୁଲିସକୁ ଏଥିପାଇଁ ସାମାନ୍ୟ ବଳ ପ୍ରୟୋଗ କରିବାକୁ ପଡିଥିଲା ବୋଲି ବିଡିଓ ମହାପାତ୍ର ସୂଚନା ଦେଇଛନ୍ତି। ତେବେ କାହିଁକି ବାରମ୍ବାର କିଛି କାରଣ ନ ଥାଇ ମାଛ ଚାଷ ପାଇଁ ପୋଖରୀ ନିଲାମ ବାତିଲ ହେଉଛି ତାର ପ୍ରତିକାର କରାଯାଇ ତୁରନ୍ତ ପୋଖରୀ ନିଲାମ ଶେଷ କରିବାକୁ ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ପ୍ରଧାନ ଦାବି କରିଛନ୍ତି।

## ବେନାମୀ ସମ୍ପତ୍ତିକୁ ନେଇ ସୁପ୍ରିମ୍‌କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଆଉ ହେବନି ୩ ବର୍ଷ ଜେଲ୍ ଦଣ୍ଡ

ନୂଆଦିଲ୍ଲୀ : ବେନାମୀ ସମ୍ପତ୍ତି ନେଇ ମଙ୍ଗଳବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ବେନାମୀ ସମ୍ପତ୍ତି ସମ୍ପର୍କିତ ଏକ ମାମଲାର ଶୁଣାଣି କରି ସୁପ୍ରିମ୍‌କୋର୍ଟଙ୍କ ଏକ ଖଣ୍ଡପୀଠ ଐତିହାସିକ ରାୟ ଦେଇଛନ୍ତି। ବେନାମୀ ସମ୍ପତ୍ତି ନେଣଦେଣ ନିଷେଧ ଅଧିନିୟମ, ୧୯୮୮ର ଧାରା ୩ (୨)କୁ ଅସମ୍ବିଧାନିକ ଘୋଷଣା କରିଛନ୍ତି ଖଣ୍ଡପୀଠ। ତେଣୁ ବେନାମୀ ସମ୍ପତ୍ତି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ଯୋଗୁଁ ୩ ବର୍ଷର ରହିଥିବା ଜେଲ୍‌ଦଣ୍ଡ ବ୍ୟବସ୍ଥାକୁ ସୁପ୍ରିମ୍‌କୋର୍ଟ ରଦ୍ଦ କରିଦେଇଛନ୍ତି। ପୂର୍ବରୁ ବେନାମୀ ସମ୍ପତ୍ତି ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ କୋର୍ଟ ୩ ବର୍ଷ ଜେଲ୍ ଦଣ୍ଡାଦେଶ ପ୍ରଦାନ କରୁଥିଲେ। ତେବେ ସୁପ୍ରିମ୍‌କୋର୍ଟଙ୍କ ରାୟ ପରେ ଏହା ଆଉ କାର୍ଯ୍ୟକାରୀ ହେବ ନାହିଁ। ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ, ୨୦୧୬ର ସଂଶୋଧିତ ଅଧିନିୟମ ଧାରା ୩ (୨) ମଧ ଅସାମ୍ବିଧାନିକ। କାରଣ ୨୦୧୬ରେ ସଂଶୋଧିତ ବେନାମୀ ଅଧିନିୟମକୁ ପଛୁଆ ଭାବେ ଲାଗୁ କରାଯାଇପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି। ବେନାମୀ ସମ୍ପତ୍ତି ହେଉଛି ସେହି ସମ୍ପତ୍ତି ଯାହା ଲାଗି ମୂଲ୍ୟ ଆଉ କେହି ପୈଠ କରିଥାଏ ଓ ସମ୍ପତ୍ତି ଆଉ କାହା ନାମରେ ହୋଇଯାଇଥାଏ। ଏପରି ସମ୍ପତ୍ତି ପତ୍ନୀ, ସନ୍ତାନ ଅଥବା ଅନ୍ୟ କୌଣସି ସମ୍ପର୍କୀୟଙ୍କ ନାମରେ ମଧ କ୍ରୟ କରାଯାଇଥାଏ। ଯାହାଙ୍କ ନାମରେ ଏପରି ସମ୍ପତ୍ତି କ୍ରୟ ହୋଇଥାଏ ତାକୁ ବେନାମୀ ସମ୍ପତ୍ତି କୁହାଯାଇଥାଏ। ଏନେଇ ଏକ ମାମଲା ସୁପ୍ରିମ୍‌କୋର୍ଟରେ ରୁଜୁ କରାଯାଇଥିଲା।

## ବାୟୁସେନା ହେଲିକପ୍ଟରର ଜରୁରୀ ଅବତରଣ

# ପାଇଲଟ୍‌ଙ୍କ ସମେତ ସମସ୍ତେ ସୁରକ୍ଷିତ

ଜୟପୁର : ଭାରତୀୟ ବାୟୁସେନାର ଏକ ଲଢୁଆ ହେଲିକପ୍ଟର ଏମ୍‌ଆଇ-୩୫ ମଙ୍ଗଳବାର ରାଜସ୍ଥାନର ହନୁମାନଗଡ଼ରେ ଜରୁରୀ ଅବତରଣ କରିଛି। ହେଲିକାପ୍ଟର ଟିରେ ବୈଷୟିକ କାରଣରୁ ତ୍ରୁଟି ପରିଲକ୍ଷିତ ହେବା ପରେ ପାଇଲଟ୍ ଏହାର ଜରୁରୀ ଅବତରଣ କରାଇଥିଲେ। ତେବେ ହେଲିକପ୍ଟରରେ ଥିବା ୨ ଜଣ ପାଇଲଟ୍ ଓ ଜଣେ ଫ୍ଲାଇଟ୍ ଇଂଜିନିୟର ସୁରକ୍ଷିତ ଥିବା ସୂଚନା ମିଳିଛି। ରାଜସ୍ଥାନର ହନୁମାନଗଡ଼ ଘୋଲିପାଲ ଗାଁ ବିଲରେ ଏହି ହେଲିକପ୍ଟରଟି ଅବତରଣ କରିଥିଲା। ଅବତରଣର ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ହଜାର ହଜାର ଲୋକ ଏକାଠି ହୋଇଥିଲେ। ସକାଳ ୯ଟା ୩୦ରେ ଏହି ହେଲିକପ୍ଟରଟି ଲ୍ୟାଣ୍ଡିଂ କରିଥିଲା। ସଦର ଥାନା ଅଧିକାରୀ କହିଛନ୍ତି ଯେ, ଏହି ହେଲିକପ୍ଟରଟିରେ ୫ ଜଣ ଥିଲେ। ତେବେ ସମସ୍ତେ ସୁରକ୍ଷିତ ରହିଛନ୍ତି। ହେଲିକପ୍ଟରଟିର ସୁରକ୍ଷା ପାଇଁ ପୋଲିସ ମୂତୟନ କରାଯାଇଛି। ତେବେ ଏହି ଜରୁରୀ ଅବତରଣକୁ ନେଇ ସୋସିଆଲ୍ ମିଡିଆରେ ହେଲିକପ୍ଟର କ୍ରାସ ହୋଇଥିବା ଗୁଜବ ପ୍ରସାରିତ ହୋଇଛି। ପୋଲିସ ଏହି ଗୁଜବର ଖଣ୍ଡନ କରିବା ସହ କହିଛି ଯେ, ହେଲିକପ୍ଟରରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ରହିଛନ୍ତି। ସୂଚନାଯୋଗ୍ୟ ଯେ, ଉତ୍ତର ରାଜସ୍ଥାନରେ ବାୟୁସେନାର କେତେକ ବଡ଼ ଷ୍ଟେସନ ମଧ ରହିଛି।

# ବିକଳାଙ୍ଗ ଶିଶୁକୁ ଆର୍ଥିକ ସହାୟତା ପ୍ରଦାନ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ହିନ୍ଦୋଳ ବ୍ଲକ ଅନ୍ତର୍ଗତ ଖଣ୍ଡତିରି ଗ୍ରାମର ଅଜୟ ନାୟକ ଓ ପ୍ରତିମା ନାୟକଙ୍କ ବିକଳାଙ୍ଗ ପୁତ୍ର ଅରବିନ୍ଦର ଭରଣା ପୋଷଣ ପାଇଁ ସହାୟତା ପ୍ରଦାନ ନିମନ୍ତେ ଜିଲ୍ଲାପାଳଙ୍କୁ ତାଙ୍କର ମାଆ ଓ ଅଜା ନିବେଦନ କରିଛନ୍ତି। ଜିଲ୍ଲାପାଳ ସରୋଜ କୁମାର ସେଠୀ ଅରବିନ୍ଦର ଆନୁସଙ୍ଗିକ ଖର୍ଚ୍ଚ ପାଇଁ ୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ ସହିତ ତାଙ୍କୁ ମଧୁବାବୁ ଭତ୍ତା ଯୋଜନାରେ ସାମିଲ କରାଇବାକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅରବିନ୍ଦଙ୍କୁ ୫ ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯିବା ସହିତ ତାଙ୍କୁ ମଧୁବାବୁ ଭତ୍ତା ଯୋଜନାରେ ମାସକୁ ୭ ଶହ ଟଙ୍କା ଲେଖାଏଁ ଭତା ପ୍ରଦାନ କରାଯିବ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ କୁମାର ଖୁଣ୍ଟିଆ ପ୍ରକାଶ କରିଛନ୍ତି।

## ଦୁଃଖଦ

# ଛାତ୍ରର ମାଡ଼ରେ ଛାତ୍ରର ମୃତ୍ୟୁ

ରାୟଗଡ଼ା, (ଭାସ୍କର ନ୍ୟୁଜ୍) : ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକସ୍ଥିତ ଏକ ଆଶ୍ରମ ବିଦ୍ୟାଳୟରେ ଏକ ଅଭାବନୀୟ ତଥା ଦୁଃଖଦ ଘଟଣା ଘଟିଛି। ଜଣେ ଷଷ୍ଠ ଶ୍ରେଣୀ ଛାତ୍ରର ମାଡ଼ରେ ପ୍ରଥମ ଶ୍ରେଣୀ ଛାତ୍ରର ମୃତ୍ୟୁ ଘଟିଛି। ମୃତ ଛାତ୍ରଙ୍କ ନାମ ଗୋବିନ୍ଦା ହୁଇକା। ସେ ପ୍ରଥମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ଗତ ୨୦ ତାରିଖରେ କୌଣସି କଥାକୁ ନେଇ ଗୋବିନ୍ଦାଙ୍କ ସହ ୬ଷ୍ଠ ଶ୍ରେଣୀ ଛାତ୍ରର ଗଣ୍ଡଗୋଳ ହୋଇଥିଲା। ପରେ ଗୋବିନ୍ଦାଙ୍କୁ ସମ୍ପୃକ୍ତ ଛାତ୍ରଜଣକ ଆକ୍ରମଣ କରିଥିଲେ। ଏଥିରେ ଗୋବିନ୍ଦା ଗୁରୁତର ହେବା ପରେ ତାଙ୍କୁ ପ୍ରଥମେ ରେଖାପଦର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ବିଗିଡ଼ିବାରୁ ରାୟଗଡ଼ା ସଦର ହସ୍ପିଟାଲ୍ ଓ ପରେ ବ୍ରହ୍ମପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ସକାଳେ ଗୋବିନ୍ଦାଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷରେ ସୋମବାର ଶିକ୍ଷା ବିଭାଗର ଏକ ୪ ଜଣିଆ ଟିମ୍ ଗୋବିନ୍ଦାଙ୍କ ଘରକୁ ଯାଇ ତାଙ୍କା ବାପା ମା’ଙ୍କୁ ପଚରା ଉଚୁରା କରିଥିଲା। ଏପରିକି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ମଧ ପଚରା ଉଚୁରା କରାଯାଇଥିଲା। ତେବେ ଏକମାତ୍ର ପୁଅକୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ତେବେ ଛାତ୍ର ମାଡ଼ରେ ଛାତ୍ରର ମୃତ୍ୟୁ ହେବା ଘଟଣାକୁ ଜିଲ୍ଲା ମଙ୍ଗଳ ଅଧିକାରୀ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ମେଡିକାଲ ରିପୋର୍ଟରେ ସେମିତି କିଛି ଦର୍ଶାଯାଇ ନାହିଁ। ତଥାପି ତଦନ୍ତ କରାଯାଉଛି। ରିପୋର୍ଟ ମିଳିବା ପରେ ଯିଏ ବି ଦୋଷୀ ହେଉନା କାହିଁକି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଦାବି ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### +୨ରେ ତ୍ରୈମାସିକ...

କଲେଜ୍ ଖୋଲିଥିଲେ ମଧ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ତ୍ରୈମାସିକ ପରୀକ୍ଷା ହେବ କି ନାହିଁ ସେନେଇ କୌଣସି ସୂଚନା ଦେଇନଥିଲା। ଫଳରେ ଛାତ୍ରଛାତ୍ରୀମାନେ ଚିନ୍ତାରେ ପଡିବା ସହ ବିଭିନ୍ନ ଗଣମାଧ୍ୟମରେ ଖବର ମଧ ପ୍ରସାରିତ ହୋଇଥିଲା। ତେବେ ତ୍ରୈମାସିକ ପରୀକ୍ଷା ପାଇଁ ପଦକ୍ଷେପ ନେବାକୁ ବିଭାଗ ପକ୍ଷରୁ ସିଏଚ୍‌ଏସ୍‌ଇଙ୍କୁ ଚିଠି କରାଯାଇଛି। ଏହି ପରୀକ୍ଷାରେ ଥିଓରି ପାଇଁ ୨୦ ନମ୍ବର ଓ ପ୍ରାକ୍ଟିକାଲ ପାଇଁ ୧୦ ମାର୍କ ରହିବ। ଖୁବ୍ ଶୀଘ୍ର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା ତାରିଖ ଘୋଷଣା କରିବ।

### ୧୦୦ ଏମ୍‌ବିବିଏସ୍...

ଅନୁମତି ଦେଇଛନ୍ତି। ଏହି ମେଡିକାଲ କଲେଜ ଏମ୍‌ଏସ୍‌ସିବିଡି ବାରିପଦା ଅଧୀନରେ ପରିଚାଳନା କରିବାକୁ ଅନୁମତି ଦିଆଯାଇଛି।

### ଭୟ ବଢ଼ାଉଛି ...

ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି କେନ୍ଦୁଝର, ଅନୁଗୋଳ, କନ୍ଧମାଳ, ବୌଦ୍ଧ, ସୋନପୁର, ବରଗଡ଼, ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ୭ରୁ ୧୧ ସେ.ମି. ପର୍ଯ୍ୟନ୍ତ ବର୍ଷା ହେବ ବୋଲି ବିଭାଗ ସୂଚନା ଦେଇଛି। ବର୍ଷାରେ ମାଟି ରାସ୍ତା, ଚାଳଘର ଓ ମାଟିକାନ୍ଥ ନଷ୍ଟ ହେବାର ସମ୍ଭାବନା ରହିଥିବାରୁ ସମସ୍ତେ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି। ତଳିଆ ଅଞ୍ଚଳରେ ପାଣି ଜମିବା ସହ ଚାଷଜମି ଜଳମଗ୍ନ ହେବ ବୋଲି ଏଥିରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଜୁନ୍ ପହିଲାରୁ ଅଗଷ୍ଟ ୨୧ ମଧ୍ୟରେ ରାଜ୍ୟରେ ୯୪୧.୯ ମି.ମି. ବର୍ଷା ହୋଇଛି। ଏହା ସ୍ୱାଭାବିକ ବର୍ଷା ଠାରୁ ୧୫% ଅଧିକ ରହିଛି।

### ସ୍କୁଲ୍ ଫି’ ପାଇଁ ...

ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, କୋଭିଡ ସଂକ୍ରମଣ ପରେ ବିଦ୍ୟାଳୟର ଫି’ ବଢ଼ାଇ ଦିଆଯାଇଥିଲା। ଏନେଇ ଅଭିଭାବକମାନେ ଆପତ୍ତି କରିବା ପରେ ମଧ କୌଣସି ଉତ୍ତର ମିଳିନଥିଲା। ତେବେ ଫି’ ଆଦାୟ କରିବା ପାଇଁ ସ୍କୁଲ୍ କର୍ତ୍ତୃପକ୍ଷ ଏଭଳି କାଣ୍ଡ ଘଟାଇବା ନିନ୍ଦନୀୟ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ଅନ୍ୟପକ୍ଷରେ ସ୍କୁଲ ଅଧ୍ୟକ୍ଷଙ୍କୁ ଗିରଫ କରିବା ପାଇଁ ଓଡ଼ିଶା ଅଭିଭାବକ ମହାସଂଘର ଏକ ୫୦ଜଣିଆ ଟିମ୍ ବୁଧବାର ପୋଲିସ କମିଶନରଙ୍କୁ ଭେଟିବେ ବୋଲି ଜଣାପଡ଼ିଛି। ମହାସଂଘର ଉପସଭାପତି ତଥା ବିଜେଇଏମ୍ ସ୍କୁଲ୍ ଅଭିଭାବକ ସଂଘର ସଭାପତି ରଞ୍ଜନ ଦାସ ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ତୁରନ୍ତ ସ୍କୁଲ ଅଧ୍ୟକ୍ଷଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି। ତାଙ୍କୁ ତୁରନ୍ତ ଗିରଫ କରାନଗଲେ ଆଗାମୀ ଦିନରେ ପ୍ରତ୍ୟେକ ସ୍କୁଲର ଗେଟ୍ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସେ ଚେତାଇ ଦେଇଛନ୍ତି। ସେହିପରି ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଓ ସହ ଅଧ୍ୟକ୍ଷ ପ୍ରସନ୍ନ ବିଶୋୟୀ ଏହି ଘଟଣାର ଦୃଢ଼ ନିନ୍ଦା କରିଛନ୍ତି।

### ସର୍ଟରେଞ୍ଜ ମିସାଇଲ୍‌ର...

ସଠିକ୍ ଭାବେ ଭେଦ କରିବାର ସାମର୍ଥ୍ୟ ରହିଛି। ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ଏହା ଏକ ବଡ଼ ସଫଳତା ବୋଲି ଡିଆର୍‌ଡିଓ କହିଛି। ଡିଆର୍‌ଡିଓର ଏହି ସଫଳତାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରିବା ସହ ଡିଆର୍‌ଡିଓ ବୈଜ୍ଞାନିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


ଦକ୍ଷିଣ-ପୂର୍ବ ମଧ୍ୟ ରେଲବାଇ

ଇ-ଟେଣ୍ଡର ନୋଟିସ୍

ଟେଣ୍ଡର ନୋଟିସ ନଂ: ଏସ୍‌ଏନ୍‌ଟି-ଆର୍-୨୦୨୨-୧୮
ତାରିଖ: ୧୬/୦୮/୨୦୨୨

କାର୍ଯ୍ୟର ନାମ : ସିଗନାଲିଂ ଓ ଟେଲି କମ୍ୟୁନିକେସନ କାର୍ଯ୍ୟ ସମ୍ପାଦନ ସମ୍ବନ୍ଧରେ: ରାୟପୁର ମଣ୍ଡଳ : ବିଲାସପୁର-ଦୁର୍ଗ। ୫୫ ସେଟ୍ ଟର୍ଣ୍ଣ ଆଉଟ୍ ନବୀକରଣ। (ଟିଡବ୍ଲ୍ୟୁଏସ୍ + ଡବ୍ଲ୍ୟୁସିଏମ୍‌ଏସ୍‌ସି) (୫୫ ସେଟ୍-୧ ରେ ୧୨) ଜରିଆରେ।

ଟେଣ୍ଡର ମୂଲ୍ୟ : ଟ.୫,୫୧,୪୬,୬୩୧.୮୦/-
ଇଏମ୍‌ଡି : ଟ.୪,୨୫,୭୦୦.୦୦/-
କାର୍ଯ୍ୟ ସମ୍ପୂର୍ଣ୍ଣ କରିବାର ଅବଧି : ୧୨ (ବାର) ମାସ।

ବିଡର୍ସମାନେ ସେମାନଙ୍କ ମୂଳ/ସଂଶୋଧିତ ବିଡସ୍ କେବଳ ୧୫/୦୯/୨୦୨୨ର ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରସ୍ତୁତ କରିପାରିବେ। ମାନୁଆଲ୍ ଅଫର୍ସ ଏହି ଟେଣ୍ଡରର ବିରୁଦ୍ଧରେ ସ୍ୱୀକାର ହେବ ନାହିଁ। ବିସ୍ତୃତ ବିବରଣୀ ପାଇଁ ଆମର ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ସିଗନାଲ୍ ଓ ଟେଲିକମ୍ ଇଂଜିନିୟର
ଏସ୍.ଇ.ସି. ରେଲବାଇ, ରାୟପୁର

PR/R/S&T/AP/103
South East Central Railway @secrail



OFFICE OF THE
MUNICIPALITY, UMERKOTE
NABARANGPUR (ODISHA), PIN- 764073

C-1046

No. 2975 /Ukt-2022 Dated the th August,2022

QUOTATION CALL NOTICE

Sealed quotations are invited from the intending firms/dealers/Industries for supply of the following office furniture and others for Umerkote Municipality. The quotationer should quote their rates inclusive all Tax / VAT / Transportation charge etc per each. The quotatiioners should submitted attested copies of up-to-date VAT and IncomeTax/GST/Sale Tax clearance certificate licenses along with the quotation. The quotations alongwith all documents shall be received by the undersigned through Regd/Speed post only on or before Date **30.08.2022** up to 4 pm and the quotations will be opened on the same day at 4.30 pm in presence of the quotationers or their authorized representative. The quotation received beyond the schedule date and time will not be considered at all.

Any correction / over writing in the quotation should be attested by the quotationers, otherwise it is liable for rejections. The under signed reserve the right to accept, cancel or reject any or all the quotations without assigning any reason thereof.

**Requirement of furniture,**

| SL NO. | ITEM | SPECIFICATION |
|---|---|---|
| 1 | Wheel Chair-1 | Double Lather ,Colour-Black/Brown, Height- Free Size Hydrolic (Any Brand) |
| 2 | Wheel Chair-2 | Net Model, Colour –Grey/Black/Brown ,Height- Free Size Adjustable(Any Brand) |
| 3 | Office Steel Chair | Colour- Black , Height-2.5” ft (Any Brand) |
| 4 | Almirah | Hight- 5” / 5.5” ft Colour- Grey , 28 gej/26 gej (Any Brand) |
| 5 | Reck / Shelf | Height- 6” x 4”ft Colour – Iron Grey (Any Brand) |
| 6 | Table | Size- 5x2.5 ft Colour - laminated Colour, Iron combo (Any Brand) |

Executive Officer
Umerkote Municipality

OIPR- 13180/11/0008/2223



Government of Odisha
Department of Steel & Mines
***

G-30

TENDER CALL NOTICE

VIII-(OE-C)SM-8/2020(pt) 8033 /SM, Bhubaneswar Dated the 20.08.2022

Sealed tenders are invited from GST and Govt. Registered Travel Agencies/Tour Operators or private individuals for providing 01 No. of Vehicle i.e. “**Zest/Tigor/Swift Dezire/Xcent /Etios(Petrol)**” including driver on monthly hire basis, which shall confirm to the Terms and conditions given in Annexure-II for official use in Steel & Mines Department and Director of Steel.

1. The vehicle must be in road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage Permit, Pollution Under Control Certificate, proof of up to date tax clearance etc. which are mandatory for plying of vehicle.
2. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle.
3. The Driver should be well behaved, gentle and obedient in nature.
4. The monthly rate of hire charge be quoted separately in the general bid Information (excluding fuel, lubricants and GST)@ **17 KMS/ Litres**.
5. The vehicle hired shall be in good condition and shall not be older than three years. Vehicle older than **5 years** should be replaced by new vehicle by the service provider.
6. The details of the make and year of manufacture of the vehicle, Registration no. mileage (Kms covered per litre) and name of the Driver with Driving License No. and period of validity should be specifically provided in the general bid information to be furnished with the Quotation/Tender (Annexure-III)
7. The Quotation completed in all respect should reach the undersigned on or before **dt.05.09.2022 by 2.30 P.M**. and shall be opened on the same day at **3.30 P.M**. in presence of the bidders or their authorized representatives. In case this date happens to be a holiday, the tender will be opened on immediate next working day at the same designated time and place.
8. The application Form of quotation/tender containing General Bid Information & Terms and conditions for Hiring of Vehicles etc. will be available with the Joint Secretary to Government (OE), Steel & Mines Department on payment of Rs. 100/-(Non-refundable).
9. No Bid Security Money is required as per FD Letter No. 8484/F dated 05.04.2022 and a “ BID SECURITY DECLARATION to be submitted in writing that “ if I withdraw or modify my bid during period of validity etc I will be suspended for the time specified in the tender document.”

The authority reserve the right to cancel any or all of the tenders without assigning any reason thereof.

Additional Secretary to Governme

OIPR- 30001/11/0005/2223




କଣିହାଁ, (ଭାସ୍କର ନ୍ୟୁଜ) : ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ୨୭ ଟି ପଞ୍ଚାୟତ ର ବେକାର ଯୁବକ ଯୁବତୀ ମାନଙ୍କୁ ନେଇ ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା ଅନୁଷ୍ଠିତ ହୋଇଯାଇଛି ଏଥିରେ ମୁଖ୍ୟଅତିଥି ଭାବରେ ମୁଖ୍ୟ ଉନ୍ନୟନ ଅଧିକାରୀ ଅନଗୁଳ ଲଳିତ ମୋହନ ବେହେରା, କଣିହାଁ ଗୋଷ୍ଠୀ ଉନୟନ ଅଧିକାରୀ ନିଶାନ ମିଶ୍ର,ସାଂସଦ ଙ୍କ ପ୍ରତିନିଧି ନିର୍ମଳ କୁମାର ସାହୁ କଣିହାଁ ବ୍ଲକ ଉପାଧକ୍ଷା ଜୟନ୍ତୀ ପ୍ରଧାନ ଯୋଗ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ଏଥିରେ ୩ଟି ସଂସ୍ଥା ଭାଗ ନେଇ ବେକାର ଯୁବକ ଯୁବତୀ ମାନେ ଆତ୍ମନିର୍ଭରଶୀଳ ହୋଇ ପାରିବେ ବୋଲି ସଂସ୍ଥା ର ମୁଖ୍ୟ କହିଛନ୍ତି ଏଥିରେ ୨୫୦ଜଣ ବେକାର ଯୁବକ ଯୁବତୀ ପଞ୍ଜିକରଣ କରିଛନ୍ତି। ତେବେ କୋଭିଡ ମହାମାରୀ ଯୋଗୁଁ ଗତ ୨ ବର୍ଷ ହେବ ନିଯୁକ୍ତି କ୍ଷେତ୍ରରେ ଶିଥିଳତା ଆସିଥିବାବେଳେ ଏବେ ବିଭିନ୍ନ ସଂସ୍ଥାଗୁଡ଼ିକ ପୁଣି କ୍ରିୟାଶୀଳ ହୋଇ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେଉଥିବା ଦେଖିବାକୁ ମିଳୁଛି।

**ଚେଇଁ ଶୋଇଛି ଅବକାରୀ ବିଭାଗ**

## ବୃଦ୍ଧି ପାଉଛି ବେଆଇନ୍ ମଦ କାରବାର

ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ଅଞ୍ଚଳରେ ଦିନକୁ ଦିନ ବେଆଇନ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି । ଏଥିସହ ବିଭିନ୍ନ ସ୍ଥାନରେ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି । ଜଣେ ଜଣେ ବ୍ୟକ୍ତି ଏକାଧିକ ଜାଗାରେ ମଦ କାରବାର ଚଳାଇ ନିରୀହ ଲୋକଙ୍କୁ ଶୋଷଣ କରୁଛନ୍ତି । ବ୍ଲକର ଅଧିକାଂଶ ଗାଁରେ ଏବେ ଛତୁ ଫୁଟିଲା ଭଳି ବେଆଇନ ମଦ ବିକ୍ରି ଚାଲିଛି । ଏହାକୁ ନେଇ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ମଧ୍ୟ ତେଜିବାରେ ଲାଗିଛି । ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅବକାରୀ ଥାନା ଥାଇ ମଧ୍ୟ ସବୁ ବେଳେ ବନ୍ଦ ରହୁଛି । ଚୋରା ମଦ କାରବାର ପାଇଁ ଲୋକେ ଅଭିଯୋଗ କରିବାକୁ ଯାଇଁ ଫେରୁଥିବା ଦେଖିବାକୁ ମିଳିଛି । ସାମାଜିକ କର୍ମୀ ପ୍ରତାପ ପାଢୀ କହିଛନ୍ତି ଗତ ରବିବାର କାଠିଆପାଡା ନିକଟରେ ଏକ ସମ୍ପନ ଗୃହରେ ମଦ କାଣ୍ଡିହୋଇ ବିକ୍ରି ହେଉଥିବା ଦେଖିବାକୁ ପାଇ




ଅବକାରୀ ଥାନାକୁ ଫୋନ କରିଥିଲେ । ମାତ୍ର ଅଫିସର ଟୁକୁନା ସାହୁ ସବୁ ଜାଣି ଚୁପ ରହିଥିଲେ ବୋଲି ସେ କହିଛନ୍ତି ।ସେହିପରି ସାମାଜିକ କର୍ମୀ ସଂଜୟ ପଣ୍ଡା କୁହନ୍ତି ପଟ୍ଟାମୁଣ୍ଡାଇ ଅବକାରୀ କାର୍ଯ୍ୟାଳୟରେ କର୍ମଚାରୀ ଅଭାବର ଆଳ ଦେଖାଇ ଅବକାରୀ ବିଭାଗ ନୀରବ ରହି ମଦବେପାରୀଙ୍କ ସହିତ ସଲାସୁତୁରା କରି ହାତ ବାନ୍ଧି ବସିଥିବାବେଳେ କିଏ କେତେବେଳେ ୩ ରୁ ୪ ଲିଟର ମଦ ଭୋଜି ପାଇଁ ନେଲେ ନିରୀହ ଲୋକମାନଙ୍କୁ ମିଥ୍ୟା ଅଭିଯୋଗରେ କୋର୍ଟ ଚାଲାଣ କରୁଛି । ଭାଟି କର୍ମଚାରୀମାନେ ରାତିଅଧିଆ ଗରିବ ଲୋକମାନଙ୍କୁ ଧରି ଅବକାରୀ ବିଭଗକୁ ହସ୍ତାନ୍ତର କରୁଥିବା ହେତୁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ଲାଇସେନ୍ସପ୍ରାପ୍ତ ମଦ ବ୍ୟବସାୟୀମାନେ ଅବକାରୀ ନିୟମକୁ ବେଖାତିର କରି ସେମାନେ ଖୁଲମଖୁଲା ମଦ ବିକ୍ରି ପାଇଁ ଗାଁ ଗାଁରେ ନିଜ କର୍ମଚାରୀଙ୍କ ଦ୍ୱାରା ମଦ ଯୋଗାଇ ଦେଉଥିବା ହେତୁ ଗ୍ରାମାଞ୍ଚଳରେ ଚୋରି, ରାହାଜାନୀ, ଡକାୟତି, ଆଦି ହିଂସାତ୍ମକ କାର୍ଯ୍ୟଗୁଡିକ ବଢ଼ିବାରେ ଲାଗିଛି । ମଦ ଦୋକାନ ଆଗରେ ମଦର ଦର, ତାଲିକା ଟାଙ୍ଗିବା ପାଇଁ ନିୟମ ରହିଥିବାବେଳେ ସଂପୃକ୍ତ ମଦ ବ୍ୟବସାୟୀମାନେ ଏହାକୁ ବେଖାତିର କରୁଛନ୍ତି । ଏହି ନିୟମ ଉଲ୍ଲଙ୍ଘନ କରୁଥିବା ମଦ ବ୍ୟବସାୟୀଙ୍କ ବିରୋଧରେ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଫଳରେ ମଦ ବ୍ୟବସାୟୀଙ୍କ ସହ ଅବକାରୀ ବିଭାଗର ସଲାସୁତୁରା ଥିବା ଜନମାନସରେ ଚର୍ଚ୍ଚା ହେଉଛି । ଏପଟେ ମଦ ବ୍ୟବସାୟୀମାନେ ମଦର ଦର ତାଲିକା ଦୋକାନ ଆଗରେ ଟାଙ୍ଗି ଫଟୋ ଉଠାଇ ବିଭାଗକୁ ପଠାଇ ପରେ ପୁଣି ଥରେ ଖୋଲି ଦେଉଥିବା ଜଣାପଡ଼ିଛି । ବ୍ଲକରେ ଥିବା ଏହି ଦୋକାନଗୁଡ଼ିକ ଉପରେ ଅତର୍କିତ ଚଢାଉ କରାଗଲେ କେଉଁମାନେ ଦର ତାଲିକା ଟାଙ୍ଗୁଛନ୍ତି କେଉଁମାନେ ଟାଙ୍ଗୁନାହାନ୍ତି ତାହା ଜଣାପଡନ୍ତା । ସେହିପରି ଫ୍ରିଟ ରେଟ ଠାରୁ ମନଇଚ୍ଛା ଅଧିକ ଦରରେ ମଦ ଦୋକାନୀ ମଦ ବିକ୍ରି କରୁଥିବାବେଳେ ଅବକାରୀ ବିଭାଗ ଓ ପୋଲିସ ବିଭାଗ ନୀରବଦ୍ରଷ୍ଟା ସାଜିଛି ବୋଲି ସେ କହିଛନ୍ତ ।

## ଯୁବତୀଙ୍କ ଆତ୍ମହତ୍ୟା

ବ୍ୟାସନଗର, (ଭାସ୍କର ନ୍ୟୁଜ): ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ସେଲିବ୍ରେସନ କଲ୍ୟାଣ ମଣ୍ଡପ ନିକଟରେ ଜଣେଯୁବତୀ ଘରେ ରଶି ଲଗେଇ ଆତ୍ମହତ୍ୟା କରିଛି । ଘଟଣା, ରୁ ପ୍ରକାଶ ଯେ କଲ୍ୟାଣ ମଣ୍ଡପ ନିକଟରେ ଅନେକ ଦିନ ହେବ ବୀଣାପାଣି ରାଉତ ଓ ତାଙ୍କ ଝିଅ ରୁହନ୍ତି ଆଜି ଅପରାହ୍ନରେ କୌଣସି ଘଟଣାକୁ ନେଇ ବୀଣାପାଣି ଓ ତାଙ୍କ ଝିଅଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହେଇଥିଲା ଏହାପରେ ବୀଣାପାଣି ନିଜ କାର୍ଯ୍ୟରେ ଶିକ୍ଷକତା କରୁଥିବା ସ୍କୁଲକୁ ଯାଇଥିଲେ । ତେବେ ଏଥିରେ ରାଗି ଯାଇ ଯୁବତୀ ଜଣଙ୍କ ଘର ଭିତରେ ରଶୀ ଲଗେଇ ଦେଇଥିଲ। ତେବେ ଏହି ଖବର ପାଇଁ ପଡୋଶୀ ଲୋକ ଝିଅ ଆତ୍ମହତ୍ୟା କରିଥିବା ବୀଣାପାଣିଙ୍କୁ ଜଣାଇଥିଲେ। ତେବେ ବୀଣାପାଣି ତୁରନ୍ତୁ ଖବର ପାଇଁ ସ୍କୁଲରୁ ଆସି ଦେଖିଲାବେଳକୁ ଝିଅ ରଶି ଲଗେଇ ଦେଇଥିଲା। ତେବେ ପଡୋଶୀଙ୍କ ସହଯୋଗରେ ବୀଣାପାଣି ଝିଅକୁ ଚିକିତ୍ସା ପାଇଁ ତୁରନ୍ତ ଯାଜପୁର ରୋଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ କ୍ଷ ସେଠାରରେ ଯୁବତୀଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ଯାଜପୁର ରୋଡ ପୋଲିସ ଖବର ପାଇ ତୁରନ୍ତ ଯାଜପୁର ରୋଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ଏଥିସହିତ କେସ୍ ନମ୍ବର ୨୯/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

**ପ୍ରଶାସନ ଦୃଷ୍ଟିଦେବାକୁ ଦାବି**

## ବନ୍ୟା ପରେ ବଢୁଛି ଲୋକଙ୍କ ଦୁର୍ଦ୍ଦଶା



ନିମାପଡ଼ା, (ଭାସ୍କର ନ୍ୟୁଜ): ନିମାପଡା ଅଞ୍ଚଳରେ ବନ୍ୟାପାଣି ସମସ୍ୟା ସୃଷ୍ଟି କରିଥିବା ବେଳେ ଜନସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପରିଘରେ ଓ ସରକାରୀ ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଛନ୍ତି । ଫନୀ ବାତ୍ୟା ଠାରୁ ଗରୀବ ମାନଙ୍କର ଘରଭାଙ୍ଗି ଜରିପାଲ ତଳେ ରହୁଥିଲେ । ବର୍ତ୍ତମାନ ଏହି ବନ୍ୟାପାଣି ସେମାନଙ୍କର ଜରି ଓ ଝୁମ୍ପୁଡି ଘରକୁ ମାଟିରେ ମିଶାଇ ଦେଇଛି । ଫନୀ ବାତ୍ୟା ପରଠାରୁ ଆବାସ ଯୋଜନା ଲିଷ୍ଟିରେ ନାମ ଥାଇ ଗଡିଚାଲିଥିଲେ ମଧ୍ୟ ମିଳୁନାହିଁ ଆବସ ଯୋଜନା ଗୃହ । ହଜାର ହଜାର ଚାଷୀଙ୍କ ଜିବୀକା ଏହି ବନ୍ୟା ପାଣି ହରାଇ ଦେଇଛି । ଧାନ ଫସଲ ଠାରୁ ଆରମ୍ଭ କରି ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଧାନଗହୀର ଦୀର୍ଘ ୧୦ଦିନ ପରେ ମଧ୍ୟ ପାଣିରେ ବୁଡିରହିଛି । ଯାହାକୁ ନେଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । କିପରି ପରିବାର ଚଳାଇବ ତାହାକୁ ନେପଇ ଚାଷୀମାନେ ନିଜର ମାନସିକ ଭାରସ୍ୟାମ ହରାଇବାକୁ ବସିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ଅଞ୍ଚଳରେ ୨୦ଟି ପଞ୍ଚାୟତ ଧନୁଆ ଓ କୁଶଭଦ୍ରା ବନ୍ୟାଜଳର ସମିଶ୍ରଣରେ ବୁଡି ରହିଛି । ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ପ୍ରଶାସନ ସମସ୍ତ ଲୋକଙ୍କୁ ରିଲିଫ ଯୋଗାଇପାରୁନାହିଁ ଅନେକ ବ୍ୟକ୍ତିଙ୍କ ଝୋପଡି ଘର ଭାସିଯାଇଥିବା ବେଳେ ସେମାନଙ୍କୁ ପଲିଥିନ ଏବେ ସୁଦ୍ଧା ମିଳୁନାହିଁ । କେତେକ ପଞ୍ଚାୟତରେ ଲୋକମାନଙ୍କୁ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ଦିଆଯାଉଛି । ଏହି ରନ୍ଧା ଖାଦ୍ୟକୁ ନିଜ ନିଜସ୍ୱ ଘରେ ରହୁଥିବା ଲୋକମାନେ ଆଶ୍ରୟସ୍ଥଳୀରେ ଖାଉଛନ୍ତି । ସରକାର ତୁରନ୍ତ ବିପନ୍ନଙ୍କ ସମସ୍ୟା ପ୍ରତି ଦୃଷ୍ଟିଦେଇ ସେମାନଙ୍କୁ ଘର ଯୋଗାଇବା ସହ ଚାଷର କ୍ଷୟକ୍ଷତି ପାଇଁ କ୍ଷତିପୂରଣ ଦେବା ପାଇଁ ଦାବୀ ହୋଇଛି ।

## ଡକାୟତି ଅପରାଧରେ ୨ କୋର୍ଟଚାଲାଣ, ତିନି ଫେରାର୍

ବାଲିପାଟଣା, (ଭାସ୍କର ନ୍ୟୁଜ୍): ଆଜି ଏକ ଡକାୟତି ଘଟଣାରେ ଗିରଫ୍ ହୋଇ ଦୁଇ ଜଣ କୋର୍ଟ ଚାଲାଣ ହୋଇଥିବା ବେଳେ ତିନି ଜଣ ଫେରାର ଅଛନ୍ତି । ସୂଚନା ଅନୁଯାୟୀ ଚଳିତ ମାସ ୨୦ ତାରିଖ ଶନିବାର ବିଳମ୍ବିତ ରାତିରେ ଓଲଟପୁର ଥାନା ଅନ୍ତର୍ଗତ ଅଡଶପୁର ଗ୍ରାମର ରଶ୍ମିରଞ୍ଜନ ବିଶ୍ୱାଳ(୫୨)ଙ୍କ ବାଲିପାଟଣା ଥାନା ଅନ୍ତର୍ଗତ ଭାକରସାହି ସ୍ଥିତ କାଠ ବ୍ୟବସାୟ ପରିସର ଭିତରକୁ ଜବର୍ଦ୍ଦସ୍ତି ପଶି ପାଞ୍ଚ ଅଭିଯୁକ୍ତ ମହୁଖଣ୍ଡା ଗ୍ରାମର କୁନା ଖଟୁଆ, ବାପି ଖଟୁଆ, କାହ୍ନା ଖଟୁଆ, ବୁଟୁ ଜେନା ଏବଂ ସ୍ୱାଧୀନ ଲେଙ୍କା ଗଣେଷ ପୂଜା ଚାନ୍ଦା ମାଗିବା ବାହାନା ରେ ରଶ୍ମିରଞ୍ଜନ ଙ୍କୁ ମାଡ ମାରିବା ସହିତ ତାଙ୍କ ପାଖରେ ଥିବା ୨୦ ହଜାର ଟଙ୍କା ଛଡାଇ ନେଇଯାଇଥିଲେ। ଏନେଇ ରବିବାର ଦିନ ରଶ୍ମିରଞ୍ଜନ ବାଲିପାଟଣା ଥାନା ରେ ଅଭିଯୋଗ କରିବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉକ୍ତ ଦୁଇ ଜଣ ଅଭିଯୁକ୍ତ କୁନା ଖଟୁଆ, କାହ୍ନା ଖଟୁଆକୁ ଗିରଫ୍ କରି କେସ୍ ନମ୍ବର ୨୧୭/୨୨ ଡକାୟତୀ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇ ଥିବା ଥାନା ଅଧିକାରୀ କୃପାସିନ୍ଧୁ ବରାଡ ସୂଚନା ଦେଇଛନ୍ତି।

## ଆଞ୍ଚଳିକ ଅବସର ପ୍ରାପ୍ତ କର୍ମଚାରୀ ସଂଘର ପ୍ରତିଷ୍ଠା ଉତ୍ସବ

ସାଲେପୁର, (ଭାସ୍କର ନ୍ୟୁଜ): ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଠାରେ ଆଞ୍ଚଳିକ ଅବସର ପ୍ରାପ୍ତ କର୍ମଚାରୀ ସଂଘର ୨୩ତମ ପ୍ରତିଷ୍ଠା ଦିବସ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି ।ବରିଷ୍ଠ ସଭ୍ୟ ବାସୁଦେବ ରାଉତ ପତାକା ଉତ୍ତୋଳନ କରି ବକ୍ତବ୍ୟ ରଖିଥିଲେ। ସଂଘର ସଂପାଦକ ଚିତ୍ତରଂଜନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଘର ଦିବଂଗତ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ସଭାପତି ରମେଶ ଚନ୍ଦ୍ର ସ୍ୱାଇଁ ବକ୍ତବ୍ୟରେ ସଂଘର ପ୍ରତ୍ୟେକ ସଦସ୍ୟ ସଂଘ ପାଇଁ ୫ ମିନିଟ୍ ଚିନ୍ତା କଲେ ଅନୁଷ୍ଠାନ ସୁଦୃଢ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଅମରବର ସ୍ୱାଇଁ, ଅଜିତାଭ ଶତପଥି, ପ୍ରହଲାଦ ସାମଲ, ଗୌର କୁମାର ପରିଜା, କୃଷ୍ଣ ଚନ୍ଦ୍ର ପାଢୀ,ଶରତ ଚନ୍ଦ୍ର ସାମଲ, ରାମ ଚନ୍ଦ୍ର ପଣ୍ଡା, ରାଜ କିଶୋର ରାଉତ, ବସନ୍ତ କୁମାରବିଶ୍ୱାଳ,ଭ୍ରମରବର ସେଠୀ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। କୋଷାଧକ୍ଷ ପ୍ରବୋଧ ଚନ୍ଦ୍ର ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ।

**ନିଆଁ ପାଣି ବାସନ୍ଦ କଲା ସମାଜ**

## ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହେଲେ ପରିବାର



ଢେଙ୍କାନାଳ,( ଭାସ୍କର ନ୍ୟୁଜ୍) : ହିନ୍ଦୋଳ ଥାନା ଅନ୍ତର୍ଗତ ଏନ୍ଏସି ୯ ନଂ.ୱାର୍ଡ ରୂପାଳି ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଅସହାୟ ପରିବାର ନ୍ୟାୟ ପାଇବା ନିମନ୍ତେ ହିନ୍ଦୋଳ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗ ଅନୁଯାୟୀ ହିନ୍ଦୋଳ ଉପଖଣ୍ଡ ରୂପାଳି ଗ୍ରାମର ମନ୍ଦର ନାଏକଙ୍କ ବଡପୁଅ ତିନି ମାସ ପୂର୍ବେ ପ୍ରେମ ବିବାହ କରିଛନ୍ତି । ପ୍ରେମ ସମ୍ପର୍କ ପରେ ଅନ୍ୟ ଏକ ଜାତିରେ ଉଭୟ ପରିବାରଙ୍କ ସହମତିରେ ତାଙ୍କ ବିବାହ ହୋଇଥିଲା । ହେଲେ ଏହିବିବାହକୁ ତାଙ୍କ ସମାଜ ଗ୍ରହଣ କରିବାକୁ ନାରାଜ । ଅନ୍ୟ ଜାତିରେ ବିବାହ କରିଥିବାରୁ ବୈଠକ ବସି ସମାଜ ତାଙ୍କୁ ଜରିମାନା କରାଇଥିଲା । ୧୦ ହଜାର ଟଙ୍କା ସହ ଭୋଜି ମଧ୍ୟ ଦେବାକୁ ପଡିବ ବୋଲି କୁହା ଯାଇଥିଲା । ଟଙ୍କା ନଦେଇ କେବଳ ଭୋଜି ଦେବାକୁ ମନ୍ଦରଙ୍କ ପରିବାର ରାଜି ହେବାରୁ ସମାଜ ମଧ୍ୟ ମାନି ନେଇଥିଲା । ହେଲେ ପରେ କିଛି ଖଳ ପ୍ରକୃତିର ଲୋକ ଜରିମାନା ଟଙ୍କା ଦେବାକୁ ଚାପ ପକାଇଥିଲେ । ଟଙ୍କା ଦେବାକୁ ମନ୍ଦରଙ୍କ ପରିବାର ରାଜି ନହେବାରୁ ସମାଜ ବୈଠକ ଡକାଇ ତାଙ୍କ ପରିବାରକୁ ନିଆଁ ପାଣି ବାସନ୍ଦ କରିବା ସହ ଗାଆଁ ରାସ୍ତାରେ ଚଲାଇ ଦିଆଯିବନାହିଁ ବୋଲି ଧମକ ଦିଆଯାଇଥିବା ମନ୍ଦର ଅଭିଯୋଗ କରିଛନ୍ତି । ବାସନ୍ଦ ହୋଇ ରହିଥିବା ମନ୍ଦରଙ୍କ ପରିବାର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ନେଇ ମନ୍ଦରଙ୍କ ପୁଅ ଦୋଳଗୋବିନ୍ଦ ହିନ୍ଦୋଳ ହିନ୍ଦୋଳ ଥାନାର ଦ୍ୱାରସ୍ଥ ହେବା ସହ ନ୍ୟାୟ ପ୍ରଦାନ କରିବାକୁ ନିବେଦନ କରିଛନ୍ତି । କେବଳ ରୁପାଳି ଗ୍ରାମରେ ନୁହେଁ ହିନ୍ଦୋଳର ବିଭିନ୍ନ ଅଞ୍ଚଳରେ ଏମିତି କଙ୍ଗାରୁ କୋର୍ଟ ଦେଖିବାକୁ ମିଳୁଛି। ଯେମିତିକି କିଛି ବର୍ଷ ପୂର୍ବେ ରାସୋଳ ଥାନା ଅନ୍ତର୍ଗତ ଆଳୁସିଂହ ଗ୍ରାମରେ ମଧ୍ୟ ଏହିଭଳି କିଛି ଘଟଣା ଦେଖିବାକୁ ମିଳିଥିଲା ଯାହାକି ଥାନା ପର୍ଯ୍ୟନ୍ତ କଥା ଯାଇଥିଲା । ସେହିପରି ଗଣ୍ଡାନାଳୀ ଗ୍ରାମ ହରିଜନ ସାହିରେ ମଧ୍ୟ ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳୁଛି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କଙ୍ଗାରୁ କୋର୍ଟ କରି ବାସନ୍ଦ କରି ଦୋଷୀଙ୍କ ପ୍ରତି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦୃଢ ଦାବୀ ହେଉଛି ।

**ମୃତ ଖଣି କର୍ମଚାରୀ ଭାଗିରଥି ନାଏକଙ୍କ ପରିବାରକୁ ମିଳିଲା ନ୍ୟାୟ**

## ନିଯୁକ୍ତି ପତ୍ର ପ୍ରଦାନ କଲେ ଖଣି କର୍ତ୍ତୃପକ୍ଷ



ତାଳଚେର, (ଭାସ୍କର ନ୍ୟୁଜ): ତାଳଚେର ବ୍ଲକ ଜିଲିଣ୍ଡା ଗ୍ରାମର ଖଣି କର୍ମଚାରୀ ଭାଗିରଥି ନାଏକଙ୍କ ମୃତ୍ୟୁରେ ପରିବାରକୁ ନିଯୁକ୍ତି ପତ୍ର ପ୍ରଦାନ କଲେ ଖଣି କର୍ତ୍ତୃପକ୍ଷ । ଘଟଣାରୁ ପ୍ରକାଶ, ଭାଗିରଥି ନାଏକଙ୍କର ଦେହ ଅସୁସ୍ଥ ହେବାରୁ ଭୁବନେଶ୍ୱର ସ୍ଥିତ ଆମ୍ରି ହସ୍ ?ପିଟାଲ୍ ରେ ଚିକିତ୍ସିତ ହେଉଥିଲେ । ଗତକାଲି ରାତିରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବୀରେ ଆଜି ସକାଳ ୬ ଘଟିକା ସମୟରେ ତାଳଚେର କୋଲିୟରୀ କାର୍ଯ୍ୟାଳୟ ସମ୍ମୁଖରେ ସ୍ୱର୍ଗତ ନାଏକଙ୍କ ମୃତ ଦେହକୁ ରଖି କ୍ଷତିପୂରଣ ଦାବୀ କରାଯାଇଥିଲା । ତାଳଚେର ଏରିଆ ପର୍ସନାଲ୍ ମ୍ୟାନେଜର ରଜନୀକାନ୍ତ ପ୍ରଧାନ ଘଟଣାସ୍ଥଳକୁ ଆସି ଆଲୋଚନା କରିଥିଲେ ଏବଂ ମୃତକଙ୍କ ସ୍ତ୍ରୀ ସୁକାନ୍ତି ନାଏକଙ୍କୁ କୋଇଲା ଖଣିରେ ନିଯୁକ୍ତି ପାଇଁ ପ୍ରଭିଜିନାଲ୍ ଲେଟର ପ୍ରଦାନ କରିଥିଲେ । ଏହି ନିଯୁକ୍ତି ପତ୍ର ପ୍ରଦାନ ବେଳେ ହେଁସମୂଳ ଗ୍ରାମ ପଂଚାୟତର ବିଜେଡି ସଭାପତି ପର୍ଶୁରାମ ସାହୁ, ମୃତକଙ୍କ ସାନଭାଇ ଦାସରଥୀ ନାଏକ, ସଂଜୟ ଜାଲ, ଜତନ କୁମାର ବେହେରା, ସନ୍ତୋଷ ନାଏକ, ଟୁଲୁ ପରିଡା, ପ୍ରଦୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଭିଜିଲାନ୍ସ ଜାଲରେ ଲାଞ୍ଚୁଆ କିରାଣୀ

ଢେଙ୍କାନାଳ,( ଭାସ୍କର ନ୍ୟୁଜ୍) : ଲାଞ୍ଚ ନହେଲେ ଶୁଣୁନାହାନ୍ତି କର୍ମଚାରୀ । ଆଉ ବ୍ୟାକ ପେପର ଫର୍ମ ପୂରଣ ଆଟେଣ୍ଡାନ୍ସ ସାର୍ଟିଫିକେଟ ପାଇଁ ୮ ହଜାର ୫ଶହ ଟଙ୍କା ଲାଞ୍ଚ ଦେବାକୁ ପଡୁଛି । ଏପରି ଲାଞ୍ଚ ନେଉଥିବା ବେଳେ ଆଜି ଢେଙ୍କାନାଳ ଆଇନ ମହାବିଦ୍ୟାଳୟର ମୁଖ୍ୟ କିରାଣୀ ଉତମ ରାଉତଙ୍କୁ ଲାଞ୍ଚ ଟଙ୍କା ସହ କାବୁ କରିଛି ଭିଜିଲାନ୍ସ । ସେ ନେଇଥିବା ରାସାୟନିକ ପ୍ରଲେପ ୮ ହଜାର ୫ ଶହ ଟଙ୍କା ଭିଜିଲାନ୍ସ ଜବତ କରିବା ସହ ଉତମକୁ ଗିରଫ କରିଛି । ପରେ ଭିଜିଲାନ୍ସ ପକ୍ଷରୁ ଦୁଇଟି ଦଳ ପୃଥକ ଭାବେ ଲ କଲେଜର ଉତମଙ୍କ ଚ୍ୟାମ୍ବର ଓ ଢେଙ୍କାନାଳ ଷ୍ଟେସନ ବଜାର ସ୍ଥିତ ତାଙ୍କ ଘର ଯାଞ୍ଚ କରାଯାଇଛି। ଉତ୍ତମ ରାଉତଙ୍କୁ ଭିଜିଲାନ୍ସ ଗିରଫ କରି ନେଇଥିବା ବେଳେ ଅଧିକ ତଦନ୍ତ ଚଳାଇଛି । ଲ କଲେଜର ମାସୁଦ ହୁସେନ ନାମକ ଜଣେ ଆଇନ ଛାତ୍ର ବ୍ୟାକ ପେପର ଫର୍ମ ପୁରଣ ପାଇଁ ଆବଶ୍ୟକ ଆଟେଣ୍ଡାନ୍ସ ସାର୍ଟିଫିକେଟ ଆବେଦନ କରିଥିଲେ । ଏଥିପାଇଁ ଲ କଲେଜର ମୁଖ୍ୟ କିରାଣୀ ଉତମ ରାଉତ ୧୦ ହଜାର ଟଙ୍କା ଦାବି କରିଥିଲେ । ପରେ ୮ ହଜାର ୫ଶହ ଟଙ୍କାରେ ମୂଲଚାଲ ଛିଣ୍ଡିଥିଲା । ଏ ସମ୍ପର୍କରେ ମାସୁଦ ହୁସେନ ଅନୁଗୁଳ ଭିଜିଲାନ୍ସରେ ଅଭିଯୋଗ କରିଥିଲେ । ଫଳରେ ଆଜି କଟକ ଭିଜିଲାନ୍ସ ଦଳଙ୍କ ସହାୟତାରେ ଅନୁଗୁଳ ଭିଜିଲାନ୍ସର ଏକ ଦଳ ଏହି ଟଙ୍କା ଲାଞ୍ଚ ନେବା ବେଳେ ଉତ୍ତମଙ୍କୁ କାବୁ କରିଥିବା ଜଣାପଡିଛି ।



## ମାନସିକ ରୋଗୀଙ୍କ ଉଲଗ୍ନ ମୃତ ଦେହ ଉଦ୍ଧାର

କରଞ୍ଜିଆ, (ଭାସ୍କର ନ୍ୟୁଜ): କରଞ୍ଜିଆ ଥାନା ଅନ୍ତର୍ଗତ ଅନ୍ଧାରଝୋରୀ ଦେଓ କେନାଲ କୁଳ ରେ ଏକା ମାନସିକ ରୋଗୀ ମହିଳାର ମୃତ ଦେହ ପଡିଥିବାର ଗ୍ରାମବାସୀ କରଞ୍ଜିଆ ଥାନା କୁ ଖବର ଦେଇଥିଲେ ଖବର ପାଇ କରଞ୍ଜିଆ ପୋଲିସ ଘଟଣାସ୍ଥଳରେ ପହଁଞ୍ଚି ମୃତ ଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ନିମନ୍ତେ କରଞ୍ଜିଆ ଡାକ୍ତରଖାନାକୁ ପଠାଇ ଏକା ଅପମୃତ୍ୟୁ ମାମଲା ୨୮/୨୨ ରେ ରୁଜୁ କରିଥିଲେ। ତେବେ ପରେ ମୃତ ମହିଳା ର ପରିବାର ଲୋକ ପହଂଚି ଶବ କୁ ଚିହ୍ଣଟ କରିଥିଲେ। ମୃତ ମହିଳା ଜଣକ ହେଲେ ଝାଡ଼ ଡୁମୁରିଆ ଗ୍ରାମ ର ମହେଶ୍ୱର ମହାନ୍ତଙ୍କ ସ୍ତ୍ରୀ କୁନି ମହାନ୍ତ (୬୫) ବୋଲି ଚିହ୍ଣଟ କରିଥିଲେ। ତାଙ୍କ ପୁଅ ଯୁଧିଷ୍ଠିର ମହାନ୍ତ। ଅନ୍ୟପଟେ ମୃତ ମହିଳାଙ୍କ ପୁଅଙ୍କ କହିବା ଅନୁଯାୟୀ, ତାଙ୍କ ମା’ ଦୀର୍ଘ ଦିନ ହେବ ମାନସିକ ରୋଗ ରେ ପଡି ଏଣେ ତେଣେ ବୁଲୁଥିଲେ। ବହୁ ଚେଷ୍ଟା କରି ଘରେ ତାଙ୍କୁ ରଖିବାକୁ ପରିବା ଲୋକେ ଉଦ୍ୟମ କରିଥିଲେ ହେଁ ସେ ବେଳେବେଳେ ବାହାରକୁ ଚାଲି ଆସୁଥିଲେ। ପରେ ପରିବାର ପକ୍ଷରୁ ଉକ୍ତ ମହିଳାଙ୍କ ଶବ ସତ୍କାର କରାଯାଇଥିଲା।

## ବିପନ୍ନଙ୍କ ନିକଟରେ ପହଞ୍ଚିଲେ ନିମାପଡା ଯୁବଗୋଷ୍ଠୀ

ଗୋପ, (ଭାସ୍କର ନ୍ୟୁଜ): ନିଜ ଖର୍ଚ୍ଚ ଟଙ୍କାରୁ ବିପନ୍ନ ମାନଙ୍କ ପାଖରେ ପହଞ୍ଚି ଦେବଦୁତ ସାଜିଲେ ନିମାପଡ଼ା ଯୁବ ପରିଷଦ ର ଯୁବ ଗୋଷ୍ଠୀ ସଂଗଠନ ର ସଦସ୍ୟ ମାନେ। ବନ୍ୟା ଜଳ ଭିତରେ ରହିଥିବା ହଜାର ହଜାର ବିପନ୍ନ ମନେ ଏବେ ଭୋକ ଉପାସରେ ପଡିଥିବା ସମୟରେ ସରକାରୀ ଚୁଡ଼ା ଗୁଡ଼ ସେମାନଙ୍କ ପାଇଁ ସମୁଦ୍ର କୁ ଶଙ୍ଖେ ହେଉଛି ବୋଲି ବିପନ୍ନ। କହିଛନ୍ତି ସୋମବାର ନିମାପଡ଼ା ଅଞ୍ଚଳ ର ଯୁବ ସମାଜସେବୀ ଚନ୍ଦ୍ରକାନ୍ତ ବରାଳଙ୍କ ନେତୃତ୍ୱରେ ୫୦ ରୁ ଉର୍ଦ୍ଧ୍ୱ ଯୁବକ ନିଜ ଖର୍ଚ୍ଚ ରୁ ୪୦ ହଜାର ଟଙ୍କା ଆଦାୟ କରି ବିସ୍କୁଟ୍,ମିକ୍ସଚର,ସେଓ, ମହମବତୀ, ମଶାବତୀ, ଦିଆସିଲି, ଚୂଡ଼ା ସହିତ ଆଉ କେତେକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କୁ ପ୍ୟାକେଟ କରି ଗୋପ ବ୍ଲକ ର ଅଣ୍ଡରା-ଇଛାପୁର, ରାହାଙ୍ଗଗୋରଡା, ଡଭାର, ନୁଆଖୋଲମରା ପଞ୍ଚାୟତ ର ବିଭିନ୍ନ ଗ୍ରାମର ବିପନ୍ନ ନିକଟରେ



ପହଞ୍ଚି ଏହି ସବୁ କୁ ବଣ୍ଟନ କରିଥିଲେ ସେହିପରି ଗୋପ ତହସିଲ ର ଓକିଲ ସଂଘ ଓ ମୋହରିଅର ସଂଘ ନିଜର ଖର୍ଚ୍ଚ ରୁ ଗୋପ ବ୍ଲକ ର ବନ୍ୟା ଜଳରେ ଘେରରେ ରହିଥିବା ବିପନ୍ନ ମାନଙ୍କୁ ବିଭିନ୍ନ ପ୍ରକାରର ସୁଖିଲା ଖାଦ୍ୟ ବଣ୍ଟନ କରିଥିବା ଓକିଲ ସଂଘ ଶ୍ୟାମସୁନ୍ଦର ମିଶ୍ର,ପ୍ରଶ୍ନଜିତ୍ ପରିଡା, ଅମିତାଭ ମହାନ୍ତି,ମୋହରିଅର ସଂଘର କମଳ ଭୂଷଣ ଉପାଧାୟ ଙ୍କ ଦାୟିତ୍ୱରେ ଏସବୁ ବଣ୍ଟନ କରାଯାଇଥିଲା।

**ଗେଲ୍ ଇଣ୍ଡିଆର ମନ୍‌ମାନୀ, ଦଉନି ବକେୟା ଟଙ୍କା**

## ପ୍ରତିବାଦରେ ଗେଟ୍‌ରେ ତାଲା ପକାଇଲେ ଶ୍ରମିକ ଓ କର୍ମଚାରୀ



ଭୁବନ, (ଭାସ୍କର ନ୍ୟୁଜ୍) : ଭୁବନ ବ୍ଲକ ଅନ୍ତର୍ଗତ ଜିରାଳ ଠାରେ ଥିବା ଗେଲ୍ ଇଣ୍ଡିଆ ଲିମିଟେଡ ର ସବଷ୍ଟେସନ ସମ୍ମୁଖରେ ୬୦ ଟି ଠିକା ସଂସ୍ଥାର ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀ ବକେୟା ପ୍ରାପ୍ୟ ପାଇଁ ଏକତ୍ରିତ ହୋଇ ଗେଟରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ଗେଲ୍ ଇଣ୍ଡିଆ କମ୍ପାନୀ ଶ୍ରମିକ ଓ କର୍ମଚାରୀ ମାନଙ୍କର କୋଟି କୋଟି ଟଙ୍କା ହଡପ କରିଛି ବୋଲି ଅଭିଯୋଗ ହୋଇଛି । ପାରାଦୀପ ଠାରୁ ଅନୁଗୁଳ ପର୍ଯ୍ୟନ୍ତ ଗ୍ୟାସ ପାଇପ ଲାଇନ କାର୍ଯ୍ୟ ଗେଲ୍ ଇଣ୍ଡିଆ କମ୍ପାନୀ କରୁଛି । ଯାଜପୁର ଠାରୁ ତୁମୁସିଂହା ପର୍ଯ୍ୟନ୍ତ କାର୍ଯ୍ୟ ପୁ ଲଏଡ ଲିମିଟେଡ (ପିପିଏଲ) ଗେଲ୍ ଇଣ୍ଡିଆ ଠାରୁ ୧୦୪ କୋଟି ଟଙ୍କାରେ ଠିକା ନେଇଥିଲା । ୨୦୧୭-୧୮ ମସିହାରୁ ପିପିଏଲ କମ୍ପାନୀ ୨୦୫ ଟି ଛୋଟ ଠିକା ସଂସ୍ଥା କୁ କାର୍ଯ୍ୟରେ ନିୟୋଜିତ କରିଥିଲା । ଏହି ଠିକା ସଂସ୍ଥା ଅଧିନରେ ଓଡିଶା ଓ ବାହାର ରାଜ୍ୟ ରୁ ହଜାର ହଜାର ଶ୍ରମିକ ଓ କର୍ମଚାରୀ କାର୍ଯ୍ୟ କରୁଥିଲେ । ଚଳିତ ବର୍ଷ ଯମୁନାକୋଟ ଗାଁ ସ୍ଥିତ ରାମିଆଳ ନଦୀର ଭୂତଳ ପାଇପ ଲାଇନ କାର୍ଯ୍ୟକୁ ଗତ ମାର୍ଚ୍ଚ ମାସରେ ପୂର୍ଣ୍ଣାଙ୍ଗ କରିବା ପରେ ଗେଲ୍ ଇଣ୍ଡିଆ କମ୍ପାନୀ ଆଶ୍ଚର୍ଯ୍ୟ ଜନକ ଭାବେ ପିପିଏଲ କମ୍ପାନୀକୁ କାର୍ଯ୍ୟରୁ ବାଦ୍ ଦେଇଥିଲା । ଫଳରେ ୨୦୫ ଟି ଛୋଟ ଠିକାସଂସ୍ଥାର କାର୍ଯ୍ୟ ସଂପୂର୍ଣ୍ଣ ବନ୍ଦ ହୋଇଯାଇଥିଲା । ହଜାର ହଜାର ଶ୍ରମିକ ଙ୍କର କୋଟି କୋଟି ଟଙ୍କା ଫସି ରହିଥିଲା । ଏହାକୁ ନେଇ ଶ୍ରମିକମାନେ ଗତ ମଇ ମାସରେ ଯାଜପୁର ଠାରେ ଗେଲ୍ ଇଣ୍ଡିଆକୁ ବିରୋଧ କରି କାର୍ଯ୍ୟ ବନ୍ଦ କରି ଦେଇଥିଲେ । ଫଳରେ ସମସ୍ତ ଠିକା ସଂସ୍ଥାକୁ ତାଙ୍କର ପ୍ରାପ୍ୟ ପ୍ରଦାନ ପାଇଁ କମ୍ପାନୀ ତରଫରୁ ଲିଖିତ ପ୍ରତିଶ୍ରୁତି ଦିଆଯଇଥିଲା । ପ୍ରତିଶ୍ରୁତି ଅନୁଯାୟୀ ଲିମ୍ରା ଏଣ୍ଟରପ୍ରାଇଜେସ, କୁମାର ସଂ ଏଣ୍ଡ ଆସୋସିଏଟ, ସୋରଦିଆନ ଏଣ୍ଟରପ୍ରାଇଜେସ , ଅଜିତ କୁମାର ମିଶ୍ର , ମନୋଜ କୁମାର ପଣ୍ଡା , ବିଦ୍ୟାଧର ସାହୁ ପ୍ରମୁଖ ୬୦ ଟି ସଂସ୍ଥା ର କୋଟି କୋଟି ଟଙ୍କା ବକେୟା ରହିଛି । ଗେଲ୍ ଇଣ୍ଡିଆ ଏହି ଠିକା ସଂସ୍ଥାକୁ ପ୍ରାପ୍ୟ ପ୍ରଦାନ ନକରି ଠକିବା ସହ ଅଭିଯୋଗକୁ ଭ୍ରୂକ୍ଷେପ କରିନଥିଲା । ଏଥିଯୋଗୁଁ ଠିକା ସଂସ୍ଥାର ମାଲିକ ,ଶ୍ରମିକ ,କର୍ମଚାରୀ ମାନେ ଜିରାଳ ସ୍ଥିତ କମ୍ପାନୀ ଫାଟକରେ ତାଲା ପକାଇ ଆନ୍ଦୋଳନ ଚଳାଇଛନ୍ତି । ଫଳତଃ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ତେଜନା ଦେଖା ଦେଇଛି ।



ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ମଧ୍ୟପ୍ରଦେଶର ହୋସଙ୍ଗାବାଦ୍‌ଠାରେ ଅନୁଷ୍ଠିତ ପ୍ରଥମ ଖେଲୋ ଇଣ୍ଡିଆ ୧୬ ବର୍ଷରୁ କମ୍ ସନ୍ତରଣ ସିରିଜ୍‌ରେ ସଫଳତା ହାସଲ କରି ଓଡ଼ିଶାର ପ୍ରତିଯୋଗୀମାନେ ଭୁବନେଶ୍ୱରରେ ସୋମବାର ପହଞ୍ଚିଛନ୍ତି। ବିମାନବନ୍ଦରରେ ସେମାନେ ପହଞ୍ଚିବା ପରେ କଳିଙ୍ଗ ଆକ୍ୱାଟିକ୍ସ କ୍ଲବ୍ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଓଡ଼ିଶାର ପ୍ରତିଯୋଗୀମାନେ ଏହି ପ୍ରତିଯୋଗିତାରେ ୫ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୪ କାଂସ୍ୟ ପଦକ ଜିତିଥିଲେ। ଏମାନଙ୍କ ମଧ୍ୟରେ ଭଦ୍ରା ଶତପଥୀ ଏକାକୀ ୩ ସ୍ୱର୍ଣ୍ଣ ଜିତିଥିଲେ। ଦେଶପ୍ରୀତ୍ କୌର ସୋଧି ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟନତାରା କାର୍ତ୍ତିକେୟନ, ପ୍ରାଚୀ ଭରଦ୍ୱାଜ, ମାହିକା ମହାକୁଡ଼, ଆକାଂକ୍ଷା ନାୟକ, ଅଲିଭା ସାମଲ ପ୍ରମୁଖ ପଦକ ବିଜୟୀ ହୋଇଥିଲେ। ବିମାନବନ୍ଦରରେ କଳିଙ୍ଗ ଆକ୍ୱାଟିକ୍ସ କ୍ଲବ୍‌ର କାର୍ଯ୍ୟକାରୀ ସଭାପତି ଚାରୁଶ୍ରୀ ବେହୁରା, ସାଧାରଣ ସମ୍ପାଦକ ଅମର ମହାନ୍ତି, ଯୁଗ୍ମ ସମ୍ପାଦକ ମନୋଜ ରାୟ, କୋଷାଧ୍ୟକ୍ଷ ସୁବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ ସଦସ୍ୟ ସୁଜାତା ଶତପଥୀ, ଲଳିତେନ୍ଦୁ ପତି, ଲିପ୍‌ସା ରାଉତ, ଦେବାଶିଷ ପଣ୍ଡା, ବିଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଆସନ୍ତା ସିଜିନ ପାଇଁ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ହକି କେନ୍ଦ୍ର ଘୋଷିତ

## ରାଉରକେଲା ଭାରତର ଦ୍ୱିତୀୟ ସହର ଭାବେ ସାମିଲ



ନୂଆଦିଲ୍ଲୀ: ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇ୍‌ଏଚ୍) ପକ୍ଷରୁ ମଙ୍ଗଳବାର ଘୋଷିତ ହୋଇଛି ଆସନ୍ତା ସିଜିନ ପ୍ରୋ-ଲିଗ୍ ହକି ପ୍ରତିଯୋଗିତା ପାଇଁ ସମସ୍ତ କେନ୍ଦ୍ରର ନାମ ତାଲିକା। ସବୁଠାରୁ ଖୁସିର ବିଷୟ ହେଲା ଯେ, ଭୁବନେଶ୍ୱର ପରେ ରାଉରକେଲା ଭାରତର ଦ୍ୱିତୀୟ କେନ୍ଦ୍ର ଭାବେ ପ୍ରୋ-ଲିଗ ପାଇଁ ସାମିଲ ହୋଇଛି। ସୂଚନା ଯୋଗ୍ୟ ଯେ, ଆସନ୍ତା ବର୍ଷ ଜାନୁୟାରୀ ୧୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଓ ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମରେ ପୁରୁଷ ହକି ବିଶ୍ୱକପ ଅନୁଷ୍ଠିତ ହେବ। ରାଉରକେଲା ଷ୍ଟାଡିୟମରେ ପ୍ରଥମ ଥର ପାଇଁ ବିଶ୍ୱକପ ମ୍ୟାଚ୍ ଅନୁଷ୍ଠିତ ହେବା ସୁଯୋଗ ସୃଷ୍ଟି ହୋଇଛି। ତେଣୁ ରାଉରକେଲାରେ ନବ ନିର୍ମିତ ଷ୍ଟାଡିୟମ ଏଫ୍‌ଆଇଏଚ୍ ପ୍ରୋ-ଲିଗ ହକି ମ୍ୟାଚ୍ ଆୟୋଜନ କରିବା ପାଇଁ ଏଫ୍‌ଆଇଏଚ୍‌ର ଅନୁମୋଦନ ଲାଭ କରିଛି। ଚଳିତ ବର୍ଷ ଅକ୍ଟୋବର ୨୮ରୁ ୨୦୨୩ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଆସନ୍ତା ସିଜିନ ଏଫ୍‌ଆଇଏଚ୍ ପ୍ରୋ-ଲିଗ ହକି ପ୍ରତିଯୋଗିତା ଅନୁଷ୍ଠିତ। ଭାରତର ଏକ ଅଗ୍ରଣୀ କେନ୍ଦ୍ର ଭାବେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ସମସ୍ତ ପ୍ରୋଲିଗ ହକି ମ୍ୟାଚ୍ ଆୟୋଜନ କରି ଆସୁଥିବା ବେଳେ ରାଉରକେଲା ଓଡିଶା ତଥା ଭାରତର ଦ୍ୱିତୀୟ କେନ୍ଦ୍ର ମାନ୍ୟତା ପାଇଛି। ଆଗାମୀ ସିଜିନ ପ୍ରୋ-ଲିଗ ହକି ମ୍ୟାଚ୍ ଆୟୋଜନ ପାଇଁ ଏଫ୍‌ଆଇଏଚ୍ ପକ୍ଷରୁ ଘୋଷିତ ଅନ୍ୟ କେନ୍ଦ୍ର ଗୁଡିକ ହେଲା- ନ୍ୟୁକାଷ୍ଟଲ ଓ ହୋବାର୍ଟ (ଅଷ୍ଟ୍ରେଲିଆ), ମେଣ୍ଡୋଜା ଓ ସାଣ୍ଟିଆଗୋ ଡେଲ ଇଷ୍ଟେରୋ (ଆର୍ଜେଣ୍ଟିନା), ଆଣ୍ଟୱେର୍ପ (ବେଲଜିୟମ), ଲଣ୍ଡନ (ଇଂଲଣ୍ଡ), ଇନଡୋଭେନ ଓ ଆମଷ୍ଟାଡମ (ନେଦରଲାଣ୍ଡ), ଖ୍ରୀଷ୍ଟଚର୍ଚ୍ଚ ଓ ୱେଲିଂଟନ (ନ୍ୟୁଜିଲାଣ୍ଡ)। ଗତ ମାର୍ଚ୍ଚ ମାସରେ ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ, ପ୍ରତି ଦଳ ଏହି ସବୁ କେନ୍ଦ୍ରରେ ପ୍ରତିପକ୍ଷ ଦଳ ବିରୋଧରେ ଦୁଇ ଲେଖାଏଁ ମ୍ୟାଚ୍ ଖେଳିବେ। ଏଫ୍‌ଆଇଏଚ୍ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଥେରି ୱେଲ୍ସ କହିଛନ୍ତି ଯେ, ଆସନ୍ତା ସିଜିନ ପାଇଁ କେତେକ ନୂଆ କେନ୍ଦ୍ର ସାମିଲ ହୋଇ ଥିବାରୁ ଆମେ ବିଶେଷ ଖୁସି ଅନୁଭବ କରୁଛୁ।

## କୋହଲିଙ୍କ ଉପରେ ସମସ୍ତଙ୍କ ନଜର ରହିଛି: ଡାର୍କ ଭିଜୋ

ନୂଆଦିଲ୍ଲୀ: ପୂର୍ବତନ ଜିମ୍ବାୱେ ଅଲରାଉଣ୍ଡର ଡାର୍କ ଭିଜୋ କହିଛନ୍ତି ଯେ, ବିରାଟ କୋହଲିଙ୍କ ପାଇଁ ଆଗାମୀ ଏସିଆ କପ ସବୁ ଦୃଷ୍ଟି କୋଣରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ। କାରଣ ସେ ବହୁ ଦିନ ଧରି ଭଲ ଫର୍ମରେ ନ ଥିବାରୁ ପ୍ରତି ମ୍ୟାଚରେ ତାଙ୍କ ପରି ଜଣେ ମହାନ ଖେଳାଳି ସଂଗ୍ରାମ କରିବାକୁ ପଡୁଛି ଥିବାତେବେ ସେ ଗତ ୱେଷ୍ଟଇଣ୍ଡିଜ ଓ ଜିମ୍ବାୱେ ବିପକ୍ଷ ସିରିଜ ନ ଖେଳି ବିଶ୍ରାମ ନେଇଛନ୍ତି। ତେଣୁ ସତେଜ ମନରେ ସେ ପୁଣି ମଇଦାନକୁ ଓହ୍ଲାଇବେ। ଆଗକୁ ଟି-୨୦ ବିଶ୍ୱକପ ଅନୁଷ୍ଠିତ ହେବା ପାଇଁ ଥିବାରୁ ବିସିସିଆଇ ଚୟନକର୍ତ୍ତା ଦଳ ଗଠନ ନେଇ ବିଚାର ବିମର୍ଷ ଚଳାଇଛନ୍ତି। ତେଣୁ କୋହଲି ପୁଣି ଫର୍ମକୁ ଫେରି ଆସିଲେ ଦଳରେ ତାଙ୍କର ସ୍ଥିତାବସ୍ଥା ନେଇ ପ୍ରଶ୍ନ କରି ପାରିବେ ନାହିଁ ବୋଲି ଡାର୍କ ଭିଜୋ କହିଛନ୍ତି।

## ରାହୁଲ ଦ୍ରାବିଡଙ୍କୁ କରୋନା

### ଭାରତୀୟ ଦଳ ସହ ଦୁବାଇ ଯାଇ ପାରିଲେନି




ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଦଳ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ କରୋନାରେ ସଂକ୍ରମିତ ହୋଇଛନ୍ତି। ତେଣୁ ଏସିଆ କପ କ୍ରିକେଟ ପ୍ରତିଯୋଗିତା ଖେଳିବା ପାଇଁ ମଙ୍ଗଳବାର ଦିନ ଦୁବାଇ ଅଭିମୁଖେ ଯାତ୍ରା କରି ଥିବା ଭାରତୀୟ ଦଳ ସହିତ ଦ୍ରାବିଡ ଯାଇ ପାରିଲେ ନାହିଁ। ତେଣୁ ସେ ସୁସ୍ଥ ହେବା ପରେ ୟୁନାଇଟେଡ ଆରବ ଏମିରେଟ୍ସରେ ଆସନ୍ତା ୨୭ ତାରିଖରୁ ଅନୁଷ୍ଠିତ ହେବାକୁ ଯାଉଥିବା ଏସିଆ କପରେ ସେ ଭାରତୀୟ ଦଳ ସହ ଯୋଗ ଦେବେ କିମ୍ବା ତାଙ୍କ ସ୍ଥାନରେ ଅନ୍ୟ କାହାକୁ ଏହି ଦାୟିତ୍ୱ ପ୍ରଦାନ କରା ଯିବ। ସେନେଇ ବିସିସିଆଇ ପକ୍ଷରୁ ହଠାତ କୌଣସି ନିଷ୍ପତ୍ତି ଗ୍ରହଣ କରା ଯାଇ ନାହିଁ। ତେଣୁ ବର୍ତ୍ତମାନ ଭାରତୀୟ ଦଳର ଆସିଷ୍ଟାଣ୍ଟ କୋଚ୍ ପାରସ ମାହାମ୍ବ୍ରେ ସମସ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦ୍ରାବିଡ ଠିକ୍ ସମୟରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନ ପାରିଲେ, ତାଙ୍କ ସ୍ଥାନରେ ନ୍ୟାସନାଲ କ୍ରିକେଟ ଏକାଡେମୀର ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣଙ୍କୁ କୋଚ୍ ଦାୟିତ୍ୱ ପ୍ରଦାନ ନେଇ କୌଣସି ନିଷ୍ପତ୍ତି ହୋଇ ନାହିଁ। ପରିସ୍ଥିତି ଦେଖି ଏ ସମ୍ପର୍କରେ ବିଚାର କରାଯିବ ବୋଲି ବିସିସିଆଇ ସମ୍ପାଦକ ଜୟନ୍ତ ଶାହ କହିଛନ୍ତି। ସୂଚନା ଯୋଗ୍ୟ ଯେ, ଭିଭିଏସ ଲକ୍ଷ୍ମଣ ଭାରତୀୟ ଦିନିକିଆ ଦଳ ସହିତ ଜିମ୍ବାୱେ ଗସ୍ତରେ ଯାଇଛନ୍ତି। ଆବଶ୍ୟକ ପଡିଲେ ସେ ଜିମ୍ବାୱେରୁ ସିଧା ସଳଖ ଦୁବାଇ ଅଭିମୁଖେ ଯାତ୍ରା କରିବେ। ତେବେ ଜିମ୍ବାୱେ ଗସ୍ତରେ ଯାଇଥିବା କେଏଲ ରାହୁଲ, ଦୀପକ ହୁଡା ଓ ରିଜର୍ଭ ଖେଳାଳି ଅକ୍ଷର ପଟେଲ ମଧ୍ୟ ଜିମ୍ବାୱେରୁ ଦୁବାଇ ଯିବେ ବୋଲି ବିସିସିଆଇ ସମ୍ପାଦକ ଜୟନ୍ତ ଶାହ କହିଛନ୍ତି।

### ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଅନଶିପ୍

## ପ୍ରାକ୍ କ୍ୱାର୍ଟରଫାଇନାଲରେ ସାଇନା

ଟୋକିଓ: ଅଲିମ୍ପିକ୍ ବ୍ରୋଞ୍ଜ ପଦକ ବିଜୟିନୀ ଭାରତୀୟ ମହିଳା ତାରକା ସାଇନା ନେହ୍ୱାଲ ଏଠାରେ ଚାଲିଥିବା ଚଳିତ ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଅନଶିପ ମହିଳା ସିଙ୍ଗଲ୍ସ ପ୍ରାକ୍ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ସାଇନା ହଂକଂର ଚେୟୁଙ୍ଗ ନାନ୍ ୟିଙ୍କୁ ୨୧-୧୯, ୨୧-୯ରେ ପରାସ୍ତ କରିଛନ୍ତି। ପୂର୍ବରୁ ସାଇନା ବିଶ୍ୱ ଚାମ୍ପିଅନଶିପରେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରି ଥିବା ବେଳେ ଚଳିତ ବର୍ଷ ପିଭି ସିନ୍ଧୁଙ୍କ ଅନୁପସ୍ଥିତିରେ ଭାରତ ପାଇଁ ପଦକ ହାସଲ କରିବା ନେଇ ବଡ ଚାଲେଞ୍ଜର ସମ୍ମୁଖୀନ ହେବେ। ପରବର୍ତ୍ତୀ ରାଉଣ୍ଡରେ ସାଇନାଙ୍କ ପ୍ରତିଦ୍ୱନ୍ଦ୍ୱୀ ଜାପାନର ନୋଜୋମି ଓକୁହାରା ଆଘାତ ଜନିତ କାରଣ ନେଇ ଏହତ ଚାମ୍ପିଅନଶିପରୁ ଓହରି ଯିବା ଫଳରେ ସାଇନା ବାଇ ପାଇବା ନିଶ୍ଚିତ ହୋଇ ଯାଇଛି। ସୂଚନା ଯୋଗ୍ୟ ଯେ, ୨୦୧୯ରେ ବିଶ୍ୱ ଚାମ୍ପିଅନଶିପ ମହିଳା ସିଙ୍ଗଲ୍ସ ଟାଇଟଲ ଜିତି ଥିବା ପିଭି ସିନ୍ଧୁ ଚଳିତ ବର୍ଷ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ମାତ୍ର ଆଘାତ କାରଣ ନେଇ ସେ ଚଳିତ ବିଶ୍ୱ ଚାମ୍ପିଅନଶିପରୁ ଓହରି ଗଲେ। ମଙ୍ଗଳବାର ସାଇନାଙ୍କ ସହିତ ଭାରତୀୟ ମହିଳା ଯୋଡି ତ୍ରିଷା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ମାଲେସିୟା ଯୋଡି ୟିନ ୟୁଆନ ଲୋୱ୍ ଓ ଭାଲେରୀ ସିଓ୍ୱଙ୍କୁ ୨୧-୧୧,୨୧-୧୩ରେ ପରାସ୍ତ କରିଛନ୍ତି। ସେହିପରି ଭାରତର ଅନ୍ୟତମ ମହିଳା ଯୋଡି ଅଶ୍ୱିନି ଭଟ୍ଟ ଓ ଶିଖା ଗୌତମ ମଧ୍ୟ ପ୍ରଥମ ରାଉଣ୍ଡ ବିଜୟ ସହିତ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ଆସନ୍ତା ସିଜିନ୍ ଲିଜେଣ୍ଡ ଲିଗ୍ କ୍ରିକେଟ୍ ପାଇଁ କାର୍ଯ୍ୟସୂଚୀ ଘୋଷିତ

## ସେପ୍ଟେମ୍ବର ୨୭ରୁ ୩୦ ପର୍ଯ୍ୟନ୍ତ ଓଡ଼ିଶାର କଟକରେ ଖେଳାଯିବ ମ୍ୟାଚ୍

ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ଲିଜେଣ୍ଡ ଲିଗ୍ କ୍ରିକେଟ୍ ପକ୍ଷରୁ ସେପ୍ଟେମ୍ବର ମାସରେ ହେବାକୁ ଥିବା ଏହାର ଆଗାମୀ ସିଜନ ପାଇଁ ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଏବଂ ତାରିଖର ଘୋଷଣା କରାଯାଇଛି। ଏହି ସିଜନ ଛଅଟି ସହରରେ ଖେଳାଯିବାକୁ ସ୍ଥିର ହୋଇଛି। ଯେଉଁଥିରେ ପାଞ୍ଚଟି ସହର ମଧ୍ୟରେ କଟକ, କୋଲକାତା, ନୂଆଦିଲ୍ଲୀ, ଲକ୍ଷ୍ନୌ ଏବଂ ଯୋଧପୁର ରହିଥିବାବେଳେ ପ୍ଲେ-ଅଫ୍ ସ୍ଥାନ ଘୋଷଣା କରାଯିବା ଏବେ ବାକି ଅଛି। ଓଡ଼ିଶାର କଟକରେ ଆସନ୍ତା ୨୭ ସେପ୍ଟେମ୍ବରରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ଏହି ମ୍ୟାଚ୍ ଖେଳାଯିବ। ସମସ୍ତ ଗ୍ରାଉଣ୍ଡରେ ତିନୋଟି ଲେଖାଏଁ ମ୍ୟାଚ୍ ଖେଳାଯିବ ଯେବେକି ଯୋଧପୁର ଏବଂ ଲକ୍ଷ୍ନୌରେ ଦୁଇଟି ମ୍ୟାଚ୍‌ର ଯୋଜନା କରାଯାଇଛି। କୋଲକାତାର ଇଡେନ୍ ଗାର୍ଡେନ୍‌ଠାରେ ୧୬ରୁ ୧୮ ସେପ୍ଟେମ୍ବର ପର୍ଯ୍ୟନ୍ତ ତିନୋଟି ମ୍ୟାଚ୍ ଆୟୋଜିତ ହେବ। ଯେଉଁଥିରେ ସ୍ୱତନ୍ତ୍ର ମ୍ୟାଚ୍ ସାମିଲ ରହିଛି ଯାହା ଇଣ୍ଡିଆନ ମହାରାଜା ଏବଂ ୱାର୍ଲଡ ଜିଆଣ୍ଟସ ମଧ୍ୟରେ ଖେଳାଯିବ। ସେହିଭଳି ଲକ୍ଷ୍ନୌରେ ୨୧ରୁ ୨୨ ସେପ୍ଟେମ୍ବର ପର୍ଯ୍ୟନ୍ତ, ନୂଆଦିଲ୍ଲୀରେ ୨୪ରୁ ୨୬ ସେପ୍ଟେମ୍ବର ପର୍ଯ୍ୟନ୍ତ ଏହି ମ୍ୟାଚ୍ ଖେଳାଯିବ। ସେହିଭଳି ଯୋଧପୁରରେ ଆସନ୍ତା ୧ଏବଂ ୩ ଅକ୍ଟୋବରରେ ଏହି ମ୍ୟାଚ ଖେଳାଯିବ। ଆସନ୍ତା ୫ଏବଂ ୭ ଅକ୍ଟୋବରରେ ଏହାର ପ୍ଲେ-ଅଫ ମ୍ୟାଚ୍ ଏବଂ ୮ ଅକ୍ଟୋବରରେ ଏହାର ଫାଇନାଲ ମ୍ୟାଚ୍ ଆୟୋଜିତ ହେବାକୁ ଥିବାବେଳେ ଏଥିପାଇଁ ଭେନ୍ୟୁ ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ। ଏହା ସମ୍ପର୍କରେ ଲିଜେଣ୍ଡ ଲିଗ୍ କ୍ରିକେଟ୍, କୋ-ଫାଉଣ୍ଡର ଏବଂ ସିଇଓ ଶ୍ରୀ ରମଣ ରହେଜା କହିଛନ୍ତି ଯେ, 'ଆମର ପ୍ରଶଂସକ ଏବଂ ଦର୍ଶକଙ୍କ ଅପେକ୍ଷାର ଅନ୍ତ ଘଟିଛି। ଫିକ୍ସରର୍ସର ଘୋଷଣା ସହିତ ସେମାନେ ଏହି ମ୍ୟାଚ୍ ପାଇଁ ଯୋଜନା କରିପାରିବେ। ଅନଲାଇନରେ ଟିକେଟ ଉପଲବ୍ଧ ତାରିଖର ଘୋଷଣା ସହିତ ଆମେ ବହୁତ ଜଲଦି ଆମ ଟିକେଟିଙ୍ଗ ପାର୍ଟନରଙ୍କ ଘୋଷଣା କରିଦେଉଛୁ। ଏକ ନୂଆ ଫର୍ମାଟରେ ୧୦ଟି ଦେଶରୁ କିମ୍ବଦନ୍ତୀ ଖେଳାଳୀମାନଙ୍କ ଲାଇନ୍-ଅପ୍ ସହିତ ମୁଁ ସୁନିଶ୍ଚିତ ଯେ, ଚଳିତ ବର୍ଷ ପ୍ରଶଂସକମାନେ ପିଚ୍‌ରେ ଶକ୍ତିଶଳୀ ପ୍ରଦର୍ଶନ ସହିତ ଏକ ମହାନ ସିଜନର ଅନୁଭବ ପାଇପାରିବେ। ସେ ଆହୁରି ମଧ କହିଛନ୍ତିଯେ, 'ଆସନ୍ତା ସିଜନ ପାଇଁ ଆମେ ପାକିସ୍ତାନରୁ କୌଣସି ଖେଳାଳୀ ଆଣି ନାହୁଁ। ବହୁତ ଶୀଘ୍ର ଡ୍ରାଫ୍‌ଟରେ ଆମେ ଆଉ କିଛି ଆନ୍ତର୍ଜାତୀୟ ଖେଳାଳୀଙ୍କୁ ସାମିଲ କରିବୁ। ଅନ୍ତିମ ମ୍ୟାଚ୍ ପାଇଁ ଡେରାଡୁନକୁ ବିଚାରକୁ ନିଆଯାଉଥିବା ସେ କହିଛନ୍ତି।

## ମୟୂରଭଞ୍ଜରେ ଶୋତକନ୍ କରାଟେ ପ୍ରତିଯୋଗିତା




ପୁରୀ, (ଭାସ୍କର ନ୍ୟୁଜ): ମୟୁରଭଞ୍ଜରେ ଗତ ଦୁଇ ଦିନ ଧରି ଅନୁଷ୍ଠିତ ପ୍ରଥମ ମୟୁରଭଞ୍ଜ ଶୋତକନ୍ କରାଟେ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପୁରୀ କରାଟେ ଆସୋସିଏସନ୍‌ର ମୁଖ୍ୟ ପ୍ରଶିକ୍ଷକ ରବିନାରାୟଣ ଖୁଣ୍ଟିଆଙ୍କ ନେତୃତ୍ୱରେ ୪୦ ଜଣ କରାଟେ ଛାତ୍ରଛାତ୍ରୀ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରି ପ୍ରସଂଶନୀୟ ପ୍ରଦର୍ଶନ କରିବା ସହ ୫୫ ପଦକ ଜିଣିଛନ୍ତି। ଏଥିରେ ୨୧ଟି ସ୍ୱର୍ଣ୍ଣପଦକ ଥିବା ବେଳେ ୧୪ଟି ରୌପ୍ୟ ଓ ୨୦ଟି କାଂସ୍ୟ ପଦକ ରହିଛି। ଗତ ୨୦ଦିନ ମୟୁରଭଞ୍ଜ କରଞ୍ଜିଆର ରାମବାଟିକାରେ ଏହି କରାଟେ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଥିଲା।

## କୋହଲିଙ୍କ ସହିତ ବାବରଙ୍କୁ ତୁଳନା କରିବା ଅନୁଚିତ: ଆକ୍ରମ




ନୂଆଦିଲ୍ଲୀ: ପାକିସ୍ତାନର ପୂର୍ବତନ ଫାଷ୍ଟ ବୋଲର ତଥା ଅଧିନାୟକ ୱାସିମ ଆକ୍ରମ କହିଛନ୍ତି ଯେ ବିରାଟ କୋହଲି ଜଣେ ସର୍ବକାଳୀନ ମହାନ ଖେଳାଳି। ମାତ୍ର କୌଣସି କାରଣ ନେଇ ଗତ ଦୁଇ ବର୍ଷ ଧରି ସେ ଫର୍ମ ହରାଇ ବସିଛନ୍ତି। ତେଣୁ ଭାରତୀୟ କ୍ରିକେଟ ପ୍ରେମୀମାନେ ତାଙ୍କୁ ସମାଲେଚନା କରୁଛନ୍ତି। ସେହିପରି ଅନ୍ୟ ଦେଶର କେତେକ ପୂର୍ବତନ କ୍ରିକେଟର ମଧ୍ୟ କୋହଲିଙ୍କ ଫର୍ମକୁ ନେଇ ଭିନ୍ନ ଟିପ୍ପଣୀ ଦେଉଛନ୍ତି। ତଥାପି ସେ ଫର୍ମକୁ ଫେରି ଆସିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏହି କାରଣ ନେଇ କୋହଲିଙ୍କୁ ଯଥେଷ୍ଟ ବିଶ୍ରାମ ଦିଆ ଯାଇଛି। ସେ ଚଳିତ ଅଗଷ୍ଟ ମାସ ୨୭ ତାରିଖରୁ ୟୁନାଇଟେଡ ଆରବ ଏମିରେଟ୍ସରେ ଅନୁଷ୍ଠିତ ହେବାକୁ ଯାଉଥିବା ଏସିଆ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳିବା ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଅଗଷ୍ଟ ୨୮ ତାରିଖ ଦିନ ପାକିସ୍ତାନ ବିପକ୍ଷରେ ଭାରତ ଏସିଆ କପର ପ୍ରଥମ ମ୍ୟାଚ ଖେଳିବ। ତେଣୁ କୋହଲିଙ୍କ ଉପରେ ସମସ୍ତଙ୍କ ନଜର ରହିଛି। କାରଣ ୨୦୧୯ ନଭେମ୍ବର ପରଠାରୁ ସେ କୌଣସି ଫର୍ମାଟରେ ଶତକ ଅର୍ଜନ କରି ପାରି ନାହାନ୍ତି। ମାତ୍ର ସବୁ ଫର୍ମାଟରେ ତାଙ୍କର ପ୍ରଦର୍ଶନ ସବୁବେଳେ ଚର୍ଚ୍ଚାରେ ରହି ଆସିଛି। ଭାରତୀୟ ଦଳର ସେ ମଧ୍ୟ ସବୁଠାରୁ ଶ୍ରେଷ୍ଠ ଫିଲ୍ଡର। ତେବେ ବର୍ତ୍ତମାନ ପରିସ୍ଥିତିରେ କୋହଲିଙ୍କ ସହିତ ପାକିସ୍ତାନ କ୍ରିକେଟ ଦଳର ଯୁବ ଅଧିନାୟକ ବାବର ଆଜାମଙ୍କୁ ତୁଳନା କରିବା ଠିକ ହେବ ନାହିଁ। କାରଣ ବାବର ଆଜାମ ସବୁ ଫର୍ମାଟରେ ଭଲ ପ୍ରଦର୍ଶନ କରି ଆସୁଥିଲେ ହେଁ ସେ ବର୍ତ୍ତମାନ ଅନେକ ଶିକ୍ଷା ଲାଭ କରୁଛନ୍ତି। ଅବଶ୍ୟ ସୁନ୍ଦର ଟେକନିକ୍ ଓ ସ୍ଥିରତା ଯୋଗୁଁ ସେ ସଫଳ ହୋଇ ପାରୁଛନ୍ତି। ମାତ୍ର ବର୍ତ୍ତମାନ ସମୟରେ କୋହଲିଙ୍କ ସହିତ ତୁଳନା କରିବା ଅନାବଶ୍ୟକ। ସମୟ ଥିଲା ପାକିସ୍ତାନର ପୂର୍ବତନ ବ୍ୟାଟର ଇଞ୍ଜାମମ୍ ଉଲ ହକ୍, ଜାଭେଦ ମିଆଁଦାଦ, ଜାହିର ଆବାସ, ଗୁଣ୍ଡାପା ବିଶ୍ୱନାଥଙ୍କ ସହିତ ସୁନିଲ ଗାଭାସ୍କର, ରାହୁଲ ଦ୍ରାବିଡ, ସଚିନ ତେନ୍ଦୁଲକରଙ୍କୁ ତୁଳନା କରା ଯାଉଥିଲା। ମାତ୍ର କୋହଲିଙ୍କ ପରି ପରିପକ୍ୱତା ଆଣିବା ପାଇଁ ବାବର ଆଜାମଙ୍କୁ ଆହୁରି ଅନେକ ସମୟ ଲାଗିବ ବୋଲି ଏସିଆ କପ ପାଇଁ ଅଫିସିଆଲ ବ୍ରଡକାଷ୍ଟର ଷ୍ଟାର ସ୍ପୋର୍ଟ୍ସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ୱାସିମ ଆକ୍ରମ।

### ଓସିଏ ଅନ୍ତଃ ଜିଲ୍ଲା କଳାହାଣ୍ଡି କପ ସିନିୟର ସୁପର ଲିଗ ଟି-୨୦ କ୍ରିକେଟ

## ଓଡ଼ିଶା ପିଙ୍କ୍ ବିରୋଧରେ ଇକୋର୍ସା ବିଜୟୀ




କଟକ(ଭାସ୍କର ନ୍ୟୁଜ): ସ୍ଥାନୀୟ ଶନଶାଇନ ଗ୍ରାଉଣ୍ଡରେ ମଙ୍ଗଳବାର ଅନୁଷ୍ଠିତ ଓସିଏ ଅନ୍ତଃ ଜିଲ୍ଲା କଳାହାଣ୍ଡି କପ ସିନିୟର ପୁରୁଷ ସୁପର ଲିଗ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମ୍ୟାଚରେ ଓଡିଶା ପିଙ୍କକୁ ୭ ୱିକେଟରେ ପରାସ୍ତ କରିଛଇ ଇକୋର୍ସା। ଟସ୍ ଜିତିବା ପରେ ଇକୋର୍ସା ଫିଲ୍ଡିଂ ନିଷ୍ପତ୍ତି ନେଇ ଥିଲା। ଓଡିଶା ପିଙ୍କ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ କରିଥିଲଶ ୧୫୬ ରନ। ଦଳ ପକ୍ଷରୁ ରଞ୍ଜିତ ପାଇକରାୟ ୨୯ ବଲରୁ ୩୯,ୱାଲଟର ଟପ୍ପୋ ୩୭ ବଲରୁ ୩୫, କିଶାନ ରଥ ୨୫ ବଲରୁ ୩୨ ରନ କରି ଥିବା ବେଳେ ଇକୋର୍ସା ପକ୍ଷରୁ ସଫଳ ବୋଲର ଭାବେ ଅଙ୍କିତ ଯାଦବ ଓ ସୂର୍ଯ୍ୟକାନ୍ତ ପ୍ରଧାନ ପ୍ରତ୍ୟେକ ୨ ଲେଖାଏଁ ୱିକେଟ ଅକ୍ତିଆର କରି ଥିଲେ। ପଛରେ ବ୍ୟାଟିଂ କରି ଇକୋର୍ସା ୧୮.୫ ଓଭରରେ ୩ ୱିକେଟ ହରାଇ ୧୫୭ ରନ କରି ସହଜ ବିଜୟୀ ହୋଇ ଥିଲା। ଅଭିଶେକ କେ ଯାଦବ ବିଜୟୀ ଦଳ ପକ୍ଷରୁ ୮ ଛକା ଓ ୧ ଚୌକା ବଲରେ ୩୫ ବଲରୁ ଅପରାଜିତ ୬୫ ରନ କରି ଥିଲେ। ପ୍ରତିପକ୍ଷ ଦଳ ପକ୍ଷରୁ ଅଙ୍କିତକର ଜୟସ୍ୱାଲ ଦୁଇ ଓ ଲାଲୁ ଏକ ୱିକେଟ୍ ଅକ୍ତିଆର କରିଥିଲେ। ଇକୋର୍ସା ଏହି ମ୍ୟାଚକୁ ୭ ୱିକେଟ୍‌ରେ ଜିତି ନେଇଥିଲା।

## ଝାରସୁଗୁଡ଼ାକୁ ପରାସ୍ତ କଲା ଓଡ଼ିଶା ଅରେଞ୍ଜ




ପୋଦାରଙ୍କ ଦମ୍‌ଦାର ପ୍ରଦର୍ଶନ

କଟକ, (ଭାସ୍କର ନ୍ୟୁଜ): ମଙ୍ଗଳବାର ଦିନ ସ୍ଥାନୀୟ ସନ୍ ସାଇନ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ରେ ଝାରସୁଗୁଡ଼ାକୁ ୭ ରନ୍‌ରେ ପରାସ୍ତ କରିଛି। ରଓଡ଼ିଶା ଅରେଞ୍ଜ ଟସ୍ ଜିତି ଝାରସୁଗୁଡ଼ା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ବେଳେ ଓଡ଼ିଶା ଅରେଞ୍ଜ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ୱିକେଟ୍ ହରାଇ ୧୬୬ ରନ୍ କରିଥିଲା। ଦଳ ପକ୍ଷରୁ ଗୋବିନ୍ଦ ପଦାର ୧୦ ଚୌକା ଓ ୪ ଛକ୍କା ବଲରେ ୪୮ ବଲ୍‌ରୁ ୯୫ ରନ୍ କରିଥିଲେ। ଝାରସୁଗୁଡ଼ା ପକ୍ଷରୁ ଏମ୍‌ଡ଼ି୍ୱାଇ କ୍ୱେରେସି ୨ୱିକେଟ୍ ଏବଂ ରିସଭ କେ ସିଂ ଏବଂ ପୁସ୍କର ରାୟ ଗୋଟିଏ ଲେଖାଁଏ ୱିକେଟ୍ ପାଇଥିଲେ। ପଛରେ ବ୍ୟାଟିଂ କରି ଝାରସୁଗୁଡ଼ା ୧୫୯ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସାଗର କେ ରାଉତ ୬୧ ଓ ଧନଞ୍ଜୟ ଯାଦବ ୩୮ ରନ୍ କରିଥିବା ବେଳେ ଗୋବିନ୍ଦ ପଦାର ଚମତ୍କାର ବୋଲିଂ କରି ୧୮ ରନ୍ ବିନିମୟରେ ୫ ୱିକେଟ୍ ଅକ୍ତିଆର କରିଥିଲେ। ଫଳରେ ଓଡ଼ିଶା ଅରେଞ୍ଜ ଝାରସୁଗୁଡ଼ାକୁ ୭ ରନ୍‌ରେ ପରାସ୍ତ କରିଥିଲା

## ଏଏମ୍/ ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଠାକୁରାଣୀ ଚ୍ୟାଲେଞ୍ଜର୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ




ଯୋଡ଼ା, (ଭାସ୍କର ନ୍ୟୁଜ): ଆର୍ସେଲର୍ ମିତଲ୍ ନିପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ନିଜର ସିଏସ୍‌ଆର କାର୍ଯ୍ୟକ୍ରମ ଅଧିନରେ ବଡ଼ବିଲ୍‌ଠାରେ ଡାଲ୍‌କି ସ୍ଥିତ ନେହେରୁ ସ୍ପୋର୍ଟସ୍ କ୍ଲବ୍ ସହ ମିଳିତ ଭାବରେ ୨ ଦିନଧରି ୧୪ତମ ଠାକୁରାଣୀ ଚ୍ୟାଲେଞ୍ଜର୍ ଅନ୍ତର୍ରାଜ୍ୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଝାଡଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ବିହାର, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାରୁ ପ୍ରାୟ ୩୨ଟି ଫୁଟବଲ୍ କ୍ଲବ୍ ଏହି ଟୁର୍ଣ୍ଣାମେଣ୍ଟରେ ଯୋଗ ଦେଇଥିଲେ। ଫାଇନାଲ୍ ମ୍ୟାଚ୍‌ରେ ଓଡ଼ିଶା ବଡ଼ବିଲ୍ ଫୁଟବଲ୍ କ୍ଲବ୍ ଝାଡଖଣ୍ଡ ଭୁୟାନ୍ ଫୁଟବଲ୍ କ୍ଲବ୍‌କୁ ୧-୦ ଗୋଲ୍‌ରେ ପରାସ୍ତ କରି ବିଜୟୀ ହୋଇଥିଲେ। ଚମ୍ପୁଆ ଏମ୍‌ଏଲ୍‌ଏ ମିନାକ୍ଷୀ ମହନ୍ତ, ବଡ଼ବିଲ୍ ମ୍ୟୁନିସିପାଲଟି ଚେୟାରମ୍ୟାନ୍ ଲକ୍ଷ୍ମଣ ମହନ୍ତ, ଏଏମ୍/ଏନ୍ ଏସ୍ ଇଣ୍ଡିଆ ଠାକୁରାଣୀ ମାଇନ୍ସ ମ୍ୟାନେଜର ପ୍ରମୋଦ ମିଶ୍ରଙ୍କ ସହ ମାନ୍ୟଗଣ୍ୟ ବ୍ୟକ୍ତି ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିତରଣ ଉତ୍ସବରେ ଯୋଗ ଦେଇଥିଲେ। ଏହି ଅଞ୍ଚଳର କ୍ରୀଡାକୁ ପ୍ରୋତ୍ସାହିତ କରିବା ସହିତ ଆର୍ସେଲର୍ ମିତଲ୍ ନିପନ୍ ଷ୍ଟିଲ୍ ଇଣ୍ଡିଆ ଅନ୍ୟ ରାଜ୍ୟରୁ ଆସୁଥିବା ଖେଳାଳିମାନଙ୍କ ପାଇଁ କ୍ରୀଡା ଜର୍ସି ସମେତ ଖେଳ ପଡିଆ ପ୍ରସ୍ତୁତି ନିମନ୍ତେ ଲାଇଟ୍ ସାଉଣ୍ଡ୍, ଖାଦ୍ୟ, ଲଜିଷ୍ଟିକ୍ ବ୍ୟବସ୍ଥା ପ୍ରଦାନ କରି ଟୁର୍ଣ୍ଣାମେଣ୍ଟକୁ ସମର୍ଥନ କରିଥିଲେ। ଏହି ମ୍ୟାଚ୍‌ରେ ପ୍ଲେୟାର ଅଫ୍ ଦି ମ୍ୟାଚ୍, ପ୍ଲେୟାର ଅଫ୍ ଟୁର୍ଣ୍ଣାମେଣ୍ଟ, ବେଷ୍ଟ ଡିଫେଣ୍ଡର, ବେଷ୍ଟ ଷ୍ଟ୍ରାଇକର ପରି ୧୮ଟି ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟ ଶେଷ ହେବା ସମୟରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯେଉଁଥିରେ ଲୋକନୃତ୍ୟ ଏବଂ କଳାକାରମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା।

## ଭାରତଠାରୁ ଜିମ୍ବାୱେର ପରାଜୟ ପାଇଁ ସିକନ୍ଦର ଅତି ଦୁଃଖିତ




ହାରାରେ: ଗତକାଲି ଏଠାରେ ଅନୁଷ୍ଠିତ ଭାରତ-ଜିମ୍ବାୱେ ଦିନିକିଆ କ୍ରିକେଟ ସିରିଜର ତୃତୀୟ ତଥା ଶେଷ ମ୍ୟାଚରେ ଉଭୟ ଦଳର ଦୁଇ ଜଣ ବ୍ୟାଟର ଶତକ ଅର୍ଜନ କ୍ରିଥିଲେ। ତେବେ ଜଣଙ୍କର ଶତକ ଦଳର ବିଜୟ ପାଇଁ ମୂଲ୍ୟବାନ ସାବ୍ୟସ୍ତ ହୋଇ ଥିବା ବେଳେ ଆଉ ଜଣଙ୍କର ଲଢୁଆ ଶତକ ବୃଥା ହୋଇ ଯାଇଥିଲା। ପ୍ରଥମେ ବ୍ୟାଟିଂ କରି ଥିବା ଭାରତ ଶୁବମନ ଗିଲଙ୍କ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ଜୀବନର ପ୍ରଥମ ଶତକ (୯୭ ବଲରୁ ୧୩୦ରନ,୧୫ ଚୌକା, ୧ ଛକା) ବଳରେ ୮ ୱିକେଟ ହରାଇ ୨୮୯ ରନ କରି ଥିଲା। ତେବେ ପଛରେ ବ୍ୟାଟିଂ କରି ଜିମ୍ବାୱେ ଦମଦାର ପ୍ରଦର୍ଶନ ସହିତ ବିଜୟ ନିକଟତର ହୋଇଥିଲା। ଜିମ୍ବାୱେର ଅଭିଜ୍ଞ ବ୍ୟାଟର ସିକନ୍ଦର ରାଜା ଲଢୁଆ ଶତକ ଅର୍ଜନ କରି ଭାରତ ଠାରୁ ବିଜୟ ଛଡାଇ ନେବା ପରିସ୍ଥିତି ସୃଷ୍ଟି କରି ଥିଲେ। ସିକନ୍ଦର ୯ ଚୌକା ଓ ୩ ଛକା ବଳରେ ୯୫ ବଲରୁ ୧୧୫ ରନ କରିଥିବା ବେଳେ ଜିମ୍ବାୱେ ୮ ୱିକେଟ ବିନିମୟରେ କରିଥିଲା ୨୭୫ ରନ। ବିଜୟ ପାଇଁ ଶେଷ ୯ ବଲରୁ ଆଉ ୧୫ ରନ ଆବଶ୍ୟକ କରୁଥିଲା। ମାତ୍ର ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଆଉଟ ହେଲେ ସିକନ୍ଦର ରାଜା। ସେ ଶାର୍ଦ୍ଦୁଳ ଠାକୁରଙ୍କ ବଲରେ ଲଙ୍ଗଅନ ଦେଇ ଏକ ବଡ ସଟ ମାରିବାକୁ ଉଦ୍ୟମ କରିବା ବେଳେ ବ୍ୟାଟରେ ବଲ ଠିକ ଭାବେ ସଂଯୋଗ ହୋଇ ପାରି ନ ଥିଲା। ତେଣୁ ସେଠାରେ ଫିଲ୍ଡିଂ କରୁ ଥିବା ଶୁବମନ ଗିଲ ଦ୍ରୁତ ଗତିରେ ଦୌଡି ଡାଇଭ ମାରି କ୍ୟାଚ ଧରିବା ସହିତ ସିକନ୍ଦରଙ୍କ ଲଢୁଆ ଇନିଂସର ପରି ସମାପ୍ତି କରି ଥିଲେ। ଜିମ୍ବାୱେ ପାଇଁ ବଡ ଝଟକା ସାବ୍ୟସ୍ତ ହୋଇ ଥିଲା। କାରଣ ୨୭୬ରେ ଜିମ୍ବାୱେ ଅଲ ଆଉଟ ହୋଇ ଯାଇଥିଲା। ଫଳରେ ଭାରତ ୧୩ ରନରେ ବିଜୟୀ ହୋଇ ଥିଲା। ତେଣୁ ସିକନ୍ଦର ରାଜାଙ୍କ ଲଢୁଆ ଶତକ ବୃଥା ହେବା ସହିତ ଦଳର ପରାଜୟ ପାଇଁ ଅତି ଦୁଃଖ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଶୁବମନ ଗିଲ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଜିମ୍ବାୱେ ଏହି ମ୍ୟାଚରେ ବିଜୟୀ ହୋଇ ଥିଲେ ସିକନ୍ଦର ରାଜା ନିଶ୍ଚିତ ମ୍ୟାନ ଅଫ ଦି ମ୍ୟାଚ ହୋଇ ଥାନ୍ତେ। ସୂଚନା ଯୋଗ୍ୟ ଯେ, ସିକନ୍ଦର ରାଜା ପାକିସ୍ତାନର ସିଆଲକୋଟରେ ୧୯୮୬ ମସିହାରେ ଜନ୍ମ ଗ୍ରହଣ କରିଥିବା ବେଳେ ଜିମ୍ବାୱେରେ ପ୍ରତିଷ୍ଠା ଲାଭ କରିଛନ୍ତି। ଏହି ସିରିଜରେ ସେ ୪୭.୬୭ ହାରେ ଦଳ ପକ୍ଷରୁ ସର୍ବାଧିକ ୧୪୩ ରନ ସଂଗ୍ରହ କରିଛନ୍ତି। ଏହା ତାଙ୍କ ଦିନିକିଆ କ୍ରିକେଟ ଜୀବନର ଷଷ୍ଠ ଶତକ। ୨୦୧୩ରେ ବାଂଲାଦେଶ ବିପକ୍ଷ ମ୍ୟାଚ ଖେଳି ଅନ୍ତର୍ଜାତୀୟ କ୍ୟାରିଅର ଆରମ୍ଭ କରି ଥିବା ସିକନ୍ଦର ରାଜା ଜିମ୍ବାୱେ ପାଇଁ ୧୭ ଟେଷ୍ଟ ଖେଳି ୧୧୮୭ ରନ, ୧୨୦ ଦିନିକିଆରେ ୩୬୨୬ ଓ ୫୮ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳି ୧୦୪୦ ରନ ସଂଗ୍ରହ କରିଛନ୍ତି। ସେହିପରି ଜଣେ ଡାହାଣ ହାତୀ ଅଫ୍ ବ୍ରେକ ବୋଲର ଭାବେ ୧୩୧ ୱିକେଟ ଅକ୍ତିଆର କରିଛନ୍ତି।



ଇନଷ୍ଟାଗ୍ରାମରେ ସେୟାର ହୋଇଥିବା ଏକ ଭିଡିଓରେ ଜଣେ ମହିଳା ଏକ କୁମ୍ଭୀରକୁ ପୋଷା ପଶୁ ପରି ନଦୀ କୂଳରେ ଧରି ବୁଲୁଥିବାର ନଜର ଆସିଛନ୍ତି। ଭୟଙ୍କର ଏହି ଘଡିଆଳ କୁମ୍ଭୀର ମଧ୍ୟ ମହିଳାଙ୍କ ସହ ଅତ୍ୟନ୍ତ ଆରାମଦାୟକ, ଏପରିକି ଥରେ ହେଲେ ମହିଳାଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳି ନଥିଲା। ଭିଡିଓ ଦେଖିବା ପରେ ଲୋକମାନେ ନିଶ୍ଚିତ ଭାବରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ମହିଳା ଜଣକ ଗୃହପାଳିତ ପଶୁ ପରି କୁମ୍ଭୀର ବେକରେ ଏକ ଲମ୍ବା କଳା ରଙ୍ଗର ପଟି ବାନ୍ଧିଥିଲେ। ଭାଇରାଲ ଭିଡିଓରେ ମହିଳା ଏବଂ ଘଡିଆଳ କୁମ୍ଭୀର ମଧ୍ୟରେ ବନ୍ଧୁତା ଦେଖି ଲୋକମାନେ ଆଶ୍ଚର୍ଯ୍ୟ ହୋଇଗଲେ । ଲୋକମାନେ ଆଲୋଚନା କରିବାକୁ ଲାଗିଲେ ଯେ ଏ ମହିଳା କି ଯାଦୁ କଲେ ଯେ ହିଂସ୍ର କୁମ୍ଭୀରଟି ପୋଷା ଜୀବରେ ପରିଣତ ହୋଇଛି। ଯଦିଓ ମହିଳାଙ୍କ ସହିତ ଚାଲୁଥିବା କୁମ୍ଭୀରଟି ସାନଥିଲା ତଥାପି ସେହି ପଶୁଙ୍କ ବୟସ ଯାହା ହୋଇଥାଉ ନା କାହିଁକି ଯାହାର ପ୍ରକୃତି ଆକ୍ରମଣକାରୀ ସେଥିରେ କିଛି ପରିବର୍ତ୍ତନ ଆସିନଥାଏ। ମାତ୍ର ଜଣେ ମହିଳା ଏପରି ସାହସ କରିପାରିଥିଲେ ଯେ ଘଡିଆଳକୁ ପୋଷା ମନାଇ ତା'ସହିତ ଘୁରିବୁଲୁଥିଲେ।

## ପ୍ରେମିକାଙ୍କ ସହ ଜାହ୍ନବୀଙ୍କ ଝଗଡ଼ା



ଜାହ୍ନବୀ କପୁର ବଲିଉଡ୍‌ରେ ନିଜର ବୋଲ୍ଡନେସ୍ ପାଇଁ ସମସ୍ତଙ୍କ ଧ୍ୟାନ କେନ୍ଦ୍ରୀଭୂତ କରିଥାନ୍ତି। ଏହି ଅଭିନେତ୍ରୀଙ୍କ ଗ୍ଲାମର୍ସ ଲୁକ୍ ପ୍ରାୟତଃ ସୋସିଆଲ ମିଡିଆରେ ଭାଇରାଲ ହୋଇଥାଏ। ଜାନଭି କପୁର ଫ୍ୟାଶନ ସହିତ ପାର୍ଟିକୁ ବହୁତ ଭଲ ପାଆନ୍ତି। ଏହି ଅଭିନେତ୍ରୀ ନିଜ ସାଙ୍ଗମାନଙ୍କ ସହିତ ପାର୍ଟି କରି ତା'ର ଫଟୋ ଅନେକ ସମୟରେ ସୋସିଆଲ୍ ମିଡିଆରେ ଛାଡ଼ିଥାନ୍ତି। ତେବେ ନିକଟରେ ସାଙ୍ଗମାନଙ୍କ ସହ ପାଟି କରୁଥିବା ବେଳେ ଜାହ୍ନବୀ କପୁରଙ୍କ ଏକ ଭିଡିଓ ସାମ୍ନାକୁ ଆସିଛି ଯାହା ବେଶ୍ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ଜାନଭୀ କପୁର ତାଙ୍କ ପ୍ରେମିକା ଓରହାନ ଅବତ୍ରାମଣୀଙ୍କ ସହ ପାର୍ଟି କରିବା ପରେ ଏକ ରେଷ୍ଟୁରାଣ୍ଟ ବାହାରେ ନଜର ଆସିଥିଲେ। ଜାନଭୀ ଯିଏକି ସର୍ବଦା ହସ ହସ ମୁହଁରେ ଥାନ୍ତି, ଏଥର କିନ୍ତୁ ବିରକ୍ତି ଭାବ ସ୍ପଷ୍ଟ ବାରି ହୋଇଥିଲା। ସେ ସିଧା ତାଙ୍କ କାର୍ ଆଡ଼କୁ ଚାଲିଯାଉଥିବାବେଳେ ଓରହାନ ରେଷ୍ଟୁରାଣ୍ଟର ପ୍ରବେଶ ଦ୍ୱାରରେ ଠିଆ ହୋଇ ଜାନଭୀ ଚାଲିଯାଇଛନ୍ତି ବୋଲି କହୁଥିବା ଶୁଣିବାକୁ ମିଳିଛି। ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ମଧ୍ୟରେ ଅନେକ ଚର୍ଚ୍ଚା ହେଉଛି ଯେ ଅଭିନେତ୍ରୀଙ୍କ ମୁଡ୍ ବହୁତ ଖରାପ ଦେଖାଯାଉଛି। ଏହା ସହିତ ପାର୍ଟିରେ ଜାହ୍ନବୀ କପୁର ଏବଂ ତାଙ୍କ ପ୍ରେମିକାଙ୍କ ମଧ୍ୟରେ ଝଗଡା ହୋଇଥାଇପାରେ ବୋଲି ମଧ୍ୟ ଅନୁମାନ କରାଯାଉଛି, ଯେଉଁ କାରଣରୁ ଅଭିନେତ୍ରୀ ଏପରି କ୍ରୋଧରେ ଥିବା ନଜର ଆସିଛନ୍ତି।

## ୨୧୦୦ ମସିହାରୁ ପୃଥିବୀରେ ରାତି ହେବ ନାହିଁ



୧୧୧ ବର୍ଷ ପୂର୍ବେ ବୁଲଗେରିଆରେ ଜନ୍ମ ହୋଇଥିବା ବାବା ଭେଙ୍ଗା ଅନେକ ଭବିଷ୍ୟବାଣୀ କରିଛନ୍ତି। ବାବା ଭେଙ୍ଗାଙ୍କ ଦ୍ୱାରା କରାଯାଇଥିବା ଅନେକ ଭବିଷ୍ୟବାଣୀ ସତ୍ୟ ସାବ୍ୟସ୍ତ ହୋଇଛି। ୧୨ ବର୍ଷ ବୟସରେ ସେ ଏକ ଝଡ଼ରେ ନିଜର ଦୃଷ୍ଟି ଶକ୍ତି ହରାଇଥିଲେ, କିନ୍ତୁ ଭବିଷ୍ୟବାଣୀ ବାବା ଭେଙ୍ଗାଙ୍କୁ ସାରା ବିଶ୍ୱରେ ପ୍ରସିଦ୍ଧିଲାଭ କରିଥିଲା। ତାଙ୍କ ମୃତ୍ୟୁ ପୂର୍ବରୁ ବାବା ଭେଙ୍ଗା ୨୦୨୨ ଏବଂ ତା'ପରେ ଅନେକ ଗୁରୁତ୍ୱପୂର୍ଣ୍ଣ ଭବିଷ୍ୟବାଣୀ କରିଛନ୍ତି। ସେହି ଭବିଷ୍ୟବାଣୀଗୁଡିକ କ'ଣ, ଆସନ୍ତୁ ଏହାକୁ ଜାଣିବା ...

ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ ଅନୁଯାୟୀ ୨୦୨୩ରେ ପୃଥିବୀର କକ୍ଷପଥରେ ପରିବର୍ତ୍ତନ ହେବ ଏବଂ ଏହି ମହାକାଶଚାରୀମାନେ ୨୦୨୮ ରେ ଶୁକ୍ର ଯାତ୍ରା କରିବେ।

୨୦୪୬ ମସିହାରେ ଲୋକମାନେ ଅଙ୍ଗ ପ୍ରତିରୋପଣ ସାହାଯ୍ୟରେ ୧୦୦ ବର୍ଷରୁ ଅଧିକ ବଞ୍ଚିପାରିବେ।

ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ ଅନୁଯାୟୀ, ୨୧୦୦ ମସିହାରୁ ପୃଥିବୀରେ କୌଣସି ରାତି ହେବ ନାହିଁ। କୃତ୍ରିମ ସୂର୍ଯ୍ୟକିରଣ ଦ୍ୱାରା ପୃଥିବୀ ଆଲୋକିତ ହେବ।

କେବଳ ଏତିକି ନୁହେଁ, ବାବା ଭେଙ୍ଗାଙ୍କ ପୂର୍ବାନୁମାନ ଅନୁଯାୟୀ, ବିଶ୍ୱ ୫୦୭୯ରେ ଶେଷ ହେବ।

୨୦୨୨ ବର୍ଷ ପାଇଁ ବାବା ଭେଙ୍ଗା ଦୁଇଟି ଭବିଷ୍ୟବାଣୀ କରିଥିଲେ। ଏସିଆ ଏବଂ ଅଷ୍ଟ୍ରେଲିଆର କିଛି ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବ ବୋଲି ଏଥିରେ କୁହାଯାଇଥିଲା। ଏହି ଭବିଷ୍ୟବାଣୀ ସତ୍ୟ ହୋଇଛି, କାରଣ ଚଳିତ ବର୍ଷ ଏହି ଦୁଇ ମହାଦେଶରେ ପ୍ରବଳ ବର୍ଷା ହୋଇଛି ଏବଂ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏସିଆ, ବାଂଲାଦେଶ, ଉତ୍ତର ପୂର୍ବ ଭାରତ ଏବଂ ଥାଇଲ୍ୟାଣ୍ଡରେ ବନ୍ୟା ପରିସ୍ଥିତି ସୃଷ୍ଟି ବି ହୋଇଛି। ଅନ୍ୟପକ୍ଷରେ ବାବା ଭେଙ୍ଗା କହିଛନ୍ତି ଯେ ମରୁଡ଼ି ଯୋଗୁଁ କେତେକ ସହରରେ ଜଳ ଅଭାବର ସମ୍ମୁଖୀନ ହେବେ। ତାଙ୍କର ଭବିଷ୍ୟବାଣୀ ମଧ୍ୟ ସତ୍ୟ ପ୍ରମାଣିତ ହୋଇଛି। କାରଣ ପର୍ତ୍ତୁଗାଲ ଏହାର ନାଗରିକମାନଙ୍କୁ ଜଳ ବ୍ୟବହାରକୁ ସୀମିତ କରିବାକୁ କହିଛି। ୧୯୫୦ ଦଶକରୁ ଇଟାଲୀ ମଧ୍ୟ ବର୍ତ୍ତମାନ ସବୁଠାରୁ ଖରାପ ମରୁଡ଼ି ସ୍ଥିତିରେ ଗତି କରୁଛି ।

## ୮ ପତ୍ନୀଙ୍କ ସହ ଖୁସିରେ ଅଛନ୍ତି ଆର୍ଥ ଉର୍ସୋ

ବ୍ରାଜିଲର ଜଣେ ପ୍ରସିଦ୍ଧ ମଡେଲ୍ ତଥା ପ୍ରଭାବଶାଳୀ ଆର୍ଥ ଉର୍ସୋଙ୍କର ଜଣେ କିମ୍ବା ଦୁଇଜଣ ନୁହଁନ୍ତି ବରଂ ୮ଜଣ ପତ୍ନୀ ଅଛନ୍ତି ଏବଂ ସମସ୍ତ ପତ୍ନୀ ତାଙ୍କ ସହିତ ରୁହନ୍ତି। ସମସ୍ତ ପତ୍ନୀଙ୍କୁ ସୌଖିନରେ ରଖିବା ପାଇଁ ଆର୍ଥ ଉର୍ସୋ ୭୫୦୦ ବର୍ଗଫୁଟର ଏକ ବିଳାସପୂର୍ଣ୍ଣ ପ୍ରାସାଦ ନିର୍ମାଣ କରୁଛନ୍ତି, ଯାହାକୁ ସେ ମାନସନ ଅଫ୍ ଫ୍ରିଲଭ୍ ନାମରେ ନାମିତ କରିଛନ୍ତି। ଆର୍ଥର ଉର୍ସୋ ୯ ଟି ବିବାହ କରି ସବୁଠି ଚର୍ଚ୍ଚାରେ ରହିଛନ୍ତି। ମଡେଲ୍ ଏବଂ ପ୍ରଭାବଶାଳୀ ଆର୍ଥ ଉର୍ସୋ ୨୦୨୧ ମସିହାରେ ଏକକାଳୀନ ୯ଝିଅଙ୍କୁ ବିବାହ କରି ଏକ ଚହଳ ପକାଇଥିବାବେଳେ ଗଣମାଧ୍ୟମରେ ଚର୍ଚ୍ଚା ସୃଷ୍ଟି କରିଥିଲେ। ଅବଶ୍ୟ ପରେ ଆର୍ଥରଙ୍କ ଜଣେ ପତ୍ନୀ ଛାଡପତ୍ର ଦେଇଥିଲେ, କାରଣ ସେ ତାଙ୍କ ସ୍ୱାମୀଙ୍କୁ ଅନ୍ୟ କୌଣସି ମହିଳାଙ୍କ ସହ ବାଣ୍ଟିବାକୁ ଚାହୁଁନଥିଲେ। ଅବଶ୍ୟ ଆର୍ଥର ଉର୍ସୋଙ୍କ ଏହି ବିବାହ ଆନୁଷ୍ଠାନିକ ଭାବରେ ଆଇନଗତ ନୁହେଁ, କାରଣ ବ୍ରାଜିଲରେ ଏକରୁ ଅଧିକ ମହିଳାଙ୍କୁ ବିବାହ କରିବା ଆଇନ ବିରୁଦ୍ଧ ଏବଂ ଆଇନଗତ ନୁହେଁ। କିନ୍ତୁ, ଆର୍ଥର ତାଙ୍କ ଜୀବନକୁ ନେଇ ବହୁତ ଉତ୍ସାହିତ ଏବଂ ତାଙ୍କ ପତ୍ନୀମାନେ ମଧ୍ୟ ତାଙ୍କ ସହ ବହୁତ ଖୁସି ଅଛନ୍ତ। ଆର୍ଥର ଉର୍ସୋଙ୍କ ଏହି ଜୀବନଶୈଳୀରେ ଅନେକ ଲୋକ ଖୁସି ନୁହଁନ୍ତି ଏବଂ ସେମାନେ ଏଥିପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆର୍ଥରଙ୍କ ଘରର କାନ୍ଥରେ କେହି ଜଣେ ଡେମନ୍ (ରାକ୍ଷସ) ଲେଖିଛନ୍ତି ତାଙ୍କ ଘରର କାନ୍ଥରେ ଲେଖାଥିଲା, ରାକ୍ଷସ ପରିବାର, ଚାଲିଯାଅ, ଆମେ ଆପଣଙ୍କୁ ସ୍ୱାଗତ କରିବୁ ନାହିଁ। ଏହା ଉପରେ ଆର୍ଥର କହିଛନ୍ତି ଯେ ଦିନଟି ଅତ୍ୟନ୍ତ ନିରାଶାଜନକ ଥିଲା, ଯେଉଁଦିନ ସେ ଏହା ତାଙ୍କ କାନ୍ଥରେ ଲେଖାଥିବା ଦେଖିବାକୁ ପାଇଥିଲେ। ସେ କହିଥିଲେ ଯେ ଯେତେବେଳେ ମୁଁ ସକାଳେ ନିର୍ମାଣକାରୀ ଦଳ ପହଞ୍ଚିବା ପରେ ଗେଟ୍ ଖୋଲିଥିଲି, ସେତେବେଳେ ମୁଁ ଜାଣିଲି ଯେ କାନ୍ଥରେ କେହି ଏପରି ବାର୍ତ୍ତା ଲେଖିଛନ୍ତି।



## ହୃଦୟ ଜିଣିଲା ଜମାଟୋ ବୟ

ଇଣ୍ଟରନେଟରେ ଯେଉଁଠାରେ ଆପଣ ଅନେକ ମନୋରଞ୍ଜନ ବିଷୟବସ୍ତୁ ଦେଖିବାକୁ ପାଇବେ ସେଠାରେ ଆମେ ମଧ୍ୟ ଏହିପରି ଅନେକ ଲୋକଙ୍କ ଜୀବନ ବିଷୟରେ ଜାଣିବା, ଯେଉଁମାନଙ୍କଠାରୁ ଆମେ ବହୁତ କିଛି ଶିଖିବା ଦରକାର। ବାସ୍ତବରେ ଏହି ଲୋକମାନେ ନିଜ ଜୀବନର କଠିନ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି ଏବଂ କେବେ ହାର ମାନନ୍ତି ନାହିଁ। ଏପରି ଏକ ଜମାଟୋ ବୟର କାହାଣୀ ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ହୃଦୟ ଜିତୁଛି। ଏହାର କାହାଣୀ ପ୍ରେରଣାଦାୟକ ଅଟେ। ଏହି ଭିଡିଓରେ ଜୋମାଟୋ ଡେଲିଭରି ବାଳକ ହାତରେ କିଛି ବ୍ୟାଗ ଧରିଥିବାର ନଜର ଆସୁଛନ୍ତି। କିନ୍ତୁ ଏହାରି ମଧ୍ୟରେ ସେ ନିଜ କୋଳରେ ଏକ ଛୋଟ ଝିଅକୁ ଧରିଥିବା ନଜର ଆସୁଛି। ଏହା ପଛର କାରଣ ଜାଣି ଆପଣ ମଧ୍ୟ ଆଶ୍ଚର୍ଯ୍ୟ ହେବେ। ବାସ୍ତବରେ, ଯେତେବେଳେ ଏହି ଡେଲିଭରି ବାଳକକୁ ଏ ବିଷୟରେ ପଚରାଯାଏ, ସେ କହିଛନ୍ତି କି ସେ ତାଙ୍କର ସନ୍ତାନ ଏବଂ ସେ ଖାଦ୍ୟ ବିତରଣ କରିବା ସମୟରେ ନିଜ ପିଲାମାନଙ୍କୁ ତାଙ୍କ ବାଇକରେ ନେଇଯାଆନ୍ତି। ଆଜ୍ଞା ହଁ, ପିଲାଙ୍କୁ ରଖିବା ପାଇଁ ତାଙ୍କର ଅନ୍ୟ କୌଣସି ସ୍ଥାନ ନାହିଁ, ଯେଉଁଥିପାଇଁ ସେ ନିଜ ଦାୟିତ୍ୱକୁ ଏହି ଉପାୟରେ ପୂରଣ କରିବା ଠିକ୍ ବୋଲି ଭାବିଛନ୍ତି। ଏହି ଭିଡିଓ ଦେଖିବା ପରେ ଅନେକ ଲୋକ ଟିକେ ଭାବପ୍ରବଣ ହୋଇ ବିଭିନ୍ନ ସକାରାତ୍ମକ ଟ୍ୱିଟ୍ କରିଥିବା ଦେଖାଯାଇଛି।






## ପାନ ପତ୍ରକୁ ଚୋବାଇ ଖାଇଲେ ମିଳିବ ଅନେକ ଫାଇଦା

ପାନ ପତ୍ରକୁ ଆମେ ପ୍ରାୟତଃ ବିଭିନ୍ନ କାମରେ ବ୍ୟବହାର କରୁ । ମନ୍ଦିରରେ ପୂଜା କରିବା ହେଉ କିମ୍ୱେ ମିଠା ପାନ ପ୍ରସ୍ତୁତ କରିବାରେ ହେଉ ପାନ ପତ୍ରର ବ୍ୟବହାର ସାଧାରଣ ଅଭ୍ୟାସ ଅଟେ । ବହୁତ କମ୍ ଲୋକ ଜାଣିଥିବେ ଯେ, ଯଦି ପାନ ପତ୍ରକୁ ଚୋବାଇ ଖାଇବା ତେବେ ଏହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ଅଟେ । ତେବେ ଆସନ୍ତୁ ଜାଣିବା ପାନ ପତ୍ର ଚୋବାଇ ଖାଇବାର ଉପକାରିତା ବିଷୟରେ। ପାନ ପତ୍ରରେ ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିମାଇକ୍ରୋବିୟଲ୍ସ ଗୁଣ ରହିଥାଏ । ଏହାକୁ ସେବନ କରିବା ଦ୍ୱାରା କାଶ ସମସ୍ୟାକୁ ଦୂର କରାଯାଇପାରେ । ଏହାସହ ଗଳାକୁ ମଧ୍ୟ ସଫା ରଖାଯାଇ ପାରିବ । ପାନ ପତ୍ର ପେଟର ଫିଟନେସ୍ ପାଇଁ ଅତ୍ୟନ୍ତ ଭଲ ଅଟେ। ଏହାକୁ ନିୟମିତ ସେବନ ଦ୍ୱାରା ହଜମ ପ୍ରକ୍ରିୟା ଭଲ ହୋଇପାରିବ । ଏହାସହ ପେଟ ସହ ଜଡିତ ସମସ୍ୟା ମଧ୍ୟ ଦୂର କରାଯାଇପାରିବ । ପାନ ପତ୍ରକୁ ଚୋବାଇ ଖାଇବା ଦ୍ୱାରା ପାଟିରୁ ଆସୁଥିବା ଦୁର୍ଗନ୍ଧକୁ ଦୂର କରାଯାଇପାରିବ। ପାନ ପତ୍ରକୁ ଚୋବାଇବା ଦ୍ୱାରା ଯେଉଁ ରସ ଉତ୍ପନ୍ନ ହୋଇଥାଏ ତାହା ପାଟିରେ ଲୁଚି ରହିଥିବା ବ୍ୟାକ୍ଟେରିଆକୁ ମାରିଦେଇଥାଏ। ଏହାଦ୍ୱାରା ଆପଣ ନିଶ୍ଚିନ୍ତରେ ଅନ୍ୟମାନଙ୍କ ସହିତ କଥା ହୋଇପାରିବେ । ଦାନ୍ତ ମାଢିରେ ଯନ୍ତ୍ରଣା କିମ୍ବା ଫୁଲା ଦୂର କରିବା ପାଇଁ ପାନ ପତ୍ର ମଧ୍ୟ ଲାଭଦାୟକ ବୋଲି ବିବେଚନା କରାଯାଏ । ଏଥିରେ ଏମିତି ଅନେକ ଗୁଣ ମିଳିଥାଏ ଯାହା ମାଢି ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଥାଏ। ଯେହେତୁ ପାନ ପତ୍ର ଗରମ ହୋଇଥାଏ ସେଥିପାଇଁ ଏହାକୁ ଶୀତଦିନେ ଖାଇବା ଭଲ ଅଟେ। କିନ୍ତୁ ଗରମ ଦିନେ ଆପଣ ସୀମିତ ମାତ୍ରାରେ ଏହାକୁ ସେବନ କରିପାରିବେ। ଖାଇବା ପୂର୍ବରୁ ପାନ ପତ୍ରକୁ ଭଲ ଭାବରେ ଧୋଇ ଦିଅନ୍ତୁ । ଫଳରେ ଏଥିରେ ଥିବା ଧୂଳି-ମାଟି ଏବଂ ବ୍ୟାକ୍ଟେରିଆ ଦୂର ହୋଇଯିବ । ଏହାପରେ ହିଁ ଆପଣ ଏହାକୁ ସେବନ କରିପାରିବେ ।

## ଭୂତ ଖେଳୁଥିବା ତକିଆ ଯୁଦ୍ଧ

ଏକ ଦମ୍ପତି ଟିକଟୋକରେ ସେମାନଙ୍କର ଅଭିଜ୍ଞତା ବାଣ୍ଟିଛନ୍ତି ଯେଉଁଥିରେ ସେମାନେ ଦାବି କରନ୍ତି ଯେ ସେମାନଙ୍କ ଘରେ ଦଙ୍ଗାକାରୀ ଭୂତ ବାସ କରନ୍ତି, ଯାହା ପ୍ରାୟତଃ ସେମାନେ ଅନୁଭବ କରରନ୍ତି। ଲାନି ଏବଂ ବେନ୍ ନାମକ ଏହି ଦମ୍ପତି ନିୟମିତ ଭାବରେ ନିଜ ଘରେ ଅସାଧାରଣ କାର୍ଯ୍ୟକଳାପ ହେଉଥିବା ଦର୍ଶାଇଛନ୍ତି। ସେମାନେ ଏବେ ବିଶ୍ୱାସ କରିଛନ୍ତି ଯେ ସେମାନଙ୍କ ଘରେ ଏକ ଭୂତ ଅଛି ଯିଏ ସେମାନଙ୍କୁ ବିଚଳିତ କରୁଛି। ଏହି ଭୂତ ଜିନିଷଗୁଡିକ ଏଣେତେଣେ ପକାଇଥାଏ। କେବଳ ଏତିକି ନୁହେଁ, ସେ ପ୍ରମାଣ ଦେବାକୁ ଯାଇ ନିଜ ଟିକ୍‌ଟକ୍ ଆକାଉଣ୍ଟରେ କିଛି ଭିଡିଓ ସେୟାର କରିଛନ୍ତି। ଏକ ଚମକପ୍ରଦ ଭିଡିଓ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଛି। କାରଣ ଏହା ଏକ ଦୃଶ୍ୟ ଯେଉଁଥିରେ ଗୋଟିଏ ନୁହେଁ ବରଂ ବୋଧହୁଏ ଦୁଇଟି ଭୂତ ତକିଆରେ ପରସ୍ପର ସହ ଲଢୁଛନ୍ତି। ଆମେ ପ୍ରାୟତଃ ପିଲାମାନେ ଏହା କରୁଥିବା ଦେଖିଥାଉ। ଟିକଟକ ଭିଡିଓରେ ଏହି ଦମ୍ପତି ଦାବି କରିଛନ୍ତି ଯେ ସେମାନେ ନିଜ ବାସଭବନରେ ଭୂତମାନେ ପରସ୍ପର ତକିଆ ସହିତ ପରସ୍ପର ସହ ଲଢୁଛନ୍ତି। ଏକ ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଥିବା ଭିଡିଓରେ ତକିଆ ଏକ ଖାଲି କୋଠରୀରେ ଉଡୁଥିବା ଦେଖାଯାଉଛି ।




Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik